# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ମାର୍ଚ୍ଚ ୧୬ /୨୦୧୯ (୧୬+୪ ପୃଷ୍ଠା) (ପିଲାଙ୍କ ଧରିତ୍ରୀ ସହ) | Rayagada, Saturday, March 16 / 2019 | ★

୯ମ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**୨୦୦ ମିଟର ଫାଇନାଲରେ ଦୂତୀ**

ପଟିଆଲାରେ ଚାଲିଥିବା ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସର ମହିଳା ୨୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଦୂତୀ ଚାନ୍ଦ।

୧୫

୦୩

**ମହମ ପ୍ରତିମୂର୍ତ୍ତି ଅନାବରଣ କଲେ ଦୀପିକା**

ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମାଡାମ ଟୁସାଡ୍ସରେ ନିଜ ମହମ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ।



# ନ୍ୟୁଜିଲାଣ୍ଡ ମସ୍‌ଜିଦରେ ଆତଙ୍କବାଦୀ ଆକ୍ରମଣ

## ୪୯ ନିହତ, ୨୦ ଗୁରୁତର

- ନମାଜ ପଢ଼ିବାକୁ ଯାଉଥିବା ବାଂଲାଦେଶ କ୍ରିକେଟର ସୁରକ୍ଷିତ
- ଆକ୍ରମଣକାରୀ ଅଷ୍ଟ୍ରେଲିଆ ନାଗରିକ



ଖ୍ରୀଷ୍ଟଚର୍ଚ୍ଚ ସହରରେ ଥିବା ଅଲ୍ ନୁର୍ ମସ୍‌ଜିଦ।



ଆକ୍ରମଣରେ ଆହତ ଜଣେ ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀମାନେ ହସ୍ପିଟାଲ ନେଉଛନ୍ତି।

**ଖ୍ରୀଷ୍ଟଚର୍ଚ୍ଚ, ୧୫।୩**

ନ୍ୟୁଜିଲାଣ୍ଡର ଦୁଇଟି ମସ୍‌ଜିଦରେ ଶୁକ୍ରବାର ନମାଜ ପାଠ ବେଳେ ଜଣେ ଆତଙ୍କବାଦୀ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୪୯ ଜଣଙ୍କର ମୃତ୍ୟୁ ହେବା ସହ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ବାଂଲାଦେଶୀ ଅଛନ୍ତି। ଏହା ଦେଶର ସବୁଠୁ ବଡ଼ ଗଣହତ୍ୟା। ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡେନ ଏଭଳି ଆତଙ୍କବାଦର ନିନ୍ଦାକରିବା ସହ ଶୁକ୍ରବାରକୁ ନ୍ୟୁଜିଲାଣ୍ଡ ପାଇଁ ଅନ୍ଧକାର ଦିବସ ବୋଲି କହିଛନ୍ତି। ଆକ୍ରମଣକାରୀ ଖ୍ରୀଷ୍ଟଚର୍ଚ୍ଚ ସହରରେ ଥିବା ଅଲ୍ ନୁର୍ ମସ୍‌ଜିଦରେ ଆକ୍ରମଣ କରିବା ବେଳର ଭିଡିଓ ଫେସ୍‌ବୁକ୍‌ରେ ଛାଡିଛନ୍ତି। ଏଥିରେ ବନ୍ଧୁକଧାରୀ ଗାଡି ଚଳାଇ ଏକ ମସ୍‌ଜିଦରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଉଥିବା ଦେଖାଯାଇଛି। ନମାଜ ପାଠ ପାଇଁ ଆସିଥିବା ଲୋକମାନେ ମୃତାହତ ଅବସ୍ଥାରେ ମସ୍‌ଜିଦ ପରିସରରେ ପଡିଥିବା ଭିଡିଓରେ ଦେଖାଯାଇଛି। ଏଥିସହିତ ଆକ୍ରମଣକାରୀ ଅନଲାଇନରେ ଏକ ଇସ୍ତାହାର ପ୍ରକାଶ କରି ସେଥିରେ ସେମାନଙ୍କୁ ଦେଶାନ୍ତରୀ ନୁହେଁ ଆକ୍ରମଣକାରୀ ବୋଲି ଦାବି କରିଛନ୍ତି। ଆକ୍ରମଣକାରୀ ଅଷ୍ଟ୍ରେଲିଆ ଜନ୍ମିତ ଦକ୍ଷିଣପନ୍ଥୀ ଆତଙ୍କବାଦୀ ବୋଲି ଜଣାପଡିଛି। ☞ପୃଷ୍ଠା-୪

### ୯ ଭାରତୀୟ ନିଖୋଜ

ନ୍ୟୁଜିଲାଣ୍ଡ ମସ୍‌ଜିଦ ଗୁଳିକାଣ୍ଡ ପରେ ୯ ଜଣ ଭାରତୀୟ ତଥା ଭାରତୀୟ ବଂଶୋଦ୍ଭବ ନିଖୋଜ ହୋଇଯାଇଥିବା ସେଠାରେ ଥିବା ଦୂତାବାସ ପକ୍ଷରୁ କୁହାଯାଇଛି। ତେବେ ଆକ୍ରମଣରେ ୨ ଭାରତୀୟଙ୍କ ମୃତ୍ୟୁ ହେବା ସହ ଅନ୍ୟ ଜଣେ ଗୁରୁତର ଥିବା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି କହିଥିବାବେଳେ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ☞ପୃଷ୍ଠା-୪

# ଓଡ଼ିଶାରେ ୫୦ହଜାର କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଛି:ରାହୁଲ

- କଂଗ୍ରେସ କ୍ଷମତାକୁ ଆସିଲେ କାର୍ଯ୍ୟାନୁଷ୍ଠାନ
- ଟାର୍ଗେଟ୍‌ରେ ଖଣି ଲୁଟେରା, ଅଫିସର
- ଚିଟ୍‌ଫଣ୍ଡ ଦୁର୍ନୀତି ନେଇ ବି ବର୍ଷିଲେ
- ଉଠାଇଲେ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ
- ଜିଏସ୍‌ଟି ପରିବର୍ତ୍ତେ ସାଧାରଣ ଟ୍ୟାକ୍ସ ପ୍ରଚଳନ ହେବ

**ବରଗଡ଼ ଅଫିସ, ୧୫।୩**

ଓଡ଼ିଶାରେ ୫୦ହଜାର କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କ ଟଙ୍କା ତାଙ୍କ ବନ୍ଧୁମାନଙ୍କୁ ଦେଇଛନ୍ତି। ସାରା ରାଜ୍ୟ ଜାଣିଛି ଚିଟ୍‌ଫଣ୍ଡ ଦୁର୍ନୀତିରେ ୫ହଜାର କୋଟି ଟଙ୍କା ଲୁଟ୍ ହୋଇଛି। ଦିଲ୍ଲୀ ହେଉ କି ଓଡ଼ିଶା, କଂଗ୍ରେସ ସରକାର କ୍ଷମତାକୁ ଆସିବା ମାତ୍ରେ ସବୁ ଦୁର୍ନୀତିର ତଦନ୍ତ ହେବ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସ୍ପଷ୍ଟ କରିଛନ୍ତି।

ଶୁକ୍ରବାର ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଓଡ଼ିଶାକୁ କେତେଜଣ ବଛା ବଛା ଅଫିସର ଶାସନ କରୁଛନ୍ତି। ସେଥିପାଇଁ ଜନତାଙ୍କ ସ୍ୱର ଶୁଣାଯାଉ ନାହିଁ। ନବୀନ ପଟ୍ଟନାୟକ ଶାସନର ମଙ୍ଗ ଧରିଥିଲେ ମଧ୍ୟ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳନା କରୁଛନ୍ତି। ରାଜ୍ୟରେ ଆଦିବାସୀ ମହିଳାଙ୍କ ସ୍ୱର ସରକାରଙ୍କ ପାଖରେ ପହଞ୍ଚେ ନାହିଁ। ସାରା ଓଡ଼ିଶାରେ ପ୍ରାୟ ଦେଢ଼ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଛି। ସେଥିମଧ୍ୟରୁ ୩୦ ହଜାର ଶିକ୍ଷକ ପଦବୀ ଓ ୫ହଜାର ମେଡିକାଲ କର୍ମଚାରୀ ପଦବୀ ଖାଲି ପଡିଛି। ଓଡ଼ିଶାରେ ଆବଶ୍ୟକ ସଂଖ୍ୟକ ଶୀତଳଭଣ୍ଡାର ନାହିଁ। କଂଗ୍ରେସ କ୍ଷମତାକୁ ଆସିବା ମାତ୍ରେ ଖାଲିଥିବା ପଦବୀ ପୂରଣ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି।

ରାଜ୍ୟରେ ଦେଖାଦେଇଥିବା ଚାଷୀ ଆତ୍ମହତ୍ୟା, ମରୁଡ଼ି, ବେରୋଜଗାର, ନାରୀ ନିର୍ଯାତନା ମଧ୍ୟ ରାହୁଲଙ୍କ ଅଭିଭାଷଣର ଫୋକସରେ ରହିଥିଲା। ସେ କହିଥିଲେ, ବରଗଡ଼ ଜିଲା ରାଜ୍ୟର ଭାତହାଣ୍ଡି। ଏଠାରେ ସର୍ବାଧିକ ଧାନ ଉତ୍ପାଦନ ହୋଇଥାଏ। କିନ୍ତୁ ଧାନ ଉତ୍ପାଦନ କରି ଦେଶବାସୀଙ୍କୁ ଆହାର ଯୋଗାଉଥିବା ଚାଷୀ ଏଠାରେ ଆତ୍ମହତ୍ୟା କରୁଛି। ସାରା ଦେଶରେ ଏଭଳି ପରିସ୍ଥିତି ଉପୁଜିଛି ଏବଂ ପ୍ରତିଦିନ ଜଣେ ନା ଜଣେ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଏହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତାର ନିଦର୍ଶନ। ☞ପୃଷ୍ଠା-୪



ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ଠାରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍(ନିୟନ୍ତ୍ରଣ କକ୍ଷ)। ନିର୍ବାଚନ ଶେଷ ପର୍ଯ୍ୟନ୍ତ ଏହି କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। । ଜନସାଧାରଣ ନିର୍ବାଚନ ସମ୍ପର୍କିତ ଯେ କୌଣସି ଅନିୟମିତତା ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବିଷୟରେ ଥିବା ଅଭିଯୋଗ କଣ୍ଟ୍ରୋଲ ରୁମ୍‌ରେ ଥିବା ୦୬୭୪-୨୩୯୫୦୧୫ ଟେଲିଫୋନ ନମ୍ବରକୁ କଲ୍ କରି ଜଣାଇ ପାରିବେ। ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ସେବକଙ୍କ କଲ୍ୟାଣ ପାଇଁ ୫ କୋଟି

**ପୁରୀ ଅଫିସ, ୧୫।୩**

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଶ୍ରୀମନ୍ଦିରର ୧୦୧କୋଟି, ୨୩ଲକ୍ଷ, ୨୬ହଜାର ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ବଜେଟ ଅନୁମୋଦନ ଲାଭ କରିଛି। ଏଥିରୁ ୭୮କୋଟି, ୫୧ଲକ୍ଷ, ୧୬ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଫଳରେ ଏଥର ବଳକା ବଜେଟ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର।

ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ଶୁକ୍ରବାର ପୂର୍ବାହ୍ନରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ କହିଥିଲେ, ପ୍ରଥମଥର ପାଇଁ ଆୟ ୧୦୦ କୋଟିରୁ ଅଧିକ ଲକ୍ଷ୍ୟ ରଖାଯାଇଛି। ଯେହେତୁ ୟୁନିଫର୍ମ ପଲିସିକୁ ସରକାର ଅନୁମୋଦନ ଦେଇଛନ୍ତି ତେଣୁ ମହାପ୍ରଭୁଙ୍କ ଜମି ଏବଂ ପଥର ଖଣିରୁ ଅଧିକ ଆୟ ଲକ୍ଷ୍ୟ ରଖାଯାଇଛି। ଜମି ବିକ୍ରିରୁ ପ୍ରାୟ ୧୫ କୋଟି ଟଙ୍କା ଆୟ ଲକ୍ଷ୍ୟ ରଖାଯାଇଥିବା ବେଳେ ପଥର ଖଣି ଲିଜ୍ ଏବଂ ଦାନରୁ ମଧ୍ୟ ଅଧିକ ଆୟ ପାଇଁ ଯୋଜନା ରହିଛି। ବର୍ତ୍ତମାନ ଦାନ ବାବଦରେ ମାତ୍ର ୪ କୋଟି ଟଙ୍କା ମିଳୁଛି। ବିଭିନ୍ନ ପ୍ରକାର ଦାନ ଯୋଜନା କରାଯାଇ କିପରି ଆୟ ବୃଦ୍ଧି ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ବ୍ୟୟ ଅଟକଳ ମଧ୍ୟରୁ ମୁଖ୍ୟତଃ ସେବକଙ୍କ ପାଉଣା ଓ କର୍ମଚାରୀଙ୍କ ବେତନ ଏବଂ ବିଭିନ୍ନ ଉନ୍ନୟନମୂଳକ ☞ପୃଷ୍ଠା-୪



ବୈଠକରେ ଉପସ୍ଥିତ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଓ ଏସ୍‌ପି।

**ଶ୍ରୀମନ୍ଦିର ବଜେଟ ଉପସ୍ଥାପିତ**

- ଗଜପତିଙ୍କ ପାରିତୋଷିକ ମାସକୁ ୧ ଲକ୍ଷ
- ଆୟର ଉତ୍ସ ଜମି, ପଥର ଖଣି
- ଶ୍ରୀମନ୍ଦିର ପାଣ୍ଠି ବୃଦ୍ଧି ଲକ୍ଷ୍ୟ
- ଏଥର ବଳକା ବଜେଟ

## ଆଜି ପଦ୍ମଶ୍ରୀ ଗ୍ରହଣ କରିବେ କମଳା

**ଜୟପୁର/କୋରାପୁଟ, ୧୫।୩(ନି.ପ୍ର./ଡି.ଏନ୍.ଏ.)**



ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବା ପାଇଁ କମଳା ପୂଜାରୀ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ତାଙ୍କ ସହ ପୁଅ ଟଙ୍କଧର ପୂଜାରୀ, ଜୟପୁର ସ୍ଥିତ ସ୍ୱାମୀନାଥନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ପ୍ରଶାନ୍ତ ପରିଡ଼ା ଜୟପୁରରୁ ବିଶାଖାପାଟଣା ଓ ସେଠାରୁ ବିମାନ ଯୋଗେ ଦିଲ୍ଲୀ ଗସ୍ତ କରିଛନ୍ତି। ପାରମ୍ପରିକ ଚାଷ ଓ ଜୈବିକ ପଦ୍ଧତିରେ ଶତାଧିକ ଦେଶୀଧାନର ସଂରକ୍ଷଣ ପାଇଁ ଦେଶ ବିଦେଶରେ ନାଁ କରିଥିବା କୋରାପୁଟ ଜିଲା ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ପଞ୍ଚାୟତ ପାତ୍ରପୁଟ ଗାଁର ମହିଳା କୃଷିଜୀବୀ କମଳା ପୂଜାରୀଙ୍କୁ ଏଇ ନିକଟରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଶନିବାର ପୂର୍ବାହ୍ନରେ ରାଷ୍ଟ୍ରପତି ଭବନରେ କମଳା ଏହି ଉପାଧି ଗ୍ରହଣ କରିବେ। ଏନେଇ ସେ ବହୁତ ଖୁସି ପ୍ରକଟ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ତାଙ୍କୁ ଯୋଜନା ବୋର୍ଡର ସଦସ୍ୟା ଭାବେ ମଧ ମନୋନୀତ କରିଛନ୍ତି । କମଳା ନାରୀ ସଶକ୍ତିକରଣ ସହିତ ଜଙ୍ଗଲ ସୁରକ୍ଷା ପାଇଁ କାମ କରିଛନ୍ତି। ଲୋପ ପାଇ ଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମକୁ ଜୈବିକ କୃଷି ପଦ୍ଧତିରେ ସଂରକ୍ଷଣ କରିବା ପ୍ରଣାଳୀ ସେ ଆରମ୍ଭ କରିଥିଲେ।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**କିଛି ତଥ୍ୟ**

ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ଫେବୃୟାରୀରେ ୯.୬୦ ବିଲିୟନ ଡଲାରକୁ ହ୍ରାସ ଘଟିଛି।
- ବାଣିଜ୍ୟ ମନ୍ତ୍ରଣାଳୟ

**ଆଜିର ସମ୍ପାଦକୀୟ**

ପାର୍ଶ୍ୱ ପ୍ରବେଶ

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ଉଭୟ ଇସ୍‌ଲାମ ଓ ସମଗ୍ର ମାନବ ଜାତିର ବଡ଼ ଶତ୍ରୁ ଏବଂ ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ପାଇଁ ସବୁଠୁ ବଡ଼ ପ୍ରତିବନ୍ଧକ।

- ମୁଖ୍‌ତାର ଆବାସ ନକ୍‌ଭି, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 15.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 84 | 137 | 147 |
| BLS | 85 | 139 | 149 |
| ANG | 82 | 135 | 145 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers


### ନିର୍ବାଚନ ପ୍ରକ୍ରିୟା ଉପରେ ଇସିଙ୍କ କଡ଼ା ନଜର

## ଇଭିଏମ୍, ଭିଭିପିଏଟିକୁ ଜଗିବ ଜିପିଏସ୍

**ନୂଆଦିଲ୍ଲୀ, ୧୫।୩(ପି.ଟି.)**

ଏଥର ସାଧାରଣ ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ପରିଚାଳନା କଡ଼ାକଡ଼ି କରାଯିବ। ୭ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ଆବଶ୍ୟକ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ସହ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନ୍ ସଂଲଗ୍ନ କରାଯିବ। ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍ ପରିବହନ ପାଇଁ ଉଦ୍ଦିଷ୍ଟ ଯାନବାହନଗୁଡ଼ିକରେ ଗ୍ଲୋବାଲ୍ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଲଗାଇବା ବାଧ୍ୟତାମୂଳକ କରାଯାଇଛି।

ଗତବର୍ଷ ୫ ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ବେଳେ କେତେକ ହୋଟେଲ, ରାସ୍ତା, ଏପରି କି ବିଧାୟକଙ୍କ ଘରୁ ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍ ଠାବ ହେବା ପରେ ଏହାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାକୁ ଧ୍ୟାନରେ ରଖି ଜିପିଏସ୍ ଦ୍ୱାରା ଏହି ଦୁଇ ମତଦାନ ଯନ୍ତ୍ର ଉପରେ କଡ଼ା ନଜର ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ଇଭିଏମ୍ ଏବଂ ଭିଭିପିଏଟି ମେଶିନର ସମ୍ପୂର୍ଣ୍ଣ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ନିର୍ବାଚନ କମିଶନ (ଇସି) ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ସମସ୍ତ ସେକ୍ଟର ଅଫିସରଙ୍କ ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା କରାଯିବ। ସାରା ଦେଶରେ ୧୦.୩୫ ଲକ୍ଷ ପୋଲିଂ ଷ୍ଟେଶନ୍ ପ୍ରତିଷ୍ଠା କରାଯିବ। ୨୦୧୪ ସାଧାରଣ ନିର୍ବାଚନରେ ଏହି ସଂଖ୍ୟା ୯.୨୮ ଲକ୍ଷ ଥିଲା, ଯହିଁରେ ଏଥର ୧୦.୧% ବୃଦ୍ଧି କରାଯାଇଛି। ଏହି ମତଦାନ କେନ୍ଦ୍ରଗୁଡ଼ିକରେ ପ୍ରାୟ ୩୯.୬ ଲକ୍ଷ ଇଭିଏମ୍ ଏବଂ ୧୭.୪ ଲକ୍ଷ ଭିଭିପିଏଟି ମେଶିନ୍ ବ୍ୟବହୃତ ହେବ।

# ମାନସ-ମୁକୁନ୍ଦ ସମର୍ଥକ ମୁହାଁମୁହିଁ

## ବିଜେଡି ଟିକେଟ୍‌କୁ ନେଇ ଛକାପଞ୍ଝାରୁ ଉପୁଜିଛି ପରିସ୍ଥିତି

**ମାଲକାନଗିରି, ୧୫।୩(ଡି.ଏନ୍.ଏ.)**

ମାଲକାନଗିରି ବିଧାୟକ ତଥା ଜିଲା ବିଜେଡି ସଭାପତି ମାନସ ମାଡ଼କାମୀଙ୍କ ଗୋଷ୍ଠୀ ଏବଂ କିଛିଦିନ ତଳେ ବିଜେଡିରେ ମିଶିଥିବା ପୂର୍ବତନ ବିଧାୟକ ମୁକୁନ୍ଦ ସୋଡିଙ୍କ ଗୋଷ୍ଠୀ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମାଲକାନଗିରିରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଥିବା ବେଳେ ଏଭଳି ଘଟଣା ଘଟିଛି।

ନିକଟ ଅତୀତରେ ଏହି ୨ନେତା ନିଜର ସମର୍ଥକଙ୍କୁ ନେଇ ମିଶ୍ରଣ ପର୍ବ କରାଇ ନିଜର ପତିଆରା ଜାହିର କରିବା ସହ ଟିକଟ ପାଇଁ ନବୀନ ନିବାସରେ ଡେରା ପକାଇଥିଲେ। ଏବେ ମୁକୁନ୍ଦ ସୋଡି ନିଜ ସମର୍ଥକଙ୍କ ସହ ମାଲକାନଗିରି ଫେରି ଆସିଛନ୍ତି। ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମାଲକାନଗିରିରେ ପହଞ୍ଚି ମୁକୁନ୍ଦଙ୍କ ସମର୍ଥକଙ୍କୁ ନେଇ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ମାନସଙ୍କ ଗୋଷ୍ଠୀ ସେଠାରେ ପହଞ୍ଚି ତାଙ୍କରି ନାରା ଦେବା ପରେ ମୁକୁନ୍ଦଙ୍କ ଗୋଷ୍ଠୀ ମଧ୍ୟ ନିଜ ସପକ୍ଷ ନାରା ଲଗାଇଥିଲେ। ଏହାପରେ ଉଭୟ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମନ୍ତ୍ରୀ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏ ନେଇ ମନ୍ତ୍ରୀ ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି, ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ସର୍କିଟ ହାଉସ୍ ମିଳିବ ନାହିଁ, ତେଣୁ ନିର୍ବାଚନ ପରିଚାଳନା ପାଇଁ ନିଆଯାଇଥିବା ଭଡ଼ାଘର ଉଦ୍‌ଘାଟନ କରିବାକୁ କର୍ମୀମାନେ ଚାପ ପକାଇଥିଲେ। ଟିକଟ କିଏ ପାଇବ, ସେ ନିଷ୍ପତ୍ତି ମୋର ନୁହେଁ। ତାହା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଉପରେ ନିର୍ଭର କରେ। ଅନ୍ୟପକ୍ଷରେ ମାନସଙ୍କ ଗୋଷ୍ଠୀ ପ୍ରଶ୍ନ କରିଛନ୍ତି ଯେ, ଟିକଟ ଘୋଷଣା ନ ହେବା ପୂର୍ବରୁ ମନ୍ତ୍ରୀ ଭୁବନେଶ୍ୱର ଛାଡ଼ି ତରବରିଆ ଭାବେ ମାଲକାନଗିରି ଆସି ମୁକୁନ୍ଦ ସୋଡିଙ୍କ ଗୋଷ୍ଠୀଙ୍କୁ ଧରି କିପରି ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି। ଏହାର ଜବାବରେ ମନ୍ତ୍ରୀ ବେହେରା କହିଛନ୍ତି, ଜିଲାର ଦଳୀୟ ପର୍ଯ୍ୟବେକ୍ଷକ ହିସାବରେ ନିର୍ବାଚନ ପରିଚାଳନା କରିବା ମୋର ଦାୟିତ୍ୱ।



ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ପାଇଁ ଆସିଥିବା ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରାଙ୍କ ସହ ବିଜେଡି କର୍ମୀମାନେ।



୨୦୦୯ରେ ଭାରତ ଏକୁଟିଆ ଥିଲା। ହେଲେ ୨୦୧୯ରେ ଦେଶକୁ ବିଶ୍ୱବ୍ୟାପୀ ସମର୍ଥନ ମିଳିଛି।

–ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ଲାଲୁଙ୍କ ଜାମିନ ଆବେଦନ ସିବିଆଇକୁ ସୁପ୍ରିମକୋର୍ଟଙ୍କ ନୋଟିସ



**ନୂଆଦିଲ୍ଲୀ,୧୫।୩(ପି.ଟି.):** ବହୁକୋଟି ଟଙ୍କା ଗୋଖାଦ୍ୟ ଦୁର୍ନୀତିର ତିନୋଟି ମାମଲାରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧକ୍ଷ ଲାଲୁ ପ୍ରସାଦ ଯାଦବ ଜାମିନ ପାଇଁ ଆବେଦନ କରିଥିବାବେଳେ ସୁପ୍ରିମକୋର୍ଟ ଏନେଇ ସିବିଆଇକୁ ଜବାବ ମାଗିଛନ୍ତି। ଗତ ଜାନୁୟାରୀ ୧୦ରେ ଝାଡଖଣ୍ଡ ହାଇକୋର୍ଟ ଲାଲୁଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାରୁ ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ କହିଛନ୍ତି। ୯୦୦ କୋଟି ଟଙ୍କାର ଗୋଖାଦ୍ୟ ଦୁର୍ନୀତିରେ ସମ୍ପୃକ୍ତ ତତ୍କାଳୀନ ବିହାର ମୁଖ୍ୟମନ୍ତ୍ରୀ ଲାଲୁ ୨୦୧୭ ଡିସେମ୍ବରରୁ ରାଞ୍ଚିର ବିର୍ସା ମୁଣ୍ଡା କେନ୍ଦ୍ରୀୟ ଜେଲ୍‌ରେ ସଜା କାଟୁଛନ୍ତି।

### ଆତଙ୍କବାଦୀଙ୍କ ଗୁଳିରେ ଜଣେ ନିହତ

**ଶ୍ରୀନଗର,୧୫।୩(ପି.ଟି.):** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଆତଙ୍କବାଦଙ୍କ ଗୁଳିରେ ଜଣେ ନିହତ ହୋଇଛନ୍ତି। ଅୱନ୍ତିପୋରା ଅଞ୍ଚଳର ଗୁଲଜାରପୋରାରୁ ମନ୍‌ଜୁର ଅହମଦ ଲୋନେଙ୍କୁ ଗୁରୁବାର ରାତିରେ କେତେଜଣ ଆତଙ୍କବାଦୀ ଘରୁ ଉଠାଇ ନେଇଥିଲେ। ପରେ ତାଙ୍କୁ ଗୁଳିକରି ହତ୍ୟା କରିଥିବା ପୋଲିସ କହିଛି। ଗତ ଦୁଇଦିନରେ ଦକ୍ଷିଣ କଶ୍ମୀରରେ ଏହା ତୃତୀୟ ଆକ୍ରମଣ। ସୈନ୍ୟବାହିନୀରୁ ପଳାଇଯାଇଥିବା ଜଣେ ଯୁବକଙ୍କୁ ଗତ ବୁଧବାର ଗୁଳିକରି ହତ୍ୟା କରାଯାଇଥିବାବେଳେ ଗୁରୁବାର ନ୍ୟାଶନାଲ କନ୍‌ଫରେନ୍ସର ଜଣେ କର୍ମୀଙ୍କୁ ଗୁଳି କରାଯାଇଥିଲା।

# ପଶ୍ଚିମବଙ୍ଗରେ ସର୍ବାଧିକ ଯୁବ ଭୋଟର

**ନୂଆଦିଲ୍ଲୀ,୧୫।୩(ପି.ଟି.)**

ନିର୍ବାଚନ କମିଶନ (ଇସି)ଙ୍କ ତଥ୍ୟାନୁସାରେ ଆସନ୍ତା ମାସରେ ଆରମ୍ଭ ହେବାକୁ ଥିବା ଲୋକ ସଭା ନିର୍ବାଚନ ପାଇଁ ମତଦାତାଙ୍କ ସଂଖ୍ୟା ୨୦୧୪ ତୁଳନାରେ ୮.୪ କୋଟିକୁ ବୃଦ୍ଧି ପାଇଛି। ଏଥର ସାଧାରଣ ନିର୍ବାଚନରେ ପ୍ରାୟ ୯୦ କୋଟି ଭୋଟର ସେମାନଙ୍କ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟଦେବେ। ସେମାନଙ୍କ ମଧ୍ୟରୁ ୧.୬୬% ଅର୍ଥାତ୍ ୧.୫ କୋଟି ଭୋଟର ପ୍ରଥମଥର ପାଇଁ ମତଦାନ କରିବାକୁ ଯାଉଛନ୍ତି। ପ୍ରଥମଥର ମତଦାତାଙ୍କ ସଂଖ୍ୟା ପଶ୍ଚିମବଙ୍ଗରେ ସର୍ବାଧିକ ବୋଲି ଜଣାପଡ଼ିଛି।

ସୂଚନାନୁସାରେ ୧.୫ କୋଟି ଯୁବ ଭୋଟରଙ୍କ ବୟସ ୧୮ରୁ ୧୯ ବର୍ଷ ମଧ୍ୟରେ। ପଶ୍ଚିମବଙ୍ଗରେ ୨୦.୧ ଲକ୍ଷ ପ୍ରଥମଥର ମତଦାତା ଥିବାବେଳେ ଉତ୍ତରପ୍ରଦେଶରେ ଏହି ସଂଖ୍ୟା ୧୬.୭ ଲକ୍ଷ ଓ ମଧ୍ୟପ୍ରଦେଶରେ ୧୩.୬ ଲକ୍ଷ। ସେହିପରି ରାଜସ୍ଥାନ, ମହାରାଷ୍ଟ୍ର, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ପ୍ରଥମଥର ମତଦାତାଙ୍କ ସଂଖ୍ୟା ଯଥାକ୍ରମେ ୧୨.୮ ଲକ୍ଷ, ୧୧.୯ ଲକ୍ଷ, ୮.୯ ଲକ୍ଷ ଓ ୫.୩ ଲକ୍ଷ। ଦିଲ୍ଲୀରେ ୯୭,୬୮୪ ଭୋଟର ପ୍ରଥମଥର ପାଇଁ ମତଦାନ କରିବେ।



### ଫୁଟ୍ ଓଭରବ୍ରିଜ ଭୁଶୁଡ଼ିବା ଘଟଣା

# ଅଡିଟରେ ଅବହେଳାକୁ ଦାୟୀ କଲା ବିଏମ୍‌ସି

**ମୁମ୍ବାଇ,୧୫।୩**

ଛତ୍ରପତି ଶିବାଜୀ ଟର୍ମିନସ୍ ରେଳଷ୍ଟେଶନ ନିକଟରେ ଥିବା ଫୁଟ୍ ଓଭରବ୍ରିଜ ଭୁଶୁଡିବା ଘଟଣାରେ ଏହାର ନିରାପତ୍ତା ଅଡିଟ କରିଥିବା ସଂସ୍ଥାର ଦାୟିତ୍ୱହୀନତାକୁ ବୃହନ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଦାୟୀ କରିଛି। ଓଭରବ୍ରିଜରେ କୌଣସି ତ୍ରୁଟି ନ ଥିବା ଅଡିଟ ରିପୋର୍ଟରେ ଉଲ୍ଲେଖ ଥିଲା। ଅଡିଟ ଅନିୟମିତ ଓ ଦାୟିତ୍ୱହୀନତାର ସହ କରାଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଠିକ୍ ଅଡିଟ ହୋଇଥିଲେ ଦୁର୍ଘଟଣାକୁ ଏଡାଯାଇ ପାରିଥାନ୍ତା ବୋଲି ବିଏମ୍‌ସି କହିଛି।

ମୁମ୍ବାଇରେ ଥିବା ଫୁଟ୍ ଓଭରବ୍ରିଜଗୁଡ଼ିକର ଖରାପ ସ୍ଥିତିକୁ ନେଇ ଦାଏର ପିଟିଶନର ଶୁଣାଣି ଆସନ୍ତା ୨୨ ତାରିଖରେ କରିବା ଲାଗି ବମ୍ବେ ହାଇକୋର୍ଟ ଶୁକ୍ରବାର କହିଛନ୍ତି। ଗୁରୁବାର ଫୁଟ ଓଭରବ୍ରିଜ ଭୁଶୁଡି ୬ ଜଣଙ୍କ ଜୀବନ ଯିବା ପରେ ଆବେଦନକାରୀ ପ୍ରଦୀପ ଭାଲେକରଙ୍କ ପକ୍ଷରୁ ମାମଲାର ଦ୍ରୁତ ଶୁଣାଣି ଲାଗି ତାଙ୍କ ଓକିଲ କୋର୍ଟଙ୍କୁ ଅନୁରୋଧ କରିଥିଲେ।

### ୫୦% ଭିଭିପିଏଟି ସ୍ଲିପ୍ ଯାଞ୍ଚ ଆବେଦନ

# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୫।୩(ପି.ଟି.)**




**ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ୨୧ ବିରୋଧୀ ଦଳ**

ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଅନ୍ୟୂନ ୫୦ ପ୍ରତିଶତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ପାଇଁ ୨୧ଟି ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଅଦାଲତ ଏହାର ଶୁଣାଣି ପାଇଁ ରାଜି ହୋଇଛନ୍ତି। ୬ଟି ଜାତୀୟ ଦଳ ଏବଂ ୧୫ଟି ଆଞ୍ଚଳିକ ଦଳର ନେତାମାନେ ମୋଟ ଜନସଂଖ୍ୟାର ୭୦ରୁ ୭୫ ପ୍ରତିଶତଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବାର ଦାବି କରିବା ସହ ଯେକୌଣସି ଗୋଟିଏ ବିଧାନସଭା ଆସନର ଯାଞ୍ଚ ପାଇଁ ନିର୍ବାଚନ କମିଶନଙ୍କ ଗାଇଡଲାଇନ୍‌କୁ ଖାରଜ କରିବା ନିମନ୍ତେ ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ତିନି ଜଣିଆ ଖଣ୍ଡପୀଠ ନିର୍ବାଚନ କମିଶନ(ଇସି) ତଥା ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କୁ ନୋଟିସ ଜାରି କରି ମାମଲାରେ କୋର୍ଟଙ୍କୁ ସହାୟତା କରିବା ଲାଗି ଜଣେ ଅଫିସର ନିୟୋଜିତ କରିବାକୁ କହିଛନ୍ତି। ଏଥିସହିତ ବିରୋଧୀ ଦଳଗୁଡ଼ିକର ଆବେଦନ ଉପରେ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଇସିଙ୍କୁ କୁହାଯିବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସମେତ ଏନ୍‌ସିପି ଅଧକ୍ଷ ଶରଦ ପାୱାର, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ ଫାରୁକ ଅବଦୁଲା, ଏଲ୍‌ଜେଡିର ଶରଦ ଯାଦବ, ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ, ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବ, ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ'ବ୍ରାଏନ ଏବଂ ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନ୍ ପ୍ରମୁଖ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ୫୦ ପ୍ରତିଶତ ବୁଥ୍‌ରେ ଭିଭିପିଏଟି ବ୍ୟବସ୍ଥା କରିବା ଲାଗି ବିରୋଧୀ ଦଳ ଅନୁରୋଧ କରିଥିଲେ।

# ମାସୁଦ ଆଝାରଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଫ୍ରାନ୍ସ

**ନୂଆଦିଲ୍ଲୀ,୧୫।୩(ପି.ଟି.)**



ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ପ୍ରତିଷ୍ଠାତା ମୁଖ୍ୟ ମାସୁଦ ଆଝାରଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ଫ୍ରାନ୍ସ ନିଷ୍ପତ୍ତି ନେଇଛି। ଏଥିସହିତ ୟୁରୋପୀୟ ସଂଘ (ଇୟୁ)ର ସନ୍ଦିଗ୍ଧ ଆତଙ୍କବାଦୀ ତାଲିକାରେ ଆଝାରଙ୍କୁ ସାମିଲ କରିବା ପାଇଁ ଉଦ୍ୟମ କରାଯିବ ବୋଲି ଫ୍ରାନ୍ସ ଅର୍ଥ ମନ୍ତ୍ରଣାଳୟ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି। ପୁଲ୍‌ୱାମାରେ ଜେଇଏମ୍ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହା ପରେ ଫ୍ରାନ୍ସ ସମେତ ଆମେରିକା ଓ ବ୍ରିଟେନ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲାଗି ଜାତିସଂଘ ସୁରକ୍ଷା ପରିଷଦରେ ଆବେଦନ କରିଥିଲେ। ତେବେ ଚାଇନାର ବିରୋଧ ଯୋଗୁ ଆଝାର ପୁଣି ଥରେ ଜାତିସଂଘ କଟକଣାରୁ ବର୍ତ୍ତିଯାଇଛନ୍ତି। ଆତଙ୍କବାଦ ନିରୋଧୀ ସଂଗ୍ରାମରେ ଫ୍ରାନ୍ସ ସବୁବେଳେ ଭାରତ ପକ୍ଷରେ ରହିଆସିଛି ଓ ରହିବ ବୋଲି ବିବୃତିରେ କୁହାଯାଇଛି।

### କଂଗ୍ରେସକୁ ଜେଟ୍‌ଲୀଙ୍କ କଟାକ୍ଷ

# ଜଣେ ବିଫଳ, ଆଉ ଜଣେ ଉଠିପାରୁନାହାନ୍ତି

**ନୂଆଦିଲ୍ଲୀ,୧୫।୩(ପି.ଟି.)**



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସକ୍ରିୟ ରାଜନୀତିକୁ ଆସିବା ନେଇ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଶୁକ୍ରବାର କଟାକ୍ଷ କରିଛନ୍ତି। ଜେଟ୍‌ଲୀ କହିଛନ୍ତି, ପିଢ଼ି ପରେ ପିଢ଼ି କଂଗ୍ରେସ ଦଳର ନେତୃତ୍ୱ ଗୋଟିଏ ପରିବାରର ସଦସ୍ୟଙ୍କ ପାଇଁ ସଂରକ୍ଷିତ ରହିଛି। ଏବେ ଜଣେ ବିଫଳ ଓ ଅନ୍ୟ ଜଣେ ଉପରକୁ ଉଠି ପାରୁନାହାନ୍ତି। ରାହୁଲ ଓ ନିକଟରେ ଉତ୍ତରପ୍ରଦେଶ ପୂର୍ବର କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିବା ପ୍ରିୟଙ୍କାଙ୍କୁ ତାଚ୍ଛଲ୍ୟ କରି ସେ ଏପରି କହିଛନ୍ତି।

# କୈରାନାରୁ ତବାସୁମ୍‌ଙ୍କୁ ପ୍ରାର୍ଥୀ କଲା ଏସ୍‌ପି

**ଲକ୍ଷ୍ନୌ,୧୫।୩(ପି.ଟି.)**



ସମାଜବାଦୀ ପାର୍ଟି (ଏସ୍‌ପି)ର ଚତୁର୍ଥ ପ୍ରାର୍ଥୀ ତାଲିକା ଶୁକ୍ରବାର ଘୋଷଣା କରାଯାଇଛି। ଏମ୍‌ପି ତବାସୁମ୍ ହାସନଙ୍କୁ ଉତ୍ତରପ୍ରଦେଶର କୈରାନା ଲୋକ ସଭା ଆସନରୁ ଦଳ ଟିକେଟ ଦେଇଛି। ତବାସୁମ୍ ଗତବର୍ଷ ଏହି ଆସନରେ ହୋଇଥିବା ଉପନିର୍ବାଚନରେ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଟିକେଟରେ ଲଢ଼ି ବିରୋଧୀଙ୍କ ମିଳିତ ପ୍ରାର୍ଥୀ ହୋଇଥିଲେ। ଏହା ପୂର୍ବରୁ ଏସ୍‌ପି ୧୧ ଜଣିଆ ୩ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି।

# ଏସ୍‌ଡିଏଫ୍ ୧୮ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା

**ଗାଙ୍ଗଟକ୍,୧୫।୩(ପି.ଟି.)**

ସିକ୍କିମ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀ ପୱନ କୁମାର ଚାମ୍‌ଲିଙ୍ଗ ଶୁକ୍ରବାର ରାଜ୍ୟ ବିଧାନସଭା ପାଇଁ ୧୮ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ପ୍ରାର୍ଥୀ ତାଲିକାରୁ ବିଧାନସଭା ବାଚସ୍ପତି କେ.ଏନ୍. ରାଇ ଏବଂ ୩ ମନ୍ତ୍ରୀଙ୍କ ସମେତ ୯ ବିଧାୟକ ବାଦ୍ ପଡିଛନ୍ତି। ଏପ୍ରିଲ ୧୧ରେ ଲୋକ ସଭା ନିର୍ବାଚନ ସହ ସିକ୍କିମ ବିଧାନସଭା ପାଇଁ ଭୋଟ ଗ୍ରହଣ ହେବ।

# ନୀତୀଶଙ୍କ ବିରୋଧରେ ଫୌଜଦାରି ବିଚାର ପ୍ରକ୍ରିୟା ରଦ୍ଦ

**ପାଟ୍‌ନା,୧୫।୩(ପି.ଟି)**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିରୋଧରେ ଏକ ଫୌଜଦାରି ବିଚାର ପ୍ରକ୍ରିୟାକୁ ପାଟ୍‌ନା ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ୨୮ବର୍ଷ ତଳେ ନିମ୍ନକୋର୍ଟରେ ନୀତୀଶଙ୍କ ବିରୋଧରେ ଏକ ହତ୍ୟାକାଣ୍ଡ ମାମଲା ରୁଜୁ ହୋଇଥିଲା। ଜନତା ଦଳ (ୟୁନାଇଟେଡ୍) ମୁଖ୍ୟ ନୀତୀଶଙ୍କ ଦ୍ୱାରା ଆଗତ ଏକ ଆବେଦନର ଶୁଣାଣି କରି ବିଚାରପତି ଏ. ଅମାନୁଲ୍ଲା ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା କରାଯାଉଥିବା ବିଚାର ପ୍ରକ୍ରିୟାକୁ ନୀତୀଶ ଚ୍ୟାଲେଞ୍ଜ କରିଥିଲେ। ୧୯୯୧ ନଭେମ୍ବର ୧୬ରେ ପାଟ୍‌ନା ଜିଲାର ପାଣ୍ଡରକ୍ ପୋଲିସ ଥାନାରେ ଏକ ହତ୍ୟାକାଣ୍ଡ ମାମଲା ରୁଜୁ ହୋଇଥିବା ବେଳେ ନୀତୀଶଙ୍କୁ ଅନ୍ୟତମ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ସେ ସମୟରେ ନୀତୀଶ ସମତା ପାର୍ଟି ସାଂସଦ ଥିଲେ। ସେହିବର୍ଷ ଲୋକ ସଭା ନିର୍ବାଚନ ବେଳେ ସୀତାରାମ୍ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା।

# ଭାଜପାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଆଜି

**ନୂଆଦିଲ୍ଲୀ,୧୫।୩(ପି.ଟି.)**

ସାଧାରଣ ନିର୍ବାଚନ ପାଇଁ ଭାଜପାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଶନିବାର ପ୍ରକାଶ ପାଇପାରେ। ନୂଆଦିଲ୍ଲୀରେ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଏପ୍ରିଲ ୧୧ରେ ୯୧ ଆସନରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ।

ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ସମେତ ବରିଷ୍ଠ ନେତାମାନେ ଯୋଗଦେବେ।

### ପଶ୍ଚିମବଙ୍ଗର ୨୫ ଆସନ

# ପ୍ରାର୍ଥୀ ତାଲିକା ଘୋଷଣା କଲା ବାମ ସାମ୍ମୁଖ୍ୟ

**କୋଲକାତା,୧୫।୩(ପି.ଟି.)**

ବାମ ସାମ୍ମୁଖ୍ୟ ଶୁକ୍ରବାର ପଶ୍ଚିମବଙ୍ଗର ୪୨ ଲୋକ ସଭା ଆସନରୁ ୨୫ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ସେଥିରୁ ୨ଟି ଆସନରେ ୨୦୧୪ରେ ସିପିଆଇଏମ୍ ଜିତିଥିଲା। ୨୫ ଆସନ ମଧ୍ୟରୁ ସିପିଆଇଏମ୍ ୧୫ ଆସନରେ ଲଢ଼ିବ। ସହଯୋଗୀ ଏଆଇବିଏଫ୍, ଆର୍‌ଏସ୍‌ପି ଏବଂ ସିପିଆଇ ପ୍ରାର୍ଥୀ ଅବଶିଷ୍ଟ ୧୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ବାମ ସାମ୍ମୁଖ୍ୟ ଅଧକ୍ଷ ବିମାନ ବୋଷ ସୂଚନା ଦେଇଛନ୍ତି।

# ଆର୍‌ଏଲ୍‌ଏସ୍‌ପି ଛାଡ଼ିଲେ ଆଉ ଜଣେ ନେତା

**ପାଟନା,୧୫।୩(ପି.ଟି.)**

ଲୋକ ସଭା ନିର୍ବାଚନ ପୂର୍ବରୁ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆରଏଲ୍‌ଏସ୍‌ପି )ର ପ୍ରତିଷ୍ଠାତା ସଦସ୍ୟ ରାମବିହାରି ସିଂ ଦଳ ଛାଡ଼ିଛନ୍ତି। ଦଳ ଅଧକ୍ଷ ଉପେନ୍ଦ୍ର କୁଶୱାହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟରୁ ଓହରିଯାଇ ମହାମେଣ୍ଟରେ ସାମିଲ ହେବା ଫଳରେ ବିହାର ଜନସାଧାରଣଙ୍କୁ ପ୍ରତାରିତ କରିଥିବା ସେ ଅଭିଯୋଗ କରିଛନ୍ତି। ଟିକେଟ ବଣ୍ଟନରେ କୁଶୱାହା କର୍ପୋରେଟମାନଙ୍କ ହାତବାରିସି ସାଜିଥିବା ରାମବିହାରି କହିଛନ୍ତି।

### ଲୋକପାଳ ଚୟନ କମିଟି ବୈଠକ

# ୭ମ ଥର ବର୍ଜନ କଲେ ଖାର୍ଗେ

**ନୂଆଦିଲ୍ଲୀ,୧୫।୩(ପି.ଟି)**

କଂଗ୍ରେସର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ଲୋକପାଳ ସିଲେକ୍ସନ ପ୍ୟାନେଲରେ ଯୋଗଦେବାକୁ ସରକାରଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଶୁକ୍ରବାର ସଂଧ୍ୟାରେ ଏ ସମ୍ପର୍କିତ ଏକ ବୈଠକ ହେବାର ଥିଲା। ୨୦୧୮ ଫେବୃୟାରୀରୁ ଉକ୍ତ ବୈଠକ ବର୍ଜନ କରିଆସୁଛନ୍ତି ଖାର୍ଗେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖି ଖାର୍ଗେ ଦର୍ଶାଇଛନ୍ତି, ବିରୋଧୀ କଂଗ୍ରେସ ଏକକ ବୃହତ୍ ଦଳ ହୋଇଥିଲେ ହେଁ ଏହାର ନେତାଙ୍କୁ ଲୋକପାଳ ପ୍ୟାନେଲ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ପୂର୍ବରୁ ଥିବା ବିଧିବ୍ୟବସ୍ଥାରେ ସଂଶୋଧନ ପାଇଁ କୌଣସି ଉଦ୍ୟମ ହୋଇନାହିଁ। ଲୋକପାଳ ଆଇନ, ୨୦୧୩ର ଧାରା ୪ ଅନୁଯାୟୀ ସିଲେକ୍ସନ୍ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଏହି ନିମନ୍ତ୍ରଣକୁ ସମ୍ମାନର ସହିତ ପ୍ରତ୍ୟାଖ୍ୟାନ କରିବାକୁ ବାଧ୍ୟ ହେଉଛି ବୋଲି ଖାର୍ଗେ ଚିଠିରେ ଉଲ୍ଲେଖ କରିଛନ୍ତି।



ଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ସିପିଆଇଏମ୍ ନେତ୍ରୀ ସୁଭାଶିନୀ ଅଲି ଶୁକ୍ରବାର ଦଳୀୟ ଇସ୍ତାହାର (ଦି କମ୍ୟୁନିଷ୍ଟ ମେନିଫେଷ୍ଟୋ)ର ହିନ୍ଦୀ ସଂସ୍କରଣ ଉନ୍ମୋଚନ କରୁଛନ୍ତି।



## ସଂକ୍ଷେପରେ

### ବନ୍ଧୁକ ତିଆରି କାରଖାନା ଠାବ, ଜଣେ ଗିରଫ

ରାଇକିଆ,୧୫।୩(ଡି.ଏନ୍.ଏ.)- କନ୍ଧମାଳ ଜିଲା ରାଇକିଆ ଥାନା କତିଙ୍ଗିଆ ପଞ୍ଚାୟତର ରିଷିଗୁଡାରୁ ଗୁରୁବାର ବିଳମ୍ବିତ ରାତିରେ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିଛି ପୋଲିସ। କାରଖାନା ଚଳାଉଥିବା ଗ୍ରାମର ମୁନିବର ମଲିକଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ରାଇକିଆ ପୋଲିସକୁ ରିଷିଗୁଡା ଗ୍ରାମରେ ବନ୍ଧୁକ ତିଆରି ହେଉଥିବା କୌଣସି ସୂତ୍ରରୁ ଖବର ମିଳିଥିଲା। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଟିମ୍ ସଦଳବଳ ଗାଁର ଉକ୍ତ ବନ୍ଧୁକ ତିଆରି କାରଖାନାରେ ଚଢାଉ କରିଥିଲେ। ଚଢାଉ ବେଳେ ସେଠାରୁ ୨ଟି ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ବିଭିନ୍ନ ସରଞ୍ଜାମ ଜବତ ହୋଇଥିଲା। କାରଖାନା ଚଳାଉଥିବା ଗ୍ରାମର ମୁନିବର ମଲିକଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ରାଇକିଆ ଥାନାରେ ନଂ.୨୧/୧୯ରେ ଏକ ମାମଲା ରୁଜୁ କରି ମୁନିବରଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେଶ ସାହୁ ସୂଚନା ଦେଇଛନ୍ତି। ଗତ ୧୫ ବର୍ଷ ହେଲା ଏହି କାରଖାନା ଚାଲୁଥିବା ବେଳେ ବିଭିନ୍ନ ସ୍ଥାନରୁ ଅର୍ଡର ଅନୁଯାୟୀ ଦେଶୀ ବନ୍ଧୁକ ଯୋଗାଇ ଦିଆଯାଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

### 'ରେଳ ବିଦ୍ୟୁତୀକରଣ ୟୁନିଟ୍ ସ୍ଥାନାନ୍ତର ଉଦ୍ୟମ କରୁଛି କେନ୍ଦ୍ର'

ଭୁବନେଶ୍ୱର,୧୫।୩(ବ୍ୟୁରୋ): କେନ୍ଦ୍ର ସରକାର ୨୨ ବର୍ଷ ଧରି ଓଡିଶାରେ ରେଳ ବିଦ୍ୟୁତୀକରଣ ପ୍ରକଳ୍ପ ରେଳ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ଯୋଜନା କରୁଛି। ଏହାକୁ ରାଜଧାନୀ ଭୁବନେଶ୍ୱରରୁ ବେଙ୍ଗାଲୁରୁ ନେବାକୁ ରେଳ ବୋର୍ଡ ନିଷ୍ପତ୍ତି ନେଇଛି। ବିନା କୌଣସି କାରଣରେ ଏହି କାର୍ଯ୍ୟାଳୟକୁ ଚଳିତ ମାସ ୩୧ ତାରିଖ ସୁଦ୍ଧା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଆସିଥିବା କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ରେଳ ବୋର୍ଡର ଉପରୋକ୍ତ ନିଷ୍ପତ୍ତି ଦ୍ୱାରା ଓଡିଶାରେ ୬ଟି ବୃହତ ରେଳ ପ୍ରକଳ୍ପର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ। ଏଥିସହିତ ଶତାଧିକ କର୍ମଚାରୀ ରୋଜଗାର ହରାଇବେ। ଶତାଧିକ ଅଭିଜ୍ଞ ବିଦ୍ୟୁତ୍ ଯନ୍ତ୍ରୀ ବିକ୍ଷିପ୍ତ ଭାବେ କାର୍ଯ୍ୟ କରିବାକୁ ବାଧ ହେବେ। ସେହିପରି ଉକ୍ତ କାର୍ଯ୍ୟାଳୟ ଦ୍ୱାରା ଓଡ଼ିଶାର ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାଏ। ବିଗତ ୨୨ ବର୍ଷ ଧରି ରେଲୱେର ଏହି ବିଭାଗ ପୂର୍ବତଟ ରେଳପଥ ସମେତ ଓଡିଶା ମଧ୍ୟରେ ଥିବା ଅନ୍ୟ ରେଳ ଜୋନ୍‌ର ପ୍ରକଳ୍ପଗୁଡିକୁ ସଫଳତାର ସହ ପରିଚାଳନା କରିଆସୁଛି। ଭୁବନେଶ୍ୱରରେ ଏହା ଅବସ୍ଥାପିତ ଥିବାରୁ ସ୍ୱାଭାବିକ ଭାବେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ସହଜ ହୋଇଥାଏ। ତେବେ କୌଣସି କାରଣ ନଥାଇ ଭୁବନେଶ୍ୱର କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ରେଳବୋର୍ଡ ପକ୍ଷରୁ ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ସତ୍ୟପ୍ରକାଶ କହିଛନ୍ତି। ଚଳିତ ମାସ ୧୩ ତାରିଖରେ ରେଳବୋର୍ଡ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ରେଳ ବିଦ୍ୟୁତୀକରଣ) ଭୂପିନ୍ଦର ସିଂ ବୋଧ ଆଲ୍ଲାହାବାଦସ୍ଥିତ ବିଭାଗର ମହାପ୍ରବନ୍ଧକଙ୍କୁ ପତ୍ର ଲେଖି ଭୁବନେଶ୍ୱର କାର୍ଯ୍ୟାଳୟକୁ ବନ୍ଦ କରି ବେଙ୍ଗାଲୁରୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେଡି ପକ୍ଷରୁ ମଧ୍ୟ ଏହାର ସ୍ଥାନାନ୍ତରକୁ ବିରୋଧ କରାଯାଇଛି। ଦଳ ପକ୍ଷରୁ ମୁଖପାତ୍ର ସସ୍ମିତ ପାତ୍ର ଏହାକୁ କେନ୍ଦ୍ରର ଓଡ଼ିଶା ପ୍ରତି ବୈମାତୃକ ମନୋଭାବର ଅନ୍ୟ ଏକ ନମୁନା ବୋଲି କହିଛନ୍ତି।

### ୪ କଲରାପତରିଆ ବାଘ ଚମଡ଼ା ଜବତ

ଭୁବନେଶ୍ୱର,୧୫।୩(ବ୍ୟୁରୋ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟ୍ୟାକ୍ସ ଫୋର୍ସ(ଏସ୍‌ଟିଏଫ୍) ସମ୍ବଲପୁରର କୁଚିଣ୍ଡାଠାରେ ଚଢ଼ାଉ କରି ୪ କଲରାପତରିଆ ବାଘ ଚମଡ଼ା ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ଥିବା ୭ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ। ଏହି ଅପରେଶନ ପାଇଁ ଏସ୍‌ଟିଏଫ୍ ପ୍ରାୟ ଦୁଇମାସ ତଳୁ ଜାଲ ବିଛାଇଥିଲା। ଗତ ମାସରେ ଏସ୍‌ଟିଏଫ୍‌ର ଏକ ଟିମ୍ ସେଠାକୁ ଯାଇ ବେପାରୀଙ୍କ ସହିତ ମୂଲଚାଲ କରିଥିଲା। ଟିମ୍‌ର ସଦସ୍ୟମାନେ କିଛି ନୂଆ ସାମଗ୍ରୀ ଆଣିବାକୁ ଅର୍ଡର ମଧ୍ୟ ଦେଇଥିଲେ। ଆବଶ୍ୟକ ତଥ୍ୟ ହାସଲ ପରେ ଚଢ଼ାଉ ପାଇଁ ଯୋଜନା ହୋଇଥିଲା। ଶୁକ୍ରବାର ଅପରାହ୍ଣ ପ୍ରାୟ ୪ଟାରେ ଏସ୍‌ଟିଏଫ୍ ଓ କୁଚିଣ୍ଡା ଥାନା ପୋଲିସର ମିଳିତ ସହଯୋଗରେ କୁଚିଣ୍ଡା ବାଇପାସ୍ ରୋଡ୍‌ସ୍ଥିତ ଏକ ଘରୋଇ ଲଜ୍‌ରେ ଏହି ଚଢ଼ାଉ କରାଯାଇଥିଲା। ଅନ୍ୟପକ୍ଷରେ ଘଟଣା ସାମ୍ନାକୁ ଆସିବା ପରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଏହାର ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୂର୍ବରୁ ଏଭଳି ଅନେକ ଘଟଣା ଘଟିଛି। ଶିକାରୀଙ୍କୁ ଗିରଫ କରାଯାଉଥିବା ବେଳେ ଉପଯୁକ୍ତ ପ୍ରମାଣ ଅଭାବରୁ ସେମାନେ ଖସିଯାଆନ୍ତି। ପୁଣି ପରବର୍ତ୍ତୀ ସମୟରେ ସେହି କାମରେ ଲିପ୍ତ ହୋଇଯାଆନ୍ତି। ଯେହେତୁ ଏଥର କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଗିରଫ କରିଛି, ତେଣୁ ଘଟଣାକୁ ଗୁରୁତ୍ୱର ସହ ନିଆଯିବ ଏବଂ ଶିକାରୀଙ୍କୁ ଉଚିତ ଦଣ୍ଡ ମିଳିବ ବୋଲି ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି।



ମୁମ୍ବାଇରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଓ ରାଜ୍ୟ ସଭାପତି ଜୟନ୍ତ ପାଟିଲ ଶୁକ୍ରବାର ଦଳର ପ୍ରାର୍ଥୀ ତାଲିକା ଘୋଷଣା କରୁଛନ୍ତି ।

# ୧୭ରୁ ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା

**୧୫ ଜିଲାକୁ ସତର୍କ ସୂଚନା**

ଭୁବନେଶ୍ୱର,୧୫।୩ (ବ୍ୟୁରୋ)

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଏବଂ ଦକ୍ଷିଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଏହି ସମୟ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଅନୁଗୋଳ, ଖୋର୍ଦ୍ଧା, ନୟାଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କନ୍ଧମାଳ, ସୁନ୍ଦରଗଡ଼ ଆଦି ଜିଲାରେ ଝଡ଼ବର୍ଷା ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ତେବେ ଆସନ୍ତା ୧୭ତାରିଖ ରାତିରୁ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ୨୦ ତାରିଖ ଯାଏ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଅନୁଗୋଳ ଆଦି ଜିଲାରେ ଘଡଘଡି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୩୫ରୁ ୩୭ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ମାର୍ଚ୍ଚ ୨୧ରୁ ତାତି ପୁଣି ବୃଦ୍ଧି ପାଇବ। ତେବେ କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇବ ବୋଲି ପୂର୍ବାନୁମାନ କରାଯାଇଛି।

ରାଜ୍ୟ ଭିତରକୁ ଜଳୀୟ ବାଷ୍ପ ମିଶା ପଶ୍ଚିମା ବାୟୁପ୍ରବାହ ଜାରି ରହିଛି। ଏଥିଯୋଗୁ ଅଧିକାଂଶ ସମୟରେ ବାଦଲ ସୃଷ୍ଟି ହେଉଛି। ଦିନର ପାଗ ଗରମ ରହୁଥିବାରୁ ତାହା ବର୍ଷା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିପାରୁ ନାହିଁ। ଏଥିଯୋଗୁ ଉପକୂଳ ଓ ଉତ୍ତର ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହୁଥିଲେ ମଧ୍ୟ ଆଶାନୁରୂପ ବର୍ଷା ହେଉନାହିଁ। ତେବେ କେତେକ ସ୍ଥାନରେ କାଳବୈଶାଖୀ ଭଳି ପରିସ୍ଥିତି ଯୋଗୁ ବର୍ଷା ହେଉଛି। ଗତ ୪୮ ଘଣ୍ଟା ମଧ୍ୟରେ ଅନୁଗୋଳରେ ୧.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୧୮.୨, ସୁନ୍ଦରଗଡ ୨, ଝାରସୁଗୁଡା ୦.୧ ଏବଂ କଟକରେ ୦.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଶୁକ୍ରବାର ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିଲା। ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ତାପମାତ୍ରା ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୭, ଭବାନୀପାଟଣା ୩୭.୫ ଏବଂ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବିଜେଡି ଛାଡ଼ିଲେ ବିଧାୟକ ସୁକାନ୍ତ ନାୟକ

- ନବୀନଙ୍କ ନିକଟକୁ ପଠାଇଲେ ଇସ୍ତଫାପତ୍ର
- ଦଳ ଛାଡ଼ିଲେ ୬ଶହରୁ ଊର୍ଦ୍ଧ୍ୱ କର୍ମୀ

ଭୁବନେଶ୍ୱର (ବ୍ୟୁରୋ)/ ସଜନାଗଡ଼, ୧୫।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନ ଘୋଷଣା ହେବା ପରଠାରୁ ନେତାମାନେ ଦଳ ଛାଡିବା ନିତିଦିନିଆ ଘଟଣା ହୋଇଯାଇଛି। କିଏ ଦଳ ଛାଡି ନୂଆ ଦଳକୁ ଯାଉଛି, ତ କିଏ ଚୁପ୍ ବସି ନିଜ ରାଜନୈତିକ ଶତ୍ରୁର ପରାଜୟ ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଚଳିତ ସପ୍ତାହରେ ଶାସକ ବିଜେଡିରେ ପଦରେ ଥିବା ଦୁଇ ନେତା ଦଳ ଛାଡି ସାରିଲେଣି। ପ୍ରଥମେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଗୁରୁବାର ଦଳ ଛାଡି ଥିଲେ। ଏହାର ଗୋଟିଏ ଦିନ ପରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମଧ୍ୟ ବିଜେଡି ଛାଡ଼ିଛନ୍ତି। ତାଙ୍କ ଇସ୍ତଫା ପରେ ନୀଳଗିରି ରାଜନୀତି ଦୃଶ୍ୟପଟ ରୋଚକ ମୋଡ଼ ନେଇଛି। ସୁକାନ୍ତ କେଉଁ ଦଳକୁ ଯିବେ ତାହା ସେ କିଛି ଘୋଷଣା କରିନାହାନ୍ତି। ବିଜେଡି ପରେ ନୀଳଗିରିରେ ଭାଜପାର ସ୍ଥିତି ଭଲ ରହିଛି। ହେଲେ ଭାଜପାରୁ ପ୍ରତାପ ଷଡଙ୍ଗୀ ଏବଂ ସୁକାନ୍ତ ଖଟୁଆଙ୍କ ଭଳି ନେତା ଆଶାୟୀ ଅଛନ୍ତି। ତେଣୁ ସୁକାନ୍ତ ଭାଜପା ଯାଇ ଟିକେଟ୍ ହାତେଇବା କାଠିକର ପାଠ ହେବ। ତେଣୁ ରାଜନୈତିକ ସ୍ଥିତି ରକ୍ଷା କରିବା ପାଇଁ ସେ ସ୍ୱାଧୀନ ଭାବେ ଲଢିପାରନ୍ତି ବୋଲି ଚର୍ଚ୍ଚା ଚାଲିଛି। ନୀଳଗିରି ଜେଲ୍‌ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅପରାହ୍ନରେ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀ ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେବା ସହ ବିଜେଡି ଉପରେ ବର୍ଷିଥିଲେ। ସୁକାନ୍ତ କହିଥିଲେ ଯେ, କିଛି ଦିନ ହେବ ଦଳରେ ତାଙ୍କୁ ଅଣଦେଖା କରାଯାଇ ଆସୁଥିଲା। ଜିଲା ସଭାପତି ରବୀନ୍ଦ୍ର ଜେନାଙ୍କ ମାନସିକ ନିର୍ଯାତନା ଅସହ୍ୟ ହୋଇପଡିଥିଲା। ସେ ନିଜ ଇସ୍ତଫାପତ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ସୂଚନା ଦେଇଛନ୍ତି। ଇସ୍ତଫାପତ୍ରରେ ସୁକାନ୍ତ ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ନୀଳଗିରିରେ ବିଧାୟକ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କଠାରେ କୃତଜ୍ଞ। ମାତ୍ର ନୀଳଗିରି ମାଟି ସ୍ୱାଭିମାନ ଓ ସ୍ୱାଧୀନତାର ମାଟି। ୫ବର୍ଷ ଭିତରେ ସେ କରିଥିବା ନିଃସ୍ୱାର୍ଥପର ସେବା କେବେ ବି ବ୍ୟର୍ଥ ଯିବନାହିଁ। ତାଙ୍କର ସଫଳତାକୁ ବୋଧହୁଏ କେତେଜଣ ଲୋକ ସହ୍ୟ କରିପାରିଲେନି। ତାଙ୍କୁ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ଦିଆଯିବା ସହ ସୂଚନା ଦିଆଗଲା ନାହିଁ। ଏଥିରେ କେବଳ ତାଙ୍କର କ୍ଷତି ହୋଇନାହିଁ। ତାଙ୍କ ନିର୍ବାଚନମଣ୍ଡଳୀର ବିକାଶରେ ବାଧା ଉପୁଜିଥିବା ସେ ଅଭିଯୋଗ କରିଛନ୍ତି। ସୁକାନ୍ତଙ୍କ ସହ ନୀଳଗିରି ବ୍ଲକ ସଭାପତି ଗଙ୍ଗାଧର ମିଶ୍ରଙ୍କ ସମେତ ୬ଶହରୁ ଊର୍ଦ୍ଧ୍ୱ ପଞ୍ଚାୟତସ୍ତରର ନିର୍ବାଚିତ ସଭ୍ୟାସଭ୍ୟ, ସମିତିସଭ୍ୟ, ସରପଞ୍ଚ, ଏନ୍‌ଏସିର ନିର୍ବାଚିତ ପ୍ରତିନିଧି, ବରିଷ୍ଠ ନେତା ତଥା କର୍ମୀ ସମୂହ ଇସ୍ତଫା ଦେଇଛନ୍ତି। ସୁକାନ୍ତ ଜିଲା ସଭାପତି ରବୀନ୍ଦ୍ର ଜେନାଙ୍କୁ ଅନେକାଂଶରେ ଦାୟୀ କରିଥିବାରୁ ଫୋନ୍ ଯୋଗେ ତାଙ୍କ ମତାମତ ଲୋଡାଯାଇଥିଲା। ହେଲେ ରବୀନ୍ଦ୍ର ଫୋନ୍ ଉଠାଇ ନ ଥିଲେ। ସୂଚନାଥାଉ କି, ଗତ ୧୧ ତାରିଖରେ ନୀଳଗିରିର ଭାଜପା ନେତ୍ରୀ ସୁଷମାରାଣୀ ବିଶ୍ୱାଳ ବିଜେଡିରେ ଯୋଗଦେଇଥିଲେ। ସେ ଗତ ୨୦୧୪ ସାଧାରଣ ନିର୍ବାଚନରେ ନୀଳଗିରି ଆସନରୁ ଭାଜପା ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢି ପରାସ୍ତ ହୋଇଥିଲେ। ସୁଷମାଙ୍କୁ ବିଜେଡି ପ୍ରାର୍ଥିନୀ ଭାବେ ଛିଡ଼ା କରାଯିବ ବୋଲି ଖବର ପ୍ରସାରିତ ହେବା ପରେ ସୁକାନ୍ତ ଏପରି ପଦକ୍ଷେପ ନେଇଥିବା ଆଲୋଚନା ହେଉଛି।



ସୁକାନ୍ତ କୁମାର ନାୟକ

# ମହମ ପ୍ରତିମୂର୍ତ୍ତି ଅନାବରଣ କଲେ ଦୀପିକା

ଲଣ୍ଡନ: ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମାଡାମ ଟୁସାଡ୍‌ସରେ ନିଜ ମହମ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଦୀପିକା ସଚେତନତାର ସ୍ୱର ଉଠାଇ ଆସୁଛନ୍ତି। ପ୍ରତିମୂର୍ତ୍ତି ମାଧ୍ୟମରେ ନିଜ ସ୍ୱରକୁ ଶାଣିତ କରିବା ଏବଂ ନିଜ ପ୍ରଶଂସକଙ୍କ ମନରେ ନିଜ ଭାବମୂର୍ତ୍ତି ସ୍ଥାନିତ କରିବା ନିମନ୍ତେ ସେ ତାଙ୍କର ପ୍ରତିମୂର୍ତ୍ତିକୁ 'ପର୍‌ପୋଜ୍ ଅଫ୍ ଷ୍ଟାଚ୍ୟୁ' ନାମକରଣ କରିଛନ୍ତି। ଜଣେ ସଫଳ ଅଭିନେତ୍ରୀ ଭାବେ ଗୌରବ ଅର୍ଜନ କରିବା ସହିତ ଦୀପିକା ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିଛନ୍ତି। ଅନ୍ଧବିଶ୍ୱାସଠାରୁ ଦୂରେଇ ରହିଲେ ଅନେକ ମାନସିକ ରୋଗ ଦୂର ହୋଇପାରିବ ବୋଲି ସେ ପ୍ରଚାର କରିଆସୁଛନ୍ତି। ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ପାଇଁ ସେ 'ଲିଭ୍ ଲାଫ୍ ଲଭ୍' ନାମକ ଏକ ପ୍ରତିଷ୍ଠାନ ଗଠନ କରିଛନ୍ତି। ଦୀପିକା ତାଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ସମୟରେ ସ୍ୱାମୀ ରଣବୀର ସିଂ, ତାଙ୍କ ମାତାପିତା ଓ ଶାଶୁ ଶ୍ୱଶୁର ଉପସ୍ଥିତ ଥିଲେ। ଦୀପିକାଙ୍କ ଅଭିନୀତ 'ପଦ୍ମାବତ୍' ଉଚ୍ଚ ପ୍ରଶଂସିତ ହେବା ପରେ ଅଭିନେତ୍ରୀ ବର୍ତ୍ତମାନ ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ଏସିଡ ଆଟାକ୍ ସର୍ଭାଇଭର'ର ସଫଳତା ପାଇଁ ଉଦ୍ୟମ ଚଳାଇଛନ୍ତି। ଏଥିରେ ଦୀପିକା ଲକ୍ଷ୍ମୀ ଅଗ୍ରୱାଲ୍ (ଏସିଡ୍ ପ୍ରଭାବିତ ମହିଳା) ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।



# ଓଡ଼ିଶାରୁ ଛତିଶଗଡ଼ ଯାଉଥିଲା ୯.୯୩ ଲକ୍ଷ ଟଙ୍କା

- ଜବତ କଲା ଛତିଶଗଡ଼ ପୋଲିସ
- ତନାଘନା ଜାରି

ନୂଆପଡ଼ା ଅଫିସ, ୧୫।୩

ପଡୋଶୀ ଛତିଶଗଡ଼ରେ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ଛାନଭିନ ଜାରି ରଖିଛି। ଏହି ସମୟରେ ଛତିଶଗଡ଼ ବଲୋଦା ପୋଲିସ ଚେକିଂ ବେଳେ ଓଡିଶାରୁ ଯାଉଥିବା ଏକ କାରରୁ ୯ ଲକ୍ଷ ୯୩ ହଜାର ଟଙ୍କା ଜବତ କରିଛି। ଟଙ୍କା ନେଇ ଯାଉଥିବା କାରକୁ ମଧ୍ୟ ପୋଲିସ ଜବତ କରିଛି। ସେହି ଟଙ୍କା ବରଗଡ଼ ଜିଲା ପଦ୍ମପୁରରୁ ଯାଉଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ପୋଲିସ ଅଧିକାରୀ ସନ୍ତୋଷ କୁମାର ସିଂଙ୍କ ନିର୍ଦ୍ଦେଶ ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍କ୍ୱାଡ୍ ଲଗାତର ବିଭିନ୍ନ ରାସ୍ତାରେ ତନଖି ଜାରି ରଖିଥିଲେ। ଶୁକ୍ରବାର ଓଡ଼ିଶାରୁ ଆସୁଥିବା ଏକ କାର (ନଂ. ସିଜି୦୪ଏମକେ୪୮୩୪)କୁ ଅଟକ ରଖି ତଦନ୍ତ କରିବା ପରେ ସେଥିରୁ ଉପରୋକ୍ତ ଟଙ୍କା ଜବତ କରାଯାଇଛି । ସେହି ଗାଡି ସହ ଟଙ୍କାକୁ ପୋଲିସ ନିଜ ହେପାଜତକୁ ନେଇଛି। ଉକ୍ତ ଘଟଣାରେ ପୋଲିସ କାହାକୁ ଗିରଫ କରିଛି ତାହା ସ୍ପଷ୍ଟ ହୋଇନାହିଁ । ତଦନ୍ତ ଚାଲିଥିବାରୁ ଏ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ପୋଲିସ ମନା କରିଛି ।



ଜବତ କରାଯାଇଥିବା ଟଙ୍କା ।





ସମ୍ବଲପୁରୀ ବସ୍ତ୍ରାଳୟ
ଦୋଳ ଓ ହୋଲି
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ବିଶେଷ ସରକାରୀ ରିହାତି
10%+20%
ଅବଧି
ତା.୧୪.୦୩.୨୦୧୯ ରୁ ତା.୨୦.୦୩.୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କରେ ଉପଲବ୍ଧ ଅଟେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଆରୋହୀ
ପରିବାରବର୍ଗ


ଆଦିତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





### SALE

WagonR 2010, Alto 2013, Indica 2012 model for sale. Two wheeler also available. Contact Motodeal, Cuttack. 9437323645. D-66036




### SALE

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100’ ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

**Gharabari plot with 30’ road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65857

Booking open for 2,3 BHK flats near Patrapada Mall. Contact: 7381003669. D-11080

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11578

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11678

Booking simplex 2BHK 1200 sqft. land 20,50,000/- near Tankapaniroad Saitemple, 70% finance available. 7735738102. D-11637

Book 2BHK, 3BHK flat at GGP Colony, Rasulgarh (200 mtr. palasuni, Canal Road). 9439716901. (Broker not allowed). D-66035

କଟଣୀରେଟ୍ ପାଖରେ NHକୁ ଲାଗି ଘରବାରି boundary plot ବିକ୍ରିହେବ: 9439864322. D-65393

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11677




Do you want to construct buildings on your own plot. Contact: Sachi Pattanaik B.Tech (Civil. Eng). 9853916309, 9338401309. D-62164

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11679




Ground floor HIG 2BHK with large garage at Pragati Enclave, Chandrasekharpur, Bhubaneswar for family/office. 9437215421, 8618781596. D-65394

2 room ground floor house with attached kitchen, bathroom near Khandagiri, Bhubaneswar. Contact: 9437051142. D-116673

North-east facing 1000 sqft. house at Lingaraj Vihar, Pokharipur for office, Guest house. 9437165036. D-11662

### AFFIDAVIT



By virtue of an affidavit before Executive Magistrate Gunupur after my marriage I have changed my name from Pratima Kumari Panigrahi to Smt. Preeti Sabat for all purpose. D-11680

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଆରୋହୀ ବାଙ୍କ**
ଜନ୍ମତାରିଖ–୧୬.୦୩.୨୦୧୬
ମାତା–ସବିତା ବାଙ୍କ
ପିତା–ଶ୍ରୀକାନ୍ତ ବାଙ୍କ
ଗ୍ରାମ–ରାସନପୁର, ଜିଲ୍ଲା–ସମ୍ବଲପୁର
ଶୁଭେଚ୍ଛା ସହ
ବାଙ୍କ ପରିବାର ଓ ବନ୍ଧୁବର୍ଗ।
ଧ–୧୧୬୭୬

### ଜନ୍ମଦିନ ଶୁଭେଚ୍ଛା



**ଆଦିତ୍ୟ ମହାପାତ୍ର**
ଛଣିଆ, ଖୋର୍ଦ୍ଧା
ତୁମର ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମା, ଜେଜେ, ପାପା, ମାମା, ସାନପାପା, ଲୋପା ମାମା, ମାମୁ, ମାଈଁ, ମାନା– ମାମା, ଅଜା, ଆଇ, ପାପାଲି, ଆଣ୍ଟି, କୁନ୍ତୁ, ପିନ୍ତୁ, ଅରି, କାକୁଲୁ ଓ ଆତ୍ମୀୟସ୍ୱଜନ।
ଧ–୧୧୬୬୭


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ମନେ ପଡ଼ନ୍ତି

### SHRADDHANJALI



**GEETA VERMA**
**31 Dec 1948-07 March 2019**

With great sorrow, we announce the demise of our mother **Smt. Geeta Verma** on March 7, 2019. Her generosity of spirit and love for all will be deeply missed.

We request your presence at the Remembeance Ceremony on **March 17, 2019** at Unit Mandir, 120 Battalion (TA), BBSR, 7.30 pm onwards

**Members of the Verma family**

**RSVP: Sujata, Sangeeta, Sanjeev, Sushmita, 9937319064**

D-11658

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଯୁଗଳ କିଶୋର ପୃଷ୍ଟି**
ଗୋଡିବନ୍ଧ, ନରସିଂହପୁର, କଟକ
ତିରୋଧାନ: ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥି
ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ।
ଧ–୧୧୬୮୧


■ ଗ୍ରାମ୍ୟ ବ୍ୟାଙ୍କ ଠକେଇ ମାମଲାରେ ଗିରଫ ସଂଖ୍ୟା ୭୫ ଛୁଇଁଲା

# ଜେଲ୍ ଗଲେ ମହିଳା, ନିଜକୁ ଶିକ୍ଷୟିତ୍ରୀ ଦର୍ଶାଇଥିଲେ

**ଭୁବନେଶ୍ୱର, (ବ୍ୟୁରୋ)/ ପାଟକୁରା, ୧୫।୩ (ଡି.ଏନ୍.ଏ.)**

କଟକ ବିଲହାଟ ଗ୍ରାମ୍ୟ ବ୍ୟାଙ୍କ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ଗ୍ରାମର ଅନ୍ନପୂର୍ଣ୍ଣା ଦାସ(୪୦)। ତାଙ୍କୁ କଟକ ସଦର ଏସ୍‌ଡିଜେଏମ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଅନ୍ନପୂର୍ଣ୍ଣାଙ୍କୁ ମିଶାଇ ମୋଟ ୭୫ଜଣଙ୍କୁ ଗିରଫ କରାଗଲାଣି। ପ୍ରକାଶ ଥାଉକି, ୨୦୧୧ରୁ ୨୦୧୨ ମଧ୍ୟରେ କେଜିବି ପର୍ଶନାଲ ଲୋନ୍ ସ୍କିମରେ ୧୪୮ଜଣ ଜାଲ୍ କାଗଜପତ୍ର ଦାଖଲ କରି ୨କୋଟି ୯୬ ଲକ୍ଷ ଟଙ୍କା ଋଣ ନେଇଥିଲେ। ପରବର୍ତ୍ତୀ ସମୟ ସେମାନେ ଆଉ ଋଣ ନ ଶୁଝିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସନ୍ଦେହ ଉପୁଜିଥିଲା। ଯାଞ୍ଚ ପରେ ଋଣ ନେଇଥିବା ଲୋକେ ଜାଲ୍ କାଗଜପତ୍ର ଦାଖଲ କରିଥିବା ଜଣାପଡିଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଇଓଡବ୍ଲୁ ୨୦୧୩ ଡିସେମ୍ବରରେ ମାମଲା (ନଂ.୩୨/୧୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ନପୂର୍ଣ୍ଣା ନିଜକୁ କେନ୍ଦ୍ରାପଡ଼ା ଜିଲା ବେହୁଲି ୟୁପି ସ୍କୁଲ୍‌ର ସହଯୋଗୀ ଶିକ୍ଷୟିତ୍ରୀ ବୋଲି ଦର୍ଶାଇ ୨ ଲକ୍ଷ ଟଙ୍କା ଋଣ ନେଇଥିଲେ। ସେ ଦାଖଲ କରିଥିବା କାଗଜପତ୍ର ଯାଞ୍ଚବେଳେ ତାହା ଜାଲ୍ ବୋଲି ଜଣାପଡିଥିଲା।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ୫୦ହଜାର ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ସବୁ ଭାଷଣରେ ଚାଷୀଙ୍କ କଥା ଉଠାଉଛନ୍ତି । କିନ୍ତୁ ଗତ ୫ବର୍ଷ ମଧ୍ୟରେ ମୋଦି ଚାଷୀଙ୍କ ପାଇଁ କିଛି ବି କରିନାହାନ୍ତି । ଯାହାଙ୍କ ପାଖରେ ଅର୍ଥର ଅଭାବ ନାହିଁ, ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କ ଋଣ ଛାଡ଼ କରୁଛନ୍ତି । ବିଜୟ ମାଲ୍ୟା, ନୀରବ ମୋଦିଙ୍କ ୪୫ହଜାର କୋଟି ଟଙ୍କା ଲେଖାଏଁ ଛାଡ଼ କରିଥିବା ବେଳେ ଚାଷୀଙ୍କ ଋଣଛାଡ଼ କଥା ଉଠିଲେ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ସେଥିପାଇଁ ପଲିସି ନାହିଁ ବୋଲି କହୁଛନ୍ତି । ଅପରପକ୍ଷେ ମୋଦି ସରକାରଙ୍କ ଜିଏସ୍‌ଟି, ବିମୁଦ୍ରୀକରଣ ଯୋଗୁ ସାଧାରଣ ଜନତା ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ କେନ୍ଦ୍ରରେ କଂଗ୍ରେସ ସରକାର ଆସିଲେ ଜିଏସଟି ପରିବର୍ତ୍ତେ ସମସ୍ତଙ୍କ ପାଇଁ ଏକ ସାଧାରଣ ଟ୍ୟାକ୍ସ ପ୍ରଚଳନ କରାଯିବ ବୋଲି ରାହୁଲ କହିଥିଲେ ।

ସେ କହିଥିଲେ, ଜମି ଅଧିଗ୍ରହଣ ଆଇନକୁ ବଦଳାଇବା ପାଇଁ ମୋଦି ଥରେ କିମ୍ବା ଦୁଇଥର ନୁହେଁ, ତିନିଥର ଚେଷ୍ଟା କରିଥିଲେ । ସେହି ଆଇନକୁ ବଦଳାଇ ଗରିବ ଜନତାଙ୍କ ଜମି ଚୋରି କରି ଉଦ୍ୟୋଗପତିଙ୍କୁ ଦେବା ପାଇଁ ମୋଦି ଉଦ୍ୟମ କରିଥିଲେ । ମାତ୍ର ତାକୁ ସଫଳ ହେବାକୁ ଦିଆଗଲା ନାହିଁ । ଛତିଶଗଡ଼ରେ କଂଗ୍ରେସ ସରକାର ଶାସନକୁ ଆସିବାର ଏକମାସ ପରେ ଜମି ଅଧିଗ୍ରହଣ ଆଇନ ମୁତାବକ ଏହି ରାଜ୍ୟର ବସ୍ତର ଅଞ୍ଚଳର ଆଦିବାସୀମାନେ ଟାଟା କମ୍ପାନୀ ପାଇଁ ଅଧିଗୃହୀତ ଜମିକୁ ଫେରି ପାଇବା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ରାହୁଲ କହିଥିଲେ । ଏହା ସହିତ କଳାଧନ ଫେରାଇବା, ରାଫେଲ ଦୁର୍ନୀତି, ବେକାରି ସମସ୍ୟା ନେଇ କେନ୍ଦ୍ରର ମୋଦି ସରକାରକୁ କଡ଼ା ସମାଲୋଚନା କରିଥିବାବେଳେ ଶାସନକୁ ଆସିବାର ଅଳ୍ପ ସମୟ ମଧ୍ୟରେ ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶର କଂଗ୍ରେସ ସରକାର ନିର୍ବାଚନ ପୂର୍ବର ପ୍ରତିଶ୍ରୁତି ମୁତାବକ କରିଥିବା ଚାଷୀଙ୍କ ଋଣଛାଡ଼, ଧାନର ସହାୟକ ମୂଲ୍ୟବୃଦ୍ଧିକୁ ଉଦାହରଣ ରୂପେ ସେ ଉପସ୍ଥାପନ କରିଥିଲେ ।

ଗତ ୨୦୧୪ ନିର୍ବାଚନ ପୂର୍ବରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୀତଳ ଭଣ୍ଡାର, ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ, ଜଳସେଚନ ଆଦି ଅନେକ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏପର୍ଯ୍ୟନ୍ତ ସେ ନିଜ ପ୍ରତିଶ୍ରୁତିକୁ ରକ୍ଷି ପାରିନାହାନ୍ତି ଏବଂ ଏଥିପାଇଁ ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଛି ବୋଲି ରାହୁଲ କହିଥିଲେ । ସେ ନିଜ ଅଭିଭାଷଣରେ ଯେଉଁ ପ୍ରତିଶ୍ରୁତି ଦିଅନ୍ତି, ତାକୁ ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି । ପଡ଼ୋଶୀ ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶରେ କଂଗ୍ରେସ ଶାସନକୁ ଆସିବା ପରେ ତାଙ୍କ ପ୍ରତିଶ୍ରୁତି ପାଳିତ ହୋଇ ସାରିଥିବା ରାହୁଲ କହିଥିଲେ । ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଥିଲେ, ଛତିଶଗଡ଼ ଏବଂ ଓଡ଼ିଶା କେବଳ ପଡ଼ୋଶୀ ନୁହନ୍ତି,ଯୁଗ ଯୁଗ ଧରି ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ, ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଆସିଛି । ମାତ୍ର ଭାଜପା ଶାସନ କାଳରେ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ପାଣିକୁ ନେଇ ଯେଉଁଭଳି ବିବାଦ ଦେଖାଗଲା, ତାହା ଆଦୌ ଶୋଭନୀୟ ନୁହେଁ ଏବଂ ତାର ନିଶ୍ଚିତ ଆପୋସ ସମାଧାନ ହେବ ବୋଲି ସେ ଦୃଢ଼ୋକ୍ତି କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସମ୍ପାଦକ ସେକ୍ ମସ୍ତାନ ଅଲି, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ଜଗନ୍ନାଥ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା, କିଷାନ କ୍ଷେତ ମଜଦୁର ସଂଘ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପୂର୍ବତନ ବିଧାୟକ ସାଧୁ ନେପାକ, ନୀହାର ମହାନନ୍ଦ, ସନ୍ତୋଷ ସିଂ ସାଲୁଜା, ହମିଦ ହୁସେନ, ପ୍ରଫୁଲ୍ଲ ମାଝି, ସୁରେନ୍ଦ୍ର ସିଂ ଭୋଇ, ଶରତ ପଟ୍ଟନାୟକ, ନିପନ ଦାଶ, ହରଦୀପ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ରାହୁଲ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବଘେଲଙ୍କ ସହିତ ରାୟପୁରରୁ ହେଲିକପ୍ଟର ଯୋଗେ ଆସି ଦିନ ପ୍ରାୟ ୧ଟା ୪୨ମିନିଟ୍‌ରେ ନୂଆ ସରସରା ହେଲିପ୍ୟାଡରେ ଓହ୍ଲାଇଥିଲେ । ସେଠାରୁ ମଞ୍ଚକୁ ଯାଇଥିଲେ ଏବଂ ପ୍ରାୟ ସାଢ଼େ ୧୬ମିନିଟ୍‌ର ଉଦ୍‌ବୋଧନ ଦେଇଥିଲେ । ଅପରାହ୍ନ ପ୍ରାୟ ୨ଟା ୪୫ମିନିଟ୍‌ରେ ବରଗଡ଼ ଛାଡ଼ି ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହିତ ସେ ପୁଣି ରାୟପୁର ଅଭିମୁଖେ ଫେରିଯାଇଥିଲେ ।

## ୯ ଭାରତୀୟ...

ଆକ୍ରମଣ ଏହା ଆତଙ୍କବାଦୀଙ୍କ କାର୍ଯ୍ୟ ହୋଇଥିବାବେଳେ ଆକ୍ରମଣର କାରଣ ବର୍ଣ୍ଣବୈଷମ୍ୟ ବୋଲି ପୋଲିସ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ହାଇଦ୍ରାବାଦରୁ ଯାଇ ସେଠାରେ ରହୁଥିବା ଅହମଦ ଇକବାଲ ଜାହାଙ୍ଗୀର ଗୁଳିମାଡ଼ରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଭାଇଙ୍କୁ ସେଠାକୁ ଯିବା ଲାଗି ଭିଜା ଓ ଅନ୍ୟାନ୍ୟ ସହାୟତା ଯୋଗାଇଦେବା ଲାଗି ଓୱାଇସି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ହସ୍ତକ୍ଷେପ ଲୋଡିଛନ୍ତି। କୌଣସି ଭାରତୀୟ ସହାୟତା ଚାହୁଁଥିଲେ ୦୨୧୮୦୩୮୯୯ ଏବଂ ୦୨୧୮୫୦୦୩୩ ନମ୍ବରରେ ଯୋଗାଯୋଗ କରିବାକୁ ଉଚ୍ଚାୟୁକ୍ତ ପକ୍ଷରୁ କୁହାଯାଇଛି।

## ସେବକଙ୍କ କଲ୍ୟାଣ ପାଇଁ...

କାମ ବାବଦରେ ଖର୍ଚ୍ଚ ହେବ। ବର୍ତ୍ତମାନ ବାର୍ଷିକ କର୍ମଚାରୀଙ୍କ ବେତନ ବାବଦରେ ୨୮ କୋଟି, ସେବକମାନଙ୍କ ପାଉଣା ବାବଦରେ ପ୍ରାୟ ୩୨ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ରଥଯାତ୍ରା ବଜେଟ ୬ କୋଟି, ସେବକ କଲ୍ୟାଣ ପାଇଁ ୫ କୋଟି, ଚନ୍ଦନ କାଠ ପାଇଁ ଦେଢ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେବକ ପିଲାମାନଙ୍କ ପାଠପଢା ଲାଗି ଆଦର୍ଶ ଗୁରୁକୁଳ ପାଇଁ ରାଜ୍ୟ ସରକାର ସାଢେ ୩ କୋଟି ଟଙ୍କା ଦେଇଛନ୍ତି। ଏହା ଖୁବ୍‌ଶୀଘ୍ର କିପରି ତ୍ୱରାନ୍ୱିତ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଉଛି। ଅନ୍ୟପକ୍ଷରେ ଜଣେ ବଦାନ୍ୟ ବ୍ୟକ୍ତି ଗୁରୁକୁଳର ସମସ୍ତ ଖର୍ଚ୍ଚ ବହନ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। କମିଟି ଏହାକୁ ଅନୁଧ୍ୟାନ କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ତେବେ ସେବକଙ୍କ ବିଭିନ୍ନ ଖର୍ଚ୍ଚ ମନ୍ଦିର ପ୍ରଶାସନ ବହନ କରିବ। କିନ୍ତୁ କର୍ମଚାରୀଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କୁ ବହନ କରିବା ଲାଗି ଅନୁରୋଧ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ପୂର୍ବରୁ ଗଜପତି ମହାରାଜା ପାରିତୋଷିକ ବାବଦରେ ମାସିକ ୫୦ ହଜାର ଟଙ୍କା ପାଉଥିଲେ। ହେଲେ ରାଜ୍ୟ ସରକାର ଏହାକୁ ବୃଦ୍ଧି କରିଛନ୍ତି। ଏଣିକି ଗଜପତି ମହାରାଜା ମାସିକ ୧ ଲକ୍ଷ ଲେଖାଏ ଟଙ୍କା ପାଇବେ। ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ ମିଳିଛି। ସେହିପରି ପ୍ରଥମଥର ପାଇଁ ସେବାୟତ ଉନ୍ନୟନ ପାଣ୍ଠି ନାମକ ଏକ ଫଣ୍ଡ୍ ବ୍ୟବସ୍ଥା କରାଯାଇଛି। ସେବାୟତମାନେ କିପରି ଏହାଦ୍ୱାରା ଉପକୃତ ହୋଇପାରିବେ ପରବର୍ତ୍ତୀ ସମୟରେ ଏ ନେଇ ଏକ ବୈଠକ ବସି ନିଷ୍ପତ୍ତି ନିଆଯିବ। ସେହିପରି ଫାଉଣ୍ଡେଶନ ଫଣ୍ଡ, କର୍ପସ ଫଣ୍ଡ ଏସବୁକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଶ୍ରମନ୍ଦିରର ସମୁଦାୟ ୬୫୦ କୋଟି ଟଙ୍କା ପାଣ୍ଠି ରହିଛି। ଆସନ୍ତା ବର୍ଷକୁ ଏହାକୁ ୭୦୦ କୋଟି ଟପାଇବାକୁ ଲକ୍ଷ୍ୟ ରଖାଯାଇଛି।

ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ୍ ବିଶ୍ୱାଳ, ଉନ୍ନୟନ ପ୍ରଶାସକ ବିଶ୍ୱନାଥ ସାହୁ, ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ନୀଳକଣ୍ଠ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ କୁମାର ତିଆଡ଼ି, ମହିମୋହନ ତ୍ରିପାଠୀ, ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ନ୍ୟୁଜିଲାଣ୍ଡ ମସ୍‌ଜିଦରେ...

ଏହି ଆକ୍ରମଣ ପରେ ନ୍ୟୁଜିଲାଣ୍ଡକୁ ହାଇ ଆଲର୍ଟରେ ରଖାଯାଇଛି। ଆକ୍ରମଣରେ କେତେଜଣ ସମ୍ପୃକ୍ତ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ବାଂଲାଦେଶ କ୍ରିକେଟ ଟିମ୍‌ର ଅଧିକାଂଶ ଖେଳାଳି ନମାଜ ପାଠ ପାଇଁ ଖ୍ରୀଷ୍ଟଚର୍ଚ୍ଚସ୍ଥିତ ମସ୍‌ଜିଦ ଯାଇଥିଲେ। ସେମାନେ ପହଞ୍ଚିବାବେଳକୁ ଗୁଳିକାଣ୍ଡ ଆରମ୍ଭ ହୋଇଯାଇଥିଲା। ସେମାନେ ନିରାପଦ ଥିଲେ ମଧ୍ୟ ମାନସିକ ଭାବେ ଆଘାତ ପାଇଥିବା ବାଂଲାଦେଶ କ୍ରିକେଟ ବୋର୍ଡ ମୁଖପାତ୍ର ଜଲାଲ ୟୁନୁସ୍ କହିଛନ୍ତି। ବନ୍ଧୁକଧାରୀ ଜଣେ ଶ୍ୱେତାଙ୍ଗ। ସେ ହେଲ୍‌ମେଟ ଏବଂ ବୁଲେଟପ୍ରୁଫ୍ ଜାକେଟ ପିନ୍ଧିଥିଲେ ବୋଲି ଅଲ୍ ନୁର୍ ମସ୍‌ଜିଦରେ ଉପସ୍ଥିତ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଗୁଳିକାଣ୍ଡ ବେଳେ ପ୍ରତ୍ୟକ୍ଷଦର୍ଶୀଙ୍କ ସମେତ ଅନ୍ୟ କେତେଜଣ କାଚ ଝରକା ଭାଙ୍ଗି ବାହାରିଆସିଥିଲେ ବୋଲି କହିଛନ୍ତି। ଅଲ୍ ନୁର୍ ମସ୍‌ଜିଦରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସହର ଉପକଣ୍ଠରେ ଥିବା ଲିନ୍‌ଉଡ ମସ୍‌ଜିଦରେ ୭ ଜଣ ଏବଂ ହସ୍ପିଟାଲରେ ଜଣକର ମୃତ୍ୟୁ ଘଟିଛି। ଆକ୍ରମଣ ପୂର୍ବରୁ ଏକ ଅଜଣା ପୋଷ୍ଟରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଭାଇରାଲ ହୋଇଥିଲା। ଏଥିରେ ଆକ୍ରମଣ ସମ୍ପର୍କରେ ସୂଚନା ଦିଆଯାଇଥିଲା।

ନମାଜ ପାଠ ବେଳେ ଆତଙ୍କବାଦୀ ଆକ୍ରମଣକୁ ଭାରତ ସମେତ ବିଭିନ୍ନ ଦେଶ ନିନ୍ଦା କରିଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ଘଟଣାର ନିନ୍ଦାକରିବା ସହ ଆକ୍ରମଣକାରୀ ଆତଙ୍କବାଦୀ ତାଙ୍କ ଦେଶର ନାଗରିକ ବୋଲି କହିଛନ୍ତି। ୨୦୧୧ରେ ନରୱେରେ ଦକ୍ଷିଣପନ୍ଥୀ ଉଗ୍ରବାଦୀଙ୍କ ଗୁଳିରେ ୭୭ ଜଣ ନିହତ ହୋଇଥିଲେ। ସେତେବେଳେ ଆକ୍ରମଣକାରୀ ଯେଉଁ ଇସ୍ତାହାର ଛାଡିଥିଲେ ତାହା ନ୍ୟୁଜିଲାଣ୍ଡ ଆକ୍ରମଣକାରୀଙ୍କ ଇସ୍ତାହାର ସହ ମେଳ ଖାଉଛି। ବ୍ରେଇଭିକ୍ ଆକ୍ରମଣକାରୀଙ୍କ ଭଳି ଏମାନେ ଗୁଳି ଚଳାଇବା ପୂର୍ବରୁ ଇସ୍ତାହାର ପ୍ରକାଶ କରି ଗଣ ଦେଶାନ୍ତର ବିରୋଧୀ ବୋଲି ଜଣାଇ ଦେଇଛନ୍ତି। ୯/୧୧ ଆମେରିକା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ ଇସ୍‌ଲାମ ତଥା ମୁସଲମାନଙ୍କ ପ୍ରତି ବୃଦ୍ଧି ପାଇଥିବା ଘୃଣାଭାବ ମସ୍‌ଜିଦ ଗୁଳିକାଣ୍ଡର କାରଣ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି କେତେକାଂଶରେ ବ୍ୟାହତ ହେବ। ରାହୁ ଓ ବନ୍ଧୁକାରକ ବୁଧଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ଆସିପାରେ। ପ୍ରଶାସନିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ।

**ବୃଷ**



ଭାଗ୍ୟାଧିପ ଦୁଃସ୍ଥାନସ୍ଥ ଯୋଗୁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ବାଧାବିଘ୍ନ ଓ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ଓ ଆର୍ଥିକ ସଙ୍କଟ ପ୍ରତିରୋଧର ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ। ଏହିଭଳି ପରିସ୍ଥିତିର ସମ୍ମୁଖୀନ ହେବା ସମୟରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ**



ଧନସ୍ଥାନରେ ରାହୁ ଓ ଷଷ୍ଠାଧିପ ମଙ୍ଗଳ ହେତୁ ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ କିଛିଟା ଟେନ୍‌ସନ ଆସିପାରେ। କର୍ମକ୍ଷେତ୍ରରେ, କଳା, ସାହିତ୍ୟ, ସାମ୍ବାଦିକତା ଓ ସାଂଗଠନିକ ସ୍ତରରେ ପଦସ୍ଥବ୍ୟକ୍ତିଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ**



ଅଷ୍ଟମସ୍ଥାନରେ ରବି ହେତୁ ପିତୃସ୍ଥାନୀୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟହାନି କିମ୍ବା କିଛି ସମସ୍ୟା ସମସ୍ୟାକୁ ବଢ଼ାଇଦେଇପାରେ। ସପ୍ତମ କେନ୍ଦ୍ରସ୍ଥ ଚତୁର୍ଥାଧିପତି ହେତୁ ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ଅପରାହ୍ନରେ ମନ ଏକପ୍ରକାର ଖୁସି ରହିବ। ବାଣିଜ୍ୟ,ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ**



ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ସାଙ୍ଗକୁ ସରକାରୀ ସ୍ତରରୁ କୌଣସି ସମସ୍ୟା ଆସିପାରେ। ପରିସ୍ଥିତି କେତେକାଂଶରେ ବଦଳିବାକୁ ଆରମ୍ଭ କରିଥିଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ଅବଶ୍ୟ ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମୟିକ ଆନନ୍ଦର ସୁରାକ ମିଳିପାରେ।

**କନ୍ୟା**



ତୃତୀୟଭାବରେ ବୃହସ୍ପତି ଭାଇ,ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କରେ ନ୍ୟୂନତା ସୃଷ୍ଟି କରିବ। ମଙ୍ଗଳଙ୍କ ଦୃଷ୍ଟି କରଣରୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ର, ଶିଳ୍ପ, ନୂତନ ପ୍ରକଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**



ସପ୍ତମସ୍ଥ ସ୍ୱଗୃହୀ ମଙ୍ଗଳ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ବନ୍ଧୁ ପରିଜନମାନଙ୍କ ସାହାଯ୍ୟରେ ଭ୍ରମଣ ପାଇଁ ମନ ବଳାଇ ପାରନ୍ତି। ଦୀର୍ଘଦିନରୁ ବନ୍ଧୁଙ୍କୁ ଦେଇଥିବା ବକେୟା ଟଙ୍କା ପାଇବାରେ ସମସ୍ୟା ଉପୁଜିପାରେ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା**



ଶୁକ୍ର ନକ୍ଷତ୍ରସ୍ଥ ମଙ୍ଗଳ ହେତୁ ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସମସ୍ୟା ସମାଧାନ କରିପାରିବେ। ପାରିବାରିକ ସମସ୍ୟା ବୁଝାମଣା ମାଧ୍ୟମରେ ସୁଧୁରିଯାଇପାରେ।

**ଧନୁ**



ଚନ୍ଦ୍ରଙ୍କ ଦୁଃସ୍ଥାନ ସ୍ଥିତି ମାନସିକ ସୁସ୍ଥତାକୁ କ୍ଷୁଣ୍ଣ କରିବ। କର୍ମକ୍ଷେତ୍ର ଓ ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜି ଯାତ୍ରା, ବିବାଦ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହୋଇ ନ ପାରେ।

**ମକର**



ପ୍ରିୟଜନଙ୍କ ଅଭାବ ସାମୟିକ ମାନସିକ ଅଶାନ୍ତି ସୃଷ୍ଟି କରିବ। ଆଜିର ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ଏହାର କାରଣ ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ**



କର୍ମକ୍ଷେତ୍ରରେ ଯଶ, ସମ୍ମାନର ଅଧିକାରୀ ହେବା ସହ ସାମାଜିକ ସ୍ତରରେ ମଧ୍ୟ ପ୍ରତିଷ୍ଠା ମିଳିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାମାନ୍ୟ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ଜମିଜମା, ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ଅନ୍ୟମାନଙ୍କ କଥାକୁ ଅସ୍ୱୀକାର ନ କଲେ ମଧ୍ୟ ଭାବିଚିନ୍ତି ଗ୍ରହଣ କରିବା ଭଲ ହେବ।

**ମୀନ**



ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମତାନ୍ତରର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବନ୍ଧୁମିଳନ ଜନିତ ଖୁସି ହୋଇପାରନ୍ତି। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳପକ୍ଷର ଫଗୁଦଶମୀ ଶନିବାର, ଶ୍ରୀଜୀଉଙ୍କର ଚାଚେରୀବେଶ ଓ ଦୋଳଯାତ୍ରା ଆରମ୍ଭ, ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ରାଶି ନକ୍ଷତ୍ର–ପୁନର୍ବସୁ/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୧ ।୦୭ମି. ମଧ୍ୟେ ଅମୃତ ବେଳା। ମାହେନ୍ଦ୍ରବେଳା ନାସ୍ତି। ଦିବା ଘ୮ ।୫୬ମି. ଗତେ ଘ୧୦ ।୨୬ମି. ମଧ୍ୟେ ରାହୁକାଳ।

# ଭାଜପାରେ ମିଶିଲେ ସରୋଜ, ତିଳୋତ୍ତମା



**ଭୁବନେଶ୍ୱର,୧୫।୩ (ବ୍ୟୁରୋ):** ଗଞ୍ଜାମ ଜିଲା ଆସ୍କା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସରୋଜ ପାଢ଼ୀ ଏବଂ କଳାହାଣ୍ଡି ଜିଲାର ପୂର୍ବତନ ଜିଲା ପରିଷଦ ସଦସ୍ୟା ତିଳୋତ୍ତମା ନାୟକ ବିଜେଡି ଛାଡି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ରାଜଧାନୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ସଭାପତି ବସନ୍ତ ପଣ୍ଡା, ଉପସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ଯୁବ ଭାଜପା ସଭାପତି ଟଙ୍କଧର ତ୍ରିପାଠୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଜେଡି ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଉପରୋକ୍ତ ୨ ବ୍ୟକ୍ତି ଭାଜପାରେ ସାମିଲ ହୋଇଥିବା ମନ୍ତବ୍ୟ ଦେଇଛନ୍ତି।

# ପର୍ଶୁରାମଙ୍କ ପାଇଁ ସଙ୍କଟ ହୋଇପାରନ୍ତି ବଳଭଦ୍ର

**ନବରଙ୍ଗପୁର,୧୫।୩(ବି.ପ୍ର.)**

**ନବରଙ୍ଗପୁର ରାଜନୀତିରେ ଚର୍ଚ୍ଚା**

ଚଳିତ ସାଧାରଣ ନିର୍ବାଚନ ପାଇଁ ଲୋକସଭା ଓ ବିଧାନସଭା ଆସନରେ ପ୍ରାର୍ଥୀ ଲାଗି ବିଜେଡି ଓ ଭାଜପାର ଅଙ୍କ କଷା ଚାଲିଛି । ଏଭଳି ସ୍ଥଳେ ବିଜେଡି ଛାଡିଥିବା ନବରଙ୍ଗପୁର ଏମପି ବଳଭଦ୍ର ମାଝୀ ଭାଜପା ମୁହାଁ ହେଉଥିବା ଜିଲାରେ ଚର୍ଚ୍ଚା ହେଉଛି। ଏମପି ବଳଭଦ୍ର ଶୁକ୍ରବାର ଦିଲ୍ଲୀ ଗସ୍ତ କରିଛନ୍ତି । ଶନିବାର ଦିଲ୍ଲୀରେ ସେ ଭାଜପାରେ ମିଶିବା ଯଥେଷ୍ଟ ସମ୍ଭାବନା ରହିଛି । ନବରଙ୍ଗପୁର ଲୋକସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ବଳଭଦ୍ର ଯଦି ଭାଜପାରେ ସାମିଲ ହୁଅନ୍ତି, ତେବେ ପୂର୍ବତନ ଏମପି ପର୍ଶୁରାମ ମାଝିଙ୍କ ପାଇଁ ଏହା ଅଡୁଆ ସୃଷ୍ଟି କରିବ। ପର୍ଶୁରାମ ଲଗାତାର ଭାବେ ଭାଜପାରୁ ପ୍ରାର୍ଥୀ ହୋଇ ଆସିଥିବା ବେଳେ ଏଥର ମଧ୍ୟ ସେ ଟିକଟ ପାଇଁ ଆଶା ବାନ୍ଧି ରହିଛନ୍ତି । ବଳଭଦ୍ର ଯଦି ଭାଜପା ଶିବିରରେ ଯୋଗ ଦିଅନ୍ତି ତେବେ ବଳଭଦ୍ର ଓ ପର୍ଶୁରାମଙ୍କୁ ନେଇ ଭାଜପା ପାଇଁ ନୂଆ କନ୍ଦଳ ସୃଷ୍ଟି ହୋଇପାରେ। ଏପରି ସ୍ଥିତିରେ ପର୍ଶୁରାମ ବିଜେଡି ହାତ ଧରିପାରନ୍ତି ବୋଲି ଆଲୋଚନା ହେଉଛି। ବଳଭଦ୍ର ଭାଜପାରେ ଯୋଗ ଦେଇ ନବରଙ୍ଗପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୁଅନ୍ତି ତେବେ ପର୍ଶୁରାମ ମାଝିଙ୍କ ନିର୍ଣ୍ଣାୟକ ଭୂମିକା କଣ ରହିବ ବୋଲି ପଚାରିବାରୁ ସେ କହିଥିଲେ ଯେ ଆଗ ବଳଭଦ୍ର ଭାଜପାକୁ ଆସନ୍ତୁ,ତା'ପରେ କଣ କରାଯିବ ଦେଖିବା। ଦଳବଦଳ ଯୋଗୁ ଆଗାମୀ ଦିନରେ ଜିଲାରେ ବିଜେଡି ଓ ଭାଜପା ମଧ୍ୟରେ କିଛି ଫାଟ ସୃଷ୍ଟି ହେବକି ନାହିଁ ତାହା ଦେଖିବାକୁ ରହିଛି । ଏପରି କନ୍ଦଳର ଫାଇଦା କଂଗ୍ରେସକୁ ଯିବ ବୋଲି ମଧ୍ୟ ରାଜନୈତିକ ବିଶେଷଜ୍ଞମାନେ ମତ ପୋଷଣ କରୁଛନ୍ତି।




# ନବୀନ ନିବାସରେ ଆଶାୟୀ











କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବରଗଡ଼ ଗସ୍ତ ଥିବା ଯୋଗୁ ଭୁବନେଶ୍ୱରସ୍ଥିତ ଦଳର ରାଜ୍ୟ କାର୍ଯ୍ୟାଳୟ ଶୁକ୍ରବାର ଖାଁ ଖାଁ।



ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ନେତା ଓ କର୍ମୀଙ୍କ ଭିଡ଼।

**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza, Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

# ବିଜେଡି ଉପରେ ବର୍ଷିଲେ ଦାମ

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ନୂଆଦିଲ୍ଲୀରେ ଗୁରୁବାର ଭାଜପାରେ ସାମିଲ ହେବା ପରେ ଶୁକ୍ରବାର ଭୁବନେଶ୍ୱର ଫେରିଛନ୍ତି। ଏହି ଅବସରରେ ଡା. ରାଉତଙ୍କୁ ବିମାନବନ୍ଦରରୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିରାଟ ବାଇକ ଶୋଭାଯାତ୍ରାରେ ଅଣାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବକ୍ତବ୍ୟ ରଖି ଦାମ କହିଛନ୍ତି ଯେ, ନବୀନବାବୁ ମୁଖ୍ୟମନ୍ତ୍ରୀ ହେବା ସମୟରେ ଯେଉଁ ବିଜୁ ଅନୁଗତମାନେ ତାଙ୍କୁ ଆଣିଥିଲେ ସେମାନଙ୍କୁ ସେ ଅପମାନ ଦେଇ ବିଦା କରିଦେଲେ। ଲୋକମାନଙ୍କର ସେବା କରିବା ପାଇଁ ରାଜନୀତି କରାଯାଇଥାଏ। ହେଲେ ନବୀନ ବାବୁଙ୍କ ଚାରିପଟେ ଯେଉଁମାନେ ଅଛନ୍ତି, ସେମାନେ ରାଜନୀତି ନାଁରେ ବେପାର କରିବାକୁ ଆସିଛନ୍ତି ବୋଲି କହି ଦାମ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ସେହିପରି ତାମିଲନାଡୁ କନ୍‌ଷ୍ଟେବଲଙ୍କୁ ସୁରକ୍ଷା ଦେବାକୁ ଯାଇ କୁନ୍ଦୁଲି ନାବାଳିକାକୁ ନ୍ୟାୟ ମିଳି ନ ଥିବା ଦାମ କହିଥିଲେ।

# ଦଳ ଛାଡିବା ପ୍ରଚାରକୁ ମନ୍ତ୍ରୀ ବଦ୍ରୀଙ୍କ ଅସ୍ୱୀକାର

**କେନ୍ଦୁଝର, ୧୫।୩(ସ୍ୱ.ପ୍ର.):** ଗତ କିଛି ବର୍ଷ ହେଲା ପରିବାରର କେତେକ ସଦସ୍ୟ ବିଭିନ୍ନ ହିଂସା ଘଟଣାରେ ସମ୍ପୃକ୍ତି ଥାଇ ଗିରଫ ହେବା ପରେ ଏହା ବିଜେଡି ନେତା ତଥା ଗଣଶିକ୍ଷା ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏଥିସକାଶେ ତାଙ୍କୁ ନିର୍ବାଚନରେ ଦଳୀୟ ଟିକଟ ମିଳି ନ ପାରେ ବୋଲି କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ହେଉଛି। ଏସମ୍ପର୍କରେ ଶୁକ୍ରବାର ମନ୍ତ୍ରୀ ପାତ୍ରଙ୍କୁ ପଚରାଯିବାରୁ ସେ ଏଭଳି ପ୍ରଚାରକୁ ଅସ୍ୱୀକାର କରି କହିଛନ୍ତି, ତାଙ୍କ ଟିକଟ କଟିବ ନାହିଁ। ଯଦି କଟେ ଦେଖାଯିବ। ଏହି ମନ୍ତବ୍ୟ ପରେ 'ଯଦି ଟିକଟ କଟେ ସେ ଅନ୍ୟ କୌଣସି ଦଳରୁ କିମ୍ବା ସ୍ୱାଧୀନ ଭାବେ ଲଢ଼ିବେ କି' ବୋଲି ପ୍ରଶ୍ନ କରାଯିବାରୁ ସେ କିଛି ଉତ୍ତର ନ ଦେଇ ଏହାକୁ ଏଡ଼ାଇ ଯାଇଥିଲେ। ଉଲ୍ଲେଖନୀୟ ଯେ, ୨୦୧୪ ନିର୍ବାଚନରେ ଜିଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୫ଟିରେ ବିଜେଡି ବିଜୟ ହାସଲ କରିଥିଲା। କେନ୍ଦୁଝର ଲୋକ ସଭା ଆସନ ବିଜେଡି ହାତକୁ ଯାଇଥିଲା। ମନ୍ତ୍ରୀ ପାତ୍ର ସାଙ୍ଗଠନିକ ଦକ୍ଷତା ପ୍ରତିପାଦନ କରିବା ସହ ଘଷିପୁରା ନିର୍ବାଚନ ମଣ୍ଡଳୀରୁ ଜିତି ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦରେ ରହିଆସିଛନ୍ତି। ଗତବର୍ଷ ତାଙ୍କ ନିର୍ବାଚନ ମଣ୍ଡଳୀରେ ଘଟିଥିବା ହିଂସା ଓ ପୋଲିସ ଉପରେ ଆକ୍ରମଣ ଘଟଣା ତାଙ୍କ ପରିବାରକୁ ଚର୍ଚ୍ଚାକୁ ଆଣିଛି।




# ଭାଜପାରେ ପ୍ରକାଶ ମିଶିବା ଚର୍ଚ୍ଚା

**କଟକ ଅଫିସ, ୧୫।୩**

ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାଲେପୁର କଂଗ୍ରେସ ବିଧାୟକ ପ୍ରକାଶ ବେହେରାଙ୍କୁ ନେଇ ରାଜନୈତିକ ଚର୍ଚ୍ଚା ଲାଗିରହିଛି। ପ୍ରକାଶ ବିଜେଡିକୁ ଯିବେ ଏବଂ ସାଲେପୁରରୁ ପ୍ରାର୍ଥୀ ହେବେ ଏଭଳି ଆଲୋଚନା ନିର୍ବାଚନମଣ୍ଡଳୀରେ ଲାଗି ରହିଥିଲା। ହେଲେ ଶୁକ୍ରବାର ଦିନତମାମ ଭିନ୍ନ ଆଲୋଚନା ହେଉଛି। ପ୍ରକାଶ ବିଜେଡି ନୁହେଁ ଭାଜପାରେ ଯୋଗ ଦେଉଥିବା ନେଇ ଜୋରଦାର ଆଲୋଚନା ଜାରି ରହିଛି। ଏଭଳି ଆଲୋଚନା ସମ୍ପର୍କରେ ପ୍ରକାଶ କୌଣସି ସ୍ପଷ୍ଟ ମତ ଦେଇ ନ ଥିଲେ ମଧ୍ୟ ନର କି ଗୁଞ୍ଜରେ ଅଶ୍ୱତ୍ଥମା ହତ ଭଳି ପ୍ରତିକ୍ରିୟା ଦେଇଛନ୍ତି। ପ୍ରକାଶ କହିଛନ୍ତି, ସାଲେପୁରବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ଯେଭଳି ରକ୍ଷା ହୋଇପାରିବ ସେଭଳି ପଦକ୍ଷେପ ସେ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଭାଜପାରେ ଯୋଗ ଦେଉଛନ୍ତି କି ପ୍ରଶ୍ନରେ ଖୁବ୍‌ଶୀଘ୍ର ସମସ୍ତେ ଜାଣିପାରିବେ ସେ କେଉଁଠି ଯୋଗଦେଉଛି ବୋଲି ପ୍ରକାଶ କହିଛନ୍ତି। ଅନ୍ୟପକ୍ଷରେ ଶୁଣିବାକୁ ମିଳୁଛି ଯେ, ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ


ପ୍ରକାଶ ଚନ୍ଦ୍ର ବେହେରା

ବିଜେଡି ପକ୍ଷରୁ ଦୀର୍ଘଦିନ ଧରି ନିଷ୍ପତ୍ତି ଝୁଲାଇ ରଖାଗଲା ଏବଂ ନିକଟରେ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା କହିଥିଲେ ଯେ, ସାଲପୁରରୁ ପ୍ରଶାନ୍ତ ବେହେରାଙ୍କୁ ବିଜେଡି ଟିକେଟ୍ ମିଳିବ। ଏସବୁରୁ ପ୍ରକାଶ ମନ ବଦଳାଇଥିବା କୁହାଯାଉଛି।

ପ୍ରକାଶଙ୍କ ଭାଜପାରେ ଯୋଗଦାନ ସମ୍ପର୍କରେ ଚର୍ଚ୍ଚା ଜୋର ଧରିବା ପରେ ଭାଜପା ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁ କହିଛନ୍ତି ଯେ, କାର୍ଯ୍ୟକର୍ତ୍ତାଙ୍କୁ ନେଇ ଦଳ। ଯଦି ନିର୍ବାଚନମଣ୍ଡଳୀର କାର୍ଯ୍ୟକର୍ତ୍ତା ଚାହିଁବେ ତେବେ ତାଙ୍କର ସେଥିରେ ଆପତ୍ତି ନାହିଁ। ଯାହା ଦଳ ପାଇଁ ଭଲ ହେବ ତାହାକୁ ସେ ସ୍ୱାଗତ କରିବେ ବୋଲି ସାହୁ କହିଛନ୍ତି। ସେହିପରି କଂଗ୍ରେସ ଜିଲା ସଭାପତି ଗୁରୁପଦ ନନ୍ଦ ମଧ୍ୟ ଏ କ୍ଷେତ୍ରରେ ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି। ନନ୍ଦଙ୍କ କହିବା ଅନୁଯାୟୀ ପ୍ରକାଶ ଏବେ ଦଳରେ ଅଛନ୍ତି। କାରଣ ଦଳର ପ୍ରାଥମିକ ସଭ୍ୟ ପଦରୁ ସେ ଇସ୍ତଫା ଦେଇନାହାନ୍ତି। ଗତ ୧୫ ଦିନ ତଳେ ସେ ନିଜେ କଂଗ୍ରେସରୁ ପ୍ରାର୍ଥୀ ହେବେ ବୋଲି ତାଙ୍କ ନିକଟରେ ଆବେଦନପତ୍ର ଦାଖଲ କରିଛନ୍ତି। ତେଣୁ ଏଭଳି ସ୍ଥିତିରେ ସେ ଭାଜପାରେ ମିଶିବେ ବୋଲି କହିବା ତାଙ୍କ ପକ୍ଷେ ସମୀଚୀନ ହେବ ନାହିଁ ବୋଲି ନନ୍ଦ କହିଛନ୍ତି।

ପ୍ରକାଶ, ଭାଜପା ଜିଲା ସଭାପତି ଓ କଂଗ୍ରେସର ଜିଲା ସଭାପତିଙ୍କ ମତ ଉପରୋକ୍ତ ଢଙ୍ଗରେ ଥିବାବେଳେ ଏହି ଖବର ବିଜେଡି ନେତା ତଥା ସାଲେପୁରର ବିଧାୟକ ଆଶାୟୀ ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କ ଶିବିରରେ ଆନନ୍ଦ ଖେଳାଇ ଦେଇଛି।

# ପଦ୍ମ ଧରିପାରନ୍ତି ବଳଭଦ୍ର

**ଭୁବନେଶ୍ୱର/ନବରଙ୍ଗପୁର, ୧୫।୩(ବ୍ୟୁରୋ/ବି.ପ୍ର.)**



ଗୁରୁବାର ବିଜେଡିରୁ ଇସ୍ତଫା ଦେଇଥିବା ନବରଙ୍ଗପୁର ଏମପି ବଳଭଦ୍ର ମାଝି ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ମାଝି ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଶନିବାର ନୂଆଦିଲ୍ଲୀଠାରେ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଓଡିଶା ରାଜ୍ୟ ଭାଜପା ପ୍ରଭାରୀ ଅରୁଣ ସିଂଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହେବେ ବୋଲି କୁହାଯାଉଛି। ମାଝି ବିଜେଡିର ପ୍ରାଥମିକ ସଦସ୍ୟ ପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଦଳ ତାଙ୍କୁ ଅଣଦେଖା କରିବାରୁ ସେ ଦଳ ଛାଡୁଥିବା କହିଛନ୍ତି। ଏମପି, ବିଧାୟକ, ପୂର୍ବତନ ମନ୍ତ୍ରୀଙ୍କ ଭଳି ନାମକରା ନେତା ଆଉ ଓଡିଶା ଭାଜପା ନେତାଙ୍କ ନିକଟରେ ଯୋଗଦାନ କରୁନାହାନ୍ତି। ସେମାନେ ସିଧା ନୂଆଦିଲ୍ଲୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଯୋଗ ଦେଉଛନ୍ତି। ସେଠାରୁ ଫେରିବା ପରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ସେହି ନେତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ନିକଟରେ ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ନୂଆଦିଲ୍ଲୀରେ ଭାଜପାରେ ଯୋଗ ଦେବା ପରେ ତାଙ୍କୁ ରାଜ୍ୟ କାର୍ଯ୍ୟାଳୟରେ ଜୋରଦାର ସ୍ୱାଗତ କରାଯାଇଥିଲା। ବଳଭଦ୍ର ମଧ୍ୟ ସମାନ ଢଙ୍ଗରେ ଭାଜପାରେ ସାମିଲ ହେବାକୁ ନୂଆଦିଲ୍ଲୀ ଗସ୍ତରେ ଥିବା ଆଲୋଚନା ହେଉଛି।

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।

-ଶ୍ରୀମା



# ପାର୍ଶ୍ୱପ୍ରବେଶ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପାର୍ଶ୍ୱପ୍ରବେଶ (ଲାଟରାଲ ଏଣ୍ଟ୍ରି) ଦିଗରେ ମୋଦି ସରକାରଙ୍କ ପଦକ୍ଷେପ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। କେନ୍ଦ୍ର ସରକାରଙ୍କ ୧୦ଟି ଯୁଗ୍ମ ସଚିବ ପଦରେ ନିଯୁକ୍ତି ପାଇଁ ଗତବର୍ଷ ଘରୋଇ କ୍ଷେତ୍ରରୁ ଆସିଥିବା ପ୍ରାୟ ୬୦୦୦ ଦରଖାସ୍ତ ମଧ୍ୟରୁ ୮୯ ଜଣଙ୍କ ନାମକୁ ଶର୍ଟଲିଷ୍ଟ କରାଯାଇଥିବା ଜଣାପଡ଼ିଛି। ଉକ୍ତ ୧୦ଟି ପଦବୀ ରାଜସ୍ୱ, ଅର୍ଥସେବା, ଅର୍ଥନୈତିକ ବ୍ୟାପାର, କୃଷି ଓ କୃଷକ କଲ୍ୟାଣ, ସଡ଼କ ପରିବହନ ଓ ରାଜପଥ, ନୌପରିବହନ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ନୂତନ ଓ ନବୀକରଣଯୋଗ୍ୟ ଶକ୍ତି, ବେସାମରିକ ବିମାନ ଚଳାଚଳ ଓ ବାଣିଜ୍ୟ ବିଭାଗରେ ଖାଲିପଡ଼ିଛି। ଗତବର୍ଷ ଡିସେମ୍ବର ମାସରେ କାର୍ମିକ ମନ୍ତ୍ରଣାଳୟ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ହାତରେ ଉକ୍ତ ପ୍ରାର୍ଥୀ ଚୟନ ଦାୟିତ୍ୱ ନ୍ୟସ୍ତ କରିଥିଲା। ୟୁପିଏସ୍‌ସି ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନଙ୍କଠାରୁ ନିଜର ଯୋଗ୍ୟତା, ଅଭିଜ୍ଞତା ଆଦି ପୁଙ୍ଖାନୁପୁଙ୍ଖ ବିବରଣୀଯୁକ୍ତ ଦରଖାସ୍ତ ଆହ୍ୱାନ କରିଥିଲା। ଉକ୍ତ ୮୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୪ ଜଣ ଲେଖାଏ କୃଷି ସମବାୟ ଓ କୃଷକ କଲ୍ୟାଣ ଏବଂ ନୌପରିବହନ, ୧୩ ଜଣ ବେସାମରିକ ବିମାନ ଚଳାଚଳ, ୧୦ ଜଣ ଅର୍ଥସେବା, ୯ ଜଣ ଲେଖାଏ ରାଜସ୍ୱ ଏବଂ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି, ୮ ଜଣ ସଡ଼କ ପରିବହନ ଓ ରାଜପଥ, ୭ ଜଣ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ୩ ଜଣ ଅର୍ଥନୈତିକ ବ୍ୟାପାର ବିଭାଗ ଏବଂ ୨ ଜଣ ବାଣିଜ୍ୟ ବିଭାଗରେ ଯୁଗ୍ମ ସଚିବ ପଦରେ ନିଯୁକ୍ତି ପାଇଁ ସଂକ୍ଷିପ୍ତୀକୃତ ତାଲିକାରେ ସ୍ଥାନ ପାଇଛନ୍ତି। ବାବୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପଦବୀଗୁଡ଼ିକରେ ଅଣବାବୁମାନଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଚାଲିଥିବାରୁ ବାବୁମାନେ ଏହାକୁ ଘୋର ବିରୋଧ କରୁଥିବା ଦେଖାଯାଉଛି। ସେଥିପାଇଁ ସରକାରଙ୍କ ନୀତି ଅନୁଯାୟୀ ସତର୍କତାର ସହ ପ୍ରକ୍ରିୟା ଚାଲିଥିବାରୁ ଏଥିରେ ବିଳମ୍ବ ଘଟୁଥିବା କୁହାଯାଉଛି।

ତେବେ ବାବୁଗିରିରେ ଅଣବାବୁଙ୍କ ପ୍ରବେଶ କିଛି ନୂଆ ନୁହେଁ। ମାତ୍ର ଅଣବାବୁମାନଙ୍କୁ ଏଥିରୁ ଦୂରେଇ ରଖିବାକୁ ଚାହୁଁଥିବା ବାବୁମାନେ ଉକ୍ତ ପ୍ରକ୍ରିୟାକୁ ସବୁବେଳେ ବିରୋଧ କରିଆସିଛନ୍ତି। ଯଦିଚ ପ୍ରତ୍ୟେକ ସରକାରରେ ଅଣବାବୁଙ୍କ ପାର୍ଶ୍ୱପ୍ରବେଶର ଦୃଷ୍ଟାନ୍ତ ରହିଛି, ମୋଦି ସରକାର ଏ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ନୀତି ଗ୍ରହଣ କରିଛନ୍ତି।

ପାର୍ଶ୍ୱପ୍ରବେଶର ପ୍ରଥମ ପ୍ରଚେଷ୍ଟା କରାଯାଇଥିଲା ୧୯୫୯ ମସିହାରେ, ଯେତେବେଳେ ତତ୍କାଳୀନ ସରକାର ଘରୋଇ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣିବାର ଆବଶ୍ୟକତା ଅନୁଭବ କରିବା ସହ ଇଣ୍ଡଷ୍ଟ୍ରିଆଲ ମ୍ୟାନେଜ୍‌ମେଣ୍ଟ ପୁଲ୍ (ଆଇଏମ୍‌ପି) ପ୍ରତିଷ୍ଠା କରିଥିଲେ। ଏହା ମାଧ୍ୟମରେ ମେଧାବୀମାନଙ୍କ ଦ୍ୱାରା ମଧ୍ୟମ ଓ ଉଚ୍ଚସ୍ତରର ପଦବୀ ପୂରଣ କରିବାର ଲକ୍ଷ୍ୟ ରହିଥିଲା। ଏହି ଅବସରରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ଭି. କୃଷ୍ଣମୂର୍ତ୍ତି (ସେଲ୍, ଭେଲ୍ ଓ ମାରୁତି), ପ୍ରକାଶ ଲାଲ ଟଣ୍ଡନ (ଷ୍ଟେଟ୍ ଟ୍ରେଡିଂ କର୍ପୋରେଶନ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଓ ନ୍ୟାଶ୍‌ନାଲ କାଉନ୍‌ସିଲ ଅଫ୍ ଆପ୍ଲାଏଡ୍ ଇକୋନମିକ୍ ରିସର୍ଚ୍ଚ) ଏବଂ ଟେକ୍ନୋକ୍ରାଟ୍ ଲୋଭରାଜ କୁମାର (ସଚିବ, ପେଟ୍ରୋଲିୟମ୍ ମନ୍ତ୍ରଣାଳୟ) ପ୍ରଭୃତି ନିଯୁକ୍ତି ପାଇଥିଲେ। ସ୍ୱାଭାବିକଭାବେ ନିଜର କ୍ଷେତ୍ରାଧିକାରକୁ ଅଣବାବୁମାନେ ଚୋରାଇ ନେଉଛନ୍ତି ବୋଲି ଅନୁଭବ କରି ବାବୁମାନେ ଏହାକୁ ବିରୋଧ କରିବା ଯୋଗୁ ୧୯୭୩ ମସିହାରେ ଏ କାର୍ଯ୍ୟକ୍ରମର ଅନ୍ତ ଘଟିଥିଲା।

ସେହି ସମୟରୁ ଟେକ୍ନୋକ୍ରାଟ୍‌ମାନଙ୍କୁ ସମୟାନୁକ୍ରମେ ବାବୁଗିରିକୁ ଅଣାଯାଇଛି, ଯଥା- ଅର୍ଥନୀତିଜ୍ଞ: ଆଇ.ଜି. ପଟେଲ, ଏଲ୍.କେ. ଝା (ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ନର), ମୋଣ୍ଟେକ୍ ସିଂ ଆହଲୁୱାଲିଆ (ପୂର୍ବତନ ପ୍ଲାନିଂ କମିଶନ ଉପାଧ୍ୟକ୍ଷ), ବୈଜ୍ଞାନିକ (ଡ. ଏପିଜେ ଅବଦୁଲ କଲାମ), ଇଞ୍ଜିନିୟର (କେ.ସି.ଆର୍. ଚାରି, ମନତୋଷ ସୋନ୍ଧି, ଏସ୍. ବରଦରାଜନ୍, କେ.ପି.ପି. ନାମ୍ବିଆର) ଏବଂ ଦୂରଦର୍ଶୀ ଉଦ୍ୟୋଗପତି (ସାମ ପିତ୍ରୋଡା)। ସେମାନେ ଅନେକ ସଫଳତାର ଅଧିକାରୀ ହେବା ସହ ସେମାନଙ୍କ ସଫଳତା ବାବୁମାନଙ୍କୁ ଅଭିଭୂତ କରିଦେଇଥିଲା ଓ ଏବେ ବି କରୁଛି।

ବର୍ତ୍ତମାନ ସରକାର ଯେଉଁ ନୀତି ଆପଣେଇଛନ୍ତି ତାହା ପ୍ରତି ନୀତି ଆୟୋଗର ସମର୍ଥନ ରହିଛି। ଷଷ୍ଠ ବେତନ ଆୟୋଗ ଓ ଦ୍ୱିତୀୟ ପ୍ରଶାସନିକ ସଂସ୍କାର ଆୟୋଗ ମଧ୍ୟ ପାର୍ଶ୍ୱପ୍ରବେଶକୁ ଦୃଢ଼ଭାବେ ସମର୍ଥନ କରନ୍ତି। ତା' ସତ୍ତ୍ୱେ ଏ କ୍ଷେତ୍ରରେ ପଦକ୍ଷେପ ନେଲାବେଳେ ମୋଦି ସରକାର ଯଥାସାଧ୍ୟ ସତର୍କତା ଅବଲମ୍ବନ କରୁଛନ୍ତି, ଯେପରି କ୍ଷମତାଶାଳୀ ଆଇଏଏସ୍ ବାବୁମାନଙ୍କର ଅହଂକାର ଆହତ ନ ହୁଏ। ଏ ପାର୍ଶ୍ୱପ୍ରବେଶ ମାଧ୍ୟମରେ ଘରୋଇ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ସରକାରୀ ସଂସ୍ଥାଗୁଡ଼ିକରେ ନିଯୁକ୍ତି ଦେବା ପାଇଁ ସମ୍ପ୍ରତି ସରକାର ଯେଉଁ ପଦକ୍ଷେପ ନେଉଛନ୍ତି, ତାହାଦ୍ୱାରା କ'ଣ ପ୍ରକୃତରେ ନୂଆ ମେଧା ଅମଲାତନ୍ତ୍ରକୁ ଆସିବେ? ସାଧାରଣ ନିର୍ବାଚନ ଆଉ ମାତ୍ର ଅଳ୍ପ କେଇ ମାସ ବାକି ରହିଲା। ତେଣୁ ନୂଆ ସରକାର ଗଠନ ହେବା ପୂର୍ବରୁ ମୋଦିଙ୍କର ଯୋଜନା ସଫଳ ହେବାର ସମ୍ଭାବନା କ୍ଷୀଣ।

Email: dilipcherian@gmail.com

# ନିର୍ବାଚନ ଓ ଦଳଡିଆଁ ରାଜନୀତି



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ଦେଶରେ ପ୍ରତି ପାଞ୍ଚ ବର୍ଷରେ ଥରେ ଏମିତି ଏକ ଋତୁ ଆସେ, ଯାହାର ନାଁ ନିର୍ବାଚନ। ଏହି ଋତୁ ପ୍ରକୃତିର ଛଅ ଋତୁ ଭଳି ନୁହେଁ କି ଏ ଋତୁରେ ବଦଳେନି ଜଳବାୟୁ। କେବଳ ସରଗରମ ହୋଇଉଠେ ରାଜନୈତିକ ପାଣିପାଗ ଓ ବଦଳିଯାଏ ନେତାଙ୍କ ଚିତ୍ର ଓ ଚରିତ୍ର। ନାଭିମଣ୍ଡଳରେ ତୈଳ ଲେପନ କରି ଶୋଇଥିବା କିଛି ନେତା ହଠାତ୍ ଚିହିଁକି ଉଠନ୍ତି ଓ ଭୋଟରମାନଙ୍କୁ ଭେଟିବା ପାଇଁ ଗାଆଁକୁ ଗାଆଁ ବୁଲନ୍ତି ଠିକ୍ ହଳଦୀବସନ୍ତ ପରି। ସେତେବେଳେ ସେମାନେ ମାତ୍ରାଧିକ ବିନୟୀ, ମେଳାପୀ ଓ ମିଷ୍ଟଭାଷୀ ହୋଇଯାଆନ୍ତି ଏବଂ ଖୁବ୍ ଶସ୍ତା ହୋଇଯାଏ ସେମାନଙ୍କ ହସ ଓ ନମସ୍କାର। ଲୋକଙ୍କୁ ଦେଖିବା ମାତ୍ରେ ଆପେ ଆପେ ଯୋଡି ହୋଇଯାଏ ହାତ। ଓଠରୁ ଝରିପଡ଼େ ବାଳମୁକୁନ୍ଦ ହସ। ମହୁ ଜୁଡୁବୁଡୁ କଥା କହି ଭିକ୍ଷା କରନ୍ତି ଆଶୀର୍ବାଦ।

ସାଧାରଣତଃ ନିର୍ବାଚନ ଋତୁ ଆସିବା ମାତ୍ରେ ଆରମ୍ଭ ହୋଇଯାଏ ଉଦ୍‌ଘାଟନ ଓ ଶିଳାନ୍ୟାସ ପର୍ବ। ଆପଣା ଆପଣା ରଣକୌଶଳ ନେଇ ନିର୍ବାଚନ ମଇଦାନକୁ ଓହ୍ଲେଇ ଆସନ୍ତି ସବୁ ରାଜନୈତିକ ଦଳ। ଦିଲ୍ଲୀଠାରୁ ପଲ୍ଲୀ ଯାଏ ଆୟୋଜିତ ହୁଏ ଶାନ୍ତି ଯାତ୍ରା, କ୍ରାନ୍ତି ଯାତ୍ରା, ଜନସମ୍ପର୍କ ଯାତ୍ରା, ସଦ୍‌ଭାବନା ଯାତ୍ରା ଓ ଆହୁରି ଏମିତି କେତେ କ'ଣ। ନେତାଙ୍କ ଗରମାଗରମ ଭାଷଣରେ ସବୁଠି କମ୍ପିଉଠେ ସଭାମଞ୍ଚ। ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପଛେ ପୂରଣ ନ ହେଉ, ଦେଶ ବିକାଶ ପଛରେ ଧାଇଁଛି ବୋଲି ଗଣମାଧ୍ୟମରେ ଛାଇ ହୋଇଯାଏ ବିଜ୍ଞାପନ। ବିକାଶ ପ୍ରସଙ୍ଗକୁ ନେଇ ସରକାର ଓ ବିରୋଧୀ ପକ୍ଷ ଭିତରେ ଚାଲେ ଆକ୍ଷେପ ଓ ପ୍ରତିଆକ୍ଷେପ। ଏତିକିବେଳେ ନିର୍ବାଚନୀ ପାଣିପାଗକୁ ଆହୁରି ସରଗରମ କରିଦିଏ ନେତାଙ୍କ ଡିଆଁଡେଇଁ ଖେଳ ବା ଦଳବଦଳ। ସାଧାରଣତଃ ନିର୍ବାଚନ ଆସିଗଲେ ସବୁଦଳର କିଛି ସୁବିଧାବାଦୀ ନେତା ନିଜର ଲାଭକ୍ଷତିର ଅଙ୍କ କଷନ୍ତି ଏବଂ ଆବଶ୍ୟକ ମନେକଲେ ଗୋଟିଏ ଦଳରୁ ଅନ୍ୟ ଦଳକୁ ଡ଼ିଆଁ ମାରନ୍ତି ହନୁମନ୍ତ ପରି। ଏମାନଙ୍କ ଭିତରୁ କିଏ ଦଳର ଛାମୁଆ ନେତାଙ୍କ ଦ୍ୱାରା କୋଣଠେସା ହୋଇ ରହିଥାଏ ତ କିଏ ହରେଇଥାଏ ଟିକେଟ୍ ପାଇବାର ଆଶା। ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା କେହି କେହି ନେତା ବି ଖୋଜନ୍ତି ନିରାପଦ ଆଶ୍ରା। କିଏ ପୁଣି ହାୱାକୁ ଆକଳନ କରି ଦଳବଦଳ କରେ ଯୁଆଡ଼େ ବର୍ଷା ସିଆଡ଼େ ଛତା ନ୍ୟାୟରେ।

ଗୋଟିଏ ରାଜନୈତିକ ଦଳ ଆଦର୍ଶରେ ପରିପୋଷିତ ଏହି ନେତାମାନେ ଦଳବଦଳ କରି ଖୁବ୍ ସହଜରେ ଗ୍ରହଣ କରିନେଇ ପାରନ୍ତି ଅନ୍ୟ ଗୋଟିଏ ଦଳର ଆଦର୍ଶ। ଏପରିକି ଦକ୍ଷିଣପନ୍ଥୀ ନେତାମାନେ କେତେବେଳେ ଧର୍ମନିରପେକ୍ଷବାଦୀଙ୍କ ଖୁଆଡ଼କୁ ଲମ୍ଫ ପ୍ରଦାନ କରନ୍ତି ତ କେତେବେଳେ ଦକ୍ଷିଣପନ୍ଥୀଙ୍କ ଖୁଆଡ଼ରେ ପଘା ପିନ୍ଧନ୍ତି ତଥାକଥିତ ଧର୍ମନିରପେକ୍ଷବାଦୀ ନେତା। ଅର୍ଥାତ୍ ଆରମ୍ଭରୁ ଏମାନଙ୍କ ପାଖରେ ନ ଥାଏ କୌଣସି ରାଜନୈତିକ ଆଦର୍ଶ। ଏହି ସୁବିଧାବାଦୀ ନେତାଙ୍କ ଦଳବଦଳ ମାନସିକତାକୁ ଅଧିକ ପ୍ରୋତ୍ସାହିତ କରନ୍ତି ପ୍ରାୟତଃ ପ୍ରତ୍ୟେକ ରାଜନୈତିକ ଦଳର ମଙ୍ଗୁଆଳମାନେ। ସେଥିପାଇଁ ସବୁ ଦଳ ପକ୍ଷରୁ ଆୟୋଜିତ ହୁଏ ମିଶ୍ରଣ ପର୍ବ ବା ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ। ସେଠାରେ ଦଳ ବଦଳକାରୀ ନେତାଙ୍କ ମୁଣ୍ଡରେ ଟୋପି ପିନ୍ଧେଇ କିମ୍ବା କାନ୍ଧରେ ଉତ୍ତରୀୟ ଲମ୍ବେଇ ତାଙ୍କୁ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବରେ ସ୍ୱାଗତ କରନ୍ତି ଦଳପତି। ଅମୁକ ଦଳର ନେତା ନିଜ ସମର୍ଥକମାନଙ୍କ ସହିତ ଆସି ଆମ ଦଳରେ ଯୋଗ ଦେଇଥିବାରୁ ଦଳର ଶକ୍ତି ବୃଦ୍ଧି ହେଲା ବୋଲି କହି କର୍ମୀମାନଙ୍କର ମନୋବଳ ବୃଦ୍ଧି କରନ୍ତି ଖୁବ୍ ଉତ୍ସାହର ସହିତ। ସଦ୍ୟ ଦଳବଦଳ କରିଥିବା ନେତା ଜଣକ ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ଯାଇ କହନ୍ତି, ଏ ଦଳର ନୀତି ଓ ଆଦର୍ଶ ଏବଂ ଦଳପତିଙ୍କ ଦକ୍ଷ ନେତୃତ୍ୱ ତାଙ୍କୁ ଏଠିକି ଟାଣିଆଣିଛି ଲୁହାକୁ ଚୁମ୍ବକ ଟାଣିଲା ପରି। ଏପରିକି ସେ ଅଳ୍ପଦିନ ପୂର୍ବରୁ ଯେଉଁ ଦଳର ଗୁଣଗାନ କରୁଥିଲେ, ତା'ର ଦୋଷଦୁର୍ବଳତା ବଖାଣିବା ସହ ସେ ଦଳର ସର୍ବୋଚ୍ଚ ନେତାଙ୍କୁ ତିରସ୍କାର କରନ୍ତି ଖୁବ୍ ରୁକ୍ଷ ଭାଷାରେ। ଶାଳୀନତା ଭୁଲି କେହି କେହି ଚାଲିଯାନ୍ତି ବ୍ୟକ୍ତିଗତ ସ୍ତରକୁ। ଦଳବଦଳର କାରଣ ଦର୍ଶାଇବାକୁ ଯାଇ କହନ୍ତି ଦଳ ନୀତି ଆଦର୍ଶରୁ ଦୂରେଇଯିବା ଫଳରେ ସେଠାରେ ନିଜକୁ ଖାପଖୁଆଇ କାମକରିବା ସମ୍ଭବ ନ ଥିଲା ତାଙ୍କ ଭଳି ଜଣେ ସ୍ୱଚ୍ଛ ନେତାଙ୍କ ପାଇଁ।

କ୍ଷମତା ପଛରେ ଧାଇଁଥିବା ଏହି ଅଭ୍ୟାସଗତ ଦଳଛଡ଼ାମାନଙ୍କ ପାଇଁ ବଦଳିଗଲାଣି ଗଣତନ୍ତ୍ରର ପରିଭାଷା। ଏମାନେ ଟଙ୍କା ଫିଙ୍ଗି ଥାଟ ଗଢ଼ିପାରନ୍ତି, ବେଳ ଉଣ୍ଡି ଦଳବଦଳ କରିପାରନ୍ତି ଏବଂ ଟିକେଟ କିଣି ନିର୍ବାଚନ ଲଢ଼ିପାରନ୍ତି ନିଜର ପତିଆରା ବଳରେ। ଏମାନଙ୍କ କ୍ଷମତା ମୋହ ଆଗରେ କୌଣସି ମୂଲ୍ୟ ବହନ କରେନି ଦଳୀୟ ଆଦର୍ଶ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ। ବିଚାରବୋଧ ଥିବା ପ୍ରତ୍ୟେକ ମଣିଷ ପ୍ରାୟତଃ ଏକ ଆଦର୍ଶକୁ ନେଇ ବଞ୍ଚେ, ଯେଉଁ ଆଦର୍ଶ ତା' ସହିତ ଶେଷ ପର୍ଯ୍ୟନ୍ତ ଯୋଡ଼ିହୋଇ ରହିଥାଏ ଦେହର ବସ୍ତ୍ର ପରି। ଯଦି ତା'ର ଆଦର୍ଶ ଚାଲିଗଲା ତେବେ ତାହାର ବସ୍ତ୍ରହରଣ ହେଲା ବୋଲି କହିଲେ ଚଳେ। ଏହି ପ୍ରକ୍ରିୟା ସହିତ ବହୁ ପୂର୍ବରୁ ଅଭ୍ୟସ୍ତ ହୋଇସାରିଛି ଭାରତୀୟ ରାଜନୀତି।

ଆମ ଦେଶର ଇତିହାସ କହେ, ଉତ୍ତମ ପ୍ରଜାନୁରଞ୍ଜକ ରାଜାମାନେ ଜ୍ଞାନୀ, ଗୁଣୀ ଓ ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ବାଛି ବାଛି ସ୍ଥାନ ଦେଉଥିଲେ ନିଜ ଦରବାରରେ। ମାତ୍ର ସ୍ୱାଧୀନତା ପରେ ଲୋକପ୍ରତିନିଧି ଆଇନରେ ରହିଲା ନାହିଁ କିଛିହେଲେ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଓ ପ୍ରତିଭାର ମାପକାଠି। ତେଣୁ କ୍ଷମତାର ଅଳିନ୍ଦ ଭିତରକୁ ସହଜରେ ପ୍ରବେଶ କଲେ ଅନେକ ବାହୁବଳୀ ନେତା। ଏମାନେ ବିଧାନସଭା ଓ ସଂସଦ ଭଳି ପବିତ୍ର ଗୃହରେ ଚିନ୍ତାଗର୍ଭକ ବକ୍ତବ୍ୟ ରଖିପାରନ୍ତିନି ସତ, କିନ୍ତୁ ନାରାବାଜି, ହଟ୍ଟଗୋଳ ଓ ହଙ୍ଗାମା କରି ଅଚଳ କରିଦେଇ ପାରନ୍ତି ଗୃହ। ନିର୍ବାଚନ କମିଶନଙ୍କ ତାଗିଦା ସତ୍ତ୍ୱେ ଅପରାଧ ପୃଷ୍ଠଭୂମି ଥିବା କିଛି ନେତାଙ୍କୁ ପ୍ରାର୍ଥୀ ତାଲିକାରୁ ବାଦ୍ ଦେଇପାରୁନି କୌଣସି ଦଳ। କାରଣ ଗୃହରେ ହଙ୍ଗାମା କରିପାରୁଥିବା ଏହି ନେତାମାନେ ଦଳର ଗୋଟେ ଗୋଟେ ଅସ୍ତ୍ର। ଏ କଥାକୁ ଅନୁଭବ କରି କ୍ଷୋଭର ସହିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ରାୟରେ କହିଛନ୍ତି, ରାଜନୀତି ଓ ଅପରାଧ ଉତ୍ତରମେରୁ ଓ ଦକ୍ଷିଣମେରୁ ପରି ନିର୍ଦ୍ଦିଷ୍ଟ ବ୍ୟବଧାନରେ ରହିବା ଉଚିତ। କିନ୍ତୁ ସେ ଦୁଇ ମେରୁ ଏବେ ଅଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି।

ଆମ ଦେଶରେ ଗଣତନ୍ତ୍ରର ସୁରକ୍ଷା ଦାୟିତ୍ୱ ରହିଛି ଜନତାଙ୍କ ହାତରେ। ମାତ୍ର ଜନତା ଜାଗରୁକ ନ ରହିବା କାରଣରୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ବାଟବଣା କରିସାରିଲେଣି ଏହି ସର୍ବଗିଳା ଦଳଛଡ଼ାମାନେ। ଏହି ପରିପ୍ରେକ୍ଷୀରେ ଜନତା ଜାଣିରଖିବା ଉଚିତ ନେତୃତ୍ୱ ନାଁରେ କପଟ କରୁଥିବା ସୁବିଧାବାଦୀମାନେ କେବେ ଅସଲି ନେତା ନୁହନ୍ତି, ବରଂ ସଫଳ ଅଭିନୟ କେବଳ ସେମାନଙ୍କ ଯୋଗ୍ୟତାର ମାପକାଠି। ଅଥଚ ଏମାନଙ୍କ ବାହୁବଳ ଓ ଅର୍ଥବଳ ଯୋଗୁ ନିର୍ବାଚନ ମଇଦାନରେ ତିଷ୍ଠି ପାରନ୍ତିନି ବହୁ ବିଦ୍ୱାନ୍ ଓ ସମ୍ବିଧାନବିତ୍। ଏପରିକି ବଡ଼ ବଡ଼ ଅପରାଧରେ ଜଡ଼ିତ ରହି ଜେଲଦଣ୍ଡ ଭୋଗୁଥିବା ଦାଗୀ ନେତାଙ୍କ ଠାରୁ ବି ହାରିଯାଆନ୍ତି ଯୋଗ୍ୟ ଓ ପ୍ରତିଭାବାନ୍ ପ୍ରାର୍ଥୀ। ଏହି ଧାରା ଯଦି ଜାରି ରହିବ ତେବେ ଗଣତନ୍ତ୍ରକୁ ଘୁଣପୋକ ପରି ଖାଇଯିବେ ଏହି ନକଲି ନେତାମାନେ। କ୍ରମଶଃ ବିପନ୍ନ ହୋଇପଡ଼ିବ ନିରୀହ ଜନତାର ଧନ, ଜୀବନ ଓ ସ୍ୱାଧୀନତା। ଏହାକୁ ଦୃଷ୍ଟିରେ ରଖି ଜନତା ଜାଗି ଉଠିବା ଦରକାର। ଜନତା ଏମାନଙ୍କୁ ଚିହ୍ନିଗଲେ ଆଉ ସେମାନେ ଚାପଗ୍ରସ୍ତ ହେବେନି କି ପ୍ରହସନରେ ପରିଣତ ହେବନି ଆମ ନିର୍ବାଚନୀ ବ୍ୟବସ୍ଥା। ଯୋଗ୍ୟ ଓ ଶିକ୍ଷିତ ବ୍ୟକ୍ତି ରାଜନୀତି ପ୍ରତି ଆକୃଷ୍ଟ ହେବେ ଏବଂ ପୁନଃ ପ୍ରତିଷ୍ଠା ହୋଇପାରିବ ଆମ ଗଣତାନ୍ତ୍ରିକ ଆଦର୍ଶ ଓ ମୂଲ୍ୟବୋଧ। ସେ ପର୍ଯ୍ୟନ୍ତ ଲୋକେ ନୋଟାକୁ ଭୋଟ୍ ଦେଇ ନିଜର ପ୍ରତିବାଦ ଜଣେଇବା ବୋଧହୁଏ ଆମ ଗଣତନ୍ତ୍ର ପ୍ରତି ଅଧିକ ଶୁଭଙ୍କର।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ବୌଦ୍ଧତନ୍ତ୍ର ଓ ଓଡ଼ିଶା

ଶଶିଭୂଷଣ ରଥ

'ତନ୍ତ୍ର' ଶବ୍ଦ ଅତ୍ୟନ୍ତ ଗଭୀର। ଏହାର ଅନ୍ୟ ଏକ ଅର୍ଥ ହେଲା ଶୀଘ୍ର ନିର୍ମାଣ କରିବା। ବହୁ ପୂର୍ବରୁ ତନ୍ତ୍ର ଶବ୍ଦର ବ୍ୟବହାର ରହିଛି। ମହାଭାରତରେ ନ୍ୟାୟଶାସ୍ତ୍ର, ଯୋଗଶାସ୍ତ୍ର, ଧର୍ମଶାସ୍ତ୍ରକୁ ତନ୍ତ୍ର ଅନ୍ତର୍ଗତ କରାଯାଇଥିବା ବେଳେ ଆଦି ଶଙ୍କରାଚାର୍ଯ୍ୟ ସାଂଖ୍ୟ ଦର୍ଶନକୁ ମଧ୍ୟ ତନ୍ତ୍ର ଅଭିହିତ କରିଛନ୍ତି। ମୂଳତଃ ଆମ ଦର୍ଶନ ଆଗମ ଓ ନିଗମ ଉପରେ ଆଧାରିତ। ସମଗ୍ର ବେଦାନ୍ତ, ଜ୍ଞାନ, ଉପାସନା କର୍ମ ଆଦି 'ନିଗମ' ଅନ୍ତର୍ଭୁକ୍ତ ହେବା ସ୍ଥଳେ ଏସବୁ ସାଧନାର ଉପାୟ, ପ୍ରକ୍ରିୟା ଆଦି 'ଆଗମ'। ତନ୍ତ୍ର 'ଆଗମ'ର ଅନ୍ତର୍ଭୁକ୍ତ।

କୁହାଯାଏ ପଞ୍ଚମୁଖୀ ଶିବ-ଶଙ୍କରଙ୍କ ପାଞ୍ଚଗୋଟି ମୁଖର ନାମ 'ସଦ୍ୟୋଜାତ', 'ବାମଦେବ', 'ଅଘୋର', 'ତତ୍‌ପୁରୁଷ' ଓ 'ଈଶାନ'। ଚାରୋଟି ଚାରିଦିଗମୁଖୀ ଓ ପଞ୍ଚମଟି ଊର୍ଦ୍ଧ୍ୱମୁଖୀ। ଏହି ପାଞ୍ଚମୁଖରୁ ଯଥାକ୍ରମେ ୫, ୫, ୫, ୫ ଓ ୮ ଏପରି ୨୮ଟି ତନ୍ତ୍ରର ଉଦ୍‌ଗମ ହୋଇଥିଲା।

ଓଡ଼ିଶାରେ ମହାଯାନ ମତ ତନ୍ତ୍ର ଦ୍ୱାରା ପ୍ରଭାବିତ ହୋଇଥିଲା। ମହାଯାନୀ ବୌଦ୍ଧ ଆଚାର୍ଯ୍ୟଗଣ 'ପ୍ରଜ୍ଞାପାରମିତା'ଙ୍କୁ ପ୍ରଥମେ ଶାସ୍ତ୍ର ରୂପରେ ଏବଂ ପରେ ଦେବୀ ରୂପରେ ଉପାସନା ଆରମ୍ଭ କରିଥିଲେ। ଏହି ଦେବୀ ଉପାସନା ସହ ବୌଦ୍ଧତନ୍ତ୍ରର ଉନ୍ମେଷ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ରତ୍ନଗିରି, ତାରପୁର, ଚୌଦ୍ୱାର, ମହାକାଳପଡା, ଭଦ୍ରକ, ବଜ୍ରକୋଟ, ବୌଦ୍ଧ, ଚିତ୍ରେଶ୍ୱରୀ, ନରାଜ, ଦନ୍ତପୁର ଆଦି ମୂଳତଃ ବୌଦ୍ଧପୀଠ, ଯେଉଁଠି ତନ୍ତ୍ରସାଧନା କରାଯାଉଥିଲା ଏବଂ ପ୍ରଥମ ତିନୋଟି ସ୍ଥାନରୁ ପ୍ରଜ୍ଞାପାରମିତା ମୂର୍ତ୍ତି ମିଳିଛି। ଏସବୁ ସ୍ଥାନ ପ୍ରଜ୍ଞାପାରମିତା ପୀଠ ଭାବେ ଖ୍ୟାତି ଲାଭ କରିଥିଲା ବୌଦ୍ଧଯୁଗରେ। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜା, ଦ୍ୱିଭୁଜା ମହିଷମର୍ଦ୍ଦିନୀ ଦୁର୍ଗା- ବିଶ୍ୱର ପ୍ରଥମ ଦ୍ୱିଭୁଜା ଦୁର୍ଗା ମୂର୍ତ୍ତି ବୋଲି କୁହାଯାଏ, ଯାହାଙ୍କୁ ଅନୁକରଣ କରି ପ୍ରଜ୍ଞାପାରମିତା ମୂର୍ତ୍ତିମାନ ନିର୍ମାଣ କରାଯାଇଥିଲା। ଓଡ଼ିଶାରେ ବହୁସଂଖ୍ୟାରେ ପ୍ରଜ୍ଞାପାରମିତା ମୂର୍ତ୍ତି ମିଳେ। ବାମ ହସ୍ତରେ ସେ ପ୍ରଜ୍ଞାପାରମିତା ଶାସ୍ତ୍ର ଓ ଦକ୍ଷିଣ ହସ୍ତରେ ରକ୍ତକମଳ ଧାରଣ କରିଥାନ୍ତି।

ଗବେଷକମାନେ କହନ୍ତି ଯେ, ବୌଦ୍ଧତନ୍ତ୍ରର ପ୍ରଧାନ ଆଚାର୍ଯ୍ୟ ନାଗାର୍ଜୁନ ବ୍ରାହ୍ମଣ ହୋଇ ମଧ୍ୟ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ପରିମଳଗିରିରେ ଦୀର୍ଘ ସାଧନା କରି ଅନେକ ଶାସ୍ତ୍ର ରଚନା କରିଥିଲେ-ପ୍ରଜ୍ଞାପାରମିତା ଶାସ୍ତ୍ର, ମୂଳ ମାଧ୍ୟମିକ ଶାସ୍ତ୍ର, ଉପାୟ କୌଶଲ୍ୟ ହୃଦୟ ଶାସ୍ତ୍ର ଆଦି। ତାଙ୍କ ସମୟ ଦ୍ୱିତୀୟ ଶତାବ୍ଦୀ ଶେଷରୁ ତୃତୀୟ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଥିଲା। ତାଙ୍କ ରଚିତ ଶୂନ୍ୟବାଦ ସମ୍ବଳିତ 'ଚତୁଃଶତକ' ହୁଏନ୍‌ସାଂଙ୍କ ଦ୍ୱାରା ଚାଇନା ଭାଷାରେ ଅନୂଦିତ ହୋଇଥିଲା।

ନାଗାର୍ଜୁନଙ୍କ ପରି ଅସଙ୍ଗ, ବସୁବନ୍ଧୁ, ଦିଙ୍‌ନାଗ, ଶଙ୍କରସ୍ୱାମୀ, ବୁଦ୍ଧଘୋଷ ଓ ଧର୍ମକୀର୍ତ୍ତି ଆଦି ଆଚାର୍ଯ୍ୟବୃନ୍ଦ ସଂସ୍କୃତରେ ଅନେକ ରଚନା କରି ବୌଦ୍ଧଧର୍ମର ସାରତତ୍ତ୍ୱ ବୁଝାଇଥିଲେ। ବସୁବନ୍ଧୁଙ୍କ ଜ୍ୟେଷ୍ଠଭ୍ରାତା ଥିଲେ ଅସଙ୍ଗ। ତାଙ୍କଠାରୁ ଉପଦେଶ ଗ୍ରହଣ କରି ବସୁବନ୍ଧୁ ବିଜ୍ଞାନବାଦୀ ହୋଇଥିଲେ ଏବଂ ଅଗଣିତ ଶାସ୍ତ୍ର ରଚନା କରିଥିଲେ। ବୋଧିସତ୍ତ୍ୱ ଯାନ, ବୁଦ୍ଧଯାନ, ବୁଦ୍ଧ ଗୁହ୍ୟୋପଦେଶ, ସର୍ବବୁଦ୍ଧ ତୀର୍ଥ, ଏକଯାନ ଉପଦେଶ ସୂତ୍ର, ଉତ୍ତମ ଧର୍ମ ଆଦି ଅନେକ ମୂଲ୍ୟବାନ ଗ୍ରନ୍ଥର ରଚନାକାର ଭାବେ ତାଙ୍କର ପ୍ରସିଦ୍ଧି ରହିଛି। କୁହାଯାଏ ଯେ ଉଭୟ ଅସଙ୍ଗ ଓ ବସୁବନ୍ଧୁ ଶ୍ରୀକ୍ଷେତ୍ର ପୁରୀରେ କୌଶିକ ଗୋତ୍ରରେ ଜନ୍ମଲାଭ କରିଥିଲେ। ସେପରି ବୁଦ୍ଧଙ୍କ ପ୍ରିୟଶିଷ୍ୟ ତପସୁ ଓ ଭଲ୍ଲୁକ, ବୁଦ୍ଧଙ୍କ ଜୀବାବସ୍ଥାରେ ତାଙ୍କର ନଖ ଓ କେଶ ଆଣି ବିଭିନ୍ନ ସ୍ଥାନରେ ସ୍ତୂପ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ରତ୍ନଗିରି, ପୁଷ୍ପଗିରି ଆଦି ଦଶଟି ସ୍ତୂପ ସ୍ଥାପନା କରିଥିଲେ ଅଶୋକ।

ପଞ୍ଚମୁଖୀ ଶିବଙ୍କ ମୁଖରୁ ୨୮ ପ୍ରକାର ତନ୍ତ୍ର ସୃଷ୍ଟି ହେବା ପରି, ମହାଶୂନ୍ୟ ବା ବଜ୍ରରୁ ପଞ୍ଚଧ୍ୟାନୀ ବୁଦ୍ଧଙ୍କ ସୃଷ୍ଟି- ଅମିତାଭ, ଅକ୍ଷୋଭ୍ୟ, ବୈରୋଚନ ଓ ରତ୍ନସମ୍ଭବ। ଏହି ପଞ୍ଚଧ୍ୟାନୀ ବୁଦ୍ଧଙ୍କ ଶକ୍ତିଦେବୀ ହେଉଛନ୍ତି ପାଣ୍ଡରା, ଲୋଚନା, ତାରା, ମାମକୀ ଓ ବଜ୍ରଧାତେଶ୍ୱରୀ। ଏମାନଙ୍କ ସନ୍ତାନମାନେ ଯଥାକ୍ରମେ ପଦ୍ମପାଣି, ବଜ୍ରପାଣି, ସାମନ୍ତଭଦ୍ର, ବିଶ୍ୱପାଣି ଓ ରତ୍ନପାଣି। ଏହି ପଞ୍ଚବୁଦ୍ଧଙ୍କ ବର୍ଣ୍ଣ ଲୋହିତ, ନୀଳ, ଶ୍ୱେତ, ସବୁଜ ଓ ପୀତ। କ୍ରମେ ଅନ୍ୟାନ୍ୟ ଦେବଦେବୀ ଏ ତନ୍ତ୍ରସାଧନାରେ ପ୍ରବେଶ କଲେ। ତନ୍ମଧ୍ୟରୁ ମଞ୍ଜୁଶ୍ରୀ, ମାରିଚୀ, ଅପରାଜିତା, ସମ୍ବର, ହୟଗ୍ରୀବ, ଯମାରି, ମୈତ୍ରେୟ, ହେରୁକ ଆଦି ପ୍ରଧାନ।

ଯାଜପୁର ବିରଜା କ୍ଷେତ୍ରକୁ ଉଡୀୟାନ ପୀଠ କୁହାଯାଏ, ଯେଉଁଠାରୁ ବୌଦ୍ଧତନ୍ତ୍ର ଜନ୍ମ ନେଇଥିଲା ବୋଲି ତିବ୍ବତର କିମ୍ବଦନ୍ତୀ କହେ। ଏହି ପୀଠରୁ ହିନ୍ଦୁ ତନ୍ତ୍ର ମଧ୍ୟ ବିକଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ପୁରୀ, ଅସ୍ତରଙ୍ଗ, ପ୍ରାଚୀ ଉପତ୍ୟକା ଅଞ୍ଚଳରୁ ମାରୀଚିଙ୍କ ମୂର୍ତ୍ତି ପ୍ରତ୍ନତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଛନ୍ତି। ମାରୀଚି ତନ୍ତ୍ରଦେବୀ, ବଜ୍ରଯାନୀମାନଙ୍କ ଆରାଧ୍ୟା। ସାତୋଟି ଘୁଷୁରି ଦ୍ୱାରା ଟଣାଯାଉଥିବା ରଥ, ଯାହାର ସାରଥି ସ୍ୱୟଂ ରାହୁ ଗ୍ରହ, ସେ ରଥରେ ଆସୀନା ମାରୀଚି। ଯାଜପୁର ଅଞ୍ଚଳରେ ତନ୍ତ୍ର ସାଧନା ପାଇଁ ଅନେକ ବୌଦ୍ଧପୀଠ ଓ ବିହାର ନିର୍ମାଣ କରାଯାଇଥିଲା। ତନ୍ମଧ୍ୟରୁ ଲଳିତଗିରି, ରତ୍ନଗିରି, ଉଦୟଗିରି, ପୁଷ୍ପଗିରି ଆଦି ପ୍ରସିଦ୍ଧ।

ପୀତୋପାଦ 'କାଳଚକ୍ରଯାନ' ତନ୍ତ୍ର ପ୍ରବର୍ତ୍ତନ କରିଥିଲେ। ଏହା ମହାକାଳ ଶିବଙ୍କ ଉପାସନା ମାଧ୍ୟମରେ କାଳ ବା ମୃତ୍ୟୁକୁ ଉତ୍ତରଣ କରିବାର ତନ୍ତ୍ରଯୋଗ। ତାଙ୍କର ଶିଷ୍ୟ ଜୟଦ୍ରଥ କାଳଚକ୍ରଯାନ ଶାସ୍ତ୍ରଗୁଡିକୁ ତିବ୍ବତୀୟ ଭାଷାରେ ଅନୁବାଦ କରିଥିଲେ। ଓଡ଼ିଆ ତନ୍ତ୍ରାଚାର୍ଯ୍ୟ, ଚୋବେଶକଳ୍ପ, ପଦ୍ମବଜ୍ର, ଲୁଇପାଦ, ଇନ୍ଦ୍ରଭୂତି, ଲଳିତଜବଜ୍ର, ଗମ୍ଭୀରାବଜ୍ର, ଜୟଦ୍ରଥ ବିଶ୍ୱବନ୍ଦିତ ହେଲେ ମଧ୍ୟ ଓଡ଼ିଶାରେ ସେମାନଙ୍କ ବିଷୟରେ ଯଥେଷ୍ଟ ଗବେଷଣା ହୋଇନାହିଁ। ପ୍ରାଚୀନ ନାଳନ୍ଦା ପରି ଓଡ଼ିଶାରେ ଏକ 'ବୁଦ୍ଧ ଦର୍ଶନ ବିଶ୍ୱବିଦ୍ୟାଳୟ' ଗଠନ କରି ଗବେଷଣା ବ୍ୟବସ୍ଥା କରାକଲେ ସମଗ୍ର ବିଶ୍ୱର ଗବେଷକ ପୁନର୍ବାର ଓଡ଼ିଶା ଆସନ୍ତେ ଅଧ୍ୟୟନ ପାଇଁ!

ମୋ-୮୮୯୫୫୦୦୫୪୩

## ଏଇ ଭାରତରେ

ପରୀକ୍ଷାକେନ୍ଦ୍ରରେ ଏକ ମିନିଟ ବିଳମ୍ବରେ ପହଞ୍ଚିବାରୁ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ କେମେଷ୍ଟ୍ରି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ପଞ୍ଜାବର ଚଣ୍ଡିଗଡସ୍ଥିତ ସେକ୍ଟର ୩୭ର ସିବିଏସ୍‌ଇ ସରକାରୀ ସିନିୟର ସେକେଣ୍ଡାରି ସ୍କୁଲରେ। କୁଲଦୀପ ସିଂ ତାଙ୍କ ଝିଅ ରତିକାଙ୍କୁ ନେଇ ପରୀକ୍ଷାକେନ୍ଦ୍ରକୁ ଯାଉଥିବା ବେଳେ ବାଟରେ ଏକ ଦୁର୍ଘଟଣା ଘଟିଥିବା ଦେଖିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତିକୁ ମାନବିକତା ଦୃଷ୍ଟିରୁ ସେ ସହାୟତା କରିଥିଲେ। ରତିକାଙ୍କ ପରୀକ୍ଷା ପୂର୍ବାହ୍ଣ ୧୦ଟାରେ ଥିଲା। କିନ୍ତୁ ସେ ସ୍କୁଲରେ ପହଞ୍ଚିବା ବେଳକୁ ୧୦ଟା ୧ ମିନିଟ୍ ବାଜି ଯାଇଥିଲା। ଗେଟ୍‌କିପର ଗେଟ୍ ବନ୍ଦ କରୁଥିଲେ। ରତିକା ହାତ ଦେଖାଇ ତାଙ୍କୁ ଗେଟ୍ ବନ୍ଦ ନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସେ ଶୁଣି ନ ଥିଲେ। ଏହାପରେ ପିତା କୁଲ୍‌ଦୀପ ଓ ରତିକା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଦୁହିଁଙ୍କ ଅନୁରୋଧ ରକ୍ଷା କରାଯାଇ ନ ଥିଲା। ଏହାପରେ ପୋଲିସକୁ ଫୋନ କରାଯାଇଥିଲା। ପୋଲିସ ପହଞ୍ଚି କଥାବାର୍ତ୍ତା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଟରେ ଦୁର୍ଘଟଣାଗ୍ରସ୍ତ ଜଣେ ବ୍ୟକ୍ତିକୁ ସାହାଯ୍ୟ କରିବାକୁ ଯାଇ କୁଲଦୀପ ଝିଅକୁ ସ୍କୁଲରେ ପହଞ୍ଚାଇବାରେ ବିଳମ୍ବ ହୋଇଥିଲା। ସେ ଏ ବିଷୟରେ ଯେତେ ବୁଝାଇଲେ ମଧ୍ୟ ତାଙ୍କ ପରିସ୍ଥିତି ବିଷୟ କେହି ବିଚାରକୁ ନେଇ ନ ଥିଲେ। ମାତ୍ର ଏକ ମିନିଟ ବିଳମ୍ବରେ ପହଞ୍ଚିବାରୁ ଛାତ୍ରୀଙ୍କୁ ପରୀକ୍ଷାରୁ ବଞ୍ଚିତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ସରକାର ସବୁ ଶିକ୍ଷାନୁଷ୍ଠାନ ପାଇଁ ଏ ସମ୍ବନ୍ଧରେ କିଛି ନିୟମ ପ୍ରଣୟନ କରିବା ଆବଶ୍ୟକ, ଯାହାଦ୍ୱାରା ଏଭଳି ଅଭାବନୀୟ ପରିସ୍ଥିତିରେ କୌଣସି ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ବଞ୍ଚିତ ହେବେ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମାର୍ଚ୍ଚ ୧୯୯୪

- ୟୁନାଇଟେଡ୍ ଆରବ ଏମିରେଟ୍‌ସ(ୟୁଏଇ) ଗାଟ୍‌ର ୧୧୭ତମ ସଦସ୍ୟ ରୂପେ ଯୋଗଦେଇଛି। ଏହି ସଦସ୍ୟତା ପାଇବା ପାଇଁ ୟୁଏଇ ୧୯୭୧ରୁ ଆବେଦନ କରିଥିଲା।
- ସାଇପ୍ରସର ଦୁଇଟି ଜାହାଜ କୃଷ୍ଣସାଗରର ବୋସ୍‌ଫରସ ପ୍ରଣାଳୀ ଆଡକୁ ଯାତ୍ରା କରୁଥିବା ବେଳେ ପରସ୍ପର ଧକ୍କା ହୋଇ ବୁଡିଯିବା ଫଳରେ ୨୪ ଜଣ ଯାତ୍ରୀଙ୍କ ପ୍ରାଣହାନି।
- ଡକାୟତ ରାଣୀ ଫୁଲନ୍‌ଦେବୀଙ୍କ ବିରୋଧରେ ଥିବା ସମସ୍ତ ଅପରାଧ ମକଦ୍ଦମା ପ୍ରତ୍ୟାହାର କରିନେବା ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ଆବେଦନ କାନପୁରର ଦୌରାଜଜ୍ କୋର୍ଟରେ ଖାରଜ।

## ଚିରନ୍ତନୀ

ଜଳେ ସ୍ଥଳେ ଆକାଶରେ ବିନାଶର କୋଟି ରୂପ ଧରି
ବିପୁଳ ପ୍ରାଣ-ପ୍ରବାହ ବିଶ୍ୱମୟ ରହିଅଛି ଭରି,
ଭୁବନର ପ୍ରତି ରନ୍ଧ୍ରେ ପ୍ରତି ଅବକାଶେ
ଜୀବନର ଚେତନା ବିଭାସେ!

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | | 5 | 1 | | C | E | | | | 2 | |
| | | 9 | | 2 | | E | | 4 | | | 8 | | | |
| E | | D | | 8 | | | | | | 3 | | | 7 | B |
| | 7 | | | 1 | | | 6 | | | 4 | | | | |
| 4 | | C | 0 | | | B | | | | | D | | E | 5 |
| | | | | | | 3 | | | | | 4 | A | | 8 |
| | | | | | 2 | | | 6 | | | | D | B | |
| | | 0 | D | 3 | | | | | C | 1 | | | | |
| | B | 2 | C | | | 7 | D | | 8 | | E | | | 1 |
| | | | 8 | 9 | | | 2 | | | | 3 | | 4 | C |
| | | | 1 | | | 4 | | | | | | C | 9 | |
| | | | | | B | 5 | 0 | | | | | | | 6 |
| | A | E | | D | 3 | | 9 | 7 | 5 | | | | 1 | |
| | | 8 | | | | | | | 3 | 0 | | E | | A |
| | | | 9 | 6 | | | | E | B | C | | | D | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 3 | 4 | 1 | B | C | 0 | D | 9 | 7 | A | 8 | 6 | 2 |
| 4 | 7 | C | A | E | D | 2 | 1 | 8 | 3 | B | 6 | 5 | 0 | 9 |
| 6 | D | B | 8 | 9 | 5 | 3 | 4 | E | 0 | C | 2 | 1 | A | 7 |
| 9 | 2 | 8 | 7 | 0 | C | B | A | 6 | 5 | D | 1 | 3 | 4 | E |
| 0 | 1 | A | 3 | 6 | 2 | 7 | 5 | 9 | E | 4 | 8 | B | C | D |
| 1 | 5 | 6 | E | C | 7 | 4 | B | 0 | D | 8 | 3 | 2 | 9 | A |
| 7 | B | 4 | 9 | 3 | 0 | 6 | C | 5 | 2 | A | E | D | 8 | 1 |
| D | C | E | 2 | B | 8 | 1 | 7 | A | 4 | 9 | 0 | 6 | 3 | 5 |
| A | 9 | 2 | 6 | 4 | 1 | D | 8 | 3 | 7 | 5 | B | C | E | 0 |
| 3 | 8 | 0 | 5 | D | A | E | 9 | 2 | 1 | 6 | C | 4 | 7 | B |
| E | A | 1 | B | 5 | 9 | 8 | 3 | C | 6 | 0 | D | 7 | 2 | 4 |
| B | 3 | 5 | C | 7 | 6 | 0 | E | 1 | A | 2 | 4 | 9 | D | 8 |
| 8 | 6 | 9 | 0 | 2 | 4 | A | D | 7 | C | 1 | 5 | E | B | 3 |
| 2 | 0 | D | 1 | 8 | E | 9 | 6 | 4 | B | 3 | 7 | A | 5 | C |
| C | 4 | 7 | D | A | 3 | 5 | 2 | B | 8 | E | 9 | 0 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନାବାଳିକା ଗର୍ଭବତୀ

ମହାଶୟ,

ପ୍ରତିଦିନ କେଉଁଠି ନା କେଉଁଠି ଛାତ୍ରୀ ଗର୍ଭବତୀ ହେବା ଭଳି ଘଟଣା ଘଟିଚାଲିଛି। ଏହାର ସଂଖ୍ୟା ପ୍ରତିଦିନ ବୃଦ୍ଧିପାଉଛି। ଯେତେ ଆଇନ କଲେ କିଛି ଫଳ ହେଉନାହିଁ। ଏହାର କାରଣ ଜଣାଥିଲେ ବି ସମାଧାନର ବାଟ କାହାକୁ ଜଣାନାହିଁ। ଗଭୀରତାର ସହ ବିଚାର କରି ଶିକ୍ଷାକ୍ଷେତ୍ରରେ ସହଶିକ୍ଷା ବ୍ୟବସ୍ଥାକୁ ଉଠାଇ ଦିଆଯିବା ଦରକାର। କୌଣସି ମହିଳା ବିଦ୍ୟାଳୟ ବା କଲେଜରେ ପୁରୁଷ ଶିକ୍ଷକ ରହିବେ ନାହିଁ। ଝିଅଙ୍କ ପାଠ୍ୟକ୍ରମ ପୁଅଙ୍କଠାରୁ ଅଲଗା ହେବା ଉଚିତ। ପିଲାଙ୍କୁ ୧୨ ବର୍ଷ ହେବା ପୂର୍ବରୁ ଧର୍ମ ଓ ଆଧ୍ୟାତ୍ମିକତା ସହିତ ଯୁକ୍ତ କରିବା ଆବଶ୍ୟକ। ଧର୍ମଶିକ୍ଷା ମାଧ୍ୟମରେ ସ୍ୱାସ୍ଥ୍ୟ ଓ ଯୌନଶିକ୍ଷା ଦିଆଯିବା ଉଚିତ। କାହାକୁ ଦୋଷ ଦେଇ ଓ ଦଣ୍ଡ ଦେଇ ଏହାର ସମାଧାନ କରାଯାଇପାରିବ ନାହିଁ। ଯେଉଁମାନଙ୍କର ବାସ୍ତବ ଜ୍ଞାନ ଓ ଅନୁଭୂତି ନାହିଁ ସେହିମାନଙ୍କୁ ନେଇ ଆଇନ କଲେ ତାହା ଫଳପ୍ରଦ ହେବନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବାଳ ଅପରାଧ ଅନ୍ତରାଳେ

ପ୍ରତିଦିନ ଖବରକାଗଜରେ ହତ୍ୟା ଓ ବଳାତ୍କାର ଖବର ଦୃଷ୍ଟିକୁ ଆସୁଛି। ସେଥିମଧ୍ୟରୁ ବାଳ ଅପରାଧର ସଂଖ୍ୟା କିଛି କମ୍ ନୁହେଁ। କେଉଁଠି ନବମ, ଦଶମ ଶ୍ରେଣୀର ଛାତ୍ର ଅଧ୍ୟକ୍ଷାଙ୍କୁ ଆକ୍ରମଣ କଲେଣି ତ କେଉଁଠି ଚଉଦ ବର୍ଷର ପୁଅ ମା'କୁ ହତ୍ୟା କଲାଣି। ଅନ୍ୟ କେଉଁଠି ଦଶମ ଶ୍ରେଣୀର ଛାତ୍ରୀକୁ ତା'ର ସହପାଠୀମାନେ ଗଣବଳାତ୍କାର କରି ହତ୍ୟା କଲେଣି। ଆମ ଦେଶରେ ଘଟୁଥିବା ବଳାତ୍କାରରେ ନବେ ପ୍ରତିଶତ ୧୧ରୁ ୧୮ ବର୍ଷୀୟମାନେ ସଂଶ୍ଳିଷ୍ଟ। ଜଣେ ସରଳ ନିରୀହ କିଶୋର ମନରେ ହିଂସା ଓ ଅପରାଧପ୍ରବଣତା ଉଦ୍ରେକ ହେବା ପାଇଁ ତା'ର ପାରିପାର୍ଶ୍ୱିକ ଅବସ୍ଥା ହିଁ ଦାୟୀ। ସାଇବର ଗ୍ୟାଜେଟ୍‌ର ବହୁଳ ବ୍ୟବହାର, ଟିଭି ଦେଖିବା, ଅଣୁ ପରିବାର ଓ ମାତାପିତାଙ୍କ ଅହେତୁକ ସ୍ନେହଶ୍ରଦ୍ଧା ସାଙ୍ଗକୁ ବେଳେବେଳେ କଠୋର ଅନୁଶାସନ ନାବାଳକଙ୍କଠାରେ ଅପରାଧ ପ୍ରବୃତ୍ତି ସୃଷ୍ଟି କରେ। ଏଥିପ୍ରତି ମାତାପିତା, ବନ୍ଧୁବାନ୍ଧବ, ଶିକ୍ଷକ ଓ ପଡ଼ୋଶୀମାନେ ଯତ୍ନବାନ ହେଲେ ବାଳ ଅପରାଧ ସଂଖ୍ୟା ହ୍ରାସ ପାଆନ୍ତା। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ଅଲେଖଚନ୍ଦ୍ର ମିଶ୍ରଙ୍କର 'ବାଳ ଅପରାଧ' ଆଲେଖ୍ୟଟି ଖୁବ୍ ଶିକ୍ଷଣୀୟ ଓ ମାର୍ମିକ ହୋଇଛି।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର

**ବ୍ରହ୍ମପୁର ଅଫିସ,୧୫ା୩:** ବିଏନ୍‌ପୁର ଥାନା ଅର୍ନ୍ତଗତ କମାପଲ୍ଲୀ ବଡ଼ସାହିର ଜଣେ ବିବାହିତ ମହିଳା ଶୁକ୍ରବାର ପୂର୍ବାହ୍ନରେ ନଆଁରେ ପୋଡ଼ିହୋଇ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ପୋଲିସ ମହିଳାଙ୍କ ସ୍ୱାମୀ ଓ ଦେଢଶୁରଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣପୁରର ଦିପ୍ତୀରାଣୀ ସାହୁ(୩୨) ପ୍ରାୟ ୧୧ମାସ ପୂର୍ବେ ବଡ଼ସାହିର ଚକ୍ରପାଣି ପାତ୍ରଙ୍କୁ ବିବାହ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଘରେ କେହି ନ ଥିଲେ। ଏହି ସମୟରେ ଦିପ୍ତୀରାଣୀଙ୍କ ଚିତ୍କାର ଶୁଣାଯାଇଥିଲା। ଘରୁ ଧୂଆଁ ବାହାରୁଥିଲା। ସାହିବାସୀ ଘରକୁ ଯାଇ ଦେଖିଲା ବେଳକୁ ଦିପ୍ତୀରାଣୀଙ୍କ ଦେହରେ ନିଆଁ ଲାଗିଯାଇଥିଲା । ଖବର ପାଇ ସ୍ୱାମୀ ଚକ୍ରପାଣି ଏବଂ ତାଙ୍କ ଭାଇ ପହଞ୍ଚି ଦିପ୍ତୀରାଣୀଙ୍କୁ ଉଦ୍ଧାର କରି ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଦିପ୍ତୀରାଣୀଙ୍କ ଶରୀରର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୋଡି ଯାଇଛି। ତେବେ ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହା ପୂର୍ବରୁ ପୋଲିସ ମେଡ଼ିକାଲ୍‌ରେ ପହଞ୍ଚି ଦିପ୍ତୀରାଣୀଙ୍କ ବୟାନ ରେକର୍ଡ଼ କରିଥିଲା । ଅନ୍ୟପଟେ ଥାନା ଅଧିକାରୀ ସାରଦାପ୍ରସାଦ ଦାସ ଏବଂ ଡିଏସ୍‌ପି ଜେ.କେ. ପଟ୍ଟନାୟକ ଦିପ୍ତୀରାଣୀଙ୍କ ଶାଶୁଘରେ ପହଞ୍ଚି ତଦନ୍ତ କରିଛନ୍ତି। ଦିପ୍ତୀରାଣୀଙ୍କ ସ୍ୱାମୀ ଚକ୍ରପାଣି ଏବଂ ଦେଢ଼ଶୁରଙ୍କୁ ଥାନାରେ ଅଟକ ରଖାଯାଇଛି ।

## ୧୭ରେ ଭାଜପାର ବିଜୟ୍ ସଙ୍କଳ୍ପ ଯାତ୍ରା

**ଛତ୍ରପୁର,୧୫ା୩(ଡି.ଏନ.ଏ.):** ଭାଜପା ଛତ୍ରପୁର ମଣ୍ଡଳର ଏକ ବୈଠକ ଶୁକ୍ରବାର ମଣ୍ଡଳ ସଭାପତି ପ୍ରଦୀପ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୧୭ ତାରିଖରେ ଛତ୍ରପୁରରେ ବିଜୟ୍ ସଙ୍କଳ୍ପ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି । ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ସହ ରିକାପଲ୍ଲୀ, ମଝି ବଜାର, ଅପର ବସ୍‌ଷ୍ଟାଣ୍ଡ ଓ ଲୋୟର ବସ୍‌ଷ୍ଟାଣ୍ଡରେ ପଥପ୍ରାନ୍ତ ସଭା କରାଯିବ । ଏହି ବୈଠକରେ ଜିଲା ବିସ୍ତାରକ ତପନ ସାମନ୍ତରାୟ ଯୋଗଦେଇ ବିଜୟ୍ ସଙ୍କଳ୍ପ ଯାତ୍ରାକୁ ସୁଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ପଟ୍ଟନାୟକ, ମନୋଜ କୁମାର ବେହେରା, ତ୍ରିପତି ରାଓ, ଚୈତନ୍ୟ ପ୍ରଧାନ, ଉମାଶଙ୍କର ମହାନ୍ତି, ଜି. ମନୋଜ ରେଡ୍ଡୀ, ଗାଣ୍ଡୁଧର ଗୌଡ, ଲିଙ୍ଗରାଜ ନାହାକ, ବସନ୍ତ କୁମାର ବେହେରା, ଲକ୍ଷ୍ମୀ ନାରାୟଣ ପଣ୍ଡା ଓ କେ. ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା

# ବିକ୍ରମ ହୋଇପାରନ୍ତି ନୂଆ ପ୍ରାର୍ଥୀ

**ବ୍ରହ୍ମପୁର ଅଫିସ,୧୫ା୩**



ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ

**ଲୋକ ସଭା ପ୍ରାର୍ଥୀ ମଧ୍ୟ ବଦଳିବା ସମ୍ଭାବନା**

ସାଧାରଣ ନିର୍ବାଚନ ପାଇଁ ଆଉ ମାତ୍ର ଦୁଇଦିନ ପରେ ନାମାଙ୍କନ ପତ୍ର ଦାଖଲ ହେବାର କାର୍ଯ୍ୟକ୍ରମ ରହିଛି। ଗଞ୍ଜାମ ଜିଲାର ମର୍ଯ୍ୟାଦାପୂର୍ଣ୍ଣ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ବିଜେଡିର ନୂଆ ମୁହଁକୁ ନେଇ ଚର୍ଚ୍ଚା ଜୋର ଧରିଛି। ଲଗାତର ୫ ଥର ବିଧାୟକ ହୋଇଥିବା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଏଥର ବାଦ ଦିଆଯାଇ ଯୁବନେତା ବିକ୍ରମ ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ଶୁକ୍ରବାର ସହର ସାରା ଚାଲିଛି ଚର୍ଚ୍ଚା। ଏହା ଗୁଜବ ନା ସତ୍ୟ ତାହା ରହସ୍ୟ ଘେରରେ ରହିଛି। ଅନ୍ୟପକ୍ଷରେ ଚ୍ୟାଉ ପଟ୍ଟନାୟକଙ୍କ ମୋବାଇଲ ନଂ ୯୪୩୭୧୮୭୧୧୮ ଦିନତମାମ ବନ୍ଦ ରହିଛି। ତାଙ୍କ ସହଯୋଗୀ ତଥା ବିଡିଏ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣାଙ୍କ ଫୋନ ମଧ୍ୟ ବନ୍ଦ ଥିବାରୁ ସତ୍ୟାସତ୍ୟ ଅସ୍ପଷ୍ଟ ରହିଛି।

ରାଜ୍ୟ ବିଜେଡି ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇ ନ ଥିଲେ ମଧ୍ୟ ଏହା ସତ୍ୟ ହୋଇଥିବା ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ଭୁବନେଶ୍ୱରରେ ଥିବା ଜଣେ ବିଜେଡି ନେତା ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ଲଗାତର ଦୁଇଥର ବିଜେଡିରୁ ନିର୍ବାଚିତ ହୋଇଥିବା ଏମ୍‌ପି ସିଦ୍ଧାନ୍ତ ମହାପାତ୍ରଙ୍କ ଟିକେଟ କଟିଥିବା ଦଳରେ ଚର୍ଚ୍ଚା ଚାଲିଛି। ବିଜେଡି ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ସାହୁ ବା ପାରଳା ରାଜ କୁମାରୀ କଲ୍ୟାଣୀ ପ୍ରାର୍ଥୀ ହେବାର ସମ୍ଭାବନା ଥିବା କୁହାଯାଇଛି।

ଅପରପକ୍ଷରେ ମଧ୍ୟାହ୍ନରେ ଚ୍ୟାଉ ପଟ୍ଟନାୟକଙ୍କ ସ୍ଥାନୀୟ ଭାବାନଗର ବାସଭବନରେ ବୈଠକ ହୋଇଥିଲା। ଏଥିରେ ଅନେକ ପୂର୍ବତନ କର୍ପୋରେଟର, ଚ୍ୟାଉପଟ୍ଟନାୟକଙ୍କ ଏକାନ୍ତ ଅନୁଗତ ଏବଂ ବିଜେଡି ଛାମୁଆ ସଂଗଠନ ନେତ୍ରୀ ଓ ନେତାମାନେ ଯୋଗ ଦେଇଥିଲେ। ବିଧାୟକଙ୍କୁ ପୁଣି ଦଳୀୟ ଟିକେଟ ଦେବା ନେଇ ସମସ୍ତ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଫୋକସ୍ ଯୋଗେ ଦାବି କରିବାର ନିଷ୍ପତ୍ତି ହୋଇଥିଲା। ବିଧାୟକ, ତାଙ୍କ ସ୍ତ୍ରୀ ଏବଂ କେତେ ଜଣ ନେତା ଓ କର୍ମୀ ଭୁବନେଶ୍ୱର ଯାଇ ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ସ୍ଥିର କରାଯାଇଥିଲା। ଯଦି ଟିକେଟ କଟିଥିବ ତେବେ ବିକଳ୍ପ ବ୍ୟବସ୍ଥାରେ ଦଳ ପରିବର୍ତ୍ତନ କରିବାର ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ, ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନରେ ପ୍ରଥମେ ଜନତା ଦଳ ଏବଂ ପରବର୍ତ୍ତୀ ବିଜେଡି ପ୍ରାର୍ଥୀ ଭାବେ ଚ୍ୟାଉ ପଟ୍ଟନାୟକ ୫ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। କଂଗ୍ରେସର ଗୋଷ୍ଠୀ କନ୍ଦଳରୁ ସେ ସବୁ ନିର୍ବାଚନରେ ଫାଇଦା ଉଠାଇଥିଲେ। ୧୯୯୫ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅଲେଖ ଚୌଧୁରୀଙ୍କୁ ହରାଇବା ପାଇଁ ଚନ୍ଦ୍ରଶେଖର ଓ ତାଙ୍କ ଗୋଷ୍ଠୀ ଚ୍ୟାଉ ପଟ୍ଟନାୟକଙ୍କୁ ସହଯୋଗ କରିଥିଲେ। ଏ କଥା ୨୦୧୮ ଏପ୍ରିଲ ୧୦ରେ ଜିଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ କର୍ମୀ ସମାବେଶରେ ଚ୍ୟାଉ ପଟ୍ଟନାୟକ ଖୋଲାଖୋଲି ଭାବେ ଚନ୍ଦ୍ରଶେଖରଙ୍କ ଉପସ୍ଥିତିରେ କହିଥିଲେ। ୨୦୦୦ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କ ବିରୋଧରେ ଶେଖର ବିଦ୍ରୋହୀ ସାଜି ସ୍ୱାଧୀନ ଭାବେ ଲଢ଼ିବାରୁ ବିକ୍ରମ ଚିତ୍‌ପଟାଙ୍ଗ ହେଲେ। ୨୦୦୪ ନିର୍ବାଚନରେ ପୁଣି ବିକ୍ରମ କଂଗ୍ରେସ ଟିକେଟ ପାଇବାରୁ ଜିଲା କଂଗ୍ରେସ ନେତା ଅଲେଖ ଚୌଧୁରୀ ସ୍ୱାଧୀନ ପ୍ରାର୍ଥୀ ହୋଇ ବିକ୍ରମଙ୍କୁ କଣ୍ଟା ସାଜିବାରୁ ଚ୍ୟାଉ ପଟ୍ଟନାୟକ ତୃତୀୟ ଥର ନିର୍ବାଚିତ ହେଲେ। ପରବର୍ତ୍ତୀ ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସର ଗୋଡ଼ଟଣା ନୀତି ଯୋଗୁ ବିକ୍ରମ ଚତୁର୍ଥ ଥର ପାଇଁ ପରାସ୍ତ ହେଲେ ଓ ଚ୍ୟାଉବାବୁ ୫ମ ଥର ବିଧାୟକ ହେବାର ସୁଯୋଗ ପାଇଥିଲେ।

ଘଟଣାଚକ୍ରରେ କଂଗ୍ରେସର ଶେଖର, ଅଲେଖ, ବିକ୍ରମ ଓ ଅନ୍ୟମାନେ ବିଜେଡିରେ ଯୋଗ ଦେଇଛନ୍ତି। ଜିଲାର ବଡ଼ ସହର ବ୍ରହ୍ମପୁରରେ ବିଜେଡି ସଂଗଠନ କ୍ରମଶଃ ଦୁର୍ବଳ ହୋଇଥିବା ବିଭିନ୍ନ ସୂତ୍ରରୁ ଖବର ପାଇ ଦଳର ମୁଖିଆ ନୂଆ ସମୀକରଣ କରିବା ଦୀର୍ଘଦିନରୁ କଳ୍ପନା ଜଳ୍ପନା ଚାଲିଥିଲା। ତାହା ଏବେ କାର୍ଯ୍ୟରେ ପରିଣତ ହୋଇଥିବା ଆଲୋଚନା ପରିସରକୁ ଆସିଛି।

### କମ୍ପ୍ୟୁଟର ବିଜ୍ଞାନ ଜାତୀୟ ଆଲୋଚନାଚକ୍ର

# ବିଜ୍ଞାନର ସୁବିନିଯୋଗ କରିବାକୁ ଆହ୍ୱାନ




ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି ।

**ବ୍ରହ୍ମପୁର ଅଫିସ,୧୫ା୩**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ 'କମ୍ପ୍ୟୁଟର ଜରିଆରେ ସୂଚନା ପ୍ରଯୁକ୍ତି ବିଜ୍ଞାନ ପ୍ରୟୋଗ କ୍ଷେତ୍ରରେ ଅଭିନବତା' ଶୀର୍ଷକ ଆଲୋଚନାଚକ୍ରକୁ ବାଙ୍ଗାଲୋରସ୍ଥିତ ନୋକିଆ ଅନୁଷ୍ଠାନ ନିର୍ଦ୍ଦେଶକ ନରେନ୍ଦ୍ର କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ଆଗ୍ରା ବିଶ୍ୱବିଦ୍ୟାଳୟର ପ୍ରଫେସର ମନୁପ୍ରତାପ ସିଂ, ହରିୟାଣା ରୋହତକ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁମିତ ଗଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବର୍ତ୍ତମାନର ଆଧୁନିକ ଯୁଗରେ କମ୍ପ୍ୟୁଟର ଜରିଆରେ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନରେ ଆସିଥିବା ନୂତନତ୍ୱ ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ । ଏହି ବିଜ୍ଞାନର ସୁବିନିଯୋଗ କରିବାକୁ ସେ ଯୁବପିଢିଙ୍କୁ ଆହ୍ୱାନ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ସତ୍ୟନାରାୟଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଫେସର ମାନସ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗଣେଶ ସାହୁ ସହଯୋଗ କରିଥିଲେ । ଡ. ବନମାଳୀ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦୦ରୁ ଉର୍ଦ୍ଧ୍ୱ ଗବେଷିକା, ଗବେଷକ, ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

### ସମୀକ୍ଷା କଲେ ଓସ୍‌ଡମା ସିଜିଏମ୍

# ଏପ୍ରିଲ ସୁଦ୍ଧା ଓଡିଆରପି କାମ ସାରିବାକୁ ନିର୍ଦ୍ଦେଶ

**ଛତ୍ରପୁର,୧୫ା୩(ଡି.ଏନ.ଏ)**



ଓସ୍‌ଡମାର ସିଜିଏମ୍ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

ଗଞ୍ଜାମ ଜିଲାରେ ଚାଲିଥିବା ଓଡିଆର୍‌ପି (ଓଡିଶା ବିପର୍ଯ୍ୟୟ ଥଇଥାନ ପ୍ରକଳ୍ପ) ଅଗ୍ରଗତି ସମୀକ୍ଷା ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାଆନ୍ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓସ୍‌ଡମା (ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ)ଚିଫ୍ ଜେନେରାଲ ମ୍ୟାନେଜର ଦେବବ୍ରତ ଜେନା ଅଧକ୍ଷତା କରିଥିଲେ । ୨୦୧୩ରେ ହୋଇଥିବା ଫାଇଲିନ୍ ବାତ୍ୟାରେ ବିଶେଷକରି ଗଞ୍ଜାମ ଜିଲାର ସମୁଦ୍ର ଓ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ କଚ୍ଚା ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା । କ୍ଷତିଗ୍ରସ୍ତମାନଙ୍କ ପାଇଁ ପକ୍କା ଘର ନିର୍ମାଣ ଲାଗି ଓଡିଶା ସରକାରଙ୍କ ପକ୍ଷରୁ ବିଶ୍ୱବ୍ୟାଙ୍କ ସହାୟତାରେ ଓଡିଆରପି ଆରମ୍ଭ ହୋଇଥିଲା । ସମୁଦ୍ର ଉପକୂଳବର୍ତ୍ତୀ ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଓ ଚିକିଟି ଏବଂ ଚିଲିକା ଉପକୂଳବର୍ତ୍ତୀ ଖଲ୍ଲିକୋଟ୍ ବ୍ଲକରେ ଓଡିଆରପି ଘର ନିର୍ମାଣ ସରିଛି । ଏଥିସହ ଏଠାରେ ପାନୀୟଜଳ, ପାଇଖାନା, ଆପ୍ରୋଚ୍ ରୋଡ୍, ଆଲୋକ ବ୍ୟବସ୍ଥା, ଡ୍ରେନ୍, କମ୍ୟୁନିଟି ସେଣ୍ଟର ଓ ଅଙ୍ଗନୱାଡି କେନ୍ଦ୍ର ଆଦି ନିର୍ମାଣ ମଧ୍ୟ କରାଯିବାକୁ ନିଷ୍ପତ୍ତି ହୋଇଥିଲା । କେତେକ ସ୍ଥାନରେ କିଛି କାର୍ଯ୍ୟ ଅଧାପନ୍ତରିଆ ରହିଥିବା ସମୀକ୍ଷା ବେଳେ ଜଣାପଡିଥିଲା। ଖଲ୍ଲିକୋଟ ବ୍ଲକ ଓଡିଆରପି ସ୍ଥଳରେ ଓ ଅନ୍ୟ ଗୋଟିଏ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ସରିନି । ଏପ୍ରିଲ ୩୦ ସୁଦ୍ଧା ଓଡିଆରପି କାମ ସମ୍ପୂର୍ଣ୍ଣ ଭାବେ ସାରିବାକୁ ବୈଠକରେ ଚିଫ୍ ଜେନେରାଲ ମ୍ୟାନେଜର ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଖିଲାପ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଥିଲେ। ଓଡିଆରପି ଘରେ କେତେକ ପରିବାର ରହୁ ନ ଥିବା ସମ୍ପର୍କରେ ପ୍ରଶାସନର ଦୃଷ୍ଟିକୁ ଆସିଛି । ଉକ୍ତ ଘରେ ନ ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

**[ଇତିହାସର ଆଇନାରେ]**

## ମାର୍ଚ୍ଚ ୧୬ର ପ୍ରମୁଖ ଘଟଣା

୨୦୦୧ ମାର୍ଚ୍ଚ ୧୬ରେ ଚାଇନାର ଶିଜିଆଝୁଆଙ୍ଗ ନଗରୀରେ ବୋମା ବିସ୍ଫୋରଣ ଯୋଗୁ ୧୦୮ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଥିଲେ। ଶିଜିଆଝୁଆଙ୍ଗ ହେଉଛି ଉତ୍ତର ଚାଇନାର ହେବେଇ ପ୍ରଦେଶର ରାଜଧାନୀ ତଥା ବୃହତ୍ ନଗରୀ। ଏହା ବେଜିଂଠାରୁ ଦକ୍ଷିଣପଶ୍ଚିମ ଦିଗରେ ୨୬୬ କିଲୋମିଟର ଦୂରରେ ଅବସ୍ଥିତ। ଏହା ଅଧୀନରେ ୮ଟି ଜିଲା ରହିଛି। ୨୦୧୫ ଜନଗଣନା ଅନୁଯାୟୀ ଏହାର ଲୋକସଂଖ୍ୟା ଥିଲା ୧୦,୭୦୧,୬୦୦।

୧୯୮୯ ମାର୍ଚ୍ଚ ୧୬ରେ ଇଜିପ୍ଟର ଚେଓପ୍ସ ପିରାମିଡ ନିକଟରେ ୪,୪୦୦ ବର୍ଷ ତଳର ଏକ ମମି ଆବିଷ୍କାର କରାଯାଇଥିଲା। ଗିଜାର ବିଶାଳ ପିରାମିଡ୍ ସର୍ବପୁରାତନ ଏବଂ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ। ଇଜିପ୍ଟର ରାଜା ଫାରୋ ଖୁଫୁଙ୍କ ଶାସନ କାଳରେ ଏହା ନିର୍ମାଣ କରାଯାଇଥିଲା।

## ଦମ୍ପତିଙ୍କୁ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ଜେଲ

**ଛତ୍ରପୁର,୧୫ା୩(ଡି.ଏନ.ଏ.)**

ଛତ୍ରପୁର ଥାନା ବଡମାଧପୁର ଗାଁରେ ଦମ୍ପତିଙ୍କୁ ଆକ୍ରମଣ ଓ ତାଙ୍କ ଘରେ ପଶି ଭଙ୍ଗାରୁଜା କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ୬ ମାସ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଛତ୍ରପୁର ଥାନା ବଡମାଧପୁର ଗାଁର ଏନ୍. କ୍ରିଷ୍ଣା ରେଡ୍ଡୀ। ଛତ୍ରପୁର ସବ୍‌ଡିଭିଜନାଲ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜୟ ପ୍ରକାଶ ନାୟକ ଦଣ୍ଡାଦେଶ ଶୁଣାଇଛନ୍ତି। ଦଣ୍ଡାଦେଶ ପାଇଥିବା ଜଣକହେଲେ ଛତ୍ରପୁର ଥାନା ବଡମାଧପୁର ଗାଁର ଏନ୍. କ୍ରିଷ୍ଣା ରେଡ୍ଡୀ। ଅପରପକ୍ଷରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ଅଭିଯୁକ୍ତମାନଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ୨୦୧୭ ଅଗଷ୍ଟ ୩ରେ କ୍ରିଷ୍ଣା ଏବଂ ଅନ୍ୟମାନେ ଉକ୍ତ ଗାଁର ସୁବାସ ସାହୁଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ପରେ ସୁବାସ ଓ ତାଙ୍କ ସ୍ତ୍ରୀ ଲିଲିଙ୍କୁ ଆକ୍ରମଣ କରିଥିଲେ। ଏନେଇ ଲିଲିଙ୍କ ପକ୍ଷରୁ ୨୦୧୭ ଅଗଷ୍ଟ ୪ରେ ଛତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଛତ୍ରପୁର ପୋଲିସ (ନଂ.୧୦୭/୧୭)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର୍ ଏପିପି ରାଜେଶ କୁମାର ମିଶ୍ର, ଏପିପି କୃଷ୍ଣ ଚନ୍ଦ୍ର ବେହେରା ଏବଂ ମୁଦାଲା ପକ୍ଷରୁ ପଦ୍ମ ଚରଣ ସାହୁ ମାମଲା ପରିଚାଳନା କରୁଥିଲେ।

## ମଦ ଜବତ, ଜଣେ ଗିରଫ

**ଶଙ୍କରାଖୋଲ,୧୫ା୩ (ଡି.ଏନ୍.ଏ)**

ଟିକାବାଲି ଖଦାଳସାହିରେ ମଦ ବିକ୍ରି ଅଭିଯୋଗରେ ଟିକାବାଲି ପୋଲିସ ଚଢ଼ାଉ କରି ଶୁକ୍ରବାର ବାସନ୍ତି ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୨୫ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି।

## ପୁସ୍ତକ ମେଳା, ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୧୫ା୩**

ଫୁଲବାଣୀ କରୋନେଶନ ପଡିଆରେ କନ୍ଧମାଳ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳାକୁ ଅତିରିକ୍ତ ଏସ୍‌ପି ବିଷ୍ଣୁପଦ ମହନ୍ତ ଉଦ୍‌ଘାଟନ କରି ସମାଜରେ ପୁସ୍ତକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କମିଟି ସଭାପତି କୌଶିକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅଧାପକ ମଦନ ମୋହନ କ୍ଷେତି, ସମ୍ମାନିତ ଅତିଥି କମାଣ୍ଡାଣ୍ଟ ସଞ୍ଜୟ କୁମାର ରାଉତ, ଡ. ସୌଦାମିନୀ ଚୌଧୁରୀ, ସଞ୍ଜୟ କୁମାର ପଣ୍ଡା, ସଂସଦ ସଭାପତି ପ୍ରାଧାପକ ତୀର୍ଥ ଜାନୀ ପ୍ରମୁଖ ଯୋଗଦେଇ ଜୀବନରେ ପଠନର ଗୁରୁତ୍ୱ, ପୁସ୍ତକ ମେଳାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବନଜ୍ୟୋତ୍ସ୍ନା ସମ୍ପାଦକ କାହ୍ନୁଚରଣ ଶତପଥୀ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଣତି ତ୍ରିପାଠୀ ପରିଚୟ ପ୍ରଦାନ କରିଥିଲେ । ଓମ ପ୍ରକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ମନୋଜ କୁମାର ନାୟକ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ମେଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପୁସ୍ତକ ପ୍ରକାଶକମାନଙ୍କ ସହ ଘରକରଣା ଓ ଅନ୍ୟାନ୍ୟ ସାମଗ୍ରୀର ବିକ୍ରେତାମାନେ ଷ୍ଟଲ ଦେଇଛନ୍ତି ।

# ରାସ୍ତା ଖୋଳାକୁ ବିରୋଧ କରି ରାସ୍ତାରୋକୋ



ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି ।

**ଧରାକୋଟ,୧୫ା୩(ଡି.ଏନ୍.ଏ.)**

ଜାନବିଲି-ବ୍ରହ୍ମପୁର ପାନୀୟ ଜଳ ପ୍ରକଳ୍ପ କାମ ନେଇଥିବା ସମ୍ପୃକ୍ତ ଠିକା କମ୍ପାନୀ ମନଇଚ୍ଛା କାମ କରୁଥିବାରୁ ଶୁକ୍ରବାର ଧରାକୋଟ ବ୍ଲକର ଡଉଗାଁ ପଞ୍ଚାୟତ କେ.ରାମଚନ୍ଦ୍ରପୁର ଗ୍ରାମବାସୀ ୫୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସ୍ଥାନୀୟ ଅତିରିକ୍ତ ତହସିଲଦାର ଦେବେନ୍ଦ୍ର କୁମାର ସାହୁ ଓ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ୩ ଦିନରେ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ପାଇପ ଲାଇନ୍‌ରୁ ଜଳ ଲିକ୍ ହେଉଥିବା ନେଇ ଲୋକମାନେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଫଳରେ ଚାଷୀଙ୍କ ଜମିରେ ପାଣି ମାଡି ବିରି, ମୁଗ ଆଦି ଫସଲ ନଷ୍ଟ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏହାର ପ୍ରତିବାଦରେ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଜଳ ଯୋଗାଣ ପାଇଁ ଗ୍ରାମର ପାଇପ୍ ଲାଇନ୍‌କୁ ଠିକ୍ କରିବା, ଗ୍ରାମ ପାର୍ଶ୍ୱରେ ଥିବା ଅର୍ଦ୍ଧନିର୍ମିତ କାର୍ଯ୍ୟକୁ ଶୀଘ୍ର ପୂରଣ କରିବା, ଗ୍ରାମ ପାର୍ଶ୍ୱରେ ଯାଇଥିବା ବିଦ୍ୟୁତ୍ ଲାଇନକୁ ହଟାଇବା ଆଦି ପ୍ରମୁଖ ଦାବି ରହିଛି।

## ମଇଁଷି ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ, ୧୫ା୩:** ମେରିଆ ଯାତ୍ରା ଦେଖିବାକୁ ଯାଇ ମଇଁଷି ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ କୋଟଗଡ ବ୍ଲକ ପାରିଗଡ଼ ଅଞ୍ଚଳର କାମଦେବ ବଟକର। କାମଦେବ ଓ ତାଙ୍କ ପୁଅ ନିକଟସ୍ଥ ଶିମିଳିକା ଗ୍ରାମକୁ ମେରିଆ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରାରେ କାମଦେବ ବୁଲିବା ବେଳେ ହଠାତ୍ ତଳେ ପଡ଼ି ଯାଇଥିଲେ। ସେଠାରେ ପୂଜା ପାଉଥିବା ଏକ ମଇଁଷି ତାଙ୍କୁ ଆକ୍ରମଣ କରିଥିଲା।

### ୧୪ ଦିନ ପରେ ମା' ବୁଢ଼ୀ ଠାକୁରାଣୀ ଯାତ୍ରା

# ଆରମ୍ଭ ହେଲା ଅସ୍ଥାୟୀ ମଣ୍ଡପ ନିର୍ମାଣ କାର୍ଯ୍ୟ

**ବ୍ରହ୍ମପୁର ଅଫିସ,୧୫ା୩**



ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ମାର୍ଚ୍ଚ ୨୯ରୁ ଆରମ୍ଭ ହେବ। ଏନେଇ ବଡବଜାର ଦେଶୀବେହେରା ସାହି ଏବେଠାରୁ ବେଶ ଚଳଚଞ୍ଚଳ ହୋଇଉଠିଛି । ଯାତ୍ରା ଆଉ ମାତ୍ର ୧୩ଦିନ ବାକି ଥିବା ବେଳେ ମା'ଙ୍କ ଅସ୍ଥାୟୀ ପୀଠ ନିର୍ମାଣ ପାଇଁ ବୁଧବାର ରାତିରେ ଛତ୍ରପୁର ପାଖଟାକିରିଆ ଅଞ୍ଚଳରୁ କାଠ ପହଞ୍ଚିବା ପରେ ଶୁକ୍ରବାରରୁ ମା'ଙ୍କ ଅସ୍ଥାୟୀ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପାରମ୍ପରିକ ଭାବେ ମା' ଅସ୍ଥାୟୀ ପୀଠ ନିର୍ମାଣ କାର୍ଯ୍ୟକରି ଆସୁଥିବା ଦାଶରଥି ମହାରଣାଙ୍କ ନେତୃତ୍ୱରେ ସୂର୍ଯ୍ୟ ମହାରଣା ଓ ଅନ୍ୟ ମହାରଣାଙ୍କ ସହଯୋଗରେ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ଅସ୍ଥାୟୀ ପୀଠ ପାଇଁ ଖୁଣ୍ଟ ପୋତା ଯାଇଥିବା ବେଳେ ଆସନ୍ତା ଦୁଇରୁ ୩ ଦିନ ମଧ୍ୟରେ ମଣ୍ଡପର ଛାମୁଣ୍ଡିଆ କାର୍ଯ୍ୟ ଶେଷ ହେବ । ଏହାପରେ ଅସ୍ଥାୟୀପୀଠର ପିଣ୍ଡି କାମ ଆରମ୍ଭ ହେବ ବୋଲି ଯାତ୍ରା ସଂଯୋଜକ ସତ୍ୟନାରାୟଣ ନନ୍ଦ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ପୂର୍ବରୁ ସ୍ଥାନୀୟ ଉପଖଣ୍ଡ ପ୍ରଶାସନକୁ ଯାତ୍ରା ସମ୍ପର୍କରେ ଅବଗତ କରାଇଥିବା ପରିଚାଳକ ପି. ଦୁର୍ଗା ପ୍ରାସାଦ ଦେଶୀ ବେହେରା ଶୁକ୍ରବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ସାକ୍ଷାତ କରି ଯାତ୍ରାର ନିର୍ଦ୍ଧାରିତ ସମୟସୀମା ସମ୍ପର୍କରେ ଅବଗତ କରାଇଛନ୍ତି । ଏଥିସହ ଯାତ୍ରାସ୍ଥଳରେ ଜିଲା ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦେବା ନେଇ ନିବେଦନ କରିଥିବା ଦେଶୀବେହେରାଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି। **ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୨୦.୬ |
| ଚାନ୍ଦବାଲି | ୩୧.୨ | ୨୩.୨ |
| କଟକ | ୩୩.୪ | ୨୧.୮ |
| ପାରାଦ୍ୱୀପ | ୩୧.୫ | ୨୪.୮ |
| ଭୁବନେଶ୍ୱର | ୩୪.୨ | ୨୪.୬ |
| ଗୋପାଳପୁର | ୩୪.୮ | ୨୪.୨ |
| ପୁରୀ | ୩୧.୦ | ୨୫.୬ |
| ଅନୁଗୋଳ | ୩୫.୧ | ୨୦.୬ |
| ବାରିପଦା | ୩୩.୪ | ୨୨.୮ |
| ଝାରସୁଗୁଡ଼ା | ୩୩.୫ | ୨୨.୦ |
| କେନ୍ଦୁଝର | ୩୧.୬ | ୧୯.୪ |
| ସମ୍ବଲପୁର | ୩୫.୬ | ୨୩.୧ |
| ସୁନ୍ଦରଗଡ଼ | ୩୬.୦ | ୧୭.୦ |
| ହୀରାକୁଦ | ୩୪.୦ | ୨୩.୭ |
| ତାଳଚେର | ୩୫.୧ | ୨୦.୩ |
| ଭବାନୀପାଟଣା | ୩୭.୫ | ୨୪.୫ |
| ବଲାଙ୍ଗୀର | ୩୭.୦ | ୨୪.୦ |
| କୋରାପୁଟ | ୩୪.୦ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୧.୫ |
| ମାଲକାନଗିରି | --- | ୨୦.୦ |
| ସୋନପୁର | ୩୮.୨ | ୨୦.୮ |
| ଦାରିଙ୍ଗିବାଡ଼ି | ୩୨.୦ | ୧୮.୫ |

ଡିଗ୍ରୀ ସେଲ୍‌ସିୟସ୍

# ସବୁଠି ଟିକେଟ ଦୌଡ଼, ଛକାପଞ୍ଝା

**ଚାନ୍ଦବାଲି ନିର୍ବାଚନମଣ୍ଡଳୀ**

ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ୬ଟି ଜିଲାପରିଷଦ ଜୋନ, ମୋଟ ୪୭ ପଞ୍ଚାୟତ ଚାନ୍ଦବାଲି ବ୍ଲକରେ ୩୫, ଏନ୍‌ଏସିର ୩ ଓ ତିହିଡ଼ି ବ୍ଲକର ୯ ପଞ୍ଚାୟତ ରହିଛି।


ମନମୋହନ ସାମଲ


ବ୍ୟୋମକେଶ ରାୟ


ସଂଗ୍ରାମ କେଶରୀ ରାଉତ


ଅମିୟ ମହାପାତ୍ର

**ମୋଟ ଭୋଟର ସଂଖ୍ୟା**
**୨,୩୩,୨୬୮**
**ମହିଳା ଭୋଟର ସଂଖ୍ୟା**
**୧,୧୦,୦୬୦**
**ପୁରୁଷ ଭୋଟର ସଂଖ୍ୟା**
**୧,୨୩,୨୦୩**
**ଅନ୍ୟାନ୍ୟ ଭୋଟର ସଂଖ୍ୟା**
**୫**

**ଅଶୋକ କୁମାର ପଣ୍ଡା**
**ଚାନ୍ଦବାଲି, ୧୫।୩ (ଡି.ଏନ୍.ଏ.)**

ନିର୍ବାଚନ ତାରିଖ ଘୋଷଣା ପରେ ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି। ବିଜେଡି, ଭାଜପା ଓ କଂଗ୍ରେସ ସମେତ ଅନ୍ୟାନ୍ୟ ଦଳ ପକ୍ଷରୁ ପ୍ରାର୍ଥୀ ବାଛିବା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆଶାୟୀଙ୍କ ଲବି ଜୋରଧରିଛି। ବିଭିନ୍ନ ସ୍ଥାନରେ ସଭା ସମାବେଶ ରାଜନୈତିକ ମାହୋଲକୁ ସରଗରମ କରିଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଶକ୍ତି ବୃଦ୍ଧି ପରଠାରୁ ଏହି ଦଳ ଶାସକ ବିଜେଡିକୁ ଚ୍ୟାଲେଞ୍ଜ ଦେଇଆସୁଛି। ବ୍ୟୋମକେଶ ରାୟ ବର୍ତ୍ତମାନ ବିଜେଡିର ବିଧାୟକ ରହିଛନ୍ତି। ପୁନଶ୍ଚ ଦଳର ପ୍ରାର୍ଥୀ ହେବାକୁ ସେ ଆଶା ରଖିଛନ୍ତି। ଏହାବାଦ୍ ପ୍ରତାପ ଧଳ, ଶାନ୍ତନୁ କୁମାର ମହାନ୍ତି, ସଂଗ୍ରାମ କେଶରୀ ରାଉତ, ଅଜୟ ନାୟକ ପ୍ରମୁଖ ଟିକେଟ ପାଇଁ ଦାବିଦାର ଥିବା ଜଣାପଡ଼ିଛି। କଂଗ୍ରେସର ଆଶାୟୀ ପ୍ରାର୍ଥୀ ଭାବେ ଅମିୟ ମହାପାତ୍ର, ଦିଗମ୍ବର ଦାଶ, ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ଅଭିଷେକ ରାଉତଙ୍କ ନାମ ଚର୍ଚ୍ଚାରେ ରହିଛି। ଭାଜପାର ପୂର୍ବତନ ରାଜସ୍ୱମନ୍ତ୍ରୀ ମନମୋହନ ସାମଲ ଦଳୀୟ ଟିକେଟ ପାଇବାର ସମ୍ଭାବନା ରହିଥିବାରୁ ତାଙ୍କ ସମର୍ଥକମାନେ ସକ୍ରିୟ ଭାବେ ସାଙ୍ଗଠନିକ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଏକାଧିକ ଟିକେଟ ଆଶାୟୀ ରହିଥିବାରୁ ଶାସକ ବିଜେଡି ଓ କଂଗ୍ରେସର ମୁଖିଆଙ୍କ ଲାଗି ଏହା ମୁଣ୍ଡବ୍ୟଥାର କାରଣ ହୋଇଛି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଜିଲାପରିଷଦର ଭୋଟ୍ ହାରକୁ ଦେଖି ସବୁଦଳ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଶାସକ ବିଜେଡି ଅଧିକ ଭୋଟ ପାଇଥିବା ବେଳେ କଂଗ୍ରେସକୁ ପଛରେ ପକାଇ ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିଲା। ଏବେ ଭାଜପା ମିଶ୍ରଣ ପର୍ବ ଓ ବିଜୟ ସଂକଳ୍ପ ଅଭିଯାନ ଚଳାଇଥିବା ବେଳେ ବିଜେଡି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜାରି ରଖିଛି। ୩ ପ୍ରମୁଖ ଦଳ ବର୍ତ୍ତମାନ ଏକପ୍ରକାର ଛକାପଞ୍ଝା ସ୍ଥିତିରେ ରହିଛନ୍ତି। ଛାତ୍ରନେତାରୁ ରାଜନୀତିକୁ ଆସି ୨୦୧୪ରେ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକ ବ୍ୟୋମକେଶ ରାୟ ନିର୍ବାଚନ ମଣ୍ଡଳୀର ବିକାଶ ନିମନ୍ତେ ଅନେକ ପ୍ରକଳ୍ପ ଆଣିଥିବା କହୁଥିଲେ ମଧ୍ୟ ଦଳୀୟ କନ୍ଦଳ ଅଧିକ ଅଡୁଆ ସ୍ଥିତି ସୃଷ୍ଟି କରିଛି। ପୂର୍ବତନ ଚାନ୍ଦବାଲି ବ୍ଲକ ବିଜେଡି ସଭାପତି ପ୍ରତାପ ଧଳଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ପଦରୁ ବହିଷ୍କାର କରାଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚାନ୍ଦବାଲି ଗସ୍ତ ସମୟରେ ତାଙ୍କ ସମର୍ଥକଙ୍କ ଗାଡ଼ି ଭଙ୍ଗାରୁଜା ଓ ମାଡ଼ ଘଟଣା ଚର୍ଚ୍ଚାକୁ ଆସିଥିଲା। ଏହି ପରିପ୍ରେକ୍ଷୀରେ ବ୍ୟୋମକେଶ କିମ୍ବା ଅନ୍ୟ ଆଶାୟୀଙ୍କ ମଧ୍ୟରୁ କାହାକୁ ଟିକେଟ ମିଳିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ନିର୍ବାଚନ ମଣ୍ଡଳୀରେ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଭାବେ ଚର୍ଚ୍ଚାକୁ ଆସିଥିବା ସଂଗ୍ରାମ କେଶରୀ ରାଉତ ଓ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ମଧ୍ୟ ଟିକେଟ ପାଇଁ ଲବି ଚଳାଇଛନ୍ତି। ଚାନ୍ଦବାଲିରେ ସକ୍ରିୟ ଥିବା ସଂଗ୍ରାମ ସେନାର ମୁଖ୍ୟ ସଂଗ୍ରାମ ରାଉତ ମଧ୍ୟ ବିଜେଡିରୁ ଟିକେଟ ପାଇବାକୁ ଆଶା ରଖିଛନ୍ତି। ଅସନ୍ତୁଷ୍ଟ ଗୋଷ୍ଠୀ ପ୍ରତାପଙ୍କୁ ନୈତିକ ସମର୍ଥନ ଦେବା ଶାସକ ଦଳ ପାଇଁ ଚିନ୍ତା ବଢ଼ାଇଛି। ୨୦୧୪ ନିର୍ବାଚନରେ ୩ୟ ସ୍ଥାନରେ ଥିବା ମନମୋହନଙ୍କର ଏଥର ନିର୍ବାଚନ ଗୋଟିଚାଳନା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ଧାମରା ଜିଲାପରିଷଦ ୫ ନମ୍ବର ଜୋନରେ ଭାଜପାର ସ୍ଥିତି ସଜାଡ଼ିବାକୁ ଏବେ ଦଳର ଅଧିକାଂଶ ନେତା ସେଠାରେ ଡେରା ପକାଇଛନ୍ତି। ଅନ୍ୟ ଦଳରୁ ଆସି ଭାଜପାରେ ସାମିଲ ହୋଇଥିବା ନେତାଙ୍କ ଉପରେ ଦଳର କର୍ମକର୍ତ୍ତା ଅଧିକ ନିର୍ଭର କରୁଥିବା ବେଳେ ଦଳର ପୁରୁଖା ନେତାଙ୍କ ନୀରବତା ମଧ୍ୟ ଚର୍ଚ୍ଚାକୁ ଆସିଛି। ୨୦୧୪ ସାଧାରଣ ନିର୍ବାଚନରେ ୪୩, ୬୭୪ ଭୋଟ ପାଇ ୨ୟ ସ୍ଥାନରେ ଥିଲା କଂଗ୍ରେସ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଖରାପ ପ୍ରଦର୍ଶନ ଯୋଗୁ ନେତାମାନେ ଆତ୍ମସମୀକ୍ଷାରେ ଲାଗିଛନ୍ତି। ପୂର୍ବରୁ ୨ଥର କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ଅମିୟ ମହାପାତ୍ର ଓ ବ୍ଲକ କଂଗ୍ରେସ ସଭାପତି ଦିଗମ୍ବର ଦାସ ଦଳୀୟ କର୍ମୀଙ୍କୁ ସଙ୍ଗଠିତ କରି ଟିକେଟ ଆଶାୟୀ ରହିଥିବା କୁହାଯାଉଛି। ଧାମରା ଅଞ୍ଚଳର ଏହି ଦୁଇ ନେତା ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ଶାସକ ବିଜେଡି ସହିତ ସନ୍ଧି କରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦ ଦଖଲ କରି ଚର୍ଚ୍ଚାକୁ ଆସିଥିଲେ। କଂଗ୍ରେସ ଆଶାୟୀ ଦିଗମ୍ବର ଦାସ କହିଛନ୍ତି, ରାଜ୍ୟରେ ବିଜେଡି ସରକାର ସମୟରେ ଚାନ୍ଦବାଲିର ଆଖିଦୃଶିଆ ଉନ୍ନତି ହୋଇନାହିଁ। ଧାମରା ବନ୍ଦରରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସମେତ ପୋଲ ନିର୍ମାଣ ଆଦି ବିକାଶ କାର୍ଯ୍ୟ ପାଇଁ ସବୁବେଳେ ଦାବି କରିଆସିଛି। ଏଣୁ ଦଳରୁ ଟିକେଟ ପାଇବାକୁ ଆଶାୟୀ ରହିଛି। ବିଜେଡି ବିଧାୟକ ବ୍ୟୋମକେଶ କହିଛନ୍ତି, ଚାନ୍ଦବାଲି ଏନଏସି କାର୍ଯ୍ୟକ୍ଷମ ହେବା, ଭଦ୍ରକ-ଚାନ୍ଦବାଲି ରାସ୍ତା ନିର୍ମାଣ, ବିଦ୍ୟୁତ୍ ଗ୍ରୀଡ, ପାନୀୟ ଜଳ ସମସ୍ୟା ଦୂର କ୍ଷେତ୍ରରେ ଦଳ ପକ୍ଷରୁ ଅନେକ କାର୍ଯ୍ୟ କରାଯାଇଛି। ଆଗକୁ ମୋ ନେତୃତ୍ୱରେ ଅଧିକ ବିକାଶ ହୋଇପାରିବ। ବିଜେଡିର ଅଜୟ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦଳରେ ଦୀର୍ଘଦିନ ଧରି ଦଳର ବିଭିନ୍ନ ପଦପଦବୀରେ ରହିବା ସହ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇଛି। ତେଣୁ ଦଳୀୟ ପ୍ରାର୍ଥୀ ହେବାକୁ ଉଚିତ ମଣୁଛି। ବିଜେଡିର ପ୍ରତାପ ଧଳ କହିଛନ୍ତି, ସେ ଅଣକଂଗ୍ରେସ ରାଜନୀତି ସହିତ ଦୀର୍ଘଦିନ ଧରି ସମ୍ପୃକ୍ତ। ଲୋକଙ୍କ ସମସ୍ୟା ଜାଣିଛି ଓ ଲୋକଙ୍କ ସହିତ ରହିଛି। ଲୋକଙ୍କ ଆଶା ଆକାଙ୍କ୍ଷା ପୂରଣ ଲାଗି ଏଥର ବିଧାୟକ ପ୍ରାର୍ଥୀ ହେବାକୁ ଚାହିଁଛି। ଅନୁରୂପ ଭାବେ ସଂଗ୍ରାମ କେଶରୀ ରାଉତ କହିଛନ୍ତି, ଚାନ୍ଦବାଲି ରାଜସ୍ୱ ସବ୍‌ଡିଭିଜନ ଘୋଷଣା, ଶିକ୍ଷିତ ଲୋକଙ୍କୁ ନିଯୁକ୍ତି, ଜଳସେଚନ, ଚାନ୍ଦବାଲି ବ୍ଲକର ତିନି ଭୂଖଣ୍ଡକୁ ଏକତ୍ର କରିବା ଆଦି ଦାବି କରିଆସିଥିବାରୁ ତାଙ୍କ ପଛରେ ଜନସମର୍ଥନ ରହିଛି। ଏଥିଲାଗି ସେ ବିଜେଡିରୁ ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ବିଜେଡିର ଶାନ୍ତନୁ କୁମାର ମହାନ୍ତି ଅଞ୍ଚଳର ସାମଗ୍ରିକ ବିକାଶ ଲାଗି ସେ ବିଧାୟକ ପ୍ରାର୍ଥୀ ହେବେ ବୋଲି କହିଛନ୍ତି। ଭାଜପାରବରିଷ୍ଠନେତାମନମୋହନସାମଲତାଙ୍କପ୍ରତିକ୍ରିୟାରେକହିଛନ୍ତି,ଅଞ୍ଚଳରସାମଗ୍ରିକବିକାଶଲାଗିସେପ୍ରାର୍ଥୀ ହେବାକୁସ୍ଥିରକରିଛନ୍ତି।ଏସିଆରବୃହତ୍ତମବନ୍ଦରଚାନ୍ଦବାଲିନିର୍ବାଚନମଣ୍ଡଳୀରେଥିଲେମଧ୍ୟଏଠାରେଛୁଞ୍ଚିକାରଖାନାଟିଏ ନାହିଁ। ନଈନାଳ ଘେରା ଏହି ଅଞ୍ଚଳରେ ପୋଲ ନିର୍ମାଣ ଓ ଗମନାଗମନ ସୁବିଧା କଥା ରାଜ୍ୟ ସରକାର ଏକପ୍ରକାର ଭୁଲି ଯାଇଛନ୍ତି। ଭାଜପା ସବୁବେଳେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି ଏଠାରେ ଆନ୍ଦୋଳନ କରିଆସୁଛି ବୋଲି ସେ କହିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ବ୍ୟୋମକେଶ ରାୟ | ୬୮,୫୫୭ |
| କଂଗ୍ରେସ | ଅମିୟ ମହାପାତ୍ର | ୪୩,୬୭୪ |
| ଭାଜପା | ମନମୋହନ ସାମଲ | ୩୮,୯୫୨ |
| ସିପିଆଇ | ଉପେନ୍ଦ୍ର ରାଉଳ | ୧,୬୮୭ |
| ଆମ ଓଡ଼ିଶା | ବିଶ୍ୱକେଶରୀ ମହାନ୍ତି | ୧,୨୪୯ |



# ଏଥର ବଦଳିପାରେ ସମୀକରଣ

**ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ**



**ମୋଟ ଭୋଟର ସଂଖ୍ୟା**
**୨,୦୫,୫୪୮**
**ପୁରୁଷ ଭୋଟର ସଂଖ୍ୟା**
**୧,୦୧,୨୧୫**
**ମହିଳା ଭୋଟର ସଂଖ୍ୟା**
**୧,୦୪,୩୩୧**
**ଅନ୍ୟାନ୍ୟ ଭୋଟର ସଂଖ୍ୟା**
**୨**

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| କଂଗ୍ରେସ | କେ. ସୂରିୟା ରାଓ | ୬୧, ୦୧୪ |
| ବିଜେଡି | କେ.ନାରାୟଣ ରାଓ | ୫୯, ୫୯୫ |
| ଭାଜପା | ତ୍ରିପତି ନାୟକ | ୬,୪୦୦ |

**ରଶ୍ମିରଞ୍ଜନ ମିଶ୍ର**
**ପାରଳାଖେମୁଣ୍ଡି, ୧୫।୩**

ଗଜପତି ଜିଲାର ଗୁମ୍ମା, ଗୋଷାଣି ଓ କାଶୀନଗର ବ୍ଲକ ସମେତ ପାରଳାଖେମୁଣ୍ଡି ପୌରାଞ୍ଚଳ ଏବଂ କାଶୀନଗର ବିଜ୍ଞପିତ ଅଞ୍ଚଳ ପରିଷଦକୁ ନେଇ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ବର୍ତ୍ତମାନ ଏହା କଂଗ୍ରେସ ଦଖଲରେ ରହିଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନରେ ତିନି ପ୍ରମୁଖ ଦଳ ନିଜ କବ୍‌ଜାକୁ ନେବା ପାଇଁ କସରତ ଆରମ୍ଭ କରିଦେଲେଣି। ଏଠାରେ ପ୍ରାର୍ଥୀ ହେବା ପାଇଁ ଏକାଧିକ ଆଶାୟୀ ରହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଏଠାରେ ରାଜନୈତିକ ସମୀକରଣ ପରିବର୍ତ୍ତନ ହେବା ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ। କଂଗ୍ରେସ ପକ୍ଷରୁ ଏକାଧିକ ପ୍ରାର୍ଥୀ ଟିକେଟ ଦୌଡରେ ରହିଛନ୍ତି। ହାଇଟେକ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ଏଠାରୁ ପ୍ରାର୍ଥୀ ହେବା ପାଇଁ ଗତ ଏକବର୍ଷ ହେଲା କର୍ମୀମାନଙ୍କ ସହ ସମ୍ପର୍କ ରକ୍ଷା କରି ମାରାଥନ ବୈଠକ ଓ ସଭାମାନ କରିଆସୁଛନ୍ତି। ସେ ସମ୍ପୂର୍ଣ୍ଣ ଭାବେ ଆଶାୟୀ ଏବଂ ତାଙ୍କ ସହ ସମସ୍ତ କର୍ମୀ ଅଛନ୍ତି ବୋଲି କହିବା ସହ ତାଙ୍କୁ ସୁଯୋଗ ମିଳିଲେ ଏହି ଆସନକୁ ଦଖଲ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେହିପରି କିଛିଦିନ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବର୍ତ୍ତମାନର ବିଧାୟକ ତଥା କଂଗ୍ରେସ ନେତା କେ.ସୂରିୟା ରାଓ ସାମାନ୍ୟ ଶିଥିଳ ପଡିଥିଲେ ମଧ୍ୟ ଏବେ ଟିକେଟ ପାଇଁ ଆଶା ବାନ୍ଧିଛନ୍ତି। ସେ କହିଛନ୍ତି ହାଇକମାଣ୍ଡଙ୍କ ନିଷ୍ପତ୍ତି ଅନୁଯାୟୀ ଦାୟିତ୍ୱ ନେବି ଏବଂ ଯଦି ବିଧାୟକ ପ୍ରାର୍ଥୀ ଭାବେ ସୁଯୋଗ ମିଳେ ତାହାହେଲେ ନିଶ୍ଚିତ ଲଢ଼ିବି। ସେହିପରି ପାରଳାଖେମୁଣ୍ଡି ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଟିକେଟ ଦୌଡ଼ରେ ଥିବାବେଳେ ସୁଯୋଗ ମିଳିଲେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ ବୋଲି କହିଛନ୍ତି। କଂଗ୍ରେସ ଯୁବନେତା କେ. ରାମସ୍ୱାମୀ ମଧ୍ୟ ଟିକେଟ ପାଇଁ ଆଶାବାଦୀ ଅଛନ୍ତି।

ବିଜେଡି ପକ୍ଷରୁ ଗତ ଥର ପ୍ରାର୍ଥୀ ହୋଇଥିବା ବରିଷ୍ଠ ନେତା କେ.ନାରାୟଣ ରାଓ ଦଳୀୟ ଟିକେଟ ପାଇଁ ପ୍ରମୁଖ ଦାବିଦାର ରହିଥିବା କୁହାଯାଉଛି। ସେ ମଧ୍ୟ କର୍ମୀଙ୍କ ସହ ଯୋଗସୂତ୍ର ରଖି ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରେ ନିଜକୁ ସାମିଲ କରିଆସୁଛନ୍ତି। ନୂତନ ଭାବେ ବିଜେଡିରେ ଯୋଗଦେଇଥିବା ପାରଳା ରାଜକୁମାରୀ କଲ୍ୟାଣୀ ଦେବୀ ଟିକେଟ ଦୌଡ଼ରେ ସର୍ବାଗ୍ରେ ଥିବା ଚର୍ଚ୍ଚା ଚାଲିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପରିବାର ସହ ପାରଳା ରାଜପରିବାରର ସମ୍ପର୍କ ବହୁ ପୁରୁଣା ଏବଂ ରାଜକୁମାରୀଙ୍କ ପାରିବାରିକ ପ୍ରତିଷ୍ଠା ଯୋଗୁ ସେ ଟିକେଟ ପାଇଁ ଆଶାୟୀ ରହିଥିବା କୁହାଯାଉଛି। ସେହିପରି ଯୁବ ନେତା ତଥା ପ୍ରାଧ୍ୟାପକ ମାରୁତ କୁମାର ପାଳ କଂଗ୍ରେସର ଗଡ କୁହାଯାଉଥିବା ଗୁମ୍ମା ବ୍ଲକରେ ନିଜର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଥିବା ଜଣାପଡ଼ିଛି। ଗତ ତିତ୍‌ଲି ବାତ୍ୟା ସମୟରେ ଗ୍ରାମାଞ୍ଚଳ ବୁଲି ଲୋକଙ୍କୁ ସହାୟତା ଦେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟିକେଟ ପାଇଁ ସେ ଶତ ପ୍ରତିଶତ ଆଶାୟୀ ଓ ତାଙ୍କୁ ସୁଯୋଗ ମିଳିଲେ ନିଶ୍ଚିତ ଏହାର ସଦୁପଯୋଗ କରିବେ ବୋଲି କହିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁଏସ୍‌ର ମୁଖ୍ୟ ତଥା ସାମାଜିକ କର୍ମୀ ଡି. ଜଗନ୍ନାଥ ରାଜୁ ଟିକେଟ ଦୌଡ଼ରେ ସାମିଲ ଥିବା ଶୁଣିବାକୁ ମିଳୁଛି। ସେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବା ସହ ତିତ୍‌ଲି ବାତ୍ୟା ବେଳେ ନିଜ ଅନୁଷ୍ଠାନ ଜରିଆରେ ଲୋକଙ୍କୁ ସହାୟତା ଯୋଗାଇ ଦେଇଥିଲେ।

ଭାଜପା ପକ୍ଷରୁ ପ୍ରମୁଖ ଦାବିଦାରମାନଙ୍କ ମଧ୍ୟରେ ଜିଲା ସଭାପତି ଜି. ଭେଙ୍କେଟ ରାବଣା ଆଗରେ ରହିଥିବା ଚର୍ଚ୍ଚା ହେଉଛି। ସେ କହିଛନ୍ତି ପୂର୍ବରୁ ଦୁଇଥର ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଥିଲା। ଏହାସତ୍ତ୍ୱେ ସେ ଦଳ ବିରୋଧରେ ନ ଯାଇ ଲଗାତର ସାଙ୍ଗଠନିକ କାର୍ଯ୍ୟ କରିଆସୁଛନ୍ତି। ହାଇକମାଣ୍ଡ ତାଙ୍କ ଉପରେ ଭରସା କରିବେ ଓ ତାଙ୍କୁ ଟିକେଟ ମିଳିବ ବୋଲି ସେ ଆଶା ରଖିଛନ୍ତି। ସେହିପରି ଭାଜପାର ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର ମଧ୍ୟ ଟିକେଟ ଦୌଡରେ ରହିଛନ୍ତି। ସେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଏବଂ ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ସାମିଲ କରିବା ସହ ହାଇକମାଣ୍ଡ ତାଙ୍କୁ ଟିକେଟ ଦେବେ ବୋଲି ଆଶା କରିଛନ୍ତି। ଗତ ଥରର ପ୍ରାର୍ଥୀ ତଥା ପାରଳାଖେମୁଣ୍ଡିର ପୂର୍ବତନ ପୌରାଧ୍ୟକ୍ଷ ତ୍ରିପତି ନାୟକ ମଧ୍ୟ ଭାଜପା ପକ୍ଷରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଚାଲିଛି। ତେବେ ଆଗାମୀ ଦିନରେ କାହାକୁ ଟିକେଟ ମିଳିବ ତାହାକୁ ଏବେ ସମସ୍ତଙ୍କ ଅପେକ୍ଷା।


କେ.ସୂରିୟା ରାଓ


ତିରୁପତି ପାଣିଗ୍ରାହୀ


କଲ୍ୟାଣୀ ଦେବୀ


ଜି. ଭେଙ୍କେଟ ରାବଣା


କେ.ନାରାୟଣ ରାଓ


ସିଦ୍ଧେଶ୍ୱର ମିଶ୍ର


ମାରୁତ କୁମାର ପାଳ

# କଂଗ୍ରେସ, ଭାଜପାରେ ଟିକେଟ କସରତ

**ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ**

**ଅଶେଷ ନାଥ ମିଶ୍ର/ଏ.ପ୍ରକାଶ ରାଓ ଦୋରା**
**ଦିଗପହଣ୍ଡି/କୁକୁଡାଖଣ୍ଡି, ୧୪।୩(ଡି.ଏନ.ଏ.)**

ଗଞ୍ଜାମ ଜିଲାର ବୃହତ୍ ବିଧାନସଭା କ୍ଷେତ୍ର ଭାବେ ଦିଗପହଣ୍ଡି ଚର୍ଚ୍ଚିତ। ଲୋକସଂଖ୍ୟା, ଭୋଟରଙ୍କ ସଂଖ୍ୟା ଓ ଭୌଗୋଳିକ ପରିସୀମା ଦୃଷ୍ଟିକୋଣରୁ ଏହି ନିର୍ବାଚନ ମଣ୍ଡଳୀ ଜିଲାରେ ବୃହତ୍ତମ। ୨୦୦୯ ପୂର୍ବରୁ ଦିଗପହଣ୍ଡି ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀରେ ରହିଥିଲା। ୧୯୯୦ରୁ ୨୦୦୯ ପର୍ଯ୍ୟନ୍ତ ସୂର୍ଯ୍ୟ ନାରାୟଣ ପାତ୍ର ଏଠାରୁ ବିଧାୟକ ଭାବେ କ୍ରମାଗତ ବିଜୟ ଲାଭ କରିଥିଲେ। ମନ୍ତ୍ରୀପଦ ମଧ୍ୟ ଅଳଙ୍କୃତ କରିଛନ୍ତି। ସୀମା ନିର୍ଦ୍ଧାରଣ ପରେ ମୋହନା ବିଧାନସଭା ଆସନ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ହେବା ପରେ ସୂର୍ଯ୍ୟ ନାରାୟଣ ୨୦୦୯ ଓ ୨୦୧୪ରେ ନବଗଠିତ ଦିଗପହଣ୍ଡି ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛନ୍ତି। ଆଗାମୀ ନିର୍ବାଚନ ସୂର୍ଯ୍ୟଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବା ବେଳେ କଂଗ୍ରେସ ଓ ଭାଜପାରେ ଟିକେଟ ପାଇଁ ଚାଲିଛି କସରତ। ବର୍ତ୍ତମାନ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ୨୦୦୯ ଓ ୨୦୧୪ରେ ନିର୍ବାଚନ ଜିତି କ୍ଷମତାରେ ଥିଲେ ମଧ୍ୟ ନିର୍ବାଚନ ମଣ୍ଡଳୀରେ କୌଣସି ଆଖିଦୃଶିଆ ଉନ୍ନତି କରିପାରି ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ବିଶେଷକରି ଛେଳିଗଡ଼ ଜଳସେଚନ ଯୋଜନା କାର୍ଯ୍ୟକ୍ଷମ ଲାଗି ଅଞ୍ଚଳବାସୀଙ୍କର ଦୀର୍ଘଦିନର ଦାବି ଅଦ୍ୟାବଧି ପୂରଣ ହୋଇପାରିନାହିଁ। ସରକାରୀ କଳର ଅଣଦେଖା, ସ୍ଥାନୀୟ ନେତାଙ୍କ ହେୟଜ୍ଞାନ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ନିର୍ବାଚନ ମଣ୍ଡଳୀରେ ବିକାଶରେ ଅନ୍ତରାୟ ସାଜିଛି ବୋଲି ବିଭିନ୍ନ ବର୍ଗର ଜନସାଧାରଣ ମତ ଦେଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ଦିଗପହଣ୍ଡି ଅଞ୍ଚଳ ବହୁ ପଛରେ ପଡ଼ିଛି। ଅଞ୍ଚଳବାସୀ ଦୀର୍ଘଦିନ ହେଲା ସେମାନଙ୍କ ପଞ୍ଚାୟତଗୁଡିକରେ ଶାସନ କ୍ଷମତାରେ ଥିବା ବିଜେଡି ପ୍ରାର୍ଥୀମାନଙ୍କୁ ଜିତାଇ ଆସୁଥିଲେ ମଧ୍ୟ ନିର୍ବାଚିତ ଜନ ପ୍ରତିନିଧିଙ୍କ ଅବହେଳା ଯୋଗୁ ଅଞ୍ଚଳର ସାମଗ୍ରିକ ବିକାଶ ହୋଇପାରିନାହିଁ। ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ କୁହନ୍ତି, ଗତ ୧୦ ବର୍ଷରେ ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ ଅନେକ ବିକାଶ ହୋଇଛି। ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡିରେ ମିନି ଷ୍ଟାଡିୟମ, ସମସ୍ତ ଗାଁକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ, ୪ ମଡେଲ ସ୍କୁଲ ଓ ହଷ୍ଟେଲ ପ୍ରତିଷ୍ଠା, ୪ଟି ୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ପ୍ରତିଷ୍ଠା, ପ୍ରତ୍ୟେକ ଗାଁକୁ ସଡ଼କ ଓ ଆଲୋକୀକରଣ ପାଇଁ ଷ୍ଟ୍ରିଟଲାଇଟ ବ୍ୟବସ୍ଥା, ବିଭିନ୍ନ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ଦିଆଯାଇଛି। ୨ ମେଗା ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଘୋଡ଼ାହାଡ଼ ଓ ବାହୁଦା ନଦୀ ଉପରେ ପୋଲ ନିର୍ମାଣ ସ୍ୱପ୍ନ ଥିଲା ତାହା ପୂରଣ ହୋଇଛି। ଏଥର ଆପଣ ନିର୍ବାଚନ ଲଢ଼ିବେ କି ନାହିଁ ପ୍ରଶ୍ନରେ କହିଛନ୍ତି, ସେ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତି ନେବେ ବୋଲି ସୂର୍ଯ୍ୟ କହିଛନ୍ତି। ସୂର୍ଯ୍ୟଙ୍କୁ ଛାଡିଲେ ବିଜେଡିରେ ଅନ୍ୟ କେହି ଆଶାୟୀ ନ ଥିବାରୁ ତାଙ୍କର ଟିକେଟ୍ ଏକପ୍ରକାର ସୁନିଶ୍ଚିତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିରୋଧୀ ଭାଜପା ଓ କଂଗ୍ରେସରେ ବହୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ରହିଛି। କଂଗ୍ରେସରେ ଗତଥର ପରାଜିତ ପ୍ରାର୍ଥୀ ସାକା. ସୁଜିତ କୁମାର, ପ୍ରଫୁଲ୍ଲ ପଣ୍ଡା, ବିସ୍ମୟ ମହାପାତ୍ର, ଶ୍ରୀଧର ଦେବ ଓ ବୃନ୍ଦାବନ ଖଟେଇ ପ୍ରମୁଖଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ଭାଜପାରୁ ଉତ୍ତମ କୁମାର ପାଣିଗ୍ରାହୀ, ମହନ୍ତ ଚିନ୍ମୟାନନ୍ଦ ଦାସ, ଶ୍ରୀକାନ୍ତ ପାଢ଼ୀ, ସିଦ୍ଧାନ୍ତ ଗଙ୍ଗଦେବ, ପରେଶ ଚନ୍ଦ୍ର ରଥ ଓ ଶୁଭେନ୍ଦୁ ପାଢ଼ୀ ପ୍ରମୁଖ ଟିକେଟ ଦୌଡ଼ରେ ଥିବା କୁହାଯାଉଛି।

ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ନଗରପାଳ ତଥା କଂଗ୍ରେସ ନେତା ପ୍ରଫୁଲ୍ଲ ପଣ୍ଡା କହିଛନ୍ତି, ମୁଁ ଗତ ୩୦ ବର୍ଷ ହେବ ଦଳ ପାଇଁ କାମ କରି ଆସିଛି। ଛାତ୍ର କଂଗ୍ରେସ ସଭାପତିଠାରୁ ଆରମ୍ଭ କରି ଯୁବ କଂଗ୍ରେସ ସଭାପତି ଓ ପରବର୍ତ୍ତୀ ସମୟରେ ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇ ଆସିଛି। ଟିକେଟ ମିଳିବା ଆଶା ରଖିଛି। ଅନ୍ୟପକ୍ଷରେ ୨୦୧୪ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇ ନ ଥିଲେ ମଧ୍ୟ ସାକା. ସୁଜିତ କୁମାର ସମ୍ମାନଜନକ ଭୋଟ ପାଇଥିଲେ। ଏଥର ବି ସେ ଆଶାୟୀ ରହିଛନ୍ତି। ସେ ଦଳୀୟ ଟିକେଟ ପାଇବେ ବୋଲି ସମ୍ପୂର୍ଣ୍ଣ ଆଶାବାଦୀ ଥିବା କହିଛନ୍ତି। ଦିଗପହଣ୍ଡି ଆସନ ଦଖଲ ପାଇଁ ଲକ୍ଷ୍ୟ ରଖିଥିବା ଭାଜପାର ଏକାଧିକ ଆଶାୟୀଙ୍କ ମଧ୍ୟରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ଉତ୍ତମ କୁମାର ପାଣିଗ୍ରାହୀ ଦଳୀୟ ଟିକେଟ ପାଇଁ ଲବି ଚଳାଇଛନ୍ତି। ସେ କହିଛନ୍ତି, ଯେଉଁ ସମୟରେ ଏଠାରେ ଦଳର ସ୍ଥିତି ନ ଥିଲା, ସେତେବେଳେ ସଂଗଠନ ଆରମ୍ଭ କରିଥିଲି। ତେଣୁ ଟିକେଟ ଆଶାରେ ରହିଥିବା କହିଛନ୍ତି। ଅନ୍ୟତମ ଆଶାୟୀ ମହନ୍ତ ଚିନ୍ମୟାନନ୍ଦ କହିଛନ୍ତି, ଗତ ୨ଟି ନିର୍ବାଚନରେ ଏଠାରୁ ବିଜୟୀ ହୋଇ ଆସୁଥିବା ବିଜେଡି ବିଧାୟକ ତଥା ମନ୍ତ୍ରୀ ଅଞ୍ଚଳର ବିକାଶ କରିନାହାନ୍ତି। ସ୍ୱାସ୍ଥ୍ୟସେବା, ରାସ୍ତାଘାଟ, ପାନୀୟ ଜଳ, ଜଳସେଚନ, ଚାଷୀଙ୍କ ସମସ୍ୟା ଓ ଯୁବ ଶିକ୍ଷିତ ଗୋଷ୍ଠୀଙ୍କୁ କର୍ମ ନିଯୁକ୍ତି ସମସ୍ୟା ସମାଧାନ କରି ନ ପାରିବା ବିଧାୟକଙ୍କ ଲୋକ ପ୍ରିୟତାକୁ ହ୍ରାସ କରିଛି। ଆସନ୍ତା ନିର୍ବାଚନରେ ଭାଜପାରୁ ଟିକେଟ ମିଳିଲେ ନିର୍ବାଚନ ଲଢ଼ିବି। ଯଦି ନ ମିଳେ ଦଳ ବିରୋଧୀ କାର୍ଯ୍ୟ କରିବି ନାହିଁ। ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବି। ସ୍ଥାନୀୟ ଅଞ୍ଚଳରେ ତାଙ୍କର ନେତୃତ୍ୱ ଓ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାକୁ ଆଧାର କରି ତାଙ୍କୁ ଟିକେଟ ଦିଆଗଲେ ଭାଜପା ବିଜୟୀ ହେବାର ଅଧିକ ସମ୍ଭାବନା ରହିଥିବା ସେ କହିଛନ୍ତି।



**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ସୂର୍ଯ୍ୟନାରାୟଣ ପାତ୍ର | ୭୮,୯୪୯ |
| କଂଗ୍ରେସ | ସାକା. ସୁଜିତ କୁମାର | ୩୩,୦୫୨ |
| ଭାଜପା | ବିଜୟ କୁମାର ସ୍ୱାଇଁ | ୭,୭୭୧ |

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ସୂର୍ଯ୍ୟ ନାରାୟଣ ପାତ୍ର | ୬୫,୨୧୯ |
| କଂଗ୍ରେସ | ଭି. ରବିନାରାୟଣ ପାତ୍ର | ୩୨,୪୫୬ |
| ଭାଜପା | ଶ୍ରୀଧର ଦେବ | ୪,୧୧୯ |


ସୂର୍ଯ୍ୟ ନାରାୟଣ ପାତ୍ର


ମହନ୍ତ ଚିନ୍ମୟାନନ୍ଦ ଦାସ


ଉତ୍ତମ କୁମାର ପାଣିଗ୍ରାହୀ

**ମୋଟ ଭୋଟର ସଂଖ୍ୟା**
**୨,୦୬,୩୧୧**
**ପୁରୁଷ ଭୋଟର ସଂଖ୍ୟା**
**୧,୦୭,୫୪୭**
**ମହିଳା ଭୋଟର ସଂଖ୍ୟା**
**୯୮,୭୬୪**


ସାକା.ସୁଜିତ କୁମାର


ପ୍ରଫୁଲ୍ଲ ପଣ୍ଡା

# କଂଗ୍ରେସ ଗଡ଼ରେ ଥରେ ଜିତିଛି ବିଜେଡି

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | କୃଷ୍ଣଚନ୍ଦ୍ର ସଗରିଆ | ୫୦,୬୭୨ |
| ବିଜେଡି | ରଘୁରାମ ମାଛ | ୪୫,୬୯୬ |
| ଭାଜପା | ଜୟରାମ ଗରଡ଼ା | ୧୩,୬୬୫ |

**ମୋଟ ଭୋଟର ସଂଖ୍ୟା** ୧,୮୬,୨୨୫

**ପୁରୁଷ ଭୋଟର** ୯୧,୨୩୦

**ମହିଳା ଭୋଟର** ୯୪,୯୮୩

**ଅନ୍ୟାନ୍ୟ ଭୋଟର** ୧୨

**ଅମିତାଭ ବେହେରା**
କୋରାପୁଟ,୧୫।୩

କଂଗ୍ରେସର ଗଡ଼ ରହିଆସିଥିବା କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ଥରେମାତ୍ର ବାଜି ମାରିଥିବା ବେଳେ କଂଗ୍ରେସ ୭ଥର ବିଜୟୀ ହୋଇଛି। ୨୦୦୯ରେ କେବଳ ଥରେମାତ୍ର ଏହି ଆସନ କଂଗ୍ରେସର ହାତଛଡ଼ା ହୋଇଥିବା ବେଳେ ବିଜେଡି ଏହାକୁ ଦଖଲ କରିଥିଲା। କିନ୍ତୁ ୨୦୧୪ରେ ପୁଣି ଏଠାରେ କଂଗ୍ରେସର କୃଷ୍ଣଚନ୍ଦ୍ର ସଗରିଆ ବିଜୟୀ ହୋଇ ବିଧାୟକ ହୋଇଥିଲେ। କିନ୍ତୁ କିଛିଦିନ ତଳେ ସେ ଦଳରୁ ବିଦା ହେବା ସହ ଦଳ ଭିତରେ ଗୋଷ୍ଠୀ କନ୍ଦଳ ଓ ଆଭ୍ୟନ୍ତରୀଣ ବିବାଦ ପାଇଁ କଂଗ୍ରେସ ବ୍ୟାକଫୁଟ୍‌କୁ ଚାଲିଯାଇଛି। ତେଣୁ କଂଗ୍ରେସ ଏଠାରେ କମବ୍ୟାକ୍ କରିବା କଷ୍ଟକର ହୋଇପଡ଼ିବ ବୋଲି




ସାଧାରଣରେ ଆଲୋଚନା ହେଉଛି। ଏହାର ଫାଇଦା ବିଜେଡି ନେବ ନିଶ୍ଚୟ। ତେବେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଇ ନିକଟରେ ଜୟପୁର ସମାବେଶରେ ଗୁରୁମନ୍ତ୍ର ଦେବା ପରେ ନେତା ଓ କର୍ମୀଙ୍କ ଭିତରେ ନୂତନ ଉତ୍ସାହ ସୃଷ୍ଟି ହୋଇଛି। ଏହି ଆସନ ପାଇଁ କେଉଁ ଦଳରୁ କିଏ ଚୂଡ଼ାନ୍ତ ପ୍ରାର୍ଥୀ ହେବେ, ସେନେଇ ଅଙ୍କକଷା ଚାଲିଛି। ଏଥର ବିଜେଡିରେ ୧୦ରୁ ଅଧିକ, କଂଗ୍ରେସରୁ ୫ ଓ ଭାଜପାରୁ ୫ ଜଣ ଆଶାୟୀ ପ୍ରାର୍ଥୀ ରହିଛନ୍ତି।

୨୦୦୪ରେ ଏହି ଆସନ ଅସଂରକ୍ଷିତ ଥିବାବେଳେ କଂଗ୍ରେସରୁ ତାରାପ୍ରସାଦ ବାହିନୀପତି ବିଧାୟକ ହୋଇଥିଲେ। ୨୦୦୯ରେ ଏହି ଆସନ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଘୋଷଣା କରାଯିବା ପରେ ବିଜେଡିରୁ ରଘୁରାମ ପଡାଲ ପ୍ରାର୍ଥୀ ହୋଇ କଂଗ୍ରେସର କୃଷ୍ଣଚନ୍ଦ୍ର ସଗରିଆଙ୍କୁ ୧୧୧୪ ଭୋଟ୍‌ରେ ହରାଇଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସର କୃଷ୍ଣଚନ୍ଦ୍ର ସଗରିଆ ବିଜେଡି ପ୍ରାର୍ଥୀ ରଘୁରାମ ମାଛଙ୍କୁ ୪ ହଜାର ୯୭୬ ଭୋଟରେ ହରାଇ ବିଧାୟକ ହୋଇଥିଲେ। ଏବେ ସଗରିଆ କଂଗ୍ରେସ ଛାଡ଼ି ବିଏସ୍‌ପି ଶିବିରରେ ଯୋଗଦେଇଛନ୍ତି। ୨୦୧୯ ନିର୍ବାଚନରେ ଉଭୟ ବିଜେଡି ଓ ଭାଜପା ଏହାର ଫାଇଦା ନେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। କୃଷ୍ଣଚନ୍ଦ୍ର ସଗରିଆ ବିଏସ୍‌ପିରେ ଯୋଗଦେବା ପରେ ସେହି ଦଳରୁ ପ୍ରାର୍ଥୀ ହେବା ସମ୍ଭାବନା ରହିଛି।

ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ଏବେ ବହୁ ନୂଆ ମୁହଁ ଦେଖିବାକୁ ମିଳୁଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ବିଧାୟକ ନିମାଇଁ ସରକାର, କୋରାପୁଟ ଜିଲା ଅନୁସୂଚିତ ଜାତି ସେଲର ସଭାପତି ରମେଶ ବାଖ୍ୟା, ପିସିସି ସଭ୍ୟ ଭରତ ଖୋସ୍‌ଲା, ବରିଷ୍ଠ କଂଗ୍ରେସ କର୍ମୀ କୃଷ୍ଣ କୁଳଦୀପଙ୍କ ପୁଅ ଟୋନେଜ କୁଳଦୀପ, ନିକଟରେ କଂଗ୍ରେସରେ ସାମିଲ ହୋଇଥିବା ବାସୁଦେବ କୁଳଦିପ ପ୍ରମୁଖ। ତେବେ ଦଳର ସିଇସି କମିଟିକୁ କେବଳ ନିମାଇଁ ଓ ରମେଶଙ୍କ ନାମ ଯାଇଥିବା ଚର୍ଚ୍ଚା ହେଉଛି। ଟିକଟ ପାଇବାରୁ ବଞ୍ଚିତ ପ୍ରାର୍ଥୀ କଂଗ୍ରେସ ପାଇଁ ଅଡୁଆ ସୃଷ୍ଟି କରିପାରନ୍ତି। ଆଶାୟୀ ନିମାଇଁ ସରକାରଙ୍କ କହିବା ଅନୁଯାୟୀ ସେ ଗତ ୫ ବର୍ଷରେ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଅଞ୍ଚଳ ଯାଇ ବିଭିନ୍ନ ସମସ୍ୟା ସମାଧାନ କରିଛନ୍ତି। କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ଦଳକୁ ଅଧିକ ସଂଗଠିତ କରି ଆସୁଥିବାରୁ ସେ ଟିକଟ ପାଇବା ପାଇଁ ଆଶା ରଖିଛନ୍ତି।

୨୦୦୯ ନିର୍ବାଚନକୁ ବାଦ୍‌ଦେଲେ ଏହି ବିଧାନସଭା କ୍ଷେତ୍ରରେ ୨୦୦୦ ପରଠାରୁ ବିଜେଡି ଆଶାତୀତ ସଫଳତା ପାଇ ନ ଥିଲା। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ୫ଟି ଜିଲା ପରିଷଦ ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେଣୁ ବିଜେଡି ଶିବିରରେ ଉତ୍ସାହ ବଢ଼ିବା ସହ ଆଶାୟୀଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଛି। ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ରଘୁରାମ ପଡାଲ, କିଟ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଥିବା ଈଶ୍ୱର ନାୟକ, ଗତଥରର ପ୍ରାର୍ଥୀ ରଘୁରାମ ମାଛ, ଯୁବନେତା ଲଲାଟ ରଞ୍ଜନ ସେଠୀ ଆଗରେ ରହିଛନ୍ତି। ଯୁବନେତା ତଥା ଅବିଭକ୍ତ ଡାକ କର୍ମଚାରୀ ସଂଘ ସଭାପତି ଭାଗିରଥି ପାଟନିଆ, ଅଧ୍ୟାପକ ଶାନ୍ତି ପାତିକା, ଅଧ୍ୟାପକ ଶଙ୍କର ପ୍ରସାଦ ଦୁରିଆ, ଭରତ ମଲ୍ଲିକ, ଦଶମନ୍ତପୁର ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିନୋଦ ନାୟକ, କୋରାପୁଟ ବିଧାନସଭା ମଣ୍ଡଳୀର ଯୁବ ବିଜେଡି ସଭାପତି ଧନଞ୍ଜୟ ନାୟକ ମଧ୍ୟ ଟିକଟ ଆଶାରେ ଲବି ଚଳାଇଛନ୍ତି। ଏତେସଂଖ୍ୟାରେ ଆଶାୟୀଙ୍କୁ ମ୍ୟାନେଜ କରିବା ବିଜେଡି ପାଇଁ କାଠିକର ପାଠ ହେବ। ରଘୁରାମ ପଡାଲ କହିଛନ୍ତି, ସେ ଗତ ପଞ୍ଚାୟତ ନିର୍ବାଚନ ତଥା ସୁନାବେଡ଼ା ପୌର ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇଛନ୍ତି। ୨୦୦୯ରେ କୋରାପୁଟ ବିଧାୟକ ଥିବା ସମୟରୁ ଅଞ୍ଚଳରେ ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କାମ କରିଆସୁଛନ୍ତି। ହାଇକମାଣ୍ଡ ଟିକଟ ଦେଲେ ନିଜର ଅନ୍ୟ ଅଧୁରା କାମ ସାରିବି। ସେହିପରି ରଘୁରାମ ମାଛ କହିଛନ୍ତି, ପୂର୍ବ ବିଧାୟକ ଅଧିକାଂଶ ସମୟ କୋରାପୁଟରେ ରହୁ ନ ଥିବାବେଳେ ଲୋକଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛନ୍ତି। ମୁଁ ବିଧାୟକ ନ ଥିଲେ ମଧ୍ୟ କୋରାପୁଟ ବିଧାନସଭା କ୍ଷେତ୍ରର ସମସ୍ତ ଦୁର୍ଗମ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସମସ୍ୟା ସମାଧାନ କରିଛି। ତେଣୁ ମୁଁ ଟିକେଟ୍ ପାଇବାକୁ ଆଶାବାଦୀ।

ଅନ୍ୟପକ୍ଷରେ ବିଜେଡିରୁ ଜୟରାମ ପାଙ୍ଗି ଓ ନିକଟରେ ଜିଲା ଉପସଭାପତି ତ୍ରିପୁରାରୀ ଗରଡ଼ା ଭାଜପାରେ ମିଶିଛନ୍ତି। କିନ୍ତୁ ପଦ୍ମଦଳର ନେତା ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ରହିଥିବାରୁ ଏହା ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ଭାଜପାର ଆଶାୟୀ ପ୍ରାର୍ଥୀଙ୍କ ଭିତରେ ରହିଛନ୍ତି ୨୦୧୪ ପ୍ରାର୍ଥୀ ଜୟରାମ ଗରଡ଼ା, କୋରାପୁଟ ନଗର ସଭାପତି ଜି. ସଞ୍ଜୀବ କୁମାର, ଜିଲା ଉପସଭାପତି ପୂର୍ଣ୍ଣିମା ନାୟକ, ଯୁବନେତା ହରି ଖେମୁଣ୍ଡୁ, ନିକଟରେ ଭାଜପାରେ ଯୋଗଦେଇଥିବା ତ୍ରିପୁରାରୀ ଗରଡ଼ା, ଆଇନଜୀବୀ ନୃପେନ୍ଦ୍ର ନାରାୟଣ ବାଘ। ପୂର୍ଣ୍ଣିମା ନାୟକ କହିଛନ୍ତି, ସେ ବିଧାନସଭାର ସମସ୍ତ ଅଞ୍ଚଳ ବୁଲିବା ସହ ଲୋକଙ୍କ ସୁଖଦୁଃଖରେ ଭାଗୀଦାର ହୋଇଛନ୍ତି। ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ପହଞ୍ଚାଇଛନ୍ତି। ବିଧାନସଭା କ୍ଷେତ୍ରର ଯୁବବର୍ଗଙ୍କୁ ସାଥିରେ ନେଇ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ତେଣୁ ଟିକେଟ ପାଇଁ ମୁଁ ଆଶାବାଦୀ।


ରଘୁରାମ ପଡ଼ାଲ


ରଘୁରାମ ମାଛ


ପୂର୍ଣ୍ଣିମା ନାୟକ


କୃଷ୍ଣଚନ୍ଦ୍ର ସଗରିଆ


ନିମାଇଁ ସରକାର

# ତିନି ଦଳରେ ଏକାଧିକ ଆଶାୟୀ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ସଞ୍ଜୀବ ସାହୁ | ବିଜେଡି | ୬୩,୨୨୬ |
| ସୁରେନ୍ଦ୍ର କୁମାର ପ୍ରଧାନ | କଂଗ୍ରେସ | ୪୩,୬୯୩ |
| ଭାଗୀରଥି ପ୍ରଧାନ | ଭାଜପା | ୨୨,୪୬୩ |

**ମୋଟ୍ ଭୋଟର** ୧,୯୬,୬୧୭

**ପୁରୁଷ ଭୋଟର** ୧,୦୦,୭୦୬

**ମହିଳା ଭୋଟର** ୯୫,୯୦୮

**ଜୟଗୋପାଳ ଷଡ଼ଙ୍ଗୀ, ପରିକ୍ଷିତ ସାହୁ**
ଆଠମଲ୍ଲିକ/ବଇଣ୍ଡା, ୧୫।୩




ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ। ଦୀର୍ଘ ୧୯ ବର୍ଷ ହେବ ଏହି ବିଧାନସଭା ଆସନକୁ ବିଜେଡି କଂଗ୍ରେସ ଠାରୁ ଛଡାଇ ନେଇଛି। ୨୦୦୦ ଓ ୨୦୦୪ରେ ବିଜେଡିରୁ ନଗେନ୍ଦ୍ର ପ୍ରଧାନ ଏଠାରୁ ବିଜୟୀ ହୋଇଥିଲେ। ସେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ମଧ୍ୟ ପାଇଥିଲେ। ସେହିପରି ୨୦୦୯ ଓ ୨୦୧୪ରେ ବିଜେଡିରୁ ସଞ୍ଜୀବ ସାହୁ ବିଜୟୀ ହୋଇ ଥରଟେ ମନ୍ତ୍ରୀ ହୋଇପାରିଥିଲେ। ଆସନ୍ତା ନିର୍ବାଚନରେ ଆଠମଲ୍ଲିକରୁ ବିଜେଡି ତାଙ୍କୁ ଟିକେଟ୍ ଦେବ ବୋଲି ବିଧାୟକ ସଞ୍ଜୀବ ସାହୁ ଦୃଢ଼ ଆଶାବାଦୀ ଅଛନ୍ତି। ତାଙ୍କ ବ୍ୟତୀତ ଦଳରୁ ଆହୁରି ୪ଜଣ ଟିକେଟ୍ ଦୌଡ଼ରେ ଥିବା ଜଣାପଡ଼ିଛି। ସେହିପରି ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଟକ୍କର ଦେଇଥିବା ଭାଜପା ଆସନ୍ତା ସାଧାରଣ ନିର୍ବାଚନରେ ଆଠମଲ୍ଲିକ ଆସନ କବ୍‌ଜା କରିବାକୁ ଲକ୍ଷ୍ୟ ରଖିଥିବା ବେଳେ କଂଗ୍ରେସ ତାହାର ପୁରୁଣା ଫର୍ମ ଫେରିପାଇବାକୁ ଯୋଜନା କରିଛି। ଏହି ଦୁଇ ଦଳରୁ ମଧ୍ୟ ଏକାଧିକ ଆଶାୟୀ ପ୍ରାର୍ଥୀ ହେବାକୁ ଅଣ୍ଟା ଭିଡ଼ିଛନ୍ତି।

ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ରହିଛି ୭ଟି ଜିଲା ପରିଷଦ ଜୋନ। ୧୯ ବର୍ଷ ହେଲା ଏଠାରେ ବିଜେଡିର ବିଧାୟକ ଅଛନ୍ତି। ତଥାପି ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ହାତରୁ ୩ଟି ଜିଲାପରିଷଦ ଜୋନ ଭାଜପା ଛଡ଼ାଇ ନେଇଛି। ସେହିପରି ବର୍ତ୍ତମାନର ବିଧାୟକଙ୍କୁ ନେଇ ସାଧାରଣରେ ଅନେକ ଅସନ୍ତୋଷ ଥିବା ଚର୍ଚ୍ଚା ହେଉଛି। କାରଣ ଦୀର୍ଘବର୍ଷ ଧରି ଶାସକ ଦଳରେ ଥାଇ ବି ବିଧାୟକ ସାହୁ ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ସମସ୍ୟା ସମାଧାନ କରିପାରିନାହାନ୍ତି। ବିଶେଷକରି ଧଉରାଗୋଠ, ଗଦଗଦା, ସୁରେଶ୍ୱରୀ ଆଦି ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଖାସ୍ ଏହି କାରଣରୁ କିଶୋରନଗର ବ୍ଲକ୍‌ରେ ଥିବା ଉପରୋକ୍ତ ୩ଟି ଜୋନ୍ ଦଳ କବ୍‌ଜାରୁ ଖସି ଯାଇଥିବା କୁହାଯାଉଛି। ସ୍ଥିତି ଏପରି ହୋଇଥିଲେ ବି ବିଧାୟକ ସାହୁ କିନ୍ତୁ ଏଥର ଦଳ ତାଙ୍କ ଉପରେ ପୁଣି ଭରସା କରିବ ବୋଲି ଆଶାବାଦୀ ଅଛନ୍ତି। ତାଙ୍କ ବ୍ୟତୀତ ନିକଟରେ ସରକାରୀ ଚାକିରି ଛାଡ଼ିଥିବା ପୂର୍ବତନ ପ୍ରଶାସକ ତଥା ସ୍ଥାନୀୟ ଅଞ୍ଚଳ ବାସିନ୍ଦା ରମେଶ ଚନ୍ଦ୍ର ସାଏ, ସାମାଜିକ କର୍ମୀ ଅର୍ଜ୍ଜୁନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ ଏବଂ କିଶୋରନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତିବାଳା ନାୟକ ଏହି ଆଶାୟୀ ତାଲିକାରେ ରହିଛନ୍ତି। ଏ ସମ୍ପର୍କରେ ବିଧାୟକ ସଞ୍ଜୀବ ସାହୁ କହିଛନ୍ତି, ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିଆସିଛି। ଦଳ ଉପରେ ସମ୍ପୂର୍ଣ୍ଣ ଭରସା ଅଛି। ଅର୍ଜ୍ଜୁନ ସାହୁ କହିଛନ୍ତି, ବିଜେଡି ପକ୍ଷରୁ ପ୍ରତ୍ୟେକ କ୍ଷେତ୍ରରେ ଯୁବବର୍ଗଙ୍କୁ ଗୁରୁତ୍ୱ ଦିଆଯାଉଛି। ଟିକେଟ ମିଳିଲେ ବହୁ ବ୍ୟବଧାନରେ ବିଜୟୀ ହେବି ବୋଲି ଆଶା ରଖିଛି। ରମେଶ ଚନ୍ଦ୍ର ସାଏ କହିଛନ୍ତି, ଲୋକଙ୍କ ସେବା କରିବା ପାଇଁ ଚାକିରି ଛାଡି ବିଜେଡିରେ ଯୋଗଦେଇଛି। ଆଠମଲ୍ଲିକବାସୀ ସୁଯୋଗ ଦେଲେ ବିକାଶ ଦିଗରେ ଅଧିକ ଗୁରୁତ୍ୱ ଦେବି।

ଅନ୍ୟପକ୍ଷରେ ଶାସକ ବିଜେଡି ହାତରୁ ଆଠମଲ୍ଲିକ ଆସନ ଛଡ଼ାଇ ନେବାକୁ ଯୋଜନା କରିଛି ଭାଜପା। ପୂର୍ବରୁ ୨ ଥର ବିଧାୟକ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିବା ଜିଲା ସଭାପତି ଭାଗୀରଥି ପ୍ରଧାନ ପୁଣି ଥରେ ଟିକେଟ ପାଇବେ ବୋଲି ଆଶା ବାନ୍ଧିଛନ୍ତି। ସେହିପରି ଭାଜପା ନେତା ଡ. ଅଲେଖ ପ୍ରଧାନ, ସଂଗ୍ରାମ ମହାପାତ୍ର, ଇଂ. ଅଜିତ ସାହୁ ମଧ୍ୟ ଦଳୀୟ ପ୍ରାର୍ଥୀ ହେବାକୁ ଆଶାବାଦୀ ଅଛନ୍ତି। ଏ ସମ୍ପର୍କରେ ଭାଗୀରଥି ପ୍ରଧାନ କହିଛନ୍ତି, ଭାଜପା ଏକ ଶୃଙ୍ଖଳିତ ଦଳ। ପାର୍ଟି ଯାହା ନିଷ୍ପତ୍ତି ନେବ ତାହାକୁ ସ୍ୱାଗତ କରିବି। ସଂଗ୍ରାମ ମହାପାତ୍ର କହିଛନ୍ତି, ଜଣେ ଶୃଙ୍ଖଳିତ ସଙ୍ଗଠକ ଭାବେ କାର୍ଯ୍ୟ ଜାରି ରଖିଛି। ଚାକିରି ଛାଡି ଲୋକଙ୍କ ସେବା କରିବାକୁ ଇଚ୍ଛୁକ ଅଛି। ଲୋକେ ଆଠମଲ୍ଲିକରୁ ମୋତେ ଚାହୁଁଛନ୍ତି। ତଥାପି ଦଳ ଯାହା ନିଷ୍ପତ୍ତି ନେବ ତାହା ମାନିନେବି।

ସେହିପରି ଆଠମଲ୍ଲିକ ଆସନ ହାତେଇବା ପାଇଁ ଲକ୍ଷ୍ୟ ରଖିଛି କଂଗ୍ରେସ। ଦଳୀୟ ପ୍ରାର୍ଥୀ ହେବାକୁ ପିସିସି ସମ୍ପାଦକ ବିଜୟାନନ୍ଦ ଚାଉଳିଆ ଆଶା ବାନ୍ଧିଛନ୍ତି। ବଇଣ୍ଡା ଓ ବାମୁରଠାରେ ପିସିସି ସଭାପତିଙ୍କ କାର୍ଯ୍ୟକ୍ରମରେ ନିଜର ଶକ୍ତି ପ୍ରଦର୍ଶନ କରିସାରିଥିବାରୁ ଦଳ ତାଙ୍କୁ ହିଁ ପ୍ରାର୍ଥୀ କରିବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ କାଉନସିଲର ସୁବୋଧ ମହାପାତ୍ର, କିଶୋରନଗର ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ ବେହେରା, ଏନଏସିର ପୂର୍ବତନ ଅଧ୍ୟକ୍ଷ ସୁଦାମ ସାହୁ ପ୍ରମୁଖ ଆଶାୟୀ ବୋଲି ଜଣାଯାଇଛି। ଏ ସମ୍ପର୍କରେ ବିଜୟାନନ୍ଦ ଚାଉଳିଆ କୁହନ୍ତି, କଂଗ୍ରେସରୁ ଟିକେଟ ପାଇବାକୁ ଆଶାବାଦୀ ଅଛି। କିନ୍ତୁ ଦଳ ଯାହା ନିଷ୍ପତ୍ତି ହେବ ତାହାକୁ ସ୍ୱାଗତ କରିବି।

**ନିର୍ବାଚନମଣ୍ଡଳୀ ରୂପରେଖ**

ଆଠମଲ୍ଲିକ ବ୍ଲକର ୨୪ଟି ପଞ୍ଚାୟତ, ଏନ୍‌ଏସିର ୧୧ଟି ୱାର୍ଡ, କିଶୋରନଗର ବ୍ଲକର ୨୩ ପଞ୍ଚାୟତ ଓ ଅନୁଗୋଳ ବ୍ଲକର ୯ଟି ଏପରି ସମୁଦାୟ ୫୬ ପଞ୍ଚାୟତକୁ ନେଇ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ଏହା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ।


ସଞ୍ଜୀବ ସାହୁ


ରମେଶ ଚନ୍ଦ୍ର ସାଏ


ଅର୍ଜ୍ଜୁନ ସାହୁ


ଭାଗୀରଥି ପ୍ରଧାନ


ସଂଗ୍ରାମ ମହାପାତ୍ର


ବିଜୟାନନ୍ଦ ଚାଉଲିଆ

# ଦୁର୍ଗ ଦଖଲ ପାଇଁ ଉଦ୍ୟମ

**ଘନଶ୍ୟାମ ଭୋଇ/ ବିମଳ ଦଳପତି**
ନୂଆପଡ଼ା ଅଫିସ/ଖଡ଼ିଆଳ,୧୫।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ୨ ନିର୍ବାଚନମଣ୍ଡଳୀ ମଧ୍ୟରୁ ଖଡ଼ିଆଳ ଅନ୍ୟତମ। ୩ ବ୍ଲକ ଖଡ଼ିଆଳ, ବୋଡେନ ଏବଂ ସିନାପାଲି ବ୍ଲକର ମୋଟ ୬୮ ପଞ୍ଚାୟତ ସମେତ ଖଡିଆଳ ଏନଏସିର ୧୫ ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଉକ୍ତ ନିର୍ବାଚନମଣ୍ଡଳୀ ଗଠନ ଦିନଠାରୁ ଅଶୀ ଦଶକ ଯାଏଁ ଏହି ଆସନ ଜାତୀୟ କଂଗ୍ରେସ ହାତରେ ଥିଲା। ବିଶେଷ କରି ଖଡିଆଳ ରାଜପରିବାର ସଦସ୍ୟ ଏହି ନିର୍ବାଚନମଣ୍ଡଳୀକୁ ଅକ୍ତିଆର କରିଥିଲେ। ୧୯୯୦ ଏବଂ ୧୯୯୫ ନିର୍ବାଚନରେ ଜନତା ଦଳରୁ, ୨୦୦୦ ଓ ୨୦୦୪ରେ ବିଜୁ ଜନତା ଦଳରୁ ଓ ୨୦୧୪ରେ ଭାଜପା ଟିକେଟ୍‌ରେ ଦୁର୍ଯ୍ୟୋଧନ ମାଝି ବିଜୟୀ ହୋଇଥିଲେ। ବାକି ୬ଟି ନିର୍ବାଚନରେ କଂଗ୍ରେସରୁ ଖଡିଆଳ ରାଜା ଅନୁପ ସିଂଦେଓ ବିଜୟୀ ହୋଇ ରେକର୍ଡ କରିଥିଲେ।

ନିର୍ବାଚନ ତାରିଖ ଘୋଷଣା ପରେ ବି ଏଠିକାର ରାଜନୈତିକ ଚିତ୍ର ସ୍ପଷ୍ଟ ହୋଇନାହିଁ। ବିଭିନ୍ନ ଦଳର ଆଶାୟୀମାନେ ଏବେ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ସମସ୍ତଙ୍କ ନଜର ରାଜ୍ୟ ରାଜଧାନୀ ଉପରେ ରହିଛି। ଗତ ନିର୍ବାଚନଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଲଢେଇ ଜୋରଦାର ହୋଇଥିଲା। ଏହାପରେ ବି ସାମାଜିକ ଭୋଟବ୍ୟାଙ୍କ ବେଶ ପ୍ରଭାବ ପକାଇଥିଲା। ଏଠାରେ ବିଶେଷ କରି ଗୋଣ୍ଡ (ମାଝି) ଏବଂ ଯାଦବ ଭୋଟ ନେତାମାନଙ୍କ ଭାଗ୍ୟ ନିର୍ଣ୍ଣାୟକ ହୋଇଥିବା ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଅନ୍ୟପକ୍ଷେ ଗତ ଜିଲା ପରିଷଦ ନିର୍ବାଚନକୁ ଦେଖିଲେ ଏଠାରେ ଭାଜପା ଖାତା ଖୋଲିପାରି ନାହିଁ। ବିଜେଡି ଏବଂ କଂଗ୍ରେସ ମଧ୍ୟରେ ବଡ଼ ଲଢେଇ ହୋଇଥିଲା। ଏଥର ବି ସେହି ସ୍ଥିତି ଜାରି ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଗତ ନିର୍ବାଚନ ସମୟରେ ଦୁର୍ଯ୍ୟୋଧନଙ୍କୁ ବିଜେଡି ଟିକେଟ୍ ମିଳି ନ ଥିଲା। ସେ ଭାଜପାରେ ସାମିଲ ହୋଇ ନିର୍ବାଚନ ଲଢ଼ିଥିଲେ। ଦୁର୍ଯ୍ୟୋଧନଙ୍କୁ ତାଙ୍କ ଗୋଣ୍ଡ (ମାଝି) ଭୋଟବ୍ୟାଙ୍କ ସହାୟକ ହୋଇଥିଲା। ସେ ପୁଣି ଥରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ଏଥର ବୟସାଧିକ୍ୟ ହେତୁ ସେ ଆଉ ନିର୍ବାଚନ ଲଢିବେ ନାହିଁ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ସେ ତାଙ୍କ ପୁଅଙ୍କୁ ରାଜନୀତିକୁ ଆଣିବାକୁ ଚାହୁଁଥିବା ଖବର ମିଳିଛି। ୨୦୦୯ ନିର୍ବାଚନରେ ହିତେଶ ବଗର୍ତ୍ତି ଯାଦବ ଭୋଟକୁ ଭରସା କରି ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ଏଥର ହିତେଶ ବଗର୍ତ୍ତି ଭାଜପା ଟିକେଟ୍ ପାଇଁ ଆଶା ବାନ୍ଧିଥିବା ବେଳେ ଜିଲା କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ କୁମାର ତିୱାରୀ ମଧ୍ୟ ଟିକେଟ ପାଇଁ ଆଶାୟୀ ଅଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ଏକଦା ଖୁଣ୍ଟ ଭଳି ରହିଥିବା ପୂର୍ବତନ ମନ୍ତ୍ରୀ ଅନୁପ ସିଂ ଦେଓଙ୍କ ନାତି ଦେବଦେବ ସିଂ ଦେଓ ଟିକେଟ ମିଳିବା ଆଶା ନେଇ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ମଧ୍ୟ ଦଳ ଟିକେଟ ଦେବା କିଛି ଅସମ୍ଭବ ନୁହେଁ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ଆଲୋଚନା କରୁଛନ୍ତି। ଦଳରେ ଦୀର୍ଘ ଦିନଧରି କାମ କରି ଆସୁଥିବା ପୃଥ୍ୱୀରାଜ ମହାନ୍ତି ମଧ୍ୟ ଟିକେଟ୍ ଦୌଡ଼ରେ ଅଛନ୍ତି। ଦଳ ତାଙ୍କୁ ସେବା କରିବା ସୁଯୋଗ ଦେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

ବିଜେଡିର ଟିକେଟ ଆଶାୟୀ ତାଲିକାରେ ଦଳର ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଅଛନ୍ତି। ତାଙ୍କ ହାତରେ ଯାଦବ ଭୋଟ ରହିଥିବାରୁ ସେ ଟିକେଟ୍ ପାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏ ନେଇ ଲମ୍ବୋଦର ନିଆଲ କହିଛନ୍ତି, ଦଳରେ ଦୀର୍ଘଦିନ ଧରି ଏକ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଆସିଛି। ଦଳ ଉପରେ ମୋର ଦୃଢ଼ବିଶ୍ୱାସ ରହିଛି। ଟିକେଟ୍ ନ ମିଳିଲେ ଅନ୍ୟ ଚିନ୍ତା କରିବି ବୋଲି ସେ କହିଛନ୍ତି। ଅନ୍ୟପଟେ ଦଳ ଯଦି ମହିଳା ସଂରକ୍ଷଣକୁ ଗୁରୁତ୍ୱ ଦିଏ ତେବେ ରାଜ୍ୟ କାଉନସିଲ ସଦସ୍ୟା ଏବଂ ବର୍ତ୍ତମାନ ଜିଲା ପରିଷଦ ସଭ୍ୟା ଭାବେ କାମ କରୁଥିବା ସନ୍ତୋଷିନୀ ସଲମାଙ୍କ ନାମ ଶୁଣିବାକୁ ମିଳୁଛି। ସନ୍ତୋଷିନୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦି ମହିଳା ସଂରକ୍ଷଣକୁ ବିଶେଷ ଗୁରୁତ୍ୱ ଦିଅନ୍ତି ତା'ହେଲେ ତାଙ୍କୁ ହିଁ ଟିକେଟ୍ ମିଳିବ। ନ ମିଳିଲେ ମୁଁ ସ୍ୱାଧୀନ ଭାବେ ନିର୍ବାଚନକୁ ଓହ୍ଲାଇବି। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ ମଧ୍ୟ ରେସରେ ଅଛନ୍ତି।

କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିବା ଅଧିରାଜ ମୋହନ ପାଣିଗ୍ରାହୀ ଗତ ଥର ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିବାରୁ ଦଳ ତାଙ୍କୁ ହିଁ ଏଥର ଟିକେଟ ଦେବ ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି। ମୁଁ ଦଳରେ ରାଜ୍ୟ ସମ୍ପାଦକ ଭାବେ ରହି ଦଳ ଓ ଅଞ୍ଚଳ ପାଇଁ କାମ କରି ଆସିଛି। ଦଳ ଏଥର ବି ମୋତେ ଟିକେଟ୍ ଦେବ ବୋଲି ଅଧିରାଜ କହିଛନ୍ତି।


ଅଧିରାମ ମୋହନ ପାଣିଗ୍ରାହୀ


ଦୁର୍ଯ୍ୟୋଧନ ମାଝି


ଦେବଦେବ ସିଂ ଦେଓ


ପୁଷ୍ପାଞ୍ଜଳି ପାଣ୍ଡେ


ଲମ୍ବୋଦର ନିଆଲ


ସେଫାଳୀ ସଲମା

**ମୋଟ୍ ଭୋଟର** ୨,୩୫,୦୩୧

**ପୁରୁଷ ଭୋଟର** ୧,୧୯,୫୫୬

**ମହିଳା ଭୋଟର** ୧,୧୫,୪୫୬

**ଅନ୍ୟାନ୍ୟ** ୧୯

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ଦୁର୍ଯ୍ୟୋଧନ ମାଝି | ଭାଜପା | ୫୨୫୩୩ |
| ଅଧିରାମ ମୋହନ ପାଣିଗ୍ରାହୀ | କଂଗ୍ରେସ | ୫୦୪୦୭ |
| ଲମ୍ବୋଦର ନିଆଲ | ବିଜେଡି | ୪୭୬୫୫ |



# DISTRICT OFFICE, KHORDHA

## *SPECIAL LAND ACQUISITION (NH) CELL*

**Land Acquisition Officer (NH) and Competent Authority, Plot No. 318 (Dharakote House), Kharavela Nagar, Unit-III, Bhubaneswar-751001, Phone: 0674-2394492**

No- 142 **PUBLIC NOTICE** Dt. - 12.03.2019

ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୧୬(ପୁରୁଣା ଜାତୀୟ ରାଜପଥ ନଂ ୫)ର ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲା ଅନ୍ତର୍ଗତ ରସୁଲପୁର ତହସିଲର ବିଲିପଡ଼ା, ଚଣ୍ଡୀପୁର, ଦାମୋଦରପୁର, ଦୁର୍ଗାପୁର, ପ୍ରଥମଖଣ୍ଡ ଓ ରସୁଲପୁର ମୌଜାର (ଚଣ୍ଡିଖୋଲ-ଭଦ୍ରକ ସେକ୍ସନ)ର ସଂପ୍ରସାରଣ ଯଥା- ୬ ଲେନ୍ / ରକ୍ଷଣାବେକ୍ଷଣ / ପରିଚାଳନା ଇତ୍ୟାଦି ନିମନ୍ତେ (୬୨.୦୦ କି.ମି.ରୁ ୧୩୬.୫୦୦ କି.ମି.) ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ( ୧୯୫୬ର ୪୮ ନଂ ଅଧିନିୟମ)ର ଧାରା ୩ (କ)ର ଉପଧାରା-୧ ଅନୁଯାୟୀ ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା S.O. 1012 (କ) ତା. ୨୨.୦୨.୨୦୧୯ ରିଖରେ ପ୍ରକାଶିତ ବିଜ୍ଞପ୍ତି ରାଜପତ୍ର ସଂଖ୍ୟା ୮୮୧, ତା. ୨୩.୦୨.୨୦୧୯ ରିଖରେ ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ସେ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ **(୦୧) ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ଖୋର୍ଦ୍ଧା, ଭୁବନେଶ୍ୱର କାର୍ଯ୍ୟାଳୟ, ଉପରୋକ୍ତ ଠିକଣାରେ କିମ୍ବା (୦୨) ଯାଜପୁର ଜିଲ୍ଲାର ରସୁଲପୁର ତହସିଲ କାର୍ଯ୍ୟାଳୟ**ରେ ଉପରୋକ୍ତ ଆଇନର ଧାରା-୩ (ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା ୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ପ୍ଲଟ ନଂ ୩୧୮ (ଧରାକୋଟ ହାଉସ୍), ଖାରବେଳ ନଗର, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୧ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

ସ୍ୱା- ଭୂଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ତଥା
କ୍ଷମତାପନ୍ନ ପ୍ରାଧିକାରୀ ଖୋର୍ଦ୍ଧା, ଭୁବନେଶ୍ୱର,

## MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 22nd February, 2019**

**S.O. 1012 (E).-** In exercise of powers conferred by sub-section (1) of section 3 (A) of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/Six laning etc.,), maintenance, management and operation of N.H-16 (old NH-5) in the stretch of land from Km 62.000 to Km 136.500 (Chandikhole - Bhadrak Section) in the district of Jajpur in the state of ODISHA, have declared its intention to acquire such land vide their Gazeette Notification No. S.O. 1012 (E) dt. 22nd February, 2019 published on dt. 23.02.2019 Extraordinary, Part-II.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the **Competent Authority-cum- Land Acquisition Officer (NH), Khordha at Bhubaneswar or Tahasil Office Rasulpur, Dist- Jajpur** in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority during working hours.

**SCHEDULE**

**Brief Description of the land to be acquired with or without structures falling NH16 (Old NH-5) in the stretch of land from Km 62.000 to Km 136.500 (Chandikhole - Bhadrak Section) in the district of JAJPUR in the state of ODISHA.**

**State: ODISHA District: JAJAPUR**

| Sl. No. | Survey/Plot Number | Type of land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **TALUK : RASULPUR** | | | | | |
| **VILLAGE : BILIPADA-74** | | | | | |
| 1 | 1652 | Private | Sarad Anajalasechit -2 | 0.0162000(Hectare) | 0.0162000 |
| 2 | 1654 | Private | Sarad Anajalasechit -2 | 0.0081000(Hectare) | 0.0081000 |
| 3 | 1656 | Private | Sarad Anajalasechit -2 | 0.0081000(Hectare) | 0.0081000 |
| 4 | 1657 | Private | Sarad Anajalasechit -2 | 0.0101000(Hectare) | 0.0101000 |
| 5 | 1686 | Private | Sarad Anajalasechit -3 | 0.0081000(Hectare) | 0.0081000 |
| 6 | 1686/1723 | Private | Sarad Anajalasechit -3 | 0.0162000(Hectare) | 0.0162000 |
| 7 | 1689 | Private | Sarad anajalasechit -3 | 0.0109000(Hectare) | 0.0109000 |
| 8 | 1690 | Private | Sarad Anajalasechit -2 | 0.0219000(Hectare) | 0.0219000 |
| 9 | 1692 | Private | Sarad Anajalasechit -3 | 0.0061000(Hectare) | 0.0061000 |
| 10 | 1696 /1721 | Private | Rasta | 0.0049000(Hectare) | 0.0049000 |
| 11 | 1700 | Private | Sarad Anajalasechit -3 | 0.0182000(Hectare) | 0.0182000 |
| 12 | 1701 | Private | Sarad Anajalasechit -3 | 0.0053000(Hectare) | 0.0053000 |
| **VILLAGE: CHANDIPUR-104** | | | | | |
| 1 | 1293 | Private | Sarad Anajalasechit -1 | 0.0061000(Hectare) | 0.0061000 |
| 2 | 1500 | Private | Sarad Anajalasechit -3 | 0.0121000(Hectare) | 0.0121000 |
| 3 | 1502 | Private | Sarad Anajalasechit -3 | 0.0121000(Hectare) | 0.0121000 |
| 4 | 1503 /3107 | Private | Sarad Anajalasechit -3 | 0.0081000(Hectare) | 0.0081000 |
| 5 | 1504 | Private | Sarad Anajalasechit -3 | 0.0040000(Hectare) | 0.0040000 |
| 6 | 1505 | Private | Sarad Anajalasechit -3 | 0.0194000(Hectare) | 0.0194000 |
| 7 | 1506 | Private | Sarad Anajalasechit -3 | 0.0255000(Hectare) | 0.0255000 |
| 8 | 1507 | Private | Sarad Anajalasechit -3 | 0.0036000(Hectare) | 0.0036000 |
| 9 | 1509 | Private | Sarad Anajalasechit -3 | 0.0324000(Hectare) | 0.0324000 |
| 10 | 1531 | Private | Sarad Anajalasechit -3 | 0.0202000(Hectare) | 0.0202000 |
| 11 | 1532 | Private | sarad Anajalasechit -3 | 0.0263000(Hectare) | 0.0263000 |
| 12 | 1533 | Private | sarad Anajalasechit -2 | 0.0065000(Hectare) | 0.0065000 |
| 13 | 1537 | Private | Sarad Anajalasechit -3 | 0.0324000(Hectare) | 0.0324000 |
| 14 | 1542 | Private | Sarad Anajalasechit -3 | 0.0040000(Hectare) | 0.0040000 |
| 15 | 1555 | Private | Sarad Anajalasechit -3 | 0.0020000(Hectare) | 0.0020000 |
| **VILLAGE: DAMODARPUR-118** | | | | | |
| 1 | 1904 | Private | Sarad Anajalasechit -1 | 0.0174000(Hectare) | 0.0174000 |
| 2 | 1906 | Private | Sarad Anajalasechit -1 | 0.0020000(Hectare ) | 0.0020000 |
| 3 | 1907 | Private | Sarad Anajalasechit -1 | 0.0202000(Hectare) | 0.0202000 |
| 4 | 1908 | Private | Sarad Anajalasechit -1 | 0.0243000(Hectare) | 0.0243000 |
| 5 | 1909 | Private | Sarad Anajalasechit -1 | 0.0020000(Hectare) | 0.0020000 |
| 6 | 1915 | Private | Sarad Anajalasechit -1 | 0.0223000(Hectare) | 0.0223000 |
| 7 | 1915 /2288 | Private | Gharabari | 0.0081000(Hectare) | 0.0081000 |
| 8 | 1916 | Private | Sarad Anajalasechit -1 | 0.0178000(Hectare) | 0.0178000 |
| 9 | 1917 | Government | Rasta | 0.0081000(Hectare) | 0.0081000 |
| 10 | 1924 | Government | Rasta | 0.0081000(Hectare) | 0.0081000 |
| 11 | 1925 | Private | Sarad Anajalasechit -1 | 0.0101000(Hectare) | 0.0101000 |
| 12 | 1926 | Private | Debasthali | 0.0081000(Hectare) | 0.0081000 |
| 13 | 1927 | Private | Sarad Anajalasechit -1 | 0.0121000(Hectare) | 0.0121000 |
| 14 | 1934 | Private | Sarad Anajalasechit -1 | 0.0344000(Hectare) | 0.0344000 |
| 15 | 1935 | Private | Sarad Anajalasechit -1 | 0.0202000(Hectare) | 0.0202000 |
| 16 | 1937 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 17 | 1938 | Private | Sarad Anajalasechit -1 | 0.0040000(Hectare) | 0.0040000 |
| 18 | 1939 | Private | Sarad Anajalasechit -1 | 0.0162000(Hectare) | 0.0162000 |
| **VILLAGE: DURGAPUR-130** | | | | | |
| 1 | 253 | Private | Sarad Anajalasechit -1 | 0.0020000(Hectare) | 0.0020000 |
| 2 | 254 | Private | Sarad Anajalasechit -1 | 0.0142000(Hectare) | 0.0142000 |
| 3 | 257 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 4 | 258 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 5 | 259 | Private | Sarad Anajalasechit -1 | 0.0061000(Hectare) | 0.0061000 |
| 6 | 260 | Private | Sarad Anajalasechit -1 | 0.0061000(Hectare) | 0.0061000 |
| 7 | 261 | Private | Sarad Anajalasechit -1 | 0.0048000(Hectare) | 0.0048000 |
| 8 | 262 | Private | Sarad Anajalasechit -1 | 0.0121000(Hectare) | 0.0121000 |
| 9 | 264 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 10 | 266 | Private | Sarad Anajalasechit -1 | 0.0061000(Hectare) | 0.0061000 |
| 11 | 266 /779 | Private | Sarad Anajalasechit -1 | 0.0210000(Hectare) | 0.0210000 |
| 12 | 268 | Private | Sarad Anajalasechit -1 | 0.0101000(Hectare) | 0.0101000 |
| 13 | 269 | Private | Sarad Anajalasechit -1 | 0.0142000(Hectare) | 0.0142000 |
| 14 | 270 | Private | Sarad Anajalasechit -1 | 0.0202000(Hectare) | 0.0202000 |
| 15 | 272 | Private | Jalasaya -2 | 0.0020000(Hectare) | 0.0020000 |
| 16 | 273 | Private | Sarad Anajalasechit -1 | 0.0142000(Hectare) | 0.0142000 |
| 17 | 274 | Private | Gharabari | 0.0142000(Hectare) | 0.0142000 |
| 18 | 277 | Private | Sarad Anajalasechit -1 | 0.0040000(Hectare) | 0.0040000 |
| 19 | 278 | Private | Sarad Anajalasechit -1 | 0.0142000(Hectare) | 0.0142000 |
| 20 | 279 | Private | Sarad Anajalasechit -1 | 0.0142000(Hectare) | 0.0142000 |
| 21 | 284 | Private | Gharabari | 0.0223000(Hectare) | 0.0223000 |
| 22 | 285 | Private | Sarad Anajalasechit -1 | 0.0142000(Hectare) | 0.0142000 |
| 23 | 296 | Private | Sarad Anajalasechit -1 | 0.0101000(Hectare) | 0.0101000 |
| 24 | 297 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 25 | 298 | Private | Sarad Anajalasechit -1 | 0.0121000(Hectare) | 0.0121000 |
| 26 | 299 | Private | Sarad Anajalasechit -1 | 0.0162000(Hectare) | 0.0162000 |
| 27 | 300 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 28 | 301 | Private | Sarad Anajalasechit -1 | 0.0020000(Hectare) | 0.0020000 |
| 29 | 309 | Private | Rasta | 0.0081000(Hectare) | 0.0081000 |
| 30 | 313 | Private | Jalasaya -2 | 0.0121000(Hectare) | 0.0121000 |
| 31 | 314 /767 | Private | Sarad Anajalasechit -1 | 0.0121000(Hectare) | 0.0121000 |
| 32 | 315 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 33 | 326 | Private | Gharabari | 0.0101000(Hectare) | 0.0101000 |
| 34 | 327 | Private | Gharabari | 0.0142000(Hectare) | 0.0142000 |
| 35 | 336 | Private | Sarad Anajalasechit -1 | 0.0040000(Hectare) | 0.0040000 |
| 36 | 337 | Private | Sarad Anajalasechit -1 | 0.0101000(Hectare) | 0.0101000 |
| 37 | 338 | Private | Sarad Anajalasechit -1 | 0.0061000(Hectare) | 0.0061000 |
| 38 | 339 | Private | Sarad Anajalasechit -1 | 0.0040000(Hectare) | 0.0040000 |
| 39 | 353 /824 | Private | Sarad Anajalasechit -3 | 0.0202000(Hectare) | 0.0202000 |

| Sl. No. | Survey/Plot Number | Type of land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| 40 | 354 | Private | Sarad Anajalasechit -3 | 0.0081000(Hectare) | 0.0081000 |
| 41 | 367 | Government | Basti yogya | 0.0101000(Hectare) | 0.0101000 |
| 42 | 368 | Private | Sarad Anajalasechit -1 | 0.0142000(Hectare) | 0.0142000 |
| 43 | 369 | Private | Gharabari | 0.0182000(Hectare) | 0.0182000 |
| 44 | 382 | Private | Sarad Anajalasechit -1 | 0.0121000(Hectare) | 0.0121000 |
| 45 | 399 | Private | Sarad Anajalasechit -1 | 0.0243000(Hectare) | 0.0243000 |
| 46 | 400 | Private | Sarad Anajalasechit -1 | 0.0121000(Hectare) | 0.0121000 |
| 47 | 407 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 48 | 408 | Private | Gharabari | 0.0081000(Hectare) | 0.0081000 |
| 49 | 409 | Private | Sarad Anajalasechit -1 | 0.0182000(Hectare) | 0.0182000 |
| 50 | 411 | Private | Gharabari | 0.0020000(Hectare) | 0.0020000 |
| 51 | 412 | Private | Sarad Anajalasechit -1 | 0.0081000(Hectare) | 0.0081000 |
| 52 | 413 | Private | Gharabari | 0.0061000(Hectare) | 0.0061000 |
| 53 | 415 | Private | Gharabari | 0.0101000(Hectare) | 0.0101000 |
| 54 | 415 /769 | Private | Gharabari | 0.0061000(Hectare) | 0.0061000 |
| **VILLAGE: PRATHAMKHAND-112** | | | | | |
| 1 | 1392 | Private | Sarad Anajalasechit -3 | 0.0081000(Hectare) | 0.0081000 |
| 2 | 1393 | Private | Sarad Anajalasechit -3 | 0.0061000(Hectare) | 0.0061000 |
| 3 | 1394 | Private | Sarad Anajalasechit -3 | 0.0121000(Hectare) | 0.0121000 |
| 4 | 1502 | Private | Sarad Anajalasechit -2 | 0.0324000(Hectare) | 0.0324000 |
| 5 | 1503 | Private | Sarad Anajalasechit -2 | 0.0142000(Hectare) | 0.0142000 |
| 6 | 1519 | Private | Sarad Anajalasechit -2 | 0.0020000(Hectare) | 0.0020000 |
| 7 | 1520 | Private | Sarad Anajalasechit -2 | 0.0040000(Hectare) | 0.0040000 |
| 8 | 1521 | Private | Sarad Anajalasechit -2 | 0.0202000(Hectare) | 0.0202000 |
| 9 | 1522 | Private | Sarad Anajalasechit -1 | 0.0061000(Hectare) | 0.0061000 |
| 10 | 1523 | Private | Sarad Anajalasechit -2 | 0.0121000(Hectare) | 0.0121000 |
| 11 | 1524 | Private | Sarad Anajalasechit -2 | 0.0040000(Hectare) | 0.0040000 |
| 12 | 1528 | Private | Gharabari | 0.0121000(Hectare) | 0.0121000 |
| 13 | 1529 | Private | Gharabari | 0.0162000(Hectare) | 0.0162000 |
| 14 | 1530 | Private | Sarad Anajalasechit -2 | 0.0142000(Hectare) | 0.0142000 |
| 15 | 1530 /3020 | Private | Sarad Anajalasechit -2 | 0.0040000(Hectare) | 0.0040000 |
| 16 | 1531 | Private | Gharabari | 0.0146000(Hectare) | 0.0146000 |
| 17 | 1532 | Private | Sarad Anajalasechit -2 | 0.0121000(Hectare) | 0.0121000 |
| 18 | 1536 | Private | Sarad Anajalasechit -2 | 0.0162000(Hectare) | 0.0162000 |
| 19 | 1537 | Private | Sarad Anajalasechit -2 | 0.0121000(Hectare) | 0.0121000 |
| 20 | 1538 | Private | Sarad Anajalasechit -2 | 0.0101000(Hectare) | 0.0101000 |
| 21 | 1539 | Government | Rasta | 0.0040000(Hectare) | 0.0040000 |
| 22 | 1545 | Private | Sarad Anajalasechit -2 | 0.0040000(Hectare) | 0.0040000 |
| 23 | 1546 | Private | Sarad Anajalasechit -2 | 0.0231000(Hectare) | 0.0231000 |
| **VILLAGE: RASULPUR - 105** | | | | | |
| 1 | 682 | Private | Sarad Anajalasechit -3 | 0.0162000(Hectare) | 0.0162000 |
| 2 | 683 | Private | Sarad Anajalasechit -3 | 0.0243000(Hectare) | 0.0243000 |
| 3 | 684 | Private | Sarad Anajalasechit -3 | 0.0162000(Hectare) | 0.0162000 |
| 4 | 692 | Private | Sarad Anajalasechit -3 | 0.0142000(Hectare) | 0.0142000 |
| 5 | 693 | Private | Sarad Anajalasechit -3 | 0.0093000(Hectare) | 0.0093000 |
| 6 | 694 | Private | Sarad Anajalasechit -3 | 0.0243000(Hectare) | 0.0243000 |
| 7 | 694 /1557 | Private | Gharabari | 0.0081000(Hectare) | 0.0081000 |
| 8 | 751 | Government | Patit | 0.0032000(Hectare) | 0.0032000 |
| 9 | 752 | Government | Patit | 0.0223000(Hectare) | 0.0223000 |
| 10 | 755 | Private | Sarad Anajalasechit -3 | 0.0170000(Hectare) | 0.0170000 |
| 11 | 756 | Private | Sarad Anajalasechit -3 | 0.0081000(Hectare) | 0.0081000 |
| 12 | 757 | Private | Sarad Anajalasechit -3 | 0.0081000(Hectare) | 0.0081000 |
| 13 | 758 | Private | Sarad Anajalasechit -3 | 0.0073000(Hectare) | 0.0073000 |
| 14 | 759 | Private | Sarad Anajalasechit -3 | 0.0073000(Hectare) | 0.0073000 |
| 15 | 804 | Private | Sarad Anajalasechit -3 | 0.0154000(Hectare) | 0.0154000 |
| 16 | 827 | Private | Sarad Anajalasechit -3 | 0.0020000(Hectare) | 0.0020000 |
| 17 | 828 | Private | Sarad Anajalasechit -3 | 0.0024000(Hectare) | 0.0024000 |
| 18 | 830 | Private | Sarad Anajalasechit -3 | 0.0020000(Hectare) | 0.0020000 |
| | | | **Total** | **1.6361** | **1.6361** |

**[F. No NHAI/BOT/11012/58/2005/Pt./LA/NH-16/3A6]**
**RAJESH GUPTA, Dy. Secy**

# ଓଡ଼ିଶା ସରକାର
# ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**File No. XIV-28/2018 340 dated 15.03.18**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାର ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Governmet) ସରକାରୀ ବ୍ୟୟରେ ମୌଜା-ଲକ୍ଷ୍ମୀପ୍ରସାଦ, ଥାନା-ନୟାଗଡ଼, ତହସିଲ-ନୟାଗଡ଼, ଜିଲ୍ଲା-ନୟାଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୯୫୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ସ୍ୱରୂପ-ଖୋରଧାରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ:- ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଭୁବନେଶ୍ୱର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାର ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୮୪୭୩ ତା ୦୮।୦୩।୧୮ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ-ଉପଜିଲ୍ଲାପାଳ, ନୟାଗଡ଼।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ନୟାଗଡ଼ | ନୟାଗଡ଼ | ଲକ୍ଷ୍ମୀପ୍ରସାଦ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୯.୬୨୮ | ଏ.୧.୯୫୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୧୯୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ନୟାଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ନୟାଗଡ଼**

## ଜମିର ତାଲିକା

**ଗ୍ରାମ: ଲକ୍ଷ୍ମୀପ୍ରସାଦ (ଅତିରିକ୍ତ), ତହସିଲ: ନୟାଗଡ଼, ଥାନା: ନୟାଗଡ଼, ନଂ-୧୨୨, ଜିଲ୍ଲା: ନୟାଗଡ଼**

| କ୍ରମିକ ସଂଖ୍ୟା | ଖତିୟାନ ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୭ | ୧୬୬ | ୦.୧୪୦ | ୦.୦୫୦ | ଶାରଦ-୨ | ଆନନ୍ଦ ନାୟକ, ପି: ଜୟଦେବ ନାୟକ, ଆର୍ତ୍ତତ୍ରାଣ ପାଣି, ପି: ସାରଙ୍ଗଧର ପାଣି, କୃଷ୍ଣାମି ନାୟକ, ସ୍ୱା: ସନାତନ ନାୟକ, ଅମରେନ୍ଦ୍ର ନାୟକ, ପି: ସୁଦାମ ନାୟକ |
| | ୨୮୫/୨୮୦ | | | | ଘରବାରି | |
| | ୨୮୫/୮୪୦ | | | | | |
| | ୨୮୫/୮୪୧ | | | | | |
| | | ୧୪୦/୧୧୪୩ | ୦.୦୪୮ | ୦.୦୧୦ | ଶା.ଦୋ.ଫ-୨ | |
| ୨ | ୨୯ | ୧୪୪ | ୦.୦୯୦ | ୦.୦୩୦ | ଶା.ଦୋ.ଫ-୨ | ଉଛବ ସାହୁ, ପି: ଖଲି ସାହୁ |
| ୩ | ୬୪ | ୧୧୭ | ୦.୦୪୦ | ୦.୦୪୦ | ଶା.ଦୋ.ଫ-୨ | ଗୁରେଇ ମହାନ୍ତି, ସ୍ୱା: କାନ୍ଦ ମହାନ୍ତି |
| ୪ | ୭୯ | ୮୩୪ | ୦.୪୪୦ | ୦.୦୯୦ | ଶାରଦ-୨ | ସୁଲୋଚନା ନାୟକ, ସ୍ୱା: ସୁରେନ୍ଦ୍ର ନାୟକ ଓଗେର G.L.P Developer Ltd. Register Office G.S apartment ରୋହିଣି, ନୂଆଦିଲ୍ଲୀ ନିଶା ମିଶ୍ର, ସ୍ୱା: ଅଜୟ କୁମାର ମିଶ୍ର |
| | ୨୮୫/୭୯୧ | ୪୫୦ | ୧.୬୦୦ | ୦.୦୬୦ | ଶା.ଦୋ.ଫ-୨ | |
| | ୨୮୫/୮୩୫ | | | | ଶା.ଦୋ.ଫ-୨ | |
| | ୨୮୫//୮୩୦ | | | | ଶା.ଦୋ.ଫ-୨ | |
| | | ୧୪୫ | ୦.୯୯୦ | ୦.୧୧୦ | ଶା.ଦୋ.ଫ-୨ | |
| ୫ | ୨୮୫/୩୧୫ | ୧୪୫/୨୪୧୩ | ୦.୦୧୦ | ୦.୦୧୦ | ଶା.ଦୋ.ଫ-୨ | ଶ୍ରୀ ଚକ୍ର ବାହୁତି ଠାକୁରାଣୀ ବିଜେ ନିଜ ଗାଁ ମାର୍ଫତ ଶରତ କୁମାର ନାୟକ, ପି: ମଦନ ନାୟକ ଓଗେର |
| ୬ | ୧୦୮ | ୧୩୯ | ୦.୫୬୦ | ୦.୧୨୦ | ଶା.ଦୋ.ଫ-୨ | ଧନେଶ୍ୱର ଜେନା, ଅପର୍ତ୍ତି ଜେନା, ପି: ବାସୁ ଜେନା ଓଗେର କୁଳମଣି ଜେନା, ପି: କାଶିନାଥ ଜେନା, ନିର୍ମଳା ପଣ୍ଡା, ସ୍ୱା: ରମେଶ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପି: ବୈକୁଣ୍ଠ ନାଥ ଦାସ, ଶରତ ଚନ୍ଦ୍ର ଶତପଥୀ, ପି: ଆର୍ତ୍ତବନ୍ଧୁ ଶତପଥୀ, ଶତ୍ରୁଘ୍ନ ଜେନା, ପି: ପନ୍ଦାରି ଜେନା, ଚିତ୍ତରଞ୍ଜନ ସାହୁ ଓଗେର ପି: ବିଶ୍ୱନାଥ ସାହୁ, ବଦ୍ରିନାରାୟଣ ସାହୁ, ପି: ଉଦ୍ୟନାଥ ସାହୁ |
| | ୨୮୫/୮୭ | | | | ଘରବାରି | |
| | ୨୮୫/୯୫ | | | | | |
| | ୨୮୫/୧୪୪ | | | | | |
| | ୨୮୫/୩୭୬ | | | | | |
| | ୨୮୫/୩୯୩ | | | | | |
| | ୨୮୫/୪୧୩ | | | | | |
| | ୨୮୫/୫୭୫ | | | | | |
| ୭. | ୧୪୫ | ୧୧୫ | ୦.୪୦୦ | ୦.୦୪୫ | ଶାରଦ-୨ | ବସନ୍ତ କୁମାର ରତ୍ନ, ପି: ନରସିଂହ ରତ୍ନ ଓଗେର ଗୌରବ କୁମାର ମହତ, ପି: ରାଧେଶ୍ୟାମ ମହତ, ମନୋରଞ୍ଜନ ପଣ୍ଡା, ପି: ମାଧବ ଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ବେହେରା, ପି: ଅମିନ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ପି: ଧ୍ରୁବ ଚରଣ ପ୍ରଧାନ, ବଂଶୀଧର ସ୍ୱାଇଁ, ପି: ଉଛବ ସ୍ୱାଇଁ |
| | ୨୮୫/୮୦ | | | | ଘରବାରି | |
| | ୨୮୫/୮୧ | | | | | |
| | ୨୮୫/୭୪୯ | | | | | |
| | ୨୮୫/୮୨ | ୮୩୩ | ୦.୩୩୦ | ୦.୦୭୦ | | |
| | ୨୮୫/୭୪୮ | | | | | |
| ୮ | ୧୮୯ | ୧୩୦ | ୦.୨୧୦ | ୦.୦୬୦ | ଶା.ଦୋ.ଫ-୨ | ଭୀମ ଜେନା, ପି: ନାରାୟଣ ଜେନା ଓଗେର |
| ୯ | ୨୫୪ | ୧୨୦ | ୦.୬୪୦ | ୦.୦୬୦ | ଶାରଦ-୨ | ସାରଙ୍ଗଧର ନାଏକ, ପି: ବିଦ୍ୟାଧର ନାଏକ, ପୁଷ୍ପଲତା ପ୍ରଧାନ, ସ୍ୱା: ବ୍ରଜ କିଶୋର ପ୍ରଧାନ, ଗାୟତ୍ରୀ ମିଶ୍ର, ସ୍ୱା: ରଶ୍ମୀ ରଞ୍ଜନ ମିଶ୍ର |
| | ୨୮୫//୪୩୩ | | | | | |
| | ୨୮୫//୪୨୭ | | | | | |
| ୧୦ | ୨୮୧ | ୧୧୪ | ୦.୦୯୦ | ୦.୦୨୦ | ଶାରଦ-୨ | ପ୍ରଫୁଲ୍ଲ କୁମାର ନାୟକ ଓଗେର ପି: ହରିବନ୍ଧୁ ନାୟକ, ନରସିଂହ ମିଶ୍ର, ପି: ରାମ ଚନ୍ଦ୍ର ମିଶ୍ର, ଆଶାମଣି ନାୟକ, ସ୍ୱା: ପ୍ରହଲ୍ଲାଦ ନାୟକ |
| | ୨୮୫/୧୪୫ | ୧୬୬/୧୦୮୧ | ୦.୧୪୦ | ୦.୦୪୦ | ଶା.ଦୋ.ଫ-୨ | |
| | ୨୮୫/୬୨୭ | ୧୪୦ | ୦.୦୬୦ | ୦.୦୨୦ | ଶା.ଦୋ.ଫ-୨ | |
| | | ୪୫୧ | ୦.୧୩୦ | ୦.୧୩୦ | ଶା.ଦୋ.ଫ-୨ | |
| ୧୧ | ୨୮୫/୧ | ୪୪୪ | ୦.୨୫୦ | ୦.୦୮୦ | ଶା.ଦୋ.ଫ-୨ | ରାଜ କିଶୋର ମହାପାତ୍ର ଓଗେର ପି: କେଶବ ମହାପାତ୍ର |
| ୧୨ | ୨୮୫/୭୫ | ୪୫୨ | ୦.୧୮୦ | ୦.୧୦୦ | ଘରବାରି | ପ୍ରେମଲତା ମିଶ୍ର, ସ୍ୱା: ବାଳକୃଷ୍ଣ ମିଶ୍ର, ଦିଲିପ କୁମାର ପଟ୍ଟନାଏକ, ପି: ସଦାଶିବ ପଟ୍ଟନାଏକ |
| | ୨୮୫/୧୪୩ | | | | | |
| ୧୩ | ୨୮୫/୮୩ | ୧୪୧/୧୨୦୨ | ୦.୦୨୦ | ୦.୦୨୦ | ଘରବାରି | ବ୍ରଜ କିଶୋର ମହାପାତ୍ର, ପି: ରାଜ କିଶୋର ମହାପାତ୍ର |
| ୧୪ | ୨୮୫//୮୫୨ | ୧୪୧/୨୯୯୭ | ୦.୦୧୫୦ | ୦.୦୧୫୦ | ଶା.ଦୋ.ଫ-୨ | ଭାଗିରଥି ଦାସ, ପି: ଘନ ଦାସ |
| ୧୫ | ୨୮୫//୮୫୧ | ୧୪୧/୨୯୯୩ | ୦.୦୧୫୦ | ୦.୦୧୫୦ | ଶା.ଦୋ.ଫ-୨ | ଚିରଞ୍ଜିବି ଦାସ, ପି: ଘନ ଦାସ |
| ୧୬ | ୨୮୫//୪୧୪ | ୧୪୧ | ୦.୦୩୦ | ୦.୦୩୦ | ଶା.ଦୋ.ଫ-୨ | ମଞ୍ଜୁବାଳା ସାହୁ, ସ୍ୱା: ପଞ୍ଚାନନ ସାହୁ |
| ୧୭ | ୨୮୫//୨୬୪ | ୧୪୧/୨୩୭୨ | ୦.୦୨୦ | ୦.୦୨୦ | ଶା.ଦୋଫ-୨ | ଚିରଞ୍ଜିବି ଦାସ, ଭାଗିରଥି ଦାସ, ପି: ଘନ ଦାସ |
| ୧୮ | ୨୮୫//୧୫୨ | ୮୩୨ | ୦.୦୭୦ | ୦.୦୧୦ | ଶାରଦ-୨ | ହେମନ୍ତ କୁମାର ନାୟକ, ପି: ମଦନ ନାୟକ, ବିଜୟ କୁମାର ମହାପାତ୍ର, ପି: ବାଲ୍ମିକି ମହାପାତ୍ର, ହେମନ୍ତ କୁମାର ନାୟକ, ପି: ମଦନ ନାୟକ, ସୌଭାଗ୍ୟ ମଞ୍ଜରୀ ନାୟକ, ସ୍ୱା: ପ୍ରସନ୍ନ କୁମାର ମଲ୍ଲିକ |
| | ୨୮୫/୫୧୪ | | | | | |
| | ୨୮୫/୭୧୭ | | | | | |
| | ୨୮୫/୮୦୧ | | | | | |
| ୧୯ | ୨୮୫/୧୯୮ | ୧୬୭ | ୦.୩୨୦ | ୦.୧୦୦ | ଶାରଦ-୨ | ଦିଲ୍ଲିପ କୁମାର ସାମନ୍ତାରାଏ, ପି: କୃପାସିନ୍ଧୁ ସାମନ୍ତାରାଏ |
| ୨୦ | ୨୮୫/୨୩୪ | ୧୧୧ | ୦.୦୯୦ | ୦.୦୩୦ | ଶାରଦ-୨ | ପ୍ରଫୁଲ୍ଲ କୁମାର ନାୟକ ଓଗେର ପି: ହରିବନ୍ଧୁ ନାୟକ, ଜୋସ୍ନା ରାଣୀ ମିଶ୍ର, ସ୍ୱା: ଚକ୍ରଧର ମିଶ୍ର |
| | ୨୮୫/୫୩୬ | | | | ଶାରଦ-୨ | |
| ୨୧ | ୨୮୫/୨୪୧ | ୪୪୩ | ୦.୮୮୦ | ୦.୦୮୦ | ଶା.ଦୋ.ଫ-୨ | ଗୋଲାମ ଅହମଦ ଖାଁ, ପି: ହାଜି ଖାଁ, ଅବଦୁଲ ହକିମ ଖାଁ, ପି: ମାଜିତ ଖାଁ |
| | ୨୮୫//୨୪୨ | | | | | |
| ୨୨ | ୨୪୫ | ୧୩୧ | ୦.୫୦୦ | ୦.୦୪୦ | ଶା.ଦୋ.ଫ-୨ | ଶଶିକଳା ପୃଷ୍ଟି, ସ୍ୱା: ମହନ୍ତ ପୃଷ୍ଟି |
| ୨୩ | ୨୮୫/୪୧୧ | ୭୬୬/୨୫୧୮ | ୦.୦୬୦ | ୦.୦୩୦ | ଘରବାରି | ନଳିନି ସାହୁ, ସ୍ୱା: ବାଇଧର ସାହୁ |
| ୨୪ | ୨୮୫/୩୩୭ | ୧୧୮ | ୦.୦୪୦ | ୦.୦୪୦ | ଶାରଦ-୨ | ସନାତନ ସାହୁ ଓଗେର ପି: ସାଧୁ ସାହୁ |
| ୨୫ | ୨୮୫/୩୪୫ | ୪୪୪/୧୦୭୪ | ୦.୨୦୦ | ୦.୦୬୦ | ଘରବାରି | ସୁକେଶ ମହାପାତ୍ର ଓଗେର କୈଳାସ ମହାପାତ୍ର |
| ୨୬ | ୨୮୫/୪୨୮ | ୪୩୬ | ୦.୦୫୦ | ୦.୦୨୦ | ପତିତ | ଝରଣା ଦଳେଇ, ସ୍ୱା: ଅନ୍ତର୍ଯାମି ଦଳେଇ |
| ୨୭ | ୨୮୫/୪୩୭ | ୪୪୨ | ୦.୩୮୦ | ୦.୦୬୦ | ଘରବାରି | ହିମାଂଶୁ କୁମାର ସାହୁ, ପି: ଚକ୍ରଧର ସାହୁ, ଦେବରାଜ ଦାସ, ପି: ବିଶ୍ୱନାଥ ଦାସ |
| | ୨୮୫/୬୭୫ | | | | | |
| | ୨୮୫/୬୭୯ | | | | | |
| ୨୮ | ୨୮୫/୪୭୮ | ୮୩୧ | ୦.୦୨୦ | ୦.୦୨୦ | ଶାରଦ-୨ | ଦିଲ୍ଲିପ କୁମାର ସାମନ୍ତାରାଏ, ପି: କୃପାସିନ୍ଧୁ ସାମନ୍ତାରାଏ |
| | | ୮୩୧/୧୧୦୫ | ୦.୦୩୦ | ୦.୦୩୦ | ଶା.ଦୋ.ଫ-୨ | |
| ୧ | ୨୨୦ | ୭୬୫ | ୦.୨୨୦ | ୦.୦୮୦ | ଶାରଦ-୨ (ଶ୍ମଶାନ ବଦଳି) | ଲକ୍ଷ୍ମଣ ବେହେରା, ପି: ଚୈତନ୍ୟ ବେହେରା |
| ୨ | ୨୮୫/୧୯୮ | ୧୬୭ | ୦.୩୨୦ | ୦.୧୧୦ | ଶାରଦ-୨ (ଗୋଚର ବଦଳି) | ଦିଲ୍ଲିପ କୁମାର ସାମନ୍ତାରାଏ, ପି: କୃପାସିନ୍ଧୁ ସାମନ୍ତାରାଏ |

**ସ୍ୱା./- ଭୂ-ଅର୍ଜନ ମଣ୍ଡଳ ଅଧିକାରୀ,ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନୟାଗଡ**

## ସଂକ୍ଷେପରେ

### କବାଟ ତାଡ଼ି ଘରୁ ଲୁଟିଲେ

ନବରଙ୍ଗପର,୧୫ା୩(ବି.ପ୍ର)-ନବରଙ୍ଗପୁର ଥାନା ଅଧୀନ ଡେଙ୍ଗାତୋଟାଗୁଡା ସାହିର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ କବାଟ ତାଡି ଘରୁ ସୁନା ଅଳଙ୍କାର, ନଗଦ ଟଙ୍କା ଲୁଟି ନେଇଛନ୍ତି। ପୂର୍ଣ୍ଣଚନ୍ଦ୍ର ପରିବାର ସହ ରାତିରେ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ତାଡି ଘର ଭିତରେ ପଶିଥିଲେ। ଅଢେଇ ଭରି ଓଜନର ସୁନା ଚେନ, ୩୦ ହଜାର ଟଙ୍କା, ଶାଢୀ ଆଦି ଲୁଟି ନେଇଥିଲେ । ଦୁର୍ବୃତ୍ତମାନେ ଅନୁମାନିକ ଦେଢ ଲକ୍ଷ ଟଙ୍କାର ସମ୍ପତ୍ତି ଚୋରି କରିଥିବା ପୂର୍ଣ୍ଣଚନ୍ଦ୍ର ଶୁକ୍ରବାର ନବରଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଥାନାରେ ନଂ .୭୨/୧୯ରେ ଏକ ମାମଲା ରୁଜୁ କରିଛି।

### ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା

ରାଇଘର,୧୫ା୩(ଡି.ଏନ.ଏ)- ନବରଙ୍ଗପୁର ଜିଲା ରାଇଘର ବ୍ଲକର ସନ୍ତୋଷ କୁମାର ମହାପାତ୍ର ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ଭାଜପା କର୍ମୀମାନେ ତାଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଜଣାଇଛନ୍ତି।

### ଆକ୍ରମଣ ମାମଲା, ୫ଜଣଙ୍କୁ ବର୍ଷେ ଲେଖାଏ ଜେଲ

ଶେରଗଡ,୧୫ା୩(ଡି.ଏନ୍.ଏ.)- ଶେରଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେଖାରାଣୀ ନାୟକ ଗୁରୁବାର ଏକ ଆକ୍ରମଣ ମାମଲାରେ ୯ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ୫ଜଣଙ୍କୁ ବର୍ଷେ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ବରମୁଣ୍ଡଲୀ ଗ୍ରାମର ବଳରାମ ନାୟକ, ଜିତେନ୍ଦ୍ର ଯାନୀ, ମାଗତା ନାୟକ, ହାମ୍ବିଲି ଦାସ, ବିପ୍ର ଦାସଙ୍କୁ ଏହି ଦଣ୍ଡାଦେଶ ହୋଇଛି। ୩୨୩,୩୨୫,୪୫୨ଆଇପିସି ଧାରା ଅନୁସାରେ ଏହି ଦଣ୍ଡାଦେଶ ହୋଇଛି।

■ ଏନ୍‌ଓସି ବ୍ୟବସ୍ଥା କୋହଳ ପାଇଁ ଦାବି କଲେ ଅଭିଭାବକ

# ଆଦର୍ଶ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ

■ ଆଡମିଶନ ପାଇଁ ଆବେଦନ ଓ ପରୀକ୍ଷାକୁ ବିରୋଧ କରାଯିବ
■ ୬୭ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରୁ ୧୨ଟି ବିଦ୍ୟାଳୟର ଏନଓସି ରହିଛି



ଅଭିଭାବକମାନେ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ନବରଙ୍ଗପୁର,୧୫ା୩(ବି.ପ୍ର.)-

ଘରୋଇ ବିଦ୍ୟାଳୟ ଗୁଡିକର ଏନଓସି ନଥିଲେ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ନବଦୋୟ ବିଦ୍ୟାଳୟରେ ଆଡମିଶନ ପାଇଁ ହେଉଥିବା ପରୀକ୍ଷା ଲାଗି ଛାତ୍ରୀଛାତ୍ର ଆବେଦନ କରି ପାରୁ ନାହାନ୍ତି । ଏଥିଯୋଗୁ ଜିଲାର ବହୁ ଛାତ୍ରୀଛାତ୍ର ଆଦର୍ଶ ବିଦ୍ୟାଳୟରେ ଆଡମିଶନରୁ ବଞ୍ଚିତ ହେଉଛନ୍ତି । ଅଭିଭାବକମାନେ ଏଭଳି ଶିକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାର ଏନଓସି ବ୍ୟବସ୍ଥାରେ କୋହଳନିତୀ ଅବଲମ୍ବନ ନକରନ୍ତି ତେବେ ଓଡିଶା ଆଦର୍ଶ ବିଦ୍ୟାଳୟରେ ଆଡମିଶନ ପାଇଁ ଆବେଦନ କରାଯିବା, ପରୀକ୍ଷା ଆଦିକୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରାଯିବ । ଏଥିସହ ଓଡିଶା ଆଦର୍ଶ ବିଦ୍ୟାଳୟରେ ତାଲା ପକାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କୁ ଅଭିଭାବକମାନେ ଶୁକ୍ରବାର ଚେତାବନୀ ଦେଇଛନ୍ତି।

ନବରଙ୍ଗପୁର ଜିଲାରେ ପୂର୍ବରୁ ଅନେକ ସରକାରୀ ବିଦ୍ୟାଳୟ ଥିବା ବେଳେ ଏବେ ମଧ୍ୟ ବିଭିନ୍ନ ବ୍ଲକରେ ନୂତନ ସ୍କୁଲ ଖୋଲୁଛି । କିନ୍ତୁ ଅନେକ ସ୍କୁଲରେ ଭିତ୍ତିଭୂମି ନାହିଁ । ଏଥିପ୍ରତି ସରକାର ସଜାଗ ରହୁ ନାହାନ୍ତି। ସେହି ସ୍କୁଲ ଗୁଡିକର ଏନଓସି କଥା ଉଠୁନାହିଁ। ଭିତ୍ତିଭୂମି ଅଭାବରୁ ପିଲାମାନଙ୍କୁ ଅଭିଭାବକମାନେ ଘରୋଇ ବିଦ୍ୟାଳୟରେ ଆଡମିଶନ କରୁଛନ୍ତି। କିନ୍ତୁ ଘରୋଇ ବିଦ୍ୟାଳୟ କ୍ଷେତ୍ରରେ ଏନଓସି ବ୍ୟବସ୍ଥା ଲାଗୁ କରାଯାଇଛି । ସେଥିପାଇଁ ଘରୋଇ ବିଦ୍ୟାଳୟଗୁଡିକ ଏନଓସି ପାଇଁ ଅନଲାଇନରେ ଆବେଦନ କରିଛନ୍ତି । କିନ୍ତୁ ଏନଓସି ଦିଆଯିବାରେ ବିଳମ୍ବ କରାଯାଉଛି । ଶିକ୍ଷା ବର୍ଷ ଆରମ୍ଭରେ ଏନଓସି ନଥିବା ବିଦ୍ୟାଳୟର ଛାତ୍ରୀଛାତ୍ର ଓଡିଶା ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ଆବେଦନ କରି ପାରୁ ନାହାନ୍ତି। ଏକଥା ଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଓ ପ୍ରଚାର କରାନଯିବା ଭିତରେ ଉଦ୍ଦେଶ୍ୟ କଣ ରହିଛି ବୋଲି ପାପଡାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକର ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୁକ୍ତି କରିଥିଲେ।

ଜିଲାରେ ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ୬୭ଟି ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ସମସ୍ତ ବିଦ୍ୟାଳୟ ଏନଓସି ପାଇଁ ଓପେପା ନିକଟରେ ଅନଲାଇନରେ ଆବେଦନ କରିଛନ୍ତି । ସେଥିମଧ୍ୟରୁ ୭ଟି ବିଦ୍ୟାଳୟ ୨୦୧୭ରେ ଏନଓସି ପାଇଛନ୍ତି । ଜିଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ୩୭ଟି ବିଦ୍ୟାଳୟ ଆବଶ୍ୟକ କାଗଜପତ୍ର ଦେଇଥିଲେ । ଅନଲାଇନ ରିପୋର୍ଟ ଯିବା ପରେ ୫ଟି ବିଦ୍ୟାଳୟକୁ ଚଳିତ ବର୍ଷ ଏନଓସି ପ୍ରଦାନ କରାଯାଇଛି । ଅନ୍ୟାନ୍ୟ ବିଦ୍ୟାଳୟଗୁଡିକ ଏଯାଏ ଆବଶ୍ୟକୀୟ କାଗଜପତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରିନଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ପାପଡାହାଣ୍ଡି ବ୍ଲକ ସଦର ମହକୁମ୍ମାରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ଓ ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ସରସ୍ୱତୀ ଶିଶୁ ମନ୍ଦିରର ଏନଓସି ନ ଥିବାରୁ ଛାତ୍ରୀଛାତ୍ରୀମାନେ ଓଡିଶା ଆଦର୍ଶ ବିଦ୍ୟାଳୟରେ ଆଡମିଶନ ପାଇଁ ଆବେଦନ କରୁଥିଲେ ମଧ୍ୟ ସେମାନଙ୍କ ଫର୍ମ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ପାପଡାହାଣ୍ଡିର ଅବିଭାବକ କୃଷ୍ଣ ଚନ୍ଦ୍ର ହରିଜନ, କର୍ଣ୍ଣ ନାୟକ, ବନମାଳି ନାୟକ ଓ ତେନ୍ତୁଳିଖୁଣ୍ଟି ବ୍ଲକର ସନୁ ଜାନୀ, ନୀଳ ଖୁଣ୍ଟି, ଖଗେଶ୍ୱର ମାଝୀ, ନରେନ୍ଦ୍ର ମାଝୀ ଓ କାବୁଲି ଗଣ୍ଡା ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପିଲାମାନେ କିଭଳି ଆଦର୍ଶ ବିଦ୍ୟାଳୟରେ ଆଡମିଶନ ପାଇଁ ଆବେଦନ କରିପାରିବେ ସେନେଇ ବ୍ୟବସ୍ଥା ଗ୍ରହଣ କରାଯାଉ। ନଚେତ ଆଦର୍ଶ ବିଦ୍ୟାଳୟରେ ତାଲା ପକାଇବା ସହ ଆବେଦନ ଓ ପରୀକ୍ଷାକୁ ବିରୋଧ କରିବେ ବୋଲି କହିଛନ୍ତି । ସରକାରୀ ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ହୋଇ ପାରୁ ନଥିବା ଓ ଇଂଲିସ ଶିକ୍ଷା ପାଇବା ପାଇଁ ପିଲାମାନେ ଆଗ୍ରହ ପ୍ରକାଶ କରୁଥିବା ବେଳେ ଏସଓସି କଥା ଉଠାଇ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀଙ୍କୁ ପଚାରିବାରୁ ଜିଲାର ୧୨ଟି ବିଦ୍ୟାଳୟ ଏନଓସି ପାଇଛନ୍ତି । ଅନ୍ୟ ବିଦ୍ୟାଳୟ ଗୁଡିକ ଆବେଦନ କରିଛନ୍ତି । ସରକାରଙ୍କୁ ତଦନ୍ତ ରିପୋର୍ଟ ଯାଇଛି । ଉପରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ କାର୍ଯ୍ୟ କରାଯିବ । ଏସଓସି କୋହଳ କରାଯିବା ପାଇଁ ତାଙ୍କର କ୍ଷମତା ନାହିଁ ବୋଲି କହିଥିଲେ।

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଫାର୍ମ ପଣ୍ଡ ଖୋଳା

# ଶ୍ରମିକ ବଦଳରେ କାମ କରୁଛି ମେଶିନ



ମେଶିନ ଦ୍ୱାରା ପୋଖରୀ ଖୋଳା ଯାଉଛି

■ ଶ୍ରମିକ ମହଲରେ ଅସନ୍ତୋଷ
■ କାର୍ଯ୍ୟାଦେଶ ମିଳିନି, କାମ ଶେଷ ହେବା ଉପରେ

ନବରଙ୍ଗପୁର/ପାପଡାହାଣ୍ଡି, ୧୫ା୩(ବି.ପ୍ର/ଡି.ଏନ.ଏ)-

ଏମଜିଏନଆରଇଜିଏସ ଯୋଜନାରେ ସ୍ଥାନୀୟ ଅଞ୍ଚଳର ଲୋକେ କାମ କରି ଉପକୃତ ହେବେ ବୋଲି ସରକାର ଯୋଜନା କରିଛନ୍ତି । ବର୍ଷକୁ ୧୦୦ ଦିନର କାମ ଲାଗି ଏନେଇ ବ୍ୟବସ୍ଥା କରାଯାଇଛି । କିନ୍ତୁ ପ୍ରକୃତ ପକ୍ଷେ ଲୋକଙ୍କ ସ୍ଥାନରେ କାମ କରୁଛି ମେଶିନ । ଯୋଜନାରୁ ବଞ୍ଚିତ ହେଉଛନ୍ତି ଶ୍ରମିକ । ଏମଜିଏନଆରଇଜିଏସ ଯୋଜନାରେ ମଲ୍ଟି ପରପୋଜ ଫାର୍ମ ପଣ୍ଡ ଖୋଳାକୁ ନେଇ ଦେଖାଦେଇଛି ବିବାଦ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତ ଅଞ୍ଚଳରେ ଏହି ଘଟଣା ଘଟିଛି। ଖୁଟୁବାଇ ପଞ୍ଚାୟତ କୁସୁଗୁଡା ଗ୍ରାମର ରାସ୍ତା କଡରେ ଫାର୍ମ ପଣ୍ଡ ଖୋଳାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷ ୧୭ ହଜାର ଟଙ୍କା । ଜନୈକ ହିତାଧିକାରୀଙ୍କ ନାଁରେ ଫାଇଲ ଖୋଲାଯାଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଲେଆଉଟ ଦେଇଛନ୍ତି।ଏହା ପରେ ହିତାଧିକାରୀ ଜଣକ ଶ୍ରମିକ ବଦଳରେ ମେଶିନ ଲଗାଇ ପୋଖରୀ ଖୋଳି ସାରିଲେଣି। ଏମଜିଏନଆରଇଜିଏସ ଯୋଜନାରେ ଫାର୍ମ ପଣ୍ଡ ଆସିଥିବା ବେଳେ ଏଥିରେ କୌଣସି ଶ୍ରମିକଙ୍କୁ ନିୟୋଜିତ କରାଯାଇ ନ ଥିବା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ପୋଖରୀ ଖୋଳାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହାର ତଦନ୍ତ କରାଯାଉ ବୋଲି ଲୋକେ ଦାବି କରିଛନ୍ତି । ଏ ନେଇ ପାପଡାହାଣ୍ଡି ଏପିଓ (ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର)ସସ୍ମିତା ନାଥଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସେ ଏବଂ ବିଡ଼ିଓ ରଂଜିତା ମଲିକ ଅବଗତ ଥିବା କହିଥିଲେ। ସମ୍ପୃକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇ ନଥିବା କହିଛନ୍ତି। ଜିଓ ଟ୍ୟାଗ କି ଅନଲାଇନ ବି କରାଯାଇନି । ବିନା କାର୍ଯ୍ୟାଦେଶରେ ସେ କିପରି କାମ କଲେ। ଯଦି ହିତାଧିକାରୀ ଯୋଜନାର ଖିଲାପ କରିଥାନ୍ତି ତା ହେଲେ କାର୍ଯ୍ୟାଦେଶ ଦିଆଯିବ ନାହିଁ ବୋଲି କହିଛନ୍ତି ।

# ଆଇନଜୀବୀଙ୍କ ବିୟୋଗରେ ଶୋକସଭା



ଶୋକସଭାରେ ଉପସ୍ଥିତ ଆଇନଜୀବୀମାନେ ।

ନବରଙ୍ଗପୁର,୧୫ା୩(ଡି.ଏନ.ଏ.)

ନବରଙ୍ଗପୁରର ଆଇନଜୀବୀ ନିରଞ୍ଜନ ନାୟକଙ୍କ ବିୟୋଗରେ ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ପକ୍ଷରୁ ସଂଘ ସମ୍ମିଳନୀ ଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ଆଇନଜୀବୀ ସମରେଶ ଗନ୍ତାୟତ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ରାମ ପ୍ରସାଦ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଗତ ନାୟକଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଆଇନଜୀବୀ ଉମାଶଙ୍କର ତ୍ରିପାଠୀ, ଗଜପତି ପଟ୍ଟନାୟକ, ସଚିନନ୍ଦନ ସ୍ୱାଇଁ, ମାନସ ତ୍ରିପାଠୀ, ସନ୍ତୋଷ ମିଶ୍ର, ବିଧୁଶେଖର ତ୍ରିପାଠୀ, ସଞ୍ଜୟ ସୁନା, ପ୍ରତାପ ପଣ୍ଡା, ଗଙ୍ଗାଧର ସାମନ୍ତରାୟ, ପ୍ରଦୀପ ସାହୁ, ରବିନ୍ଦ୍ର ପ୍ରସାଦ ପାଢୀ, ଦେବୀ ପ୍ରସାଦ ସିଂ, ତପନ ସିଂ, ପୁରୁଷୋତ୍ତମ ସାମନ୍ତ, ସରୋଜ ବେହେରା, ସି.ଏଚ. ଚନ୍ଦ୍ର ଶେଖର ରାଓ, ପ୍ରଶାନ୍ତ ପଟ୍ଟନାୟକ, ବରୁଣ ନାୟକ, ଗୋପାଳ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

# ଜି.ଉଦୟଗିରିରେ ଚୋରାମଦ କାରବାର ବୃଦ୍ଧି

## ବଢୁଛି ଅସାମାଜିକ କାର୍ଯ୍ୟକଳାପ

ଜି.ଉଦୟଗିରି,୧୫ା୩(ଡି.ଏନ.ଏ.)

ଜି.ଉଦୟଗିରି ସହରରେ ଚୋରାମଦ କାରବାର ବୃଦ୍ଧି ଯୋଗୁ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସହରର ଅନେକ ଛୋଟ ଛୋଟ ଦୋକାନ ସମେତ କେତେକ ଫାଷ୍ଟଫୁଡ୍ ସେଣ୍ଟରରେ ମଧ୍ୟ ଏହି ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସହରର ବିଭିନ୍ନ ଛକ ସ୍ଥାନ ମାନଙ୍କରେ ମଧ୍ୟ ଏପରି ମଦ ବିକ୍ରି ହେଉଛି। ଫଳରେ ମଦ ପାନ କରି ମଦ୍ୟପମାନେ ବିଭିନ୍ନ ସ୍ଥାନରେ ଗାଳିଗୁଲଜ କରିବା ସହ ଏକ ସାଧାରଣ ଘଟଣା ହୋଇଗଲାଣି। ରାତ୍ର ବସକୁ ଅପେକ୍ଷା କରିଥିବା ଯାତ୍ରୀମାନେ ବିଶେଷକରି ଏସବୁ ମଦ୍ୟପମାନଙ୍କ ଦ୍ୱାରା ଅପଦସ୍ତ ହେଉଛନ୍ତି। ଜି.ଉଦୟଗିରି ଥାନାରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଆଇଆଇସି ବିବେକାନନ୍ଦ ଜେନାଙ୍କୁ ଏ ସମ୍ପର୍କରେ ପଚାରିବାରେ କହିଥିଲେ, ଇତିମଧ୍ୟରେ ସହରରେ ଅନେକ ଚୋରା ମଦ ବିକ୍ରି କରୁଥିବା ଲୋକଙ୍କୁ ଗିରଫ କରାଗଲାଣି। ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପୋଲିସ ସ୍କ୍ୱାଡ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ବେଆଇନ ମଦ ବିକ୍ରେତାଙ୍କ ଉପରେ ଚଢାଉ କରାଯାଉଛି। ଅସାମାଜିକ ଲୋକଙ୍କ ଉପରେ ମଧ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସନ୍ଧ୍ୟା ପରେ ସହରରେ ପୋଲିସ ପାଟ୍ରୋଲିଂ କଡାକଡି କରିବା ସହ ମଦ୍ୟପମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**REQUIRED**
(1) MBA with A/c knowledge-2
(2) Commerce Degree with Computer knowledge-3
(3) Marketing Executives-2
(4) Plastic Manufacturing Technician-1
(5) I.T with Social Media knowledge-1
(6) Maid Servant Female/Male above (30) Thirty years.
Please contact with Bio-data
M/S PADMA SALES, Ganeswarpur, Januganj, Balasore-756019.
M: 9437297718 (Ajay)
9338060650 (Dibas)
Mail: puspak_roadway@rediffmail.com
pallavi_syndicate@rediffmail.com

**VACANCY 22 FOR 10TH & +2 CANDIDATES**
Direct job / No Charges, ବୟସ ସୀମା ୧୮ରୁ ୨୮ ବର୍ଷ,ମାସିକ ଆୟ Rs.7000 to Rs.10000/- ସହ ରହିବା ସୁବିଧା ଅଛି ।
Contact Immediately For Joining.
MICRO EXPANSION, N/6-315, Jaydev Vihar, Bhubaneswar,
Mob : 9040255491

ଭୁବନେଶ୍ୱର କଣ୍ଟାବାଡ଼ଠାରେ ସିକ୍ୟୁରିଟି ଗାର୍ଡ ଚାକିରି ପାଇଁ ପୁରୁଷ ପ୍ରାର୍ଥୀ ଆବଶ୍ୟକ। ଦରମା– 7500–8000, ଡ୍ୟୁଟି–12 ଘଣ୍ଟା।
ଫ୍ୟୁଚର୍ ଗ୍ରୁପ୍ ଅଫ୍ କମ୍ପାନୀ।
ଯୋଗାଯୋଗ ନଂ. 9002223933 9733008295

**MNC କମ୍ପାନୀରେ ଚାକିରୀ**
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : 8000-10000 ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ । ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**WANTED**
ଧରିତ୍ରୀ DHARITRI Oriya daily is looking for
**FRONT OFFICE EXECUTIVES: (F/M)**
- Graduates having DTP skills with 1-2 yrs experience in FO work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to : recruitment@dharitri.com
Attractive salary commensurate with experience




PIAGGIO
AN OPPORTUNITY FOR THOSE WHO ARE DRIVEN BY SUCCESS
JOIN PIAGGIO DEALERSHIP TEAM
DHENKANAL
Salary is negotiable, candidate have own two Wheeler & Driving License
Send your update CV within 7 days to:
RITA AUTOMOBILES
Mandabasahi, Padma Bazar, Dhenkanal - 759013
Contact: 9776036999 / 9337859872
E-mail: id_ritaautomobiles.piaggio@gmail.com
Application invited for below positions:
- SALES MANAGER - 01 No. (4 to 5 Yrs. Exp.)
- FIELD EXECUTIVE - 11 Nos. (Exp. / Freshers)
- AUTO DRIVER - 05 Nos. (Min. 1 Yr. Exp.)
- WORKSHOP Mgr. - 01 No. (Min. 5 Yrs. Exp.)
- BACK OFFICE - 02 Nos. (Graduate)

**ପଞ୍ଚାୟତ, ବ୍ଲକସ୍ତରୀୟ ନିଯୁକ୍ତି**
ପ୍ରତ୍ୟେକ ଜିଲ୍ଲାର ପ୍ରାର୍ଥୀ ଆବେଦନ କରିପାରିବେ। **Qualification:** 10th above, **Salary:** 7,000/- to 42,000/-.
Contact: 9777639313

**VIGEN INDIA REQUIRED**
Smart Boys and Girls candidates for office Job.
Age: 18-32 yrs. **Edu:** 10th to Graduate.
910/1545, Sastri Nagar, Near The World, Backside of Axis Bank.
9348916882

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**ଶୀଘ୍ର ଆବଶ୍ୟକ**
SALES MAN / OFFICE ASSISTANT
ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ।
Anu Traders, Mancheswar, Bhubaneswar.
Email-anu2014traders@gmail.com
Mob- 8908811231, 9776622166

**ZENITH INSTITUTE OF SCIENCE & TECHNOLOGY**
NH-5,PITAPALLI, BHUBANESWAR
(Approved by AICTE , Affiliated by SCTE&VT, Odisha)
Applications are invited for the following Post:
Teaching & Non-Teaching Position

| Sl. No. | Position | Discipline |
|---|---|---|
| 1 | Principal | P.H.D. OR M-TECH with 5 to 6 years experience Administrative field. |
| 2 | Lecturer | Civil Engg., Mechanical Engg., Electrical Engg., Mining Engg., Chemistry, Physics , Mathematics, English |
| 3 | Lab. Asst. | Civil Engg., Mechanical Engg., Electrical Engg., Mining Engg. |
| 4 | Office Executive/ Asst. | Front Office Executives, Back Office Executives, Office Asst., Accountant, Gardener, Driver, office Attendant, Hostel Warden (Male/Female), Construction Supervisor etc. |

Qualification : As per AICTE Norm
Salary : As per AICTE Norms (Negotiable)
Eligible candidates bring compulsory their resume, Photo copies of educational certificates, PAN Card, Aadhar Card, and 4- passport size photograph.
Venue : College Campus
Date of Interview : Sl. No. 1/2/3 - 18/03/2019
Sl. No. 4 only - 19/03/2019
For more details Contact to : 8908018083/85 , **E-mail:-** zistorissa@gmail.com
ZENITH GROUP OF INSTITUTIONS

**Kalinga Vision +2 Science Residential College**
NH-5,PITAPALLI, BHUBANESWAR
(Approved by State Government , Affiliated by CHSE, Odisha)
Applications are invited for the following Post:
Teaching & Non-Teaching Position

| Sl. No. | Position | Discipline |
|---|---|---|
| 1 | Principal | P.H.D. or Post Graduate (MSC) with 5 to 6 years experince Administrative field. |
| 2 | Lecturer | Chemistry, Physics , Mathematics, English, Botany, Zoology, Computer Science, Odiya, |
| 3 | Lab. Asst. | Chemistry, Physics , Botany, Zoology |
| 4 | Office Executive/ Asst. | Front Office Executives, Back Office Executives, Office Asst., Accountant, Gardener, Driver, office Attendant, Hostel Warden (Male/Female), Construction Supervisor etc. |

Qualification : As per State Government Norms
Salary : Negotiable
Eligible candidates bring compulsory their resume, Photo copies of educational certificates, PAN Card, Aadhar Card, and 4- passport size photograph.
Venue : College Campus
Date of Interview : Sl. No. 1/2/3 - 16/03/2019
Sl. No. 4 only - 17/03/2019
For more details Contact to : 8908018083/85 , **E-mail:-** kvrcodisha@gmail.com
ZENITH GROUP OF INSTITUTIONS

**PLANT JOB**
Navay Power Plant Ltd
URGENT REQUIRED FOR 36 POST
Qualification : 8th, +2, +3, ITI, Diploma, B.Tech.
Salary : Rs.8200 to Rs.38000
Email : navaypowerplant@gmail.com
Jindal, Angul | 8895327403

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**WALK – IN INTERVIEW**
AMB ENGLISH MEDIUM SCHOOL
DOBAL, DHAMNAGAR, BHADRAK (CBSE PATTERN)
Mob. No.-9090739750,9776655772
INVITES RESPECTIVE CANDIDATES IN FOLLOWING SUBJECTS TO ATTEND INTERVIEW.
1. NTT- 3 ( NUN FROM MISSION & OTHERS)
2. PRT -3 , Eligibility : (Hons in Resp. Sub- Math, Sci, Eng, Odiya & Hindi)
INTERVIEW DT :- 17/03/2019
Time - 11.00 a.m.
Venue - School Premises
Salary PRT- Rs.10,000/-
Salary NTT- Rs.5,000/-
Free Fooding & Lodging

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs. Monthly salary upto Rs.25000/-.
Contact Immediately
Mob: 8763257042

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇଥିବାରୁ ସେମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ।

– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ



ଦେଶରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏସବୁ ସତ୍ତ୍ୱେ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଜାରି ରହିବ ।

– କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ, ସିଇଏ



■ ଉପା ଭଳି ଏନ୍‌ଡିଏ ସରକାରକୁ ଅଡୁଆ

# ତେଲ ବିଗାଡ଼ିବ ଖେଳ



ନୂଆଦିଲ୍ଲୀ,୧୫-୩

ଉପା ସରକାର ୨୦୧୪ରେ ନିର୍ବାଚନ ହାରିବାର ଅନ୍ୟତମ ମୁଖ୍ୟ କାରଣ ଥିଲା ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି। ୫ ବର୍ଷ ପରେ ଏନ୍‌ଡିଏ ସରକାର ପାଇଁ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଏଥର ମଧ୍ୟ ସାଧାରଣ ନିର୍ବାଚନରେ ତେଲ ଦରବୃଦ୍ଧି ଏନ୍‌ଡିଏ ପାଇଁ କାଳ ହୋଇପାରେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।

ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଜଣାପଡେ ଯେ ୨୦୧୨ ମେ'ରେ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ୭୮.୫୭ ଟଙ୍କା ଥିଲା ଓ ୨୦୧୩ ସେପ୍ଟେମ୍ବରରେ ଏହା ୮୩.୬୨ ଟଙ୍କାର ସର୍ବୋଚ୍ଚ ସ୍ତର ଛୁଇଁଥିଲା। ମେଣ୍ଟ ସରକାର ହାରିବାର ଅନେକଗୁଡ଼ିଏ କାରଣ ରହିଥିଲେ ହେଁ ନିର୍ବାଚନ ସମୟରେ ଉଚ୍ଚ ତେଲ ଦରକୁ ନିୟନ୍ତ୍ରଣ କରିବାରେ ବ୍ୟର୍ଥତା ପରାଜୟର ଅନ୍ୟତମ କାରଣ ଥିଲା। ଏବେ ଏନ୍‌ଡିଏ ସରକାରଙ୍କ ପାଇଁ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୭ ଅକ୍ଟୋବର ୩ରେ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଦର ୭୯.୯୯ ଟଙ୍କା ଥିଲା ବେଳେ ୨୦୧୮, ଅକ୍ଟୋବର ୪ରେ ଏହା ସର୍ବକାଳୀନ ରେକର୍ଡ ଭାଙ୍ଗି ୯୧.୩୪ ଟଙ୍କାରେ ପହଞ୍ଚିଥିଲା। ଯଦିଓ ଏହା ଏବେ ହ୍ରାସ ପାଇ ଲିଟର ପିଛା ୭୮ ଟଙ୍କା ରହିଛି, ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଗତ ମାସରୁ ବଢ଼ିବାରେ ଲାଗିଛି। କାରଣ ତୈଳ ଉତ୍ପାଦକ ଦେଶଗୁଡ଼ିକ ଉତ୍ପାଦନ କମାଇବାକୁ ନିଷ୍ପତ୍ତି ନେଇଛନ୍ତି।

ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ବିରୋଧୀ ଦଳଗୁଡ଼ିକ ଏହାକୁ ଏନ୍‌ଡିଏ ସରକାରଙ୍କ ବିରୋଧରେ ଅସ୍ତ୍ର କରିବା ନିଶ୍ଚିତ। ଏହା ଲୋକଙ୍କ ଭାବାବେଗ ସହ ଜଡ଼ିତ ରହିଥିବାରୁ ଶାସକ ମେଣ୍ଟ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ଉପା ଓ ଏନ୍‌ଡିଏ ସରକାର ବେଳର ରିଟେଲ ଦରକୁ କେବଳ ତୁଳନା କଲେ ଚଳିବ ନାହିଁ। ଦରବୃଦ୍ଧି ଲାଗି ଦୁଇ ସରକାର ନିଜ ଅମଳରେ ନେଇଥିବା ନିଷ୍ପତ୍ତିକୁ ମଧ୍ୟ ଅନୁଧ୍ୟାନ କରିବାକୁ ହେବ। ଉପା ସରକାର ଅମଳର ଶେଷ ଦୁଇବର୍ଷରେ (୨୦୧୩ ଓ ୨୦୧୪)ରେ ଭାରତ ବ୍ୟବହାର କରୁଥିବା ଅଶୋଧିତ ତେଲ ଦର ଯଥାକ୍ରମେ ବ୍ୟାରେଲ ପିଛା ୧୦୭.୯୭ ଡଲାର ଓ ୧୦୫.୫୨ ଡଲାର ଥିଲା। ଏହି ଅବଧିରେ ପେଟ୍ରୋଲ ଲିଟର ପିଛା ଏକ୍ସାଇଜ ଡ୍ୟୁଟି ୧୦ ଟଙ୍କା ଓ ଡିଜେଲରେ ୧୧ ଟଙ୍କା ଥିଲା। ଏଥିରୁ ସ୍ପଷ୍ଟ ହୋଇଛି ଯେ, ଅଶୋଧିତ ତେଲ ଦର ଉଚ୍ଚରେ ଥିଲେ ସୁଦ୍ଧା ଉପା ସରକାର ଅଧିକ ସବ୍‌ସିଡି ଦେଇ ଏବଂ ଉତ୍ପାଦ ଶୁଳ୍କ କମାଇ ରିଟେଲ ଦରକୁ ନିୟନ୍ତ୍ରିତ କରିଥିଲେ ହେଁ ତାହା ଯଥେଷ୍ଟ ନ ଥିଲା। ଅନ୍ୟପକ୍ଷରେ ଉଚ୍ଚ ଉତ୍ପାଦ ଶୁଳ୍କ ଆଦାୟ ମାଧ୍ୟମରେ ଏନ୍‌ଡିଏ ସରକାର ନିଜର ରାଜସ୍ୱ ବଢ଼ାଇ ଚାଲିଛନ୍ତି। ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ଛୁଇଁବାକୁ ଯାଉଥିବାବେଳେ ଗତବର୍ଷ ଅକ୍ଟୋବରରେ ପେଟ୍ରୋଲ ଓ ଡିଜେଲ ଦରରେ ଉତ୍ପାଦ ଶୁଳ୍କ ମାତ୍ର ୧.୫୦ଟଙ୍କା ହ୍ରାସ କରିଥିଲେ। ୨୦୧୭ରେ ମୁମ୍ବାଇରେ ପେଟ୍ରୋଲ ଦର ସର୍ବୋଚ୍ଚ ସ୍ତର ୭୯.୯୯ଟଙ୍କା (ଅକ୍ଟୋବର ୩) ଥିଲା। ସେତେବେଳେ ଅଶୋଧିତ ତେଲ ଦର ହାରାହାରି ବ୍ୟାରେଲ ପିଛା ୫୬.୪୩ ଡଲାର ଥିଲା। ୨୦୧୮ରେ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ୯୧.୩୪ ଟଙ୍କା ଛୁଇଁଥିଲା, ସେତେବେଳେ ଅଶୋଧିତ ତେଲ ଦର ହାରାହାରି ୮୦.୦୮ ଡଲାର ଥିଲା।

ଏନ୍‌ଡିଏ ସରକାର ୨୦୧୪ ନଭେମ୍ବରରୁ ୨୦୧୬ ଜାନୁୟାରୀ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଦର ୯ଥର ବୃଦ୍ଧି କରିଛନ୍ତି। ଫଳରେ ତେଲରୁ ସରକାର ଆର୍ଥିକ ବର୍ଷ ୨୦୧୫ରେ ୯୯,୧୮୪ କୋଟି ଟଙ୍କା ଆଦାୟ କରିଥିବା ବେଳେ ଆର୍ଥିକ ବର୍ଷ ୨୦୧୭ରେ ୨,୪୨,୬୯୧ କୋଟି ଟଙ୍କା ପାଇଛନ୍ତି। ଆର୍ଥିକ ବର୍ଷ ୨୦୧୮ରେ ପ୍ରାୟ ସମାନ ସଂଖ୍ୟକ ଟିକସ ଆଦାୟ ହୋଇଛି। ଚଳିତ ବର୍ଷ ଫେବୃୟାରୀ ୯ରୁ ତେଲ ଦର କ୍ରମାଗତ ବୃଦ୍ଧି ପାଉଥିବା ବେଳେ ସରକାର ଦର ନିୟନ୍ତ୍ରଣ କରୁନାହାନ୍ତି। ପୂର୍ବରୁ ବିଧାନସଭା ନିର୍ବାଚନ ବେଳେ ସେମାନେ ତେଲ ଦର ବଢ଼ାଇ ନ ଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହୁହୁ ହୋଇ ବଢ଼ିଚାଲିଲେ ତୈଳ କମ୍ପାନୀଗୁଡ଼ିକ ପାଇଁ ସମସ୍ୟା ସୃଷ୍ଟି ହେବ। ଦର ବଢ଼ାଇବାକୁ ସେମାନେ ବାଧ୍ୟ ହେବେ, ଏଥିରେ ସନ୍ଦେହ ନାହିଁ। ଏହା ହିଁ ଏନ୍‌ଡିଏ ସରକାରଙ୍କ ପତନର ଅନ୍ୟତମ ମୁଖ୍ୟ କାରଣ ହେବ।

- ■ ୫ ବର୍ଷ ପରେ ସୃଷ୍ଟି ହୋଇଛି ସମାନ ପରିସ୍ଥିତି
- ■ ବଢ଼ୁଛି ପେଟ୍ରୋଲ, ଡିଜେଲ ଦର
- ■ ଦର ନିୟନ୍ତ୍ରଣ ପାଇଁ ଚାହୁଁନାହାନ୍ତି ସରକାର

## ନୂଆ ରେଞ୍ଜର ଏସି ଆଣିଲା ପାନାସୋନିକ



ନୂଆ ପ୍ରଡକ୍ଟଗୁଡ଼ିକୁ ବଜାର ପ୍ରବେଶ କରାଯାଉଛି।

ଭୁବନେଶ୍ୱର,୧୫-୩(ବ୍ୟୁରୋ)

ପାନାସୋନିକ ପକ୍ଷରୁ ୨୦୧୯ ରେଞ୍ଜର ନୂଆ ଏୟାର କଣ୍ଡିଶନର ବଜାରକୁ ଆସିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ କମ୍ପାନୀର ଅଂଶୀଦାର ମିଟ୍ ଅବସରରେ ଏହି ଏସିଗୁଡ଼ିକୁ ଶୁଭାରମ୍ଭ କରାଯାଇଛି। ବିକ୍ରି ଅଭିବୃଦ୍ଧି ପାଇଁ କମ୍ପାନୀ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଉପରେ ଏଠାରେ ଆଞ୍ଚଳିକ ମୁଖ୍ୟ ପ୍ରିୟାଙ୍କ ଶ୍ରୀବାସ୍ତବ ଗୁରୁତ୍ୱାରୋପ କରିଥିଲେ। ଗ୍ରାହକଙ୍କୁ ସର୍ବୋତ୍ତମ ଉତ୍ପାଦ ଶୃଙ୍ଖଳା ଯୋଗାଣ,ବାଣିଜ୍ୟ ଲାଭ ଉପଯୋଗୀ ସ୍କିମ ଏବଂ ମାର୍କେଟିଂ ପଦକ୍ଷେପ ଉପରେ କାର୍ଯ୍ୟ କରୁଥିବା ଶ୍ରୀବାସ୍ତବ କହିଛନ୍ତି। ଆଗାମୀ ସିଜନରେ ଗ୍ରାହକଙ୍କ ଲାଗି ବିଭିନ୍ନ ସ୍କିମ ଆଣିବା ନେଇ ଯୋଜନା ରହିଥିବା ଏଥିରେ ଓଡ଼ିଶା,ଝାଡଖଣ୍ଡ ଏବଂ ବିହାରର ଜୋନ ମୁଖ୍ୟ ସନ୍ତୋଷ ସାମନ୍ତରାୟ ସୂଚନା ଦେଇଥିଲେ। କମ୍ପାନୀ ବଜାରରେ ଉପଲବ୍ଧ କରାଉଥିବା ବିଭିନ୍ନ ରେଞ୍ଜର ଏସି ପ୍ରଡକ୍ଟ ଉପରେ ଓଡ଼ିଶା ବ୍ରାଞ୍ଚର ପ୍ରବନ୍ଧକ ଦୁର୍ଗେସ ଶୁକ୍ଳା ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଏବଂ ନୟାଗଡ ଭଳି ଜିଲାର ଟ୍ରେଡ ପାର୍ଟନରମାନେ ଯୋଗ ଦେଇଥିଲେ। ପ୍ରମୁଖ ଡିଷ୍ଟ୍ରିବ୍ୟୁଟରଙ୍କ ମଧ୍ୟରେ ଦଜବିଜୟ ଇଲେକଟ୍ରୋନିକ୍ସ, ପ୍ରେମ ଏଣ୍ଟରପ୍ରାଇଜେସ, ଉତ୍କଳ ଇଲେକଟ୍ରୋନିକ୍ସ, ଏସ୍ଏ ଇନଫୋସିସ ରହିଛି। ସେହିଭଳି ଶାନ୍ତି ଏଜେନ୍ସି, ଶ୍ରୀ ସାଇ ଇଲେକଟ୍ରୋନିକ୍ସ, ମା ଶକ୍ତି ଏଣ୍ଟରପ୍ରାଇଜେସ, ଉମା ଇଲେକଟ୍ରୋନିକ୍ସ, ପାପୁନ ଇଲେକଟ୍ରୋନିକ୍ସ ଏବଂ ଏସ୍‌ପି ସେଲସ୍ ଭଳି ଡିଲରଶିପକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାନାସୋନିକ ପକ୍ଷରୁ କୁନାଲ ମୈତ୍ର, ଅମିତ ବିଜୟ, ରାଜା ଚୌଧୁରୀ ଏବଂ ବର୍ଷା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରଡକ୍ଟଗୁଡ଼ିକର ବୈଶିଷ୍ଟ୍ୟ**
ଆକ୍ଟିଭ ପାସିଭ ଏୟାର ପ୍ୟୁରିଫିକେଶନ ସିଷ୍ଟମ, ସୁପର ଡ୍ୟୁରେବିଲିଟି ରେଞ୍ଜ, ପ୍ରିମିୟମ କ୍ୱାଲିଟି ଫିଚର, ଭାଲ୍ୟୁ ଫର ମନି

## ଗୋଲ୍ଡେନ ଭିଜା ହାତେଇଥିଲେ ନୀରବ

ଲଣ୍ଡନ,୧୫-୩

ହୀରା ବ୍ୟବସାୟୀ ନୀରବ ମୋଦି ବ୍ରିଟେନ ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ଗୋଲ୍ଡେନ ଭିଜା ଅଥବା ଟାୟର-୧ (ନିବେଶକ) ଭିଜା ଜରିଆରେ ୟୁକେରେ ପ୍ରବେଶ କରିଥିଲେ ବୋଲି ବ୍ରିଟେନ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ଭିଜା ଜରିଆରେ ଯେକୌଣସି ବ୍ୟକ୍ତି ସରକାରଙ୍କ କୌଣସି ବଣ୍ଡ୍ ବା ଶେୟାରରେ ୨ ମିଲିୟନ ପାଉଣ୍ଡ ନିବେଶ କରିପାରିବେ ଏବଂ ଦେଶରେ ରହିପାରିବେ। ମୋଦିଙ୍କୁ ଭାରତୀୟ ପାସପୋର୍ଟ ଜରିଆରେ ଭିଜା ଦିଆଯାଇଛି। ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମାମଲା ଦାଏର କରାଯାଇଛି।

**ସ୍ତ୍ରୀଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଠକେଇ ମାମଲାରେ ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟ ଶୁକ୍ରବାର ପଳାତକ ନୀରବ ମୋଦିଙ୍କ ପତ୍ନୀ ଆମି ମୋଦିଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ପକ୍ଷରୁ ମୋଦି ଓ ଅନ୍ୟମାନଙ୍କ ବିରୋଧରେ ପରିପୂରକ ଚାର୍ଜଶିଟ୍ ଦାଖଲ କରାଯିବା ପରେ ପିଏମ୍‌ଏଲ୍‌ଏ ବିଚାରପତି ଏମ୍.ଏସ୍.ଆଜମୀ ଏନ୍‌ବିଡବ୍ଲ୍ୟୁ ଜାରି କରିଛନ୍ତି।

## ଷ୍ଟାଟିଷ୍ଟିକ୍ସରେ ହସ୍ତକ୍ଷେପ: ଚିନ୍ତାବ୍ୟକ୍ତ କଲେ ଅର୍ଥନୀତିଜ୍ଞ

ନୂଆଦିଲ୍ଲୀ,୧୫-୩

ଦେଶରେ ପରିସଂଖ୍ୟାନ ତଥ୍ୟ (ଷ୍ଟାଟିଷ୍ଟିକ୍ସ)ରେ ରାଜନୈତିକ ହସ୍ତକ୍ଷେପକୁ ନେଇ ୧୦୮ ଅର୍ଥନୀତିଜ୍ଞ ଏବଂ ସମାଜବିଜ୍ଞାନୀ ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନେ ସରକାରୀ ସଂସ୍ଥାର ସ୍ୱାଧୀନତା ଏବଂ ପରିସଂଖ୍ୟାନ ସଂଗଠନର ସ୍ୱଚ୍ଛତା ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି।

ମୋଟ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟ ସଂଶୋଧନ କରିବା ତଥା ଏନଏସ୍‌ଏସ୍‌ଓ ଦ୍ୱାରା ରୋଜଗାର ତଥ୍ୟକୁ ରୋକିବା ନେଇ ସୃଷ୍ଟି ହୋଇଥିବା ବିବାଦକୁ ଦୃଷ୍ଟିରେ ରଖି ସେମାନେ ନିଜର ବୟାନ ଜରିଆରେ ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି ଯେ, ଦଶନ୍ଧି ଧରି ଭାରତର ଷ୍ଟାଟିଷ୍ଟିକ୍ସ ଆର୍ଥିକ ଓ ସାମାଜିକ ମାନଦଣ୍ଡ ଅନୁଯାୟୀ ସାରା ବିଶ୍ୱରେ ଉଚ୍ଚ ଶିଖରରେ ରହିଆସିଛି। ବିଶେଷଜ୍ଞମାନେ ଏକ ଅପିଲ ଜରିଆରେ କହିଛନ୍ତି ଯେ, ତଥ୍ୟର ଅନୁମାନ ଗୁଣବତ୍ତାକୁ ନେଇ ପ୍ରାୟତଃ ଏହାକୁ (ପରିସଂଖ୍ୟାନ ମେଶିନେରୀ) ସମାଲୋଚନା କରାଯାଏ। ତେବେ ନିଷ୍ପତ୍ତିକୁ ପ୍ରଭାବିତ କରିବା ତଥା ଅନୁମାନ ଉପରେ କେବେ ବି ରାଜନୈତିକ ହସ୍ତକ୍ଷେପ ହୋଇଥିବାର ଅଭିଯୋଗ ଆସିନି। ଦେଶର ସମସ୍ତ ଅର୍ଥନୀତିଜ୍ଞ, ପରିସଂଖ୍ୟାନବିଦ୍ ଓ ଗବେଷଣାକାରୀ ଏକାଠି ହୋଇ ପ୍ରତିକୂଳ ପରିସଂଖ୍ୟାନକୁ ଦବାଇବାର ପ୍ରୟାସ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଆହ୍ୱାନ ଜଣାଇଛନ୍ତି। ବୟାନରେ ରାକେଶ ବସନ୍ତ (ଆଇଆଇଏମ୍-ଅହମ୍ମଦାବାଦ୍), ଜେମ୍ସ ବାୟସ (ୟୁନିଭର୍ସିଟି ଅଫ୍ ମାସାଚୁସେଟ୍ସ, ଆମେରିକା), ସତୀଶ ଦେଶପାଣ୍ଡେ (ଦିଲ୍ଲୀ ବିଶ୍ୱବିଦ୍ୟାଳୟ), ପ୍ୟାଟ୍ରିକ ଫ୍ରାଙ୍କୋଇସ (ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆ, କାନାଡା), ଆର୍. ରାମକୁମାର(ଟିଆଇଏସ୍‌ଏସ୍, ମୁମ୍ବାଇ), ହେମା ସ୍ୱାମୀନାଥନ (ଆଇଆଇଏମ୍-ବି) ତଥା ରୋହିତ ଆଜାଦ (ଜେଏନ୍‌ୟୁ) ସ୍ୱାକ୍ଷର କରିଛନ୍ତି। ଏହି ଅର୍ଥନୀତିଜ୍ଞ ତଥା ସମାଜ ବିଜ୍ଞାନୀଙ୍କ ମତରେ ତଥ୍ୟ ଏକତ୍ରିତ କରିବା ତଥା ଏହାର ପ୍ରସାର ସହ ଜଡ଼ିତ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ତଥା ରାଷ୍ଟ୍ରୀୟ ନମୁନା ସର୍ଭେ ସଂଗଠନ (ଏନ୍‌ଏସ୍‌ଏସ୍‌ଓ) ଭଳି ଏଜେନ୍ସିକୁ ରାଜନୈତିକ ହସ୍ତକ୍ଷେପରୁ ଦୂରେଇ ରଖାଯିବା ଆବଶ୍ୟକ। ସେମାନଙ୍କୁ ସମ୍ପୂର୍ଣ୍ଣ ରୂପେ ବିଶ୍ୱାସଯୋଗ୍ୟ ମନେ କରାଯାଇପାରିବ।

## ଏଲ୍‌ଆଇସିର ଅଧ୍ୟକ୍ଷ ହେଲେ ଏମ୍.ଆର୍. କୁମାର

ଭୁବନେଶ୍ୱର,୧୫-୩



ଏମ୍.ଆର୍. କୁମାର

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଅଧ୍ୟକ୍ଷ ଭାବେ ଏମ୍.ଆର୍. କୁମାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ୨୦୧୭ ଏପ୍ରିଲରୁ ଉତ୍ତର ଜୋନର ଦାୟିତ୍ୱରେ କାର୍ଯ୍ୟ କରୁଥିଲେ। ସେହିଭଳି ସେ ଏଲ୍‌ଆଇସିରେ ପେନଶନ ଓ ଗ୍ରୁପ ସ୍କିମର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ କାର୍ଯ୍ୟାଳୟ ମୁମ୍ବାଇର କାର୍ମିକ ବିଭାଗ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ଥିଲେ। ଉତ୍ତର ଜୋନ ବାଦ ଦକ୍ଷିଣ ଜୋନ ଏବଂ ଉତ୍ତର କେନ୍ଦ୍ରୀୟ ଜୋନର ମୁଖ୍ୟ, ଅହମ୍ମଦାବାଦ ଏବଂ ଏର୍ଣ୍ଣାକୁଲମ ଡିଭିଜନର ଇନଚାର୍ଜ ଭାବେ ସେ କାର୍ଯ୍ୟ କରିଛନ୍ତି। ଅପରପକ୍ଷରେ ଟି.ସି ସୁଶୀଲ କୁମାର ଏଲ୍‌ଆଇସିର ଏମ୍‌ଡି ଭାବେ ଦାୟିତ୍ୱ ନେଇଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣ କେନ୍ଦ୍ରୀୟ ଜୋନର ଇନଚାର୍ଜ ଭାବେ କାର୍ଯ୍ୟ କରୁଥିଲେ। ଗ୍ରାହକ ସମ୍ପର୍କ ପରିଚାଳନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କେନ୍ଦ୍ରୀୟ କାର୍ଯ୍ୟାଳୟ ମୁମ୍ବାଇଠାରେ ବ୍ୟାଙ୍କାସୁରାନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଏଲ୍‌ଆଇସି ମରିସସର ମୁଖ୍ୟ ଭାବେ ମଧ୍ୟ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି। ଏହାବାଦ ଏଲ୍‌ଆଇସି ପକ୍ଷରୁ ଭିପୁନ ଆନନ୍ଦଙ୍କୁ ପରିଚାଳନା ନିର୍ଦ୍ଦେଶକଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ସେ ପଶ୍ଚିମାଞ୍ଚଳ ଜୋନ୍‌ର ପ୍ରବନ୍ଧକ ଇନଚାର୍ଜ ଭାବେ କାର୍ଯ୍ୟରତ। ସେ ପୂର୍ବ କେନ୍ଦ୍ରୀୟ ଜୋନ ସମେତ ଏଲ୍‌ଆଇସିର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି।

## ୩୮ ହଜାର ଟପିଲା ସେନ୍‌ସେକ୍ସ

ମୁମ୍ବାଇ,୧୫-୩

ବିଦେଶୀ ନିବେଶକଙ୍କ ଭାରତୀୟ ଷ୍ଟକ୍ ବଜାର ପ୍ରତି ସକାରାତ୍ମକ ମନୋଭାବ କାରଣରୁ ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ସେନସେକ୍ସ ୬ ମାସ ପରେ ୩୮ ହଜାର ପଏଣ୍ଟ ପାର୍ କରିଛି। ସେନସେକ୍ସ ୨୬୯.୪୩ ପଏଣ୍ଟ ବୃଦ୍ଧି ସହ ୩୮,୦୨୪.୩୨ରେ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ୮୩.୬୦ ପଏଣ୍ଟ ବୃଦ୍ଧି ସହ ୧୧,୪୨୬.୮୫ ରେ ବନ୍ଦ ହୋଇଥିଲା। ଚଳିତ ସପ୍ତାହରେ ସେନସେକ୍ସ ମାତ୍ର ୫ କାରବାର ଦିନରେ ୧୩୫୨ ପଏଣ୍ଟ ବୃଦ୍ଧି ପାଇଛି। ସୂଚନାଥାଉ କି, ରବିବାର ନିର୍ବାଚନ ଆୟୋଗ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରିବା ପରେ ବିଭିନ୍ନ ସର୍ଭେ ରିପୋର୍ଟରେ ମୋଦି ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଦର୍ଶାଯିବାରୁ ନିବେଶକଙ୍କ ଆସ୍ଥା ଦୃଢ଼ୀଭୂତ ହେବାରେ ଲାଗିଛି। ଅନ୍ୟପକ୍ଷରେ ଘରୋଇ ମୁଦ୍ରା ବଜାରରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଅଧିକ ଦୃଢ଼ ହେଉଛି। ଶୁକ୍ରବାର ଗୋଟିଏ ଡଲାର ମୂଲ୍ୟ ୬୯.୧୦ରେ ବନ୍ଦ ହୋଇଛି। ମାତ୍ର ୪ କାରବାର ଦିନରେ ଟଙ୍କା ୭୬ ପଇସା ମଜଭୁତ ହୋଇଛି। ଏହା ମଧ୍ୟ ସେନସେକ୍ସ ବୃଦ୍ଧି ଲାଗି ସକାରାତ୍ମକ କାରଣ ହୋଇଛି।

## ପୂରଣ ହେବନି ଟିକସ ଆଦାୟ ଲକ୍ଷ୍ୟ

**ନୂଆଦିଲ୍ଲୀ,୧୫-୩:** କେନ୍ଦ୍ର ସରକାର ଟିକସ ଆଦାୟ ଲକ୍ଷ୍ୟ ପୂରଣ କରିପାରିବେ ନାହିଁ ବୋଲି ନିଶ୍ଚିତ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ପରୋକ୍ଷ ଟିକସ ଆଦାୟ ଲକ୍ଷ୍ୟ ସମ୍ଭବତଃ ହାସଲ ହୋଇପାରିବ ନାହିଁ ବୋଲି ଅର୍ଥ ସଚିବ ଏସ୍.ସି.ଗର୍ଗ ସ୍ୱୀକାର କରିଛନ୍ତି। ତେବେ ପ୍ରତ୍ୟକ୍ଷ ଟିକସ ଆଦାୟ ଲକ୍ଷ୍ୟ ନିର୍ଦ୍ଧାରିତ ସମୟରେ ହାସଲ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ପରୋକ୍ଷ ଟିକସ ଆଦାୟ ଲକ୍ଷ୍ୟ କିଛି କମିବ। ତେବେ କେତେ କମିବ ତାହା ସେ ସ୍ପଷ୍ଟ କରିନାହାନ୍ତି। ଏସବୁ ସତ୍ତ୍ୱେ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଧାର୍ଯ୍ୟ ରାଜସ୍ୱ ନିଅଣ୍ଟର ସଂଶୋଧିତ ୩.୪% ଲକ୍ଷ୍ୟକୁ ହାସଲ କରାଯାଇପାରିବ ବୋଲି ସେ ଜୋର୍ ଦେଇ କହିଛନ୍ତି। ସଞ୍ଚିତ ଅର୍ଥରୁ ଏହା ସମ୍ଭବ ହେବ ବୋଲି ସେ କହିଛନ୍ତି। ଜିଏସ୍‌ଟି ପରୋକ୍ଷ ଟିକସର ମୁଖ୍ୟ ଆଧାର ହୋଇଥିବା ବେଳେ ଅଦ୍ୟାବଧି ହାରାହାରି ୯୫ ହଜାର କୋଟି ଟଙ୍କା ମାସକୁ ଆଦାୟ ହେଉଛି। ବର୍ଷକରେ ଦୁଇଥର ଜିଏସ୍‌ଟି ଆଦାୟ ମାସକୁ ୧ ଲକ୍ଷ କୋଟି ଟଙ୍କା ଟପିଥିଲା।

## ନୂଆ ଟେକ୍ନୋଲୋଜି ସହ ଆସିଲା ସାର୍ପ ଏସି

ଭୁବନେଶ୍ୱର,୧୫-୩




ଘରୋଇ ବଜାରରେ ନିଜର ଏସି ଉତ୍ପାଦ ଶୃଙ୍ଖଳାକୁ ଉପଲବ୍ଧ କରାଇବା ଲାଗି ଜାପାନ ଭିତ୍ତିକ କମ୍ପାନୀ ସାର୍ପ କର୍ପୋରେଶନ ନିଜକୁ ପ୍ରସ୍ତୁତ କରିଛି। ଏଥି ଲାଗି କମ୍ପାନୀ ଏଲଟେକ୍ ଅ।ପ୍ଲ।ଏନସେସ ପ୍ରାଇଭେଟ ଲିମିଟେଡ (ଇଏପିଏଲ)ସହ ବିତରଣ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀ ଭାରତ ବଜାର ଲାଗି ନୂଆ ଏସି ଶୁଭାରମ୍ଭ କରିଛି। ଏସିଗୁଡ଼ିକରେ ପ୍ଲାଜମା କ୍ଲଷ୍ଟର ଟେକ୍ନୋଲୋଜି ସହ ଆସୁଛି। ଏହା ସ୍ୱଚ୍ଛ ପବନ ଏବଂ ସୁସ୍ଥ ଜୀବନଧାରାକୁ ପ୍ରୋତ୍ସାହିତ କରିବ ବୋଲି କମ୍ପାନୀ ପ୍ରକାଶ କରିଛି। ବର୍ତ୍ତମାନ ଘରୋଇ ଏସି ବଜାର ୬ ନିୟୁତ ୟୁନିଟ ରହିଛି। ଏହା ଆଗାମୀ ୫ ବର୍ଷରେ ଦୁଇଗୁଣକୁ ବୃଦ୍ଧି ଘଟିବ ବୋଲି ଇଏପିଏଲ୍‌ର ଏମ୍‌ଡି ଏମ୍.ଇଜାଜୁଦ୍ଦିନ କହିଛନ୍ତି। ଭାରତ ବଜାରରେ ଏୟାର କଣ୍ଡିଶନ ବାଣିଜ୍ୟକୁ ବୃଦ୍ଧି ପଦକ୍ଷେପକୁ ନେଇ ଅତ୍ୟନ୍ତ ଖୁସି ବୋଲି ସାର୍ପର ଗ୍ଲୋବାଲ ହେଲଥ ଏନଭାର୍ନମେଣ୍ଟ ସିଷ୍ଟମ ବିଜୁ ଉପସଭାପତି ନାକାସିମୀ କହିଛନ୍ତି। ଏହି ଏସିଗୁଡ଼ିକ ଏପ୍ରିଲରୁ ବଜାରରେ ଉପଲବ୍ଧ ହେବ।

**GOVERNMENT OF ODISHA MINORITIES & BACKWARD CLASSES WELFARE DEPARTMENT**

**No. 4888 /M&BCW, Bhubaneswar, dated the 07th March, 2019**
**Wakf-1/2019**

**NOTICE**

**No.9-VV:-** It is brought to the notice of Md. Mojahid, Ex-Additional Survey Commissioner of Wakfs, Office of the Commissioner of Wakf, Cuttack has been placed under suspension vide this Office Order No.943/M&BCW., dated 15.01.2019. The suspension Order has not been served on Md. Mojahid after several attempts made by the Office of the Commissioner of Wakf, Cuttack.

It is hereby directed to receive the copy of the above Suspension Order from the Office of the Commissioner of Wakf, Cuttack within seven days of the publication of this notice, failing which the matter shall be decided on its own merit as per the prevailing rules.

45001/11/0013/1819 **Director, OBC**

ODISHA HYDRO POWER CORPORATION LTD. ODISHA
OHPC
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22
Ph.: (0674) 2542983, 2542802, 2545526, Fax: (0674) 2542102.
E-mail: ohpc.co@gmail.com, Website: www.ohpcltd.com
CIN: U40101OR1995SGC003963

**CORRIGENDUM TO ADVERTISEMENT NO. OHPC: HQ: HRD: RECTT: 02/2019 DATED: 02/03/2019**

Further to the advt. no. 02/2019 dtd.02.03.2019, it is hereby clarified that **"any appointment made pursuant to the said advertisement no.02/2019 dtd.02.03.2019 shall be subject to the result of pending writ petition filed in W.P(C) No.21155/2012 before the Hon'ble High Court of Orissa".**

Sd/-
**Director (HRD)**

ଓଡ଼ିଶା ସରକାର Govt. of Odisha
**OFFICE OF THE CHIEF ENGINEER, MINOR IRRIGATION, ODISHA , BHUBANESWAR**

**Letter No.W.I-Nayagarh-(T)-01/2018/2850, Date:15.03.2019**
**1st Corrigendum to BID Identification No.06 CEMI/2018-19**

No.1399-A:- In partial modification to the Bid Identification Notice, the date proposed for sale and receipt of bid document in online mode is extended to 01.06.2019 at 10:00 Hours to 21.06.2019 at 17:00 Hours. The date of opening of technical bid is rescheduled to 22.06.2019 at 11:00 AM. All other terms and conditions stipulated in the bid invitation notice and bid document remain unaltered.

Any addendum / corrigendum / cancellation of the Bid can only be seen in the Government Portal **www.tendersorissa.gov.in**

**Sd./- Chief Engineer**
32032/11/0009/1819 **Minor Irrigation (O), Bhubaneswar**

NANDANKANAN
**NANDANKANAN ZOOLOGICAL PARK**

**NOTICE NO. 20 of 2018-19** **Date: 15.03.2019**

The interested persons / firms / agencies are invited to express their willingness for the following services at Nandankanan Zoological Park for the year 2019-20. The application forms for each of the items mentioned below along with the details terms and conditions shall be available at the website www.nandankanan.org from 16.03.2019.

| Sl. No. | Item of Service | Period | Last date of submission of EOI | Date of opening of EOI |
|---|---|---|---|---|
| 1 | Disposal of waste buffalo bones | 2019-20 | 5.00PM of 23.03.2019 | 3.00PM of 25.03.2019 |
| 2. | Supply of Monthly Medicine | 2019-20 | 5.00PM of 23.03.2019 | 4.00PM of 25.03.2019 |

*Sd./- Deputy Director*
*Nandankanan Zoological Park*

**UTKAL UNIVERSITY**
**VANI VIHAR, BHUBANESWAR-751004**
UTKAL UNIVERSITY
**TENDER CALL NOTICE**

**No. Store/SCT-10(Part)/7145/2019** **Dated: 15.03.2019**

The Registrar, Utkal University invites sealed Tender from the Decorators/Agencies having adequate experience and upto date GST clearance certificate and PAN Card to undertake preparation/ Decoration of Convocation stage, space, seating arrangement, Light, Sound and flower decoration and other related works (still photography and video coverage) with adequate aircooler/air-condition for the stage as per specification given in the Tender Paper for celebration of 49th Annual Convocation of the University to be held on **29.03.2019.**

The Tender Paper along with specifications, Terms and Conditions will be available from **15.03.2019 to 23.03.2019 up to 3.00 P.M.** in the Store Section of the University on payment of **Rs.1050/- (Rupees One Thousand Fifty) only (Rs.1000+GST 5%)** in shape of Bank Draft / Bankers Cheque drawn in favour of the **Comptroller of Finance, Utkal University payable at S.B.I University Campus Branch, Vani Vihar, Bhubaneswar-4.**

The Tenderers shall submit their filled in tender Papers, Xerox copy of GST Clearance Certificate, PAN Card (Xerox Copy) along with EMD for **Rs.40,000/- (Rupees Forty Thousand)** only in shape of B.D./B.C in favour of the **Comptroller of Finance, Utkal University payable at S.B.I Utkal University Branch, Vani Vihar** on or before **23.03.2019 by 3.00 P.M.** in the office of the Registrar, Utkal University which will be opened at **4.00 P.M. on 23.03.2019** in the office of the room of the Registrar in the presence of Tenderers or their authorized representatives.

The Tender received after the due date and time will not be accepted. The authorities of the University reserve the right to accept or reject any or all tender without assigning any reason thereof.

**Sd/- REGISTRAR**

“ ରାଫାଲ ନାଡାଲ ଏହି ସିଜନରେ ଅଧିକ ସଂଖ୍ୟାରେ ମ୍ୟାଚ୍ ଖେଳି ନ ଥିବାରୁ ନିଶ୍ଚିତରୂପେ ଅନୁତାପ କରିବେ।
– ମାର୍ଟିନା ନାଭ୍ରାତିଲୋଭା, ପୂର୍ବତନ ଟେନିସ୍ ଖେଳାଳି



“ ବୁନ୍ଦେସ ଲିଗାର ଗୋଟିଏ ହେଲେ କ୍ଲବ ଚାମ୍ପିୟନ୍ସ ଲିଗ୍ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ ନ କରିବା ଦ୍ୱାରା ଜର୍ମାନୀ ଫୁଟ୍‌ବଲରେ କିଛି ସମସ୍ୟା ଥିବା ସ୍ପଷ୍ଟ ହୋଇଛି।
– ମାଇକେଲ ବାଲାକ୍, ଅବସରପ୍ରାପ୍ତ ଜର୍ମାନ ଫୁଟ୍‌ବଲର



## ସଂକ୍ଷେପରେ

### ଛକାରୁ ଯୁବିଙ୍କ ମୁମ୍ବାଇ ଇଣ୍ଡିଆନ୍ସରେ ଅଭିଯାନ ଆରମ୍ଭ

ମୁମ୍ବାଇ,୧୫।୩- ଆଇପିଏଲର ୧୨ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ୭ ସପ୍ତାହ ରହିଛି। ଏଥିନେଇ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଖେଳାଳିମାନେ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ଦଳରେ ପ୍ରଥମ ଥର ସାମିଲ ହୋଇଥିବା ଯୁବରାଜ ସିଂ (ଯୁବି) ମଧ ଟ୍ରେନିଂ ସେସନରେ ଯୋଗ ଦେଇଛନ୍ତି। ଗୁରୁବାର ଅନୁଷ୍ଠିତ ବ୍ୟାଟିଂ ସେସନରେ ଯୁବି ସମ୍ମୁଖୀନ ପ୍ରଥମ ବଲକୁ ବିଶାଳ ଛକା ମାରିଥିଲେ। ଏହାର ଏକ ଭିଡିଓ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ ପକ୍ଷରୁ ଟୁଇଟରେ ଶେୟାର କରାଯାଇଛି। ଉଲ୍ଲେଖଥାଉ କି, ଗତ ବର୍ଷ ଅନୁଷ୍ଠିତ ଖେଳାଳିଙ୍କ ନିଲାମ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ଯୁବରାଜ ସିଂ (ଯୁବି)ଙ୍କ ପ୍ରତି କୌଣସି ଦଳ ଇଚ୍ଛା ପ୍ରକାଶ କରି ନ ଥିଲେ। ଦ୍ୱିତୀୟ ରାଉଣ୍ଡରେ ମୁମ୍ବାଇ ଫ୍ରାଞ୍ଚାଇଜ ୨ କୋଟି ଟଙ୍କାରେ ଯୁବିଙ୍କୁ କିଣିଥିଲା। ସେ ଅନ୍ତର୍ଜାତୀୟ ସ୍ତରରେ ୩୦୪ ଦିନିକିଆ ଓ ୪୦ ଟେଷ୍ଟ ଖେଳିସାରିଛନ୍ତି। ଆଗାମୀ ଆଇପିଏଲରେ ସେ ଦମଦାର ପ୍ରଦର୍ଶନ କରି ବିଶ୍ୱକପ୍ ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

### ବିଏସ୍‌ଏଫ୍‌ଆଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ପଙ୍କଜ ଆଡଭାନୀ

ମୁମ୍ବାଇ,୧୫।୩(ପିଟି): ଦେଶରେ ବିଲିୟାର୍ଡ୍ସ ଓ ସ୍ନୁକର କ୍ରୀଡ଼ାକୁ ଲୋକପ୍ରିୟ କରିବା ପାଇଁ ଭାରତୀୟ କ୍ୟୁ ସ୍ପୋର୍ଟ୍ସର ଚେହେରା ପଙ୍କଜ ଆଡଭାନୀ କିଛି ସୁପାରିସ କରିଥିଲେ। ହେଲେ ଏହାକୁ ବିଲିୟାର୍ଡ୍ସ ଓ ସ୍ନୁକର ଫେଡେରେଶନ ଅଫ୍ ଇଣ୍ଡିଆ (ବିଏସ୍‌ଏଫ୍‌ଆଇ)ର ସମର୍ଥନ ମିଳି ନ ଥିଲା। ଏଣୁ ଆଡଭାନୀ ନିଜ ହାତକୁ ଦାୟିତ୍ୱ ନେବା ଲାଗି ନିଷ୍ପତ୍ତି ନେଇଛନ୍ତି। ୩୩ ବର୍ଷୀୟ ଆଡଭାନୀ ବିଏସ୍‌ଏଫ୍‌ଆଇର ଉପସଭାପତି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ। ଆସନ୍ତା ୨୩ ତାରିଖରେ ବୋର୍ଡର ବିଭିନ୍ନ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ମୁଁ ଖେଳାଳି ଓ ପ୍ରଶାସକଙ୍କ ମଧ୍ୟରେ ଆଲୋଚନା ପଥ ପରିଷ୍କାର କରିବାକୁ ଚାହେଁ। ଦେଶର କ୍ରୀଡ଼ାର ବୃଦ୍ଧି କରିବା ପାଇଁ ପ୍ରଶାସକମାନେ କେଉଁ କାରଣରୁ ଯୋଜନାକୁ ଠିକ ରୂପେ କାର୍ଯ୍ୟକାରୀ କରୁନାହାନ୍ତି, ତାହା ଜାଣିବାକୁ ଚାହୁଁଛି ବୋଲି ୨୧ଥର ବିଶ୍ୱ ଚାମ୍ପିୟନ କହିଛନ୍ତି। ସେ ଗତ ଅଗଷ୍ଟରେ କର୍ନାଟକ ରାଜ୍ୟ ବିଲିୟାର୍ଡ୍ସ ଆସୋସିଏଶନ ରାଜ୍ୟର ଅନରାରୀ ଯୁଗ୍ମ ସମ୍ପାଦକ ପଦ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ।

### ଏସିଆନ ଯୁଥ୍ ଆଥଲେଟିକ୍ସ ପ୍ରଥମ ଦିବସରେ ଭାରତକୁ ୫ ପଦକ

ହଂକଂ,୧୫।୩ (ପି.ଟି.)- ଏଠାରେ ଚାଲିଥିବା ଏସିଆନ ଯୁଥ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଭାରତ ୨ ସ୍ୱର୍ଣ୍ଣ ସହ ୫ ପଦକ ହାସଲ କରିଛି। ଫିଲିପ ମହେଶ୍ୱରନ ଥାବିଆ ୧୨.୮୬ ସେକେଣ୍ଡ ଟାଇମିଂରେ ବାଳକ ୧୧୦ ମିଟର ହର୍ଡଲ୍ସ ଜିତି ଭାରତ ପାଇଁ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ବିପିନ କୁମାର ବାଳକ ହାମର ଥ୍ରୋ (୬୯.୬୩ ମିଟର)ରେ ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଆଣି ଦେଇଥିଲେ। ଶୁକ୍ରବାର ଭାରତ ପାଇଁ ପ୍ରଥମ ପଦକ ଜିତିଥିଲେ ହର୍ଷିତା ଶେରାୱତ୍। ସେ ବାଳିକା ହାମର ଥ୍ରୋ (୬୧.୯୩ ମିଟର)ରେ ରୌପ୍ୟ ଜିତିଥିଲେ। ଅନ୍ୟପକ୍ଷରେ ଦୀପକ ଯାଦବ ପୋଲ୍‌ଭଲ୍ଟ (୪.୭୦ ମିଟର)ରେ ଏବଂ ଅଜୟ ବାଳକ ୧୫୦୦ମିଟର ରେସ୍ (୫୭.୨୫ ସେକେଣ୍ଡ)ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ମିନର୍ଭା ଖେଳିଲାନି: ପୁଣେକୁ ୱାକ୍ ଓଭର

## ଖବରଦାତା ସମ୍ମିଳନୀ ବର୍ଜନ କଲେ ଗୋକୁଲମ, ଆଇଜଲ
## ଶନିବାର ଦୁଇଟି କ୍ୱାଲିଫାୟର ଆୟୋଜନ ନେଇ ଆଶଙ୍କା
## ମିନର୍ଭାର ନିଷ୍ପତ୍ତି ଫୁଟ୍‌ବଲର କ୍ଷତି ପହଞ୍ଚାଇବ: ପ୍ରଫୁଲ୍ଲ

ଭୁବନେଶ୍ୱର,୧୫।୩(ସ୍ପୋର୍ଟ୍ସ ବ୍ୟୁରୋ)

ଯାହା ଆଶଙ୍କା କରାଯାଉଥିଲା ତାହା ହେଲା। ଶୁକ୍ରବାର ଖେଳାଯିବାକୁ ଥିବା ଏଫ୍‌ସି ପୁଣେ ସିଟି ବିପକ୍ଷ ପ୍ରଥମ କ୍ୱାଲିଫାୟର ମ୍ୟାଚ୍‌ରେ ମିନର୍ଭା ପଞ୍ଜାବ ଅନୁପସ୍ଥିତ ରହିବାକୁ ନିଷ୍ପତ୍ତି ନେଇଛି। ଫଳରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଦେଶର ଅଗ୍ରଣୀ ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ ସୁପର କପ୍ ନେଇ ଅନିଶ୍ଚିତତା ଜାରି ରହିଛି ଓ ଟୁର୍ନାମେଣ୍ଟ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ମିନର୍ଭା ମ୍ୟାଚ୍ ନ ଖେଳିବାରୁ ପୁଣେ ସିଟି ୱାକ୍ ଓଭର ପାଇ ସିଧାସଳଖ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଯଦି ସବୁ କିଛି ଠିକ୍‌ଠାକ ଚାଲେ ଫାଇନାଲ ରାଉଣ୍ଡରେ ପୁଣେ ୩୧ ତାରିଖରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସିଟି ଏଫ୍‌ସିକୁ ଭେଟିବ। ମିନର୍ଭାର ଏଭଳି ଆଚରଣକୁ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଅସନ୍ତୋଷ ଜାହିର କରିଛି। ମିନର୍ଭାର ଏଭଳି ନିଷ୍ପତ୍ତି ଗ୍ରହଣୀୟ ନୁହଁ ବୋଲି ଏଆଇଏଫ୍‌ଏଫ୍ କହିଛି। କେବଳ ସେତିକି ନୁହଁ ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ ଗୋକୁଲମ୍ କେରଳ ଓ ଆଇଜଲ ଏଫ୍‌ସି ଅନୁପସ୍ଥିତ ରହିବାରୁ ଶନିବାର ଖେଳାଯିବାକୁ ଥିବା ଦୁଇଟି କ୍ୱାଲିଫାୟର ମ୍ୟାଚ୍ ନେଇ ଆଶଙ୍କା ପ୍ରକାଶ ପାଇଛି। ମିନର୍ଭା ସମେତ ପୂର୍ବରୁ ଏହି ଟୁର୍ନାମେଣ୍ଟରୁ ଆଇ- ଲିଗ୍‌ର ୮ଟି ଦଳ ଓହରିଯିବାକୁ ଘୋଷଣା କରିଥିଲେ। ଫଳରେ ସୁପର କପ୍‌ର ଏହି ଦ୍ୱିତୀୟ ସଂସ୍କରଣ ଏଥର ତା'ର ଗୌରବ ତଥା ଆକର୍ଷଣ ହରାଇବା ଏକପ୍ରକାର ସ୍ପଷ୍ଟ ହୋଇଛି।

ଏଆଇଏଫ୍‌ଏଫ୍‌ର ଅବହେଳା ତଥା ବୈମାତୃକ ମନୋଭାବକୁ ବିରୋଧ କରି ଆଇ- ଲିଗ୍‌ର ମିନର୍ଭା, ଚେନ୍ନାଇ ସିଟି, ଇଷ୍ଟ ବେଙ୍ଗଲ, ମୋହନ ବାଗାନ, ନେରୋକା, ଆଇଜଲ, ଗୋକୁଲମ କେରଳ ସମେତ ୮ ଦଳ ସୁପର କପ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ଏହା ସତ୍ତ୍ୱେ ଆଶ୍ଚର୍ଯ୍ୟଜନକ ଭାବେ ଏହି ୮ଟି ଦଳ ମଧ୍ୟରୁ ୩ଟି ଦଳ ମିନର୍ଭା, ଗୋକୁଲମ କେରଳ ଓ ଆଇଜଲ ଏଫ୍‌ସି ସମ୍ପୂର୍ଣ୍ଣ ସାମର୍ଥ୍ୟ ସହ ଭୁବନେଶ୍ୱର ଆସିଛନ୍ତି। ଏହି ଦଳଗୁଡିକ ଶୁକ୍ରବାର ସମେତ ଶନିବାର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ମିନର୍ଭା ଏହା ପୂର୍ବରୁ ମ୍ୟାଚ୍ ପୂର୍ବର ଖବରଦାତା ସମ୍ମିଳନୀରେ ଯୋଗ ଦେଇ ନ ଥିଲା। ଏଥିସହିତ ଶୁକ୍ରବାର ଖେଳାଯିବାକୁ ଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଦଳ ପୁଣେ ସିଟି ଏଫ୍‌ସି ବିପକ୍ଷ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଅନୁପସ୍ଥିତ ରହି ଓହରିଯାଇଛି।

ପୁଣି ଶନିବାର ଖେଳାଯିବାକୁ ଥିବା ତୃତୀୟ ଓ ଚତୁର୍ଥ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପାଇଁ ଆୟୋଜିତ ହୋଇଥିବା ଖବରଦାତା ସମ୍ମିଳନୀରେ ଗୋକୁଲମ ଓ ଆଇଜଲ ଅନୁପସ୍ଥିତ ରହିଥିଲେ। ଏହି ଦୁଇ ଦଳ କାର୍ଯ୍ୟସୂଚୀ ଅନୁଯାୟୀ ଯଥାକ୍ରମେ ଦିଲ୍ଲୀ ଡାଇନାମୋସ ଓ ଚେନ୍ନାଇନ୍ ଏଫ୍‌ସିକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଚେନ୍ନାଇନ୍ ବିପକ୍ଷରେ ଆଇଜଲ ଖେଳିବ ନାହିଁ ବୋଲି ସ୍ପଷ୍ଟ କରିଛି। ଶନିବାର ଆମେ ଚେନ୍ନାଇନ୍ ବିପକ୍ଷରେ ଖେଳିବୁନି । ଏଆଇଏଫ୍‌ଏଫ୍ ତରଫରୁ କୌଣସି ପ୍ରତିକ୍ରିୟା ଆସିନାହିଁ, ତେଣୁ ଖେଳିବାର ସମ୍ଭାବନା ନାହିଁ ବୋଲି ବୋଲି ଆଇଜଲ ତରଫରୁ କୁହାଯାଇଛି। ଆମେ ଆଇ- ଲିଗ୍‌ର ୮ଟି ଦଳ ସଂଗଠିତ ହୋଇ ରହିଛୁ ଓ ମିଳିତ ଭାବେ ନିଷ୍ପତ୍ତି ନେବୁ ବୋଲି ଆଇଜଲ ବୈଷୟିକ ନିର୍ଦ୍ଦେଶକ ତଥା ଟିମ୍ ମ୍ୟାନେଜର ଡି. ହମିଙ୍ଗଥାନା କହିଛନ୍ତି।

ଅନ୍ୟପଟେ ମିନର୍ଭାର ଏହି ନିଷ୍ପତ୍ତି ଦେଶରେ ଫୁଟବଲର ଯଥେଷ୍ଟ କ୍ଷତି ପହଞ୍ଚାଇବ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶଲ ଦାସ କହିଛନ୍ତି। ଏଆଇଏଫ୍‌ଏଫ୍ ଓ କ୍ଲବ୍‌ଗୁଡିକ ମଧ୍ୟରେ ମତପାର୍ଥକ୍ୟ ଥାଇପାରେ। କିନ୍ତୁ ଏଥିପାଇଁ ମ୍ୟାଚ୍‌ରୁ ଓହରିଯିବା ଏକ ପ୍ରକାର ପାଗଳାମି ଓ ଏହା ଗ୍ରହଣୀୟ ନୁହଁ ବୋଲି ଦାସ କହିଛନ୍ତି। ତେବେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ପାଇଁ ଦ୍ୱାର ଖୋଲା ରହିଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ମିନର୍ଭା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କ୍ଲବ୍‌ଗୁଡିକ ପୁଣି ମୁଖ୍ୟସ୍ରୋତରେ ସାମିଲ ହେବା ସହ ଫୁଟବଲ ଖେଳିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ମିନର୍ଭା ଉପରେ କୌଣସି ଅର୍ଥଦଣ୍ଡ ଲାଗୁ କରାଯିବ କି ବୋଲି ପ୍ରଶ୍ନକୁ ସେ ଏଡାଇଯାଇଛନ୍ତି। ଟୁର୍ନାମେଣ୍ଟର ନିୟମ ଅନୁସାରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଏଆଇଏଫ୍‌ଏଫ୍ ଦ୍ୱାରା ଆଇ- ଲିଗ୍‌ର ସବୁ କ୍ଲବ ଅବହେଳିତ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି। ଗତ ଫେବୃୟାରୀରେ କ୍ଲବ୍‌ଗୁଡିକ ଲିଖିତ ଭାବେ ଚିଠି ଲେଖି ଏଆଇଏଫ୍‌ଏଫ୍‌କୁ ଜଣାଇଥିଲେ। ଟାଇଟଲ ପ୍ରାୟୋଜକ ଥାଇ ମଧ ଏଆଇଏଫ୍‌ଏଫ୍ ଆର୍ଥିକ ଭାବେ କିଛି ସହାୟତା ପ୍ରଦାନ କରୁନାହିଁ ଓ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ମ୍ୟାଚ୍ ଖେଳିବାର ସୁଯୋଗ ମଧ ଦିଆଯାଉ ନାହିଁ ବୋଲି ମିନର୍ଭା ପୂର୍ବରୁ ଅଭିଯୋଗ ଆଣିଥିଲା।

ଉଲ୍ଲେଖଥାଉ କି, ଏଆଇଏଫ୍‌ଏଫ୍ ଆନୁକୂଲ୍ୟରେ ନକ୍‌ଆଉଟ୍ ଭିତ୍ତିରେ ସୁପର କପ୍ ଟୁର୍ନାମେଣ୍ଟ ଖେଳାଯାଇଥାଏ। ଏଥିରେ ଆଇ- ଲିଗ୍ ଓ ଆଇଏସ୍‌ଏଲ୍‌ର ଶ୍ରେଷ୍ଠ ୬ଟି ଦଳ ସିଧାସଳଖ ଯୋଗ୍ୟତା ହାସଲ କରିଥାନ୍ତି। ତେବେ ଉଭୟ ଲିଗ୍‌ର ନିମ୍ନରେ ଥିବା ୪ଟି ଲେଖାଏ ଦଳକୁ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଖେଳିବାକୁ ହୋଇଥାଏ। ଫାଇନାଲ ରାଉଣ୍ଡ ମାର୍ଚ୍ଚ ୨୯ରୁ ଆରମ୍ଭ ହୋଇ ଏପ୍ରିଲ ୩ ତାରିଖରେ ଶେଷ ହେବ। ସେହିପରି ଏପ୍ରିଲ ୪ରୁ ୭ ତାରିଖ ମଧ୍ୟରେ ୪ଟି ଯାକ କ୍ୱାର୍ଟର ଫାଇନାଲ, ୯ ଓ ୧୦ରେ ସେମି, ଶେଷରେ ଏପ୍ରିଲ ୧୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

**ସୁପର କପ୍ ଫୁଟବଲ**

ଶନିବାର(କ୍ୱାଲିଫାୟର)

ଦିଲ୍ଲୀ ଡାଇନାମସ ବନାମ ଗୋକୁଲମ କେରଳ
ସମୟ: ଅପରାହ୍ନ: ୫ଟା

ଚେନ୍ନାଇନ୍ ଏଫସି ବନାମ ଆଇଜଲ ଏଫସି
ସମୟ: ରାତି ୮ଟା ୩୦

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

### କେରଳକୁ ହରାଇ ପ୍ରି-କ୍ୱାର୍ଟରରେ ଆରୋଜ

ଭୁବନେଶ୍ୱର,୧୫।୩(ସ୍ପୋର୍ଟ୍ସ ବ୍ୟୁରୋ)

ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାଲିଫାୟର ମୁକାବିଲାରେ ଫ୍ଲେଡ୍ ପିଣ୍ଟୋଙ୍କ ଇଣ୍ଡିଆନ ଆରୋଜ ବିଜୟୀ ହୋଇ ସୁପର କପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅମରଜିତ ସିଂ କିୟାମଙ୍କ ଡବଲ୍ ଗୋଲ ବଳରେ ଆରୋଜ କେରଳ ବ୍ଲାଷ୍ଟର୍ସକୁ ୨-୦ ଗୋଲରେ ହରାଇ ରାଉଣ୍ଡ ଅଫ୍ ୧୬କୁ ଉଠିଛି। ଆରୋଜ ୩୦ ତାରିଖରେ ଏଫ୍‌ସି ଗୋଆକୁ ଭେଟିବ। ଏହି ମ୍ୟାଚ୍‌ରେ ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ ଆରୋଜ ଉନ୍ନତ ପ୍ରଦର୍ଶନ କରିଥିଲା। ଅମରଜିତ୍ ୩୯ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହା ପରେ ପେନାଲ୍ଟି ସ୍ପଟ୍‌ରୁ ୭୭ ତମ ମିନିଟ୍‌ରେ ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରି ଅମରଜିତ ଆରୋଜକୁ ବିଜୟୀ କରାଇଥିଲେ। ଉଭୟ ଦଳ କେତୋଟି ସୁଯୋଗ ହାତଛଡ଼ା କରିଥିଲେ। ତାରକା ମିଡ୍‌ଫିଲ୍ଡର ଅମରଜିତଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଦଳ ରୂପେ ପରିଚିତ ଆରୋଜ କଳିଙ୍ଗ ଷ୍ଟାଡିୟମକୁ ନିଜର ହୋମ୍ ଗ୍ରାଉଣ୍ଡ ରୂପେ ଗ୍ରହଣ କରିଛି। ଦଳର ପ୍ରଦର୍ଶନରେ ଆରୋଜ କୋଚ୍ ପିଣ୍ଟୋ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି। ଅପରପକ୍ଷରେ କେରଳ ବ୍ଲାଷ୍ଟର୍ସ ଦଳ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛି।





ସୁପର କପ୍ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ଦିଲ୍ଲୀ ଡାଇନାମସ ଦଳର ଓଡ଼ିଆ ଖେଳାଳି ଶୁଭମ୍ ଷଡଙ୍ଗୀ। ଇଣ୍ଡିଆନ୍ ଆରୋଜ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଫାଇନାଲରେ ପ୍ରଗତି ସ୍ପୋର୍ଟିଂ

ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରଗତି ସ୍ପୋର୍ଟିଂ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୩୦.୨ ଓଭରରେ ୧୦୬ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଜେନା ସର୍ବାଧିକ ୨୧ ରନ କରିଥିଲେ। ପ୍ରତିପକ୍ଷ ଦଳର ଆୟୁଷ ସାମନ୍ତରାୟ ଓ ସୌମ୍ୟରଞ୍ଜନ ମହାରଣା ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଶୁଭମ୍ ନାୟକଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୪୪ ରନ ସହାୟତାରେ ୨୭.୪ ଓଭରରେ ୫ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରି ନେଇଥିଲା। ରାମେଶ୍ୱର ପକ୍ଷରୁ ଆଶୁତୋଷ ସାହୁ ଓ ସାଇ ପାତ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ଶୁଭମ୍ ମ୍ୟାନ ଅଫ ଦି ମ୍ୟାଚ ଓ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସିଇଓ ବିଦ୍ୟୁତ କୁମାର ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଶରତ ଚନ୍ଦ୍ର ସାହୁ ଓ ପ୍ରଦୀପ ଜେନା ମ୍ୟାଚ ପରିଚାଳନା କରିଥିଲେ। ରଶ୍ମିରଞ୍ଜନ ମଲ୍ଲ ସ୍କୋରର ଓ ଅବିନାଶ ସାମଲ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ ପାରାମାଉଣ୍ଟ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ।

### ଆଇପିଏଲରେ ରାଜନୈତିକ ବିଜ୍ଞାପନ

ମୁମ୍ବାଇ,୧୫।୩(ପିଟି)

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ମ୍ୟାଚ୍ ପ୍ରସାରଣ ବେଳେ ରାଜନୈତିକ ବିଜ୍ଞାପନ ଦେଖିବାକୁ ମିଳିପାରେ। ଏ ନେଇ ଆଇପିଏଲ ଅଧିକାର ପାଇଥିବା ଷ୍ଟାର ଇଣ୍ଡିଆ ପ୍ରାଇଭେଟ ଏଲଟିଡିକୁ ବିସିସିଆଇ ପକ୍ଷରୁ ନିବେଦନ କରାଯାଇଛି। ପୂର୍ବ ଚୁକ୍ତିରେ ଏ ନେଇ କୌଣସି ନିୟମ ନାହିଁ। ହେଲେ ବିସିସିଆଇ ଚଳିତ ପ୍ରସାରଣ ଅଧିକାର ଚୁକ୍ତି (ଏମ୍‌ଆର୍‌ଏ)ରେ ରାଜନୈତିକ ଓ ଧାର୍ମିକ ବିଜ୍ଞାପନା ପାଇଁ ସ୍ଲଟ ପ୍ରସ୍ତୁତ କରିବା ପାଇଁ କହିଛି। ବିସିସିଆଇ ଓ ଷ୍ଟାର ମଧ୍ୟରେ ୨୦୧୮ଠାରୁ ୫ ବର୍ଷ ଲାଗି ଏମ୍‌ଆରଏ କରାଯାଇଥିଲା। ଏହାର ୮.୬ (ଖ) ନିୟମ ଅନୁଯାୟୀ, ମ୍ୟାଚ୍‌ର ସିଧା ପ୍ରସାରଣ ବେଳେ କୌଣସି ରାଜନୈତିକ କିମ୍ବା ଧାର୍ମିକ ବିଜ୍ଞାପନ ଛଡ଼ା ଯାଇପାରିବ ନାହିଁ। ତେବେ ଏହି ନିୟମରେ ପରିବର୍ତ୍ତନ ଦ୍ୱାରା ଉଭୟ ବିସିସିଆଇ ଓ ଷ୍ଟାର ଚ୍ୟାନେଲକୁ ବହୁ ଗୁଣା ରାଜସ୍ୱ ମିଳିବ। ଏଥିନେଇ ବିସିସିଆଇ ଓ ଷ୍ଟାର ମଧ୍ୟରେ ଦୁଇ ସ୍ତରୀୟ ବୈଠକ ହୋଇସାରିଛି। କିନ୍ତୁ ଏପର୍ଯ୍ୟନ୍ତ ନିଷ୍କର୍ଷ ବାହାରି ପାରିନାହିଁ। ଏ ସମ୍ପର୍କରେ ଷ୍ଟାର କର୍ମକର୍ତ୍ତା କିମ୍ବା ବିସିସିଆଇ ସିଇଓ ରାହୁଲ ଜୋହରି କୌଣସି ମତ ଦେଇ ନାହାନ୍ତି। ୨୦୧୭ରେ ଷ୍ଟାର ୧୬,୩୪୭ କୋଟି ଟଙ୍କାରେ ଆଇପିଏଲ ପ୍ରସାରଣ ଅଧିକାର କିଣିଥିଲା। ଏହା ପୂର୍ବ ପ୍ରସାରଣ କାରୀ ଚ୍ୟାନେଲ ସୋନୀଠାରୁ ୫୦୦ ପ୍ରତିଶତ ଅଧିକ। ଚଳିତ ମାସ ୨୩ତାରିଖଠାରୁ ଆଇପିଏଲ ଆରମ୍ଭ ହେବ। ଏହି ବିତ୍ତଶାଳୀ ଲିଗ ମେ ୧୨ ତାରିଖରେ ଶେଷ ହେବ।

# ରାମେଶ୍ୱର-ଗ୍ରୀନ୍ସ ସେମିଫାଇନାଲ ଆଜି

ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)

ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶନିବାର ରାମେଶ୍ୱର ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ 'ବି'ର ଏକ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୭ ଉଇକେଟରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓସ୍କାର ୩୨ ଓଭରରେ ୧୬୧ ରନ କରି ଅଲଆଉଟ ହୋଇଥିଲା। ଅରବିନ୍ଦ ମହାନ୍ତି ସର୍ବାଧିକ ୪୪ ରନ କରିଥିଲେ। ପ୍ରତିପକ୍ଷ ଦଳର ଅନ୍ୱେଷ ଦାସ ୧୬ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ବିଶ୍ୱଜିତ ପାତ୍ରଙ୍କୁ ୩ଟି ଉଇକେଟ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୨୦.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପୁନିତ ବାନାର୍ଜୀ ୫୩ ବଲ୍‌ରୁ ୮୦ ରନ କରି ଅପରାଜିତ ରହିଥିବାବେଳେ ପ୍ରିନ୍ସ ସଙ୍କେତ ବେହେରା ୪୨ ରନ ସ୍କୋର କରିଥିଲେ। ମିଡିୟମ ପେସର ଅନ୍ୱେଷ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚିନ୍ମୟ ଦାସ ଓ ପ୍ରତାପ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗ ଦେଇଥିଲେ।



ଅନ୍ୱେଷ ଦାସ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଟାଟା ଫୁଟବଲ ଏକାଡେମୀ ସେମିରେ

ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୧ତମ ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ଜାମସେଦପୁରର ଟାଟା ଫୁଟବଲ ଏକାଡେମୀ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ୪ର୍ଥ କ୍ୱାର୍ଟର ଫାଇନାଲରେ ଟାଟା ଏକାଡେମୀ ୩-୨ ଗୋଲରେ କେରଙ୍ଗର ଅହମଦିଆ କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ମନୀଷା ୧୧, ମାନସ ୩୯ ଓ ଚୈତକ ୭୭ ମିନିଟରେ ଏବଂ ଅହମଦିଆ କ୍ଲବର ଚେତନ ନାୟକ ୩୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଟାଟା ଏକାଡେମୀର ମାନସଙ୍କ ଏକ ଆତ୍ମଘାତୀ ଗୋଲ ଅହମଦିଆ ଦଳକୁ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଥିଲା। ଟାଟା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ନୃସିଂହ ଚନ୍ଦ୍ର ମହାପାତ୍ର, ଦିବାର ପ୍ରସାଦ ଏବଂ ଆୟୋଜକ କ୍ଲବର ସଭାପତି ତପନ ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଚୈତକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ, ପ୍ରଦୀପ ନାୟକ, ରାଜେନ୍ଦ୍ର ବାରିକ, ମହେଶ୍ୱର ସିଂ।



ଦୁଇ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ସଂକ୍ଷେପରେ

### କ୍ରିକେଟ ମହଲରେ ପ୍ରତିକ୍ରିୟା

ଖ୍ରୀଷ୍ଟଚର୍ଚ୍ଚ, ୧୫।୩ (ପି.ଟି.): ଖ୍ରୀଷ୍ଟଚର୍ଚ୍ଚ ମସ୍‌ଜିଦ୍ ଆକ୍ରମଣ ଘଟଣା ତାଙ୍କୁ ଗଭୀର ଦୁଃଖ ପହଞ୍ଚାଇବା ସହ ବ୍ୟଥିତ କରିଛି ବୋଲି ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଏହା ଭୀରୁ ଓ କାପୁରୁଷତାର କାର୍ଯ୍ୟ ବୋଲି ସେ କହିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟର ଜିମ୍ମି ନିଶାମ କହିଛନ୍ତି ଏହି ଘଟଣା ଶୁଣିବା ପରେ ମୁଁ ସ୍ତବ୍ଧ ହୋଇଯାଇଥିଲି। ବିଶ୍ୱରେ ମାନବିକତା ପ୍ରତି ବିପଦ ଦେଖା ଦେଇଛି ବୋଲି ଭାରତର ସିନିୟର ଅଫ୍ ସ୍ପିନର ହରଭଜନ ସିଂ କହିଛନ୍ତି, ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଆତଙ୍କବାଦୀଙ୍କର କୌଣସି ଧର୍ମ ନାହିଁ। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟ ଅଧିନାୟକ ମାଇକେଲ କ୍ଲାର୍କ ଏବଂ ପୂର୍ବତନ ଶ୍ରୀଲଙ୍କା କ୍ରିକେଟ କୋଚ୍ ଡେଭ ହ୍ୱାଟମୋର୍ ଗଭୀର ଶୋକ ପ୍ରକାଶ କରିବା ସହ ମୃତକ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

### ଡୁମିନିଙ୍କ ଅବସର ଘୋଷଣା

ଡର୍ବାନ,୧୫।୩(ଏଏଫ୍‌ପି): ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ଜେପି ଡୁମିନି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ନେବା ସମ୍ପର୍କରେ ଘୋଷଣା କରିଛନ୍ତି। ଇଂଲଣ୍ଡରେ ହେବାକୁ ଥିବା ୨୦୧୯ ବିଶ୍ୱକପ୍ ତାଙ୍କ କ୍ୟାରିୟରର ଅନ୍ତିମ ଦିନିକିଆ ଇଭେଣ୍ଟ ହେବ। କିନ୍ତୁ ସେ ଟି୨୦ ଫର୍ମାଟରେ ଖେଳିବା ପାଇଁ ଉପଲବ୍ଧ ରହିବେ ବୋଲି ଦୁଇ ବର୍ଷ ପୂର୍ବେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା କ୍ରିକେଟର କହିଛନ୍ତି। ଏଥି ସହିତ ସେ ଆହୁରି କହିଛନ୍ତି, ଗତ କିଛି ମାସ ହେଲା ଜାତୀୟ ଦଳରୁ ବାଦ୍ ପଡ଼ିବା ପରେ ମୁଁ ଏସମ୍ପର୍କରେ ଚିନ୍ତା କରିଥିଲି। ଏଭଳି ନିଷ୍ପତ୍ତି କଦାପି ସହଜ ନୁହେଁ। ମାତ୍ର ବାଟନ ପାସ କରିବାର ଉଚିତ ସମୟ ଆସିଯାଇଛି ବୋଲି ଚିନ୍ତା କରୁଛି। ଏପର୍ଯ୍ୟନ୍ତ ଡୁମିନି ୧୯୩ ମ୍ୟାଚ୍ ଖେଳି ୩୭.୩୯ ଆଭରେଜରେ ୫୦୪୭ ରନ୍ କରିବା ସହ ୬୮ ଉଇକେଟ ମଧ ନେଇଛନ୍ତି।

### ୨୩ରୁ ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିୟନଶିପ

କଟକ ଅଫିସ,୧୫।୩- ଆସନ୍ତା ୨୩ ଓ ୨୪ ତାରିଖରେ ପୁରୀଠାରେ ୪୧ତମ ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ସମସ୍ତ ବୟସ ବର୍ଗରେ ହେବାକୁ ଥିବା ଏହି ଚାମ୍ପିୟନଶିପରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୧୫୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ପ୍ରତିଯୋଗିତା ଆୟୋଜନ ନିମନ୍ତେ ପ୍ରସ୍ତୁତି ଜାରି ରହିଛି ବୋଲି ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ ସୂଚନା ଦେଇଛନ୍ତି।

### ଜାତୀୟ ପାରା ବ୍ୟାଡମିଣ୍ଟନରେ ଓଡ଼ିଶାର ୬

କଟକ ଅଫିସ,୧୫।୩- ଉତ୍ତରାଖଣ୍ଡର ରୁଦ୍ରପୁର ଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଜାତୀୟ ପାରାବ୍ୟାଡମିଣ୍ଟନ ଚାମ୍ପିୟନଶିପ। ଏଥିରେ ରାଜ୍ୟ ପକ୍ଷରୁ ୬ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଏମାନେ ହେଲେ ପ୍ରମୋଦ ଭଗତ, ଦିଲେଶ୍ୱର ରାଓ, ନୁରୁଲ ହୁସେନ ଖାନ, ଶୁଭ୍ରଜିତ ମହାରଣା, ସୁନୀଲ ପ୍ରଧାନ, ପୂର୍ଣ୍ଣବାସୀ ପ୍ରଧାନ। ଦଳର କୋଚ ରହିଛନ୍ତି ଶିବପ୍ରସାଦ ଦାସ।

“ଦୀନେଶ କାର୍ତ୍ତିକଙ୍କୁ ଯଦି ଭାରତର ଆଇସିସି ବିଶ୍ୱକପ୍ ଦଳ ପାଇଁ ଚୟନ କରାଯାଏ ତେବେ ସେ ମ୍ୟାଚ୍ ଫିନିଶର ଭୂମିକା ଗ୍ରହଣ କରିବେ ବୋଲି ମୁଁ ମନେ କରେ।

– ସିମନ କାଟିଚ୍, କୋଲକାତା ନାଇଟ୍ ରାଇଡର୍ସ ଆସିଷ୍ଟାଣ୍ଟ କୋଚ୍



“ବିଏନ୍‌ପି ପାରିବାସ୍ ଓପନରେ ୫ମ ସିଡ୍ କାରୋଲିନା ପ୍ଲିସ୍‌କୋଭାଙ୍କୁ ମୁଁ ପରାସ୍ତ କରିପାରିବି ବୋଲି ମୋର ବିଶ୍ୱାସ ନ ଥିଲା।

– ବେଲିଣ୍ଡା ବେନ୍‌ସିକ୍, ଟେନିସ ଖେଳାଳି



# ଆକ୍ରମଣରୁ ବର୍ତ୍ତିଲେ ବାଂଲାଦେଶ ଖେଳାଳି

**ଖ୍ରୀଷ୍ଟଚର୍ଚ୍ଚ, ୧୫।୩ (ପି.ଟି.)**

ନ୍ୟୁଜିଲାଣ୍ଡର ଏକ ମସ୍‌ଜିଦରେ କେତେଜଣ ଅଜ୍ଞାତ ବନ୍ଧୁକଧାରୀଙ୍କ ଅତର୍କିତ ଗୁଳିମାଡ଼ରେ ଶୁକ୍ରବାର ଅତିକମ୍‌ରେ ୪୯ଜଣ ଲୋକ ନିହତ ହୋଇଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଭ୍ରମଣକାରୀ ବାଂଲାଦେଶ କ୍ରିକେଟ ଟିମ୍ ଅଳ୍ପକେ ବର୍ତ୍ତିଯାଇଛି। ଶନିବାର ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଖେଳାଯିବାକୁଥିବା ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟକୁ ବାତିଲ କରିଦିଆଯାଇଛି। ଏହା ବାଂଲାଦେଶ ଟୁର୍‌ର ଶେଷ ମ୍ୟାଚ ଥିଲା। ଦେଶର ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡର୍ନ ଘଟଣାର ନିନ୍ଦା କରିବା ସହ ନ୍ୟୁଜିଲାଣ୍ଡ ଇତିହାସରେ ଏହାକୁ ଅନ୍ୟତମ କଳାଦିବସ ବୋଲି କହିଛନ୍ତି।

ଆକ୍ରମଣର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ଏହା ଏକ ଆତଙ୍କବାଦୀ କାର୍ଯ୍ୟକଳାପ ବୋଲି ସେ କହିଛନ୍ତି। ଖବର ଅନୁସାରେ ବାଂଲାଦେଶ ଟିମ୍ ହାଗ୍‌ଲେ ପାର୍କସ୍ଥିତ ଏକ ମସ୍‌ଜିଦ୍‌ରେ ପ୍ରାର୍ଥନା କରିବା ଉଦ୍ଦେଶ୍ୟରେ ଯାଇଥିବାବେଳେ ଏହି ଗୁଳିକାଣ୍ଡ ଘଟିଥିଲା। ଭ୍ରମଣକାରୀ ଦଳର ମ୍ୟାନେଜର ଖାଲେଦ ମାସୁଦ ଏଠାରେ ଖବରଦାତାମାନଙ୍କୁ କହିଛନ୍ତି, ଆମେ ସୌଭାଗ୍ୟ ବଶତଃ ବଞ୍ଚିଯାଇଛୁ। ମସ୍‌ଜିଦ ଭିତରୁ କ୍ଷତ ବିକ୍ଷତ ଓ ରକ୍ତ ରଞ୍ଜିତ ଅବସ୍ଥାରେ ଲୋକେ ବାହାରୁଥିବା ଆମେ ଦେଖିବାକୁ ପାଇଥିଲୁ। କୌଣସି ଏକ ହରର୍ ଫିଲ୍ମର ଦୃଶ୍ୟ ଭଳି ମନେ ହୋଇଥିଲା। ଆକ୍ରମଣ ଭୟରେ ଆମେ ସମସ୍ତେ ଟିମ୍ ବସ୍‌ରେ ୮ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ମୁଣ୍ଡ ନୁଆଁଇ ବସି ରହିବା ଛଡ଼ା ଆମର ଅନ୍ୟ କୌଣସି ଉପାୟ ନ ଥିଲା। ଘଟଣାବେଳେ ବସ୍ ଭିତରେ ଟିମ୍‌ର ଭାରତୀୟ ପର୍‌ଫର୍ମାନ୍ସ ଆନାଲିଷ୍ଟ ଶ୍ରୀନିବାସ ଚନ୍ଦ୍ରସେକରନ ମଧ୍ୟ ଉପସ୍ଥିତ ଥିଲେ। ସେ ହେଉଛନ୍ତି ମୁମ୍ବାଇର ଜଣେ କମ୍ପ୍ୟୁଟର ଇଞ୍ଜିନିୟର, ଯିଏକି ପରବର୍ତ୍ତୀ ସମୟରେ କ୍ରିକେଟ ଆନାଲିଷ୍ଟ ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଉ ଜଣେ ଭାରତୀୟ ହେଲେ ଦଳର ସ୍ପିନ ପରାମର୍ଶଦାତା ସୁଶୀଲ ଯୋଶି। ସେ କିନ୍ତୁ ଟିମ୍ ହୋଟେଲରେ ଥିଲେ। ଚନ୍ଦ୍ରସେକରନ କହିଛନ୍ତି, ଏଭଳି ଏକ ଭୟାନକ ପରିସ୍ଥିତିରେ ଆମେ ସ୍ତବ୍ଧ ହୋଇଯାଇଥିଲୁ। କିଛି ସମୟ ଆମେ ନିର୍ବାକ୍ ହୋଇଯାଇଥିଲୁ। ଯୋଶିଙ୍କୁ ଏ ବିଷୟରେ ପଚରାଯିବାରେ ସେ କହିଥିଲେ, ମୁଁ ସୁରକ୍ଷିତ ଅଛି। ବର୍ତ୍ତମାନ ମୁଁ ଏହି ଘଟଣା ସମ୍ପର୍କରେ କିଛି କହିପାରିବି ନାହିଁ। ବୁଧବାର ମୁଁ ଭାରତ ଫେରିଯିବି ବୋଲି କହିଥିଲେ। ଟିମ୍ ବସ୍‌ରେ ବାଂଲାଦେଶ ଦଳର ୧୭ଜଣ ସଦସ୍ୟ ଥିଲେ। ସେମାନେ ସୁରକ୍ଷିତ ଭାବେ ହୋଟେଲକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗୁଳିକାଣ୍ଡକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ରିଚାର୍ଡସନ କହିଛନ୍ତି ତୃତୀୟ ଟେଷ୍ଟ ମ୍ୟାଚକୁ ବାତିଲ ନିଷ୍ପତ୍ତିକୁ ଆଇସିସି ପୂର୍ଣ୍ଣ ସମର୍ଥନ କରୁଛି।



ଖ୍ରୀଷ୍ଟଚର୍ଚ୍ଚ ଗୁଳିକାଣ୍ଡ ଘଟଣା ପରିପ୍ରେକ୍ଷୀରେ ଢାକାଠାରେ ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ନଜମୁଲ ହାସନ ପାପୋନ (ମଝି) ଏକ ଖବରଦାତା ସମ୍ମିଳନୀରେ ଦେଶର କ୍ରିକେଟ ଖେଳାଳିଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

**ନ୍ୟୁଜିଲାଣ୍ଡ ମସ୍‌ଜିଦ୍‌ରେ ଗୁଳିକାଣ୍ଡ**
■ ତୃତୀୟ ଟେଷ୍ଟ ବାତିଲ

### ‘ଆମେ ଭାଗ୍ୟବାନ’

ଖ୍ରୀଷ୍ଟଚର୍ଚ୍ଚ, ୧୫।୩ (ପି.ଟି.)–ଖ୍ରୀଷ୍ଟଚର୍ଚ୍ଚ ମସ୍‌ଜିଦ୍ ଗୁଳିକାଣ୍ଡ ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବାରୁ ଆମେ ନିଜକୁ ଭାଗ୍ୟବାନ ମନେ କରୁଛୁ ବୋଲି ବାଂଲାଦେଶ କ୍ରିକେଟ ମ୍ୟାନେଜର ଖାଲେଦ ମାସୁଦ ପ୍ରକାଶ କରିଛନ୍ତି। ଆମେ ଯଦି ୩।୪ ମିନିଟ୍ ପୂର୍ବରୁ ପହଞ୍ଚି ଯାଇଥାନ୍ତୁ ତେବେ ମସ୍‌ଜିଦ୍ ଭିତରେ ଥାନ୍ତୁ। ହୁଏତ ଆମେ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥାନ୍ତୁ।

### ପାକିସ୍ତାନ କ୍ରିକେଟ ବୋର୍ଡର ନିନ୍ଦା

କରାଚୀ, ୧୫।୩ (ପି.ଟି.)–ଖ୍ରୀଷ୍ଟଚର୍ଚ୍ଚ ମସ୍‌ଜିଦ୍ ଆକ୍ରମଣ ଘଟଣାକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ନିନ୍ଦା ଓ ଦୁଃଖ ପ୍ରକାଶ କରାଯାଇଛି। ପ୍ରତିବାଦ ସ୍ୱରୂପ ଏଠାରେ ଶୁକ୍ରବାର ପେଶାୱାର ଓ ଇସ୍‌ଲାମାବାଦ୍ ଫ୍ରାଞ୍ଚାଇଜ୍ ମଧ୍ୟରେ ଅନୁଷ୍ଠିତ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ମ୍ୟାଚ୍‌ବେଳେ ଉଭୟ ଦଳର ଖେଳାଳିମାନେ ହାତରେ କଳା ଆର୍ମବ୍ୟାଣ୍ଡ ପରିଧାନ କରିଥିଲେ। ପିସିବି ଚେୟାରମ୍ୟାନ ଏହେସାନ ମନି ଏହାକୁ ଅମାନବୀୟ ଆତଙ୍କବାଦୀ ଆକ୍ରମଣ ବୋଲି ବର୍ଣ୍ଣନା କରିବା ସହ କାପୁରୁଷତା କାର୍ଯ୍ୟ ବୋଲି କହିଛନ୍ତି।

## ଶ୍ରୀସନ୍ଥଙ୍କ ଉପରୁ ହଟିଲା ଆଜୀବନ ବାସନ୍ଦ



**ନୂଆଦିଲ୍ଲୀ,୧୫।୩(ପିଟି)**

କ୍ରିକେଟର ଏସ୍. ଶ୍ରୀସନ୍ଥଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସୁପ୍ରିମକୋର୍ଟ ଶ୍ରୀସନ୍ଥଙ୍କ ଉପରେ ଲାଗିଥିବା ଆଜୀବନ ବାସନ୍ଦକୁ ହଟାଇ ଦେବାକୁ ବିସିସିଆଇର ଶୃଙ୍ଖଳା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ମାନ୍ୟବର କୋର୍ଟ ବିସିସିଆଇକୁ ୩ ମାସ ମଧ୍ୟରେ ପୂର୍ବତନ ବୋଲରଙ୍କ ଉପରେ ଲାଗିଥିବା ବାସନ୍ଦାଦେଶର ଅବଧି ସମ୍ପର୍କରେ ପୁନଃ ବିଚାର କରିବାକୁ କୁହାଯାଇଛି। କିନ୍ତୁ ସ୍ପଟ୍ ଫିକ୍ସିଂ ମାମଲାରୁ ତାଙ୍କୁ ମୁକ୍ତ କରାଯାଇଥିବାରୁ ତାଙ୍କୁ ଦଣ୍ଡିତ କରାଯିବା ଉଚିତ ନୁହେଁ ବୋଲି ଶ୍ରୀସନ୍ଥ ଯାଚିକା ଦାଖଲ କରିଥିଲେ। ଏହାକୁ ସୁପ୍ରିମକୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବଡ଼ ଦଣ୍ଡାଦେଶ ଉପରେ ବିସିସିଆଇର ଶୃଙ୍ଖଳା କମିଟି ଆଗରେ ଶ୍ରୀସନ୍ଥଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦେଇଛନ୍ତି ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ କେ. ଏମ୍. ଜୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ। କୋର୍ଟ ଆହୁରି କହିଛନ୍ତି ତାଙ୍କର ଏହି ରାୟ ଦିଲ୍ଲୀ ହାଇକୋର୍ଟରେ ଶ୍ରୀସନ୍ଥଙ୍କ ବିରୋଧରେ ଚାଲିଥିବା ଆପରାଧିକ ମାମଲା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ୨୦୧୩ ମେ’ରେ ଆଇପିଏଲ ସ୍ପଟ୍ ଫିକ୍ସିଂରେ ଜଡ଼ିତଥିବା ଅଭିଯୋଗରେ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ଶ୍ରୀସନ୍ଥ, ଅଙ୍କିତ ଚୌହ୍ୱାନ ଓ ଅଜିତ ଚାଣ୍ଡେଲା ଗିରଫ ହୋଇଥିଲେ। ୩ ଜଣ ଖେଳାଳିଙ୍କୁ ପରବର୍ତ୍ତୀ ସମୟରେ ବିସିସିଆଇ ପକ୍ଷରୁ ଆଜୀବନ ବାସନ୍ଦ କରାଯାଇଥିଲା। କୌଣସି ପ୍ରମାଣ ନ ମିଳିବାରୁ ୨୦୧୫ରେ ଦିଲ୍ଲୀ ହାଇକୋର୍ଟ ଶ୍ରୀସନ୍ଥ, ଚାଣ୍ଡେଲା ଓ ଅଙ୍କିତଙ୍କୁ ସ୍ପଟ୍ ଫିକ୍ସିଂ ମାମଲରୁ ଦୋଷ ମୁକ୍ତ କରିଥିଲେ। ହେଲେ ଦିଲ୍ଲୀ ପୋଲିସ ଏହି ନିଷ୍ପତ୍ତିକୁ ବିରୋଧ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଭାଗ୍ୟଧର ଟ୍ରଫି ଫାଇନାଲରେ କ୍ରୀଡ଼ା ଛାତ୍ରାବାସ

**ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)**

ସିଟି କ୍ଲବ ଓ ଏସଜିଓର ମିଳିତ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ଇନ୍ଦିରା ମଇଦାନରେ ଚାଲିଥିବା ଭାଗ୍ୟଧର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ କଟକ କ୍ରୀଡ଼ା ଛାତ୍ରାବାସ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ କ୍ରୀଡ଼ା ଛାତ୍ରାବାସ ଟାଇବ୍ରେକର ୪–୩ ଗୋଲରେ ମଙ୍ଗଳା କ୍ଲବକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ମ୍ୟାଚ ପରିଚାଳନା କରିଥିଲେ ରେଫରି ଶିବ ପ୍ରସାଦ ଦାସ। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ଦୁର୍ଗା ଆଚାର୍ଯ୍ୟ ଓ ଶେଖାୱତ ଖାଁ। ସୁଶାନ୍ତ ମିଶ୍ର ୪ର୍ଥ ରେଫରି ଥିଲେ। ଇଂ.ରମାକାନ୍ତ ସାହୁ ଅତିଥିଭାବେ ଯୋଗଦେଇ ମଙ୍ଗଳା କ୍ଲବର ଆର୍ତ୍ତତ୍ରାଣ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୌର୍ଯ୍ୟରଞ୍ଜନ ପରିଜା, ଆର.କେ. ମଣ୍ଡଳ, ଭାଗ୍ୟଧର ଜଗଦେବ, ବିଶ୍ୱନାଥ ଜେନା, ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ରବିବାର କଟକ କ୍ରୀଡ଼ା ଛାତ୍ରାବାସ ଓ ଭୁବନେଶ୍ୱରର କିଶୋର କ୍ଲବ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

## ଉତ୍ତରାଖଣ୍ଡ, ସେରସା ଆଦ୍ରା ବିଜୟୀ

**ବନ୍ତ, ୧୫।୩ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୨୬ତମ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୨ୟ ଦିନର ପ୍ରଥମ ତଥା ପୁଲ–ବିର ଲିଗ୍ ମ୍ୟାଚ୍ ଉତ୍ତରାଖଣ୍ଡ ବନାମ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡକୁ ୮୪ ରନ୍‌ରେ ହରାଇ ଉତ୍ତରାଖଣ୍ଡ ବିଜୟୀ ହୋଇଛି। ଉତ୍ତରାଖଣ୍ଡ ଟିମ୍ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ବିକାଶ ରାୱତ ୩୭ ଓ ରଜତ ପରମାର୍‌ଙ୍କ ୩୦ ରନ୍ ସହାୟତାରେ ୭ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ମନ୍ତୋଷ କୁମାର ୩, ମନୀଷ ସିହ୍ନା ଓ ସିଦ୍ଧାର୍ଥ ସିଂ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଝାଡ଼ଖଣ୍ଡ ୧୯ ଓଭରରେ ମନ୍ତୋଷ କୁମାର ୨୮ ଓ ଦୀପକ କୁମାରଙ୍କ ୨୪ ରନ୍ ସହାୟତାରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ କରି ପରାଜିତ ହୋଇଥିଲା। ପ୍ରତିପକ୍ଷ ବୋଲର ରଜତ ପରମାର ୪ ଓ ଆଦିତ୍ୟ ତୋମାର ୨ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଉତ୍ତରାଖଣ୍ଡର ରଜତ ପରମାରଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ୨ୟ ତଥା ପୁଲ–ଏର ଲିଗ୍ ମ୍ୟାଚ୍ ସେରସା ଆଦ୍ରା ରେଲୱେ ବନାମ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଗପୁରକୁ ହରାଇ ସେର୍‌ସା ଆଦ୍ରା ବିଜୟୀ ହୋଇଛି। ଆଦ୍ରା ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୫ ରନ୍ କରିଥିଲା। ଦଳ ପକ୍ଷରୁ ସୁମିତ କୁମାର ୪୯ ବଲ୍‌ରେ ୧୦୨ ଓ ରାଜୁ କୁମାର ୪୨ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ଯଦଭେନ୍ଦ୍ର ତାମ୍ବେ ଓ ଆଗାମ କୋହଲି ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ନାଗପୁର ନିର୍ଦ୍ଧାରିତ ୨୦ ଓଭରରୁ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିକ୍ରମଜିତ୍ ସିଂ ୩୩, ରବିନ କରିମ୍ ୨୪ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ରାମ ପ୍ରସାଦ ୪ ଓ ରୋନି କୁମାର ୩ ଉଇକେଟ ନେଇଥିଲେ। ଆଦ୍ରାର ସୁମିତ କୁମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚ୍‌କୁ ଓସିଏ ଅମ୍ପାୟର ଲଲାଟ କେଶରୀ ନନ୍ଦ, ମାନସ ବେହୁରିଆ ଏବଂ ଶାନ୍ତନୁ ରାଉତ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ, କହ୍ନେଇ ଲାଲ, ହାସିମ୍ ଏବଂ ସ୍କୋରର ଭାବେ ସୁଧାଂଶୁ ନାୟକ, ସୁଶାନ୍ତ ନାୟକ, ଅଜୁ ନାୟକ ଓ ମିଥୁନ ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ପୂର୍ବତନ ସରପଞ୍ଚ ପଙ୍କଜିନୀ ଲେଙ୍କା ଦାସ ହୋଣ୍ଡା ପ୍ରଦତ୍ତ ପୁରସ୍କାର ବିଜୟୀ ଟିମ୍‌କୁ ପ୍ରଦାନ କରିଥିଲେ। ଶନିବାରର ପ୍ରଥମ ମ୍ୟାଚ୍ ଆଦ୍ରା ରେଲୱେ ବନାମ କଟକ ୟୁନିୟନ ସ୍ପୋର୍ଟିଂ ଏବଂ ୨ୟ ମ୍ୟାଚ୍ ଝାଡ଼ଖଣ୍ଡ ବନାମ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କୁମାର କର ଜଣାଇଛନ୍ତି।



ସୁମିତ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

■ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ

## ଦ୍ୟୁତୀ, ଜଉନା, କିଶୋର ଫାଇନାଲରେ

**ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)**

ପଟିଆଲାରେ ଆରମ୍ଭ ହୋଇଥିବା ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦ୍ୟୁତୀ ଚାନ୍ଦ, ଜଉନା ମୁର୍ମୁ ଓ କିଶୋର କୁମାର ଜେନା ଯଥାକ୍ରମେ ମହିଳା ୨୦୦ ମିଟର, ୪୦୦ ମିଟର ହର୍ଡଲ୍ସ ଓ ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ୨୦୦ ମିଟରରେ ସ୍ପ୍ରିଣ୍ଟ କୁଇନ୍ ଦ୍ୟୁତୀ ହିଟ୍–୨ରେ ରେସ୍ କରି ୨୩.୮୯ ସେକେଣ୍ଡ ସମୟ ନେଇ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲେ। ୨୦୦ ମିଟର ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ କର୍ଣ୍ଣାଟକର ଏମ. ଲିକିଥ (୨୫.୪୬ ସେକେଣ୍ଡ), ଏନ.ଏସ. ଇଞ୍ଚାରା (୨୪.୫୮), ପି.ଜେ. ସ୍ନେହା(୨୪.୭୦), ତେଲେଙ୍ଗାନାର ହାରିକା ଦେବୀ ଆତ୍ମାରାମ (୨୪.୭୩), ତାମିଲନାଡୁର ଭି.ରେବତୀ(୨୩.୯୦), ଏସ. ଧନଲକ୍ଷ୍ମୀ (୨୪.୩୮) ଓ ରାଜସ୍ଥାନର ହିନା(୨୪.୩୬)। ୪୦୦ ମିଟର ହର୍ଡଲ୍ସରେ ମଧ୍ୟ ଜଉନା ହିଟ୍–୨ରେ ରେସ୍ କରିଥିଲେ। ସେ ୫୯.୨୭ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ଜଉନାଙ୍କ ସହ ଏହି ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ଆଥଲେଟ୍‌ମାନେ ହେଲେ ତାମିଲନାଡୁର ଆର.ଭି. ବିଶ୍ୱପ୍ରିୟ(୧:୦୧.୪୭), ଆର.ଭିଥିୟା(୫୯.୭୨), କର୍ଣ୍ଣାଟକର ଏମ. ଅର୍ପିଥା(୫୯.୨୩), ଗୁଜରାଟର ସରିତାବେନ୍ ଗାଏକ୍ୱାଡ୍(୫୯.୨୬), କେରଳର ଆର.ଅନୁ(୫୯.୩୬), ଭି.କେ. ସାଲିନି(୫୯.୬୪) ଓ ପଞ୍ଜାବର ବୀରପାଲ କୌର(୧:୦୦.୮୧)। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଭାଗ ନେଇଥିବା ଓଡ଼ିଶାର କିଶୋର କୁମାର ଜେନା ୬୬.୯୪ ମିଟର କ୍ଲିୟର କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଆଥଲେଟ୍ ଚିନ୍ମୟ ରଞ୍ଜନ ରଣା ୬୨.୧୬ ମିଟର ସହ ଯୋଗ୍ୟତା ପର୍ଯ୍ୟାୟର ୨୫ତମ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ଉତ୍ତର ପ୍ରଦେଶର ଶିବପାଲ ସିଂ(୮୧.୮୫), ଅଭିଷେକ ସିଂ(୬୯.୫୪), ହରିୟାଣାର ରାଜେନ୍ଦର ସିଂ(୭୬.୩୧), ସାହିଲ ସିଲ୍‌ୱାଲ(୬୯.୫୪), ବିକ୍ରାନ୍ତ ମଲିକ(୬୯.୧୦), ପରବିନ୍ଦର କୁମାର(୬୯.୦୯), ଦିଲ୍ଲୀର ବିପିନ କସାନା(୭୨.୦୩), ଅଭିଷେକ ଡ୍ରାଲ୍(୬୨.୨୭), ପଞ୍ଜାବର ଦେବିନ୍ଦର ସିଂ(୭୧.୫୩), ଗୁରପ୍ରତାପ ସିଂ(୭୦.୨୩) ଓ ରାଜସ୍ଥାନର ସୁନୀଲ କୁମାର ବିଶନ(୭୦.୭୬)। ମହିଳା୨୦୦ ମିଟର,୪୦୦ ମିଟର ଓ ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଚାମ୍ପିୟନଶିପରେ ସାମିଲ ହୋଇଥିବା ଅନ୍ୟ ଓଡ଼ିଆ ଆଥଲେଟମାନେ ହେଲେ ପୂର୍ଣ୍ଣିମା ହେମ୍ବ୍ରମ(ହେପ୍ଟାଥଲନ), ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ମିଟର ହର୍ଡଲ୍ସ), ଅମୀୟ କୁମାର ମଲିକ(୧୦୦ମିଟର ଦୌଡ଼) ଓ ଆଶିଷ କୁମାର ପାତ୍ର (ଲଙ୍ଗଜମ୍ପ)।



୨୦୦ ମିଟର ହିଟ୍ ପରେ ଦ୍ୟୁତୀ ଚାନ୍ଦ।

## ରାଜ୍ୟ ପୋଲିସ ସନ୍ତରଣ, କ୍ରସକଣ୍ଟ୍ରି: ୨ ସ୍ୱର୍ଣ୍ଣ ଜିତିଲେ ରୁଷଭ

**କଟକ ଅଫିସ,୧୫।୩**

ସମ୍ବଲପୁରର ଡ. ଝସକେତନ ସାହୁ ସୁଇମିଂ ପୁଲରେ ଅନୁଷ୍ଠିତ ୨ୟ ରାଜ୍ୟ ପୋଲିସ ସନ୍ତରଣ ଓ କ୍ରସକଣ୍ଟ୍ରି ଚାମ୍ପିୟନଶିପରେ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଦ୍ୱିତୀୟ ଦିବସରେ ସମ୍ବଲପୁର ଜିଲା ପୋଲିସର ରୁଷଭ ସୁନା ଦୁଇଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୧୦୦ମିଟର ବ୍ୟାକଷ୍ଟ୍ରୋକ ଓ ଫ୍ରି ଷ୍ଟାଇଲରେ ରୁଷଭଙ୍କୁ ଏହି ସଫଳତା ମିଳିଛି। ଉଦ୍‌ଘାଟନୀ ଦିବସରେ ୫୦ମିଟର ବ୍ୟାକଷ୍ଟ୍ରୋକରେ ସ୍ୱର୍ଣ୍ଣ ଜିତିଥିବା ରୁଷଭଙ୍କର ଏହା ୩ୟ ସ୍ୱର୍ଣ୍ଣ ପଦକ। ୧୦୦ମିଟର ବ୍ୟାକଷ୍ଟ୍ରୋକରେ କମିଶନରେଟ ପୋଲିସ(ଆର୍ମଡ–ବି)ର ସୁଶୀଲ ଲାକ୍ରା ରୌପ୍ୟ ଓ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନର ଚିତ୍ତରଞ୍ଜନ ଜେନା ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୦୦ମିଟର ଫ୍ରି ଷ୍ଟାଇଲରେ ଓଡ଼ିଶା ଫାୟାର ସର୍ଭିସର ରାଜ କୁମାର ଖମାରୀ ଓ ସମ୍ବଲପୁର ଜିଲା ପୋଲିସର ସୁବ୍ରତ କୁମାର ସାହୁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ୫୦ମିଟର ବଟରଫ୍ଲାଏରେ ସମ୍ବଲପୁର ଜିଲା ପୋଲିସର କିଶୋର ଲୁହା ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତିଯୋଗିତାରେ କିଶୋରଙ୍କର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପ୍ରଥମ ଦିବସରେ ଅନୁଷ୍ଠିତ ୨୦୦ମିଟର ଫ୍ରି ଷ୍ଟାଇଲରେ କିଶୋର ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ୫୦ମିଟର ବଟରଫ୍ଲାଏରେ କମିଶନରେଟ ପୋଲିସ(ଆର୍ମଡ–ବି)ର ମୋହନ ଭୋଇ ରୌପ୍ୟ ଓ ଓଡ଼ିଶା ଫାୟାର ସର୍ଭିସର ରାଜ କୁମାର ଖମାରୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ୨୦୦ମିଟର ଫ୍ରି ଷ୍ଟାଇଲ ରିଲେରେ ସମ୍ବଲପୁର ଜିଲା ପୋଲିସ ଦଳ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ବୌଦ୍ଧ ୫ମ ଆଇଆର ବାଟାଲିୟନ ଦଳ ରୌପ୍ୟ ଓ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ଦଳ ବ୍ରୋଞ୍ଜ ପଦକ ଜିତିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ମାର୍ଚ୍ଚ ୧୬ /୨୦୧୯ Rayagada, Saturday, March. 16 / 2019




# ନିର୍ବାଚନ ପ୍ରସ୍ତୁତି ନେଇ ଆରଡିସିଙ୍କ ସମୀକ୍ଷା

ପାରଳାଖେମୁଣ୍ଡି, ୧୫।୩(ସ୍ୱ.ପ୍ର.)

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଏ. ଆଓ ଯୋଗଦେଇ ନିର୍ବାଚନ ପୂର୍ବରୁ ପ୍ରଶାସନ କିପରି ବିଭିନ୍ନ ପ୍ରସ୍ତୁତି କରୁଛି ଓ ତାହା ସୁଚାରୁ ରୂପେ ହେଉଛି କି ନାହିଁ ସେନେଇ ସମୀକ୍ଷା କରିଥିଲେ। ଆସନ୍ତା ନିର୍ବାଚନ ପାଇଁ କେତୋଟି ଫ୍ଲାଇଙ୍ଗ ସ୍କାଡ୍ ଗଠନ କରାଯାଇଛି ଓ ତା'ର ରୂପରେଖ କିପରି ପ୍ରସ୍ତୁତ ହୋଇଛି ସେ ସଂକ୍ରାନ୍ତରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ସେହିପରି ନିର୍ବାଚନ ପାଇଁ ଖୋଲା ଯାଇଥିବା କଣ୍ଟ୍ରୋଲ ରୁମ୍ ବୁଲି ଦେଖିବା ସହ ବିଭିନ୍ନ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ଯେପରି ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିଲାଗି ଅଧିକାରୀମାନଙ୍କୁ ନାନା ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଧିକାରୀମାନେ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଜିଲାରେ ନିର୍ବାଚନୀ ବିବରଣୀ ପାଇଁ ସ୍ଥାପନ ହୋଇଥିବା ଯୋଗାଯୋଗ କେନ୍ଦ୍ରର ଟୋଲ୍ ଫ୍ରି ନଂ. ୧୯୫୦ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଜିଲାପାଳ ଅନୁପମ ଶାହା, ଅତିରିକ୍ତ ଜିଲାପାଳ ସ୍ୱଧା ଦେବସିଂ, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଜିଲା ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ସହ ଦକ୍ଷିଣାଞ୍ଚଳ ଆର୍‌ଡିସି ଏ.ଆଓ ଆଲୋଚନା କରୁଛନ୍ତି।

# ନାବାଳିକାଙ୍କ ବିବାହ ରୋକିଲା ଚାଇଲ୍ଡଲାଇନ

କାଳିମେଳା, ୧୫।୩(ଡି.ଏନ୍.ଏ.)

କାଳିମେଳା ଥାନା ଅଧୀନ ଏମ୍‌ଭି-୧୧୯ ଗ୍ରାମରେ ଚାଲିଥିବା ଏକ ବିବାହକୁ ଶୁକ୍ରବାର ଚାଇଲ୍ଡ ଲାଇନ ବନ୍ଦ କରିଛି। ଝିଅଟି ନାବାଳିକା ହୋଇଥିବାରୁ ଗ୍ରାମବାସୀ ଚାଇଲ୍ଡ ଲାଇନକୁ ଜଣାଇଥିଲେ। ଚାଇଲ୍ଡ ଲାଇନ ଅଧିକାରୀ ପହଞ୍ଚି ନାବାଳିକା ଜଣଙ୍କୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରିଛନ୍ତି। ପ୍ରକାଶ ଯେ, କାଳିମେଳା ବ୍ଲକ ବେଜାଙ୍ଗିବାଡା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଏମ୍‌ଭି-୧୧୯ ଗାଁର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ପୂର୍ବ ଯୋଜନା ମୁତାବକ ନାବାଳିକା ଜଣଙ୍କ ଏମ୍‌ଭି-୧୧୨ସ୍ଥିତ ନିଜ ମାମୁଁ ଘରକୁ ଯାଇଥିଲେ। ଗୁରୁବାର ସେଠାରୁ ଯୁବକ ଜଣକ ନାବାଳିକାଙ୍କୁ ନେଇ ପଳାଇଥିଲେ। ଶୁକ୍ରବାର ଯୁବକ ଜଣଙ୍କ ନାବାଳିକାଙ୍କୁ ନେଇ ନିଜ ଗାଁ ଏମ୍‌ଭି-୧୧୯କୁ ଫେରିଥିଲେ। ପୁଅ ଘର ଲୋକ ସେମାନଙ୍କ ବିବାହ କରାଉଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଚାଇଲ୍ଡ ଲାଇନ ଓ ଝିଅ ଘର ଲୋକଙ୍କୁ ଖବର ଦେଇଥିଲେ। ଝିଅଘର ଲୋକ ଏମ୍‌ଭି-୧୧୯ରେ ପହଞ୍ଚି ଏହି ବିବାହକୁ ବିରୋଧ କରିଥିଲେ। ପରେ କାଳିମେଳା ଚାଇଲ୍ଡ ଲାଇନର ମୁଖ୍ୟ କେ.ମିଶାଇଲ ରାଜୁଙ୍କ ନେତୃତ୍ୱରେ ଏକ ଟିମ ଏମ୍‌ଭି-୧୧୯ ଗ୍ରାମକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ସମିତି ନିକଟରେ ହସ୍ତାନ୍ତର କରିଛନ୍ତି।

## ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ପୋଲିସ ମହାନିର୍ଦ୍ଦେଶକ

# ଫୋକସ୍‌ରେ ହିଂସାମୁକ୍ତ ନିର୍ବାଚନ

- ଓଡ଼ିଶା-ଆନ୍ଧ୍ର ସୀମାରେ ସ୍ୱତନ୍ତ୍ର ତନଖି ଫାଟକ
- ୫ଜିଲାରେ ମୁତୟନ ହେବେ ୯ କମ୍ପାନୀ ଫୋର୍ସ
- ନଜରରେ ରହିବ କନ୍ଧମାଳ, ବୌଦ୍ଧର ମାଓବାଦୀ ଗତିବିଧି

ବ୍ରହ୍ମପୁର ଅଫିସ, ୧୫।୩

ରାଜନୈତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଦକ୍ଷିଣ ଓଡ଼ିଶାର ୫ ଜିଲାରେ ଶାନ୍ତି ଶୃଙ୍ଖଳା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ପୋଲିସ ବିଭାଗ । ଶୁକ୍ରବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଏହି ବୈଠକରେ ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନ ବ୍ରହ୍ମପୁର, ଗଞ୍ଜାମ, ଗଜପତି, କନ୍ଧମାଳ ଏବଂ ବୌଦ୍ଧ ପୋଲିସ ଜିଲାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ହିଂସାମୁକ୍ତ ନିର୍ବାଚନ ଏହି ବୈଠକର ଫୋକସ୍‌ରେ ରହିଥିଲା ।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଡା. ଶର୍ମାଙ୍କ ସମେତ ଅତିରିକ୍ତ ଡିଜି(ଗୋଇନ୍ଦା) ସୁନୀଲ ରାୟ, ଆଇଜି(ଅପରେସନ୍) ଆର୍.ପି. କୋଚେ, ଏଡିଜି (ଆଇନ୍ ଶୃଙ୍ଖଳା) ସଞ୍ଜୀବ ପଣ୍ଡା, ଆଇଜି(ସ୍ପେସାଲ୍ ଇଣ୍ଟେଲିଜେନ୍ସ ୱିଙ୍ଗ୍) ଘନଶ୍ୟାମ ଉପାଧ୍ୟାୟଙ୍କ ସମେତ ଦକ୍ଷିଣାଞ୍ଚଳ ଆଇଜି ଯତୀନ୍ଦ୍ର କୋଏଲ୍, ଗଞ୍ଜାମ ଏସ୍‌ପି ବ୍ରିଜେଶ୍ ରାୟ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଗଜପତି ଏସ୍‌ପି ଶାରା ଶର୍ମା, କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ଏବଂ ବୌଦ୍ଧ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ଏହି ପାଞ୍ଚଟି ପୋଲିସ ଜିଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ପୋଲିସ ମହାନିର୍ଦ୍ଦେଶକ ଡା. ଶର୍ମା କହିଥିଲେ, ଦକ୍ଷିଣାଞ୍ଚଳ ରେଞ୍ଜରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେଉଛି। ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଏପ୍ରିଲ୍ ୧୧ ଏବଂ ଆସିକା ଓ କନ୍ଧମାଳ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ୧୮ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଉଭୟ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫୋର୍ସ ମୁତୟନ ଏବଂ ଅତିରିକ୍ତ ଫୋର୍ସର ଆବଶ୍ୟକତା ସମ୍ପର୍କରେ ଏସ୍‌ପିମାନେ ଆକଳନ କରିଛନ୍ତି। ପୁଣି ଥରେ ଚୂଡ଼ାନ୍ତ ଆକଳନ କରିବାକୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ୨୯ କମ୍ପାନୀ ଓଡ଼ିଶାକୁ ଦିଆଯାଇଛି। ସେଥିରୁ ବ୍ରହ୍ମପୁର, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲାରେ ଦୁଇଟି ଲେଖାଏ ଓ ବୌଦ୍ଧ ଜିଲାରେ ଗୋଟିଏ କମ୍ପାନୀ ଫୋର୍ସ ମୁତୟନ କରାଯିବ । ଖୁବ୍ ଶୀଘ୍ର ଏହି କମ୍ପାନୀ ନିର୍ଦ୍ଧାରିତ ଅଞ୍ଚଳରେ ପହଞ୍ଚି ଯିବେ । ସେମାନଙ୍କ ରହିବା ପାଇଁ ସ୍କୁଲ ଏବଂ ସରକାରୀ କୋଠା ବ୍ୟବସ୍ଥା କରାଯାଇଛି । ଯଦି ଆବଶ୍ୟକ ହୁଏ, ତେବେ ଅଧିକ ଫୋର୍ସ ମୁତୟନ କରାଯିବ। ଅତିରିକ୍ତ ଯବାନ, ଯୋଗାଯୋଗ ପାଇଁ ଭିଏଚ୍‌ଏଫ୍ ଏବଂ ଅନ୍ୟାନ୍ୟ ଡିଭାଇଜ୍ ପ୍ରଦାନ କରାଯିବ । ସମ୍ବେଦନଶୀଳ ଏବଂ ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଯାଇଛି । ତଥାପି ଯେଉଁ କେତେକ ବୁଥ୍ ରହିଯାଇଛି, ପୁଣି ଥରେ ଚିହ୍ନଟ କରିବାକୁ କୁହାଯାଇଛି । ଫଳରେ ଆଉ ଅଧିକ ଫୋର୍ସ ମୁତୟନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରିବ। ବେଆଇନ୍ ମଦ ବିକ୍ରି ଧରପଗଡ଼ ଚାଲିଛି । ଲାଇସେନ୍ସପ୍ରାପ୍ତ ବନ୍ଧୁକଗୁଡ଼ିକ ଜମା ଦେବାକୁ ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅପରପକ୍ଷେ ନିର୍ବାଚନ ସମୟରେ ଟଙ୍କା କାରବାର ରୋକିବାକୁ ବିଶେଷ ଧ୍ୟାନ ଦିଆଯାଇଛି। ଜିଲା ବାହାରେ ଏବଂ ଜିଲା ଭିତରେ କଡ଼ାକଡ଼ି ଦୃଷ୍ଟି ରଖିବାକୁ କୁହାଯାଇଛି । ବ୍ରହ୍ମପୁର ଏବଂ ଗଜପତି ପୋଲିସ ଜିଲାକୁ ଲାଗି ଆନ୍ଧ୍ର ସୀମା ରହିଥିବା ଯୋଗୁ ସୀମାରେ ସ୍ୱତନ୍ତ୍ର ତନଖି ଫାଟକ ରହିବ। ଗୁରୁତ୍ୱପୂର୍ଣ୍ଣ ଜାଗାରେ ନାକାବନ୍ଦୀ କରାଯିବ। କନ୍ଧମାଳ ଏବଂ ବୌଦ୍ଧ ଜିଲା ମାଓବାଦୀ ଗତିବିଧି ରହିଛି। ସେମାନେ ନିର୍ବାଚନ ସମୟରେ ହିଂସା ଘଟାଇବାର ଆଶଙ୍କା ରହିଛି। ବିଶେଷ ସତର୍କ ରହିବାକୁ ଉଭୟ ଜିଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଳିତ ଅପରେସନ୍ କରିବା ସହ ପଡୋଶୀ ଜିଲାଗୁଡ଼ିକ ସହ ଯୋଗାଯୋଗରେ ରହିବାକୁ କୁହାଯାଇଛି । ନିର୍ବାଚନ ସମୟରେ ପ୍ରଚାର ପାଇଁ ବହୁ ଭିଆଇପି ଗସ୍ତ କରିବେ। ସେମାନଙ୍କ ସୁରକ୍ଷା ଏବଂ ପ୍ରାର୍ଥୀଙ୍କ ସୁରକ୍ଷାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଯେଉଁ ପ୍ରାର୍ଥୀଙ୍କ ଜୀବନ ପ୍ରତି ବିପଦ ରହିଛି, ସେମାନଙ୍କୁ ସୁରକ୍ଷା ଦିଆଯିବ । ଏହି ରେଞ୍ଜରେ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପୋଲିସ ମହାନିର୍ଦ୍ଦେଶକ ଡା. ଶର୍ମା ପ୍ରକାଶ କରିଛନ୍ତି ।


ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା(ମଝି)ଙ୍କ ସହ ଅତିରିକ୍ତ ଡିଜି (ଗୋଇନ୍ଦା) ସୁନୀଲ ରାୟ(ଡାହାଣ), ଆଇଜି(ଅପରେସନ୍) ଆର୍.ପି. କୋଚେ(ବାମ) ।







# ଷଣ୍ଢ ଆକ୍ରମଣରେ ଯୁବକ ଗୁରୁତର

ମାଲକାନଗିରି, ୧୫।୩(ଡି.ଏନ୍.ଏ.)

ମାଥିଲି ବ୍ଲକ ସଦର ଅଞ୍ଚଳରେ ଏବେ ଷଣ୍ଢମାନଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ତିନି ଦିନରେ ଦୁଇ ଜଣ ଷଣ୍ଢ ଆକ୍ରମଣର ଶିକାର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ କୀଆଙ୍ଗ ପଞ୍ଚାୟତ ଅଧୀନ ସେରପାଲି ଗ୍ରାମର ପୂର୍ଣ୍ଣ ସମରଥ(୩୫) ମାଥିଲି ଗାନ୍ଧୀ ଛକରେ ଛିଡା ହୋଇଥିବା ବେଳେ ଏକ ବୁଲା ଷଣ୍ଢ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ମାଥିଲି ମେଡିକାଲରେ ଭର୍ତ୍ତି କରାଯାଇଛି।

# ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ

ପାରଳାଖେମୁଣ୍ଡି, ୧୫।୩(ସ୍ୱ.ପ୍ର.)

ଗଜପତି ଜିଲାରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରାଯାଉଛି। ଅଟୋ, ଟ୍ରେକର, କମାଣ୍ଡର ଜିପ୍ ଏବଂ ବସ୍ ଇତ୍ୟାଦି ଗାଡ଼ିଗୁଡ଼ିକର ଦୁଇପାର୍ଶ୍ୱରେ ଓହଳି ଏବଂ ଛାତ ଉପରେ ବସି ଯାତ୍ରୀମାନେ ଯାଉଥିବା ଦେଖିବାକୁ ମିଳୁଛି। ଏପରିକି ଆବଶ୍ୟକ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ନିଆଯାଉଛି। ଗନ୍ତବ୍ୟ ସ୍ଥାନକୁ ଆବଶ୍ୟକ ସଂଖ୍ୟକ ଗାଡ଼ିର ଅଭାବ ଯୋଗୁ ଲୋକେ କେବଳ ଅଟୋ କି ଜିପ୍ ନୁହେଁ ଟ୍ରାକ୍ଟର, ମିନି ଟ୍ରକ ଉପରେ ମଧ୍ୟ ନିର୍ଭର କରୁଛନ୍ତି। ଟ୍ରାକ୍ଟର, ମିନିଟ୍ରକ ଡାଲାରେ ରହିଥିବା ଇଟା, ବାଲି, ଚିପ୍ସ ଓ ଅନ୍ୟ ଜିନିଷପତ୍ର ଉପରେ ବସି ଲୋକେ ଯାତାୟାତ କରୁଛନ୍ତି। ସେହିପରି ଅନଭିଜ୍ଞ ତଥା ନାବାଳକ ଡ୍ରାଇଭରମାନଙ୍କ ହାତରେ ଗାଡିର ଷ୍ଟିୟରିଂ ଧରାଇ ଦିଆଯାଉଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷକରି ବୁଲାଣି ଓ ଘାଟିରାସ୍ତାରେ ବେଶି ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରୁ ଦୈନିକ ବିଭିନ୍ନ ସ୍ଥାନକୁ ଶତାଧିକ ଯାତ୍ରୀବାହୀ ଗାଡି ଚଳାଚଳ କରୁଛି। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ କାଁ ଭାଁ ହେଲମେଟ ଚେକିଂ ହେଉଥିଲେ ସୁଦ୍ଧା ଓଭରଲୋଡିଂ ଏବଂ ବିପଦସଙ୍କୁଳ ପରିବହନ ପ୍ରତି ଧ୍ୟାନ ଦିଆଯାଉନାହିଁ। ସଚେତନତା କାର୍ଯ୍ୟକ୍ରମ ନାମକୁ ମାତ୍ର ହେଉଛି। ବାରମ୍ବାର ଦୁର୍ଘଟଣା ସତ୍ତ୍ୱେ ଲୋକେ ସଚେତନ ହେଉନାହାନ୍ତି କି ପ୍ରଶାସନର ଚେତା ପଶୁନାହିଁ। ଅନ୍ୟପକ୍ଷେ ଆଞ୍ଚଳିକ ପରିବହନ ଅଧିକାରୀ କହିଛନ୍ତି ଯେ, ନିୟମିତ ବ୍ୟବଧାନରେ ଚେକିଂ ହେଉଛି। ସଡ଼କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଉଛି। ଯଦି କେହି ଆଇନ ଉଲ୍ଲଂଘନ କରୁଥିବା ଅଭିଯୋଗ ମିଳେ କିମ୍ବା ଆମ ନଜରକୁ ଆସେ ତାହାଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡା, ଶନିବାର, ୧୬ ମାର୍ଚ୍ଚ, ୨୦୧୯



# ଖାଲି ପଡ଼ିଛି ବହୁ ଅଧିକାରୀ ପଦବୀ

**ବୈପାରୀଗୁଡ଼ା, ୧୫।୩(ଡି.ଏନ୍.ଏ.)**

ବୈପାରୀଗୁଡା ବ୍ଲକରେ ବିଭିନ୍ନ ବିଭାଗରେ ଅଧିକାରୀ ପଦବୀ ଖାଲି ପଡ଼ିଛି। ଏହି କାରଣରୁ ଏବେ ବ୍ଲକରେ ପ୍ରଶାସନିକ ବ୍ୟବସ୍ଥା ସ୍ଥାଣୁ ପାଲଟିଛି । ୨ ସପ୍ତାହ ତଳେ ବିଡିଓ ଓ ତହଲିସଦାର ଅନ୍ୟତ୍ର ବଦଳି ହୋଇ ଚାଲିଯାଇଥିବା ବେଳେ ଏଯାଏଁ ଉକ୍ତ ପଦବୀରେ କେହି ଯୋଗ ଦେଇନାହାନ୍ତି। ବିଡିଓଙ୍କ ସ୍ଥାନରେ ଏବିଡିଓ ଓ ତହସିଲଦାରଙ୍କ ସ୍ଥାନରେ ଅତିରିକ୍ତ ତହସିଲଦାର ଦାୟିତ୍ୱ ତୁଲାଉଛନ୍ତି। ସେହିପରି ବ୍ଲକରେ ଦେଢ ବର୍ଷ ହେବ ସହକାରୀ ଯନ୍ତ୍ରୀ ପଦବୀ ଖାଲି ପଡ଼ିଛି। ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ୨ ବର୍ଷ ହେବ ଖାଲି ପଡିଥିବା ବେଳେ ଜୟପୁର ବ୍ଲକର ସଂପୃକ୍ତ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। କିନ୍ତୁ ଏଠାରେ ତାଙ୍କର ପାଦ ପଡୁନାହିଁ । ମଙ୍ଗଳ ସଂପ୍ରସାରଣ ଅଧିକାରୀ ଲମତାପୁଟ ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବାବେଳେ ସେ ୨ଟି ବ୍ଲକ ଦାୟିତ୍ୱରେ ଥାଇ ଏଠାରୁ ୨୨ କିମି ଦୂର ଜୟପୁର ସହରରେ ରହୁଛନ୍ତି। ତାଙ୍କ କାର୍ଯ୍ୟାଳୟ ମଧ୍ୟ ଅନେକ ସମୟରେ ବନ୍ଦ ରହୁଛି । ସେହିପରି ବୈପାରୀଗୁଡା ଥାନାରେ ଆଇଆଇସି ପଦବୀ ଦୀର୍ଘ ବର୍ଷ ହେଲା ଖାଲି ପଡିଛି । ବୈପାରୀଗୁଡା ବନାଞ୍ଚଳ ଅଧିକାରୀ ପଦବୀରେ ୬ ମାସ ହେଲା କେହି ନାହାନ୍ତି। ଜଣେ ଡେପୁଟି ରେଞ୍ଜର ତାଙ୍କ ଦାୟିତ୍ୱରେ ରହିଛନ୍ତି। ବ୍ଲକ ସଦର ମହକୁମାରେ ଥିବା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗତ ଡିସେମ୍ବରରୁ ଅବସର ନେଇ ଚାଲିଯାଇଥିବା ବେଳେ ଜଣେ ସହକାରୀ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ବର୍ଷ ତଳୁ ମେଡିକାଲ ଅଫିସର ପଦବୀ ଖାଲି ପଡିଥିବା ବେଳେ ଜଣେ କନିଷ୍ଠ ଡାକ୍ତର ଦାୟିତ୍ୱ ତୁଲାଉଛନ୍ତି। ବ୍ଲକ କୃଷି ବିଭାଗରେ ସହକାରୀ କୃଷି ଅଧିକାରୀ ପଦବୀରୁ ଜଣେ ଅଧିକାରୀ ଅବସର ନେବାର ୪ ମାସ ବିତିଯାଇଥିବା ବେଳେ ବୋରିଗୁମ୍ମା ବ୍ଲକର କୃଷି ଅଧିକାରୀ ଦାୟିତ୍ୱ ନେଇଛନ୍ତି। କିନ୍ତୁ ସେ ଏଠାକୁ ଆଦୌ ଆସୁନଥିବା ଅଭିଯୋଗ ହେଉଛି । ବୈପାରୀଗୁଡା ପରି ଏକ ଉପାନ୍ତ ଆଦିବାସୀ ଇଲାକାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ନ ଥିବାରୁ ସରକାରୀ କଳ ଏକ ରକମ ସ୍ଥାଣୁ ପାଲଟିଛି।

**ବୈପାରୀଗୁଡ଼ା ବ୍ଲକ**
- ପ୍ରଶାସନିକ ବ୍ୟବସ୍ଥା ସ୍ଥାଣୁ
- ବଦଳି ହୋଇଯାଉଛନ୍ତି, କେହି ଆସୁନାହାନ୍ତି

## ସଂକ୍ଷେପରେ

### ପ୍ରାଥମିକ, ଉଚ୍ଚ ପ୍ରାଥମିକ ପରୀକ୍ଷା ଆରମ୍ଭ

ଜୟପୁର,୧୫।୩ (ଡି.ଏନ୍.ଏ.): ଜୟପୁର ବ୍ଲକ ଏବଂ ପୌରାଞ୍ଚଳର ୨୪୧ଟି ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀର ୨୫ ହଜାର ୨୨୩ଜଣ ଛାତ୍ରୀଛାତ୍ର ସେମାନଙ୍କ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷା ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ଆସନ୍ତା ୩୧ ତାରିଖ ପୂର୍ବରୁ ପରୀକ୍ଷାଫଳ ପ୍ରକାଶିତ ହେବା ପରେ ଏପ୍ରିଲ ୨ରୁ ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ନୂତନ ଶ୍ରେଣୀରେ ଦାଖଲ କରାଯିବ । ଏହି ପରୀକ୍ଷାରେ ଜୟପୁର ବ୍ଲକର ୧୧ଟି କ୍ଲଷ୍ଟରର ୧୯୩ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୭୫୫ ଛାତ୍ରୀ ଏବଂ ୯୮୮୪ ଜଣ ଛାତ୍ର ଏହିପରି ସମୁଦାୟ ୧୯୬୩୯ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ପୌରସଂସ୍ଥାର ୪ଟି କ୍ଲଷ୍ଟର ୩୦୦୬ ଛାତ୍ରୀ ଏବଂ ୨୫୭୮ ଛାତ୍ର ଏହିପରି ସମୁଦାୟ ୫୫୮୪ ଜଣ ପରୀକ୍ଷା ଦେଇଛନ୍ତି ।

### ମତଦାନ ପାଇଁ ପ୍ରଶାସନିକ ସଚେତନତା



ପଟ୍ଟାଙ୍ଗି,୧୫।୩(ଡି.ଏନ.ଏ) ସାଧାରଣ ନିର୍ବାଚନରେ ଶତ ପ୍ରତିଶତ ମତଦାନ ପାଇଁ ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ବିଡିଓ କରୁଣାକର ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ପ୍ରତି ବୁଥ ସ୍ତରରେ କାନ୍ଥରେ ସଚେତନ ଧର୍ମୀ ଚିତ୍ରକଳା ଏବଂ ଗ୍ରାମ ଓ ପଞ୍ଚାୟତ ସ୍ତରରେ ରାଲି ଆୟୋଜନ କରି ଭୋଟଦାନ ଓ ନିଜ ଅଧିକାର ସମ୍ପର୍କରେ ସଚେତନତା କରାଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ରାଲିରେ କୌଣସି ରାଜନୈତିକ ଦଳ ସାମିଲ ହେବେ ନାହିଁ, ଗ୍ରାମାଞ୍ଚଳରେ ମହିଳା ଭୋଟର ସଂଖ୍ୟା ବଢ଼ିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡନାୟକ, ଏପିଓ ସୌମେନ୍ଦ୍ର ନାୟକ, ଆକାଉଣ୍ଟାଣ୍ଟ ପ୍ରତାପ ରୁଦ୍ର ସାମନ୍ତ ସିଂହାର, ବିଏସ୍ଏସ୍ଓ ସୌଦାମିନୀ ପ୍ରଧାନ, ଶିକ୍ଷକ ତଥା ସେକ୍ଟର ଅଫିସର ସ୍ୱପ୍ନେଶ୍ୱର ଦାଶ, ସୁକୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ବିଏଲଓ, ସୁପରଭାଇଜର ଓ ସେକ୍ଟର ଅଫିସରଙ୍କୁ ନେଇ ଶପଥ ପାଠ କରାଯାଇଥିଲା।

### ଲୁଟ୍ ବାଇକ ଜବତ, ଯୁବକ ଗିରଫ

ଜୟପୁର,୧୫।୩(ନି.ପ୍ର.) ଜୟପୁର ଟାଉନ ପୋଲିସ ଲୁଟ୍ ହୋଇଥିବା ବାଇକ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ କୋରାପୁଟ ହାତୀ ଲାଇନର କାର୍ତ୍ତିକ ଖରା (୨୫) । ଗତ ୧୬ ତାରିଖ କୋଲାବପେ ଆଇଆରବି କନଷ୍ଟେବଲ ପ୍ରଦୀପ ନାହାକଙ୍କ ସହ ଆଲୋଚନା କରି ହୋଟେଲରେ ଖାଉଥିବା ସମୟରେ ବାଇକ ଲୁଟ୍ କରି ନେଇଯାଇଥିଲେ। ଏନେଇ ପ୍ରଦୀପ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୩୯/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ବାଇକ ଜବତ କରିଥିବା ଏସ୍ଆଇ ସୁମିତ୍ରା ବେହେରା କହିଛନ୍ତି।



କର୍ମଶାଳାରେ ଡାକ ବିଭାଗ କର୍ମଚାରୀମାନେ ।

# ବିପିଏମ୍‌ଙ୍କୁ ନେଇ କର୍ମଶାଳା

**ପଟ୍ଟାଙ୍ଗି, ୧୫।୩(ଡି.ଏନ୍.ଏ.)**

ପଟ୍ଟାଙ୍ଗି ଉପ ଡାକଘରରେ ସବ ପୋଷ୍ଟମାଷ୍ଟର ଦିଲ୍ଲୀପ ସାହୁଙ୍କ ଅଧ୍ୟକ୍ଷତାରେ ଦିନିକିଆ କର୍ମଶାଳା ଆୟୋଜିତ ହୋଇଛି। ୧୬ଟି ଶାଖା ଡାକଘରର ବିପିଏମମାନେ ଏଥିରେ ଯୋଗ ଦେଇଥିଲେ। କର୍ମଶାଳାରେ ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ସୌମ୍ୟରଞ୍ଜନ ମହାପାତ୍ର ଓ କୋରାପୁଟ ସବ ଡିଭିଜନ କାର୍ଯ୍ୟାଳୟର ଏଏସ୍‌ପିଓ ସୌମେନ୍ଦ୍ର କୁମାର ସେଠୀ ଯୋଗଦେଇ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଦ୍ୱାରା ଗ୍ରାମାଞ୍ଚଳର ଲୋକେ କିପରି ବ୍ୟାଙ୍କ କାରବାର ଓ ବିଲ ପେମେଣ୍ଟ ଏବଂ ଟଙ୍କା ଟ୍ରାନ୍ସଫର ସୁବିଧା ପାଇ ପାରିବେ, ତାହା ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାଳିପୁଟ ଶାଖା ଡାକଘର ବିପିଏମ ବୃନ୍ଦାବନ ବେହେରା, ସମୁଲୁ ପାତ୍ର, ଏନ୍. ଗୋପାଳ ରାଓ, ଟି. ଅମୃତ ରାଜୁ, ଡାକ ସେବକ ଟି. ରାମୁଲୁ, ତ୍ରିନାଥ ଦେଓ, ରବିନାରାୟଣ ହୋତା, ରାଜେଶ କୁମାର ନାୟକ ଓ ଦେବାଶିଷ ପଣ୍ଡା ଉପସ୍ଥିତ ଥିଲେ।

# ଜବରଦଖଲ ଜମିରେ ନିର୍ମାଣ କାମ

**ଜୟପୁର, ୧୫।୩(ଡି.ଏନ୍.ଏ.)**

**ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଜୟପୁର ସଦରଥାନା ଅନ୍ତା ପଞ୍ଚାୟତ କୁମ୍ଭାରପୁଟ ଅଙ୍ଗନୱାଡି ଗୃହ ପାର୍ଶ୍ୱସ୍ଥ ସରକାରୀ ଜମିର ୧୦ ଡେସିମିଲରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତି ଓ ତାଙ୍କ ପରିବାର ଜବରଦଖଲ କରିଛନ୍ତି। ସେଥିରେ ସେମାନେ ଘର ନିର୍ମାଣ କରୁଥିବା ନେଇ ଉପଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉପଜିଲାପାଳ ଲୋକନାଥ ଦଳବେହେରା ଏସ୍‌ଡିପିଓ ସାଗରିକା ନାଥଙ୍କୁ ଜଣାଇବା ପରେ ସଦରଥାନା ପୋଲିସ ଅଭିଯୁକ୍ତ ଚେନ୍ଦିରି ହରିଜନ ଏବଂ ତାଙ୍କ ପୁଅ ଇମେଲ ହରିଜନକୁ ଥାନାକୁ ଆଣି ପଚରାଉଚରା କରୁଛି।

ସରକାର ୩ ଡେସିମିଲ ଘରବାରି ଜମି ପଟ୍ଟା ପ୍ରଦାନ କରିଥିଲେ ମଧ୍ୟ କେଉଁ ଜମି କାହାକୁ ଦିଆଯାଇଛି, ତାହା ଚିହ୍ନଟ ହୋଇନାହିଁ। ତହସିଲ କାର୍ଯ୍ୟାଳୟରେ ଆବେଦନ କରି ମାପଚୁପ ପରେ ଜମି ଚିହ୍ନଟ କରାଯାଇ ଗୃହ ନିର୍ମାଣ କରିବା ପାଇଁ ଅଭିଯୁକ୍ତ ଚେନ୍ଦିରିକୁ କହିଥିଲା ସଦର ଥାନା ପୋଲିସ। ଅନ୍ୟଥା ଜୋରଜବରଦସ୍ତ ଗୃହ ନିର୍ମାଣ କରାଗଲେ ଭାଙ୍ଗିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଗ୍ରାମବାସୀ କହିଛନ୍ତି, ୪ ମାସ ତଳେ ଜମି ଜବରଦଖଲ ବେଳେ ବାରଣ କରିବାରୁ ଚେନ୍ଦିରି ସେମାନଙ୍କୁ ଧମକ ଦେଇଥିଲେ। ଫଳରେ ଥାନାରେ ଏତଲା ଦେଇଥିଲେ ଗ୍ରାମବାସୀ। କିନ୍ତୁ ପୋଲିସ ଘଟଣାସ୍ଥଳରେ ନ ପହଞ୍ଚିବାରୁ ବାଧହୋଇ ଗ୍ରାମବାସୀ ଥାନାରେ ପହଞ୍ଚିଥିଲେ। ପୋଲିସ ଚେନ୍ଦିରିଙ୍କ ତାଗିଦ୍ କରିଥିବା ସତ୍ତ୍ୱେ ପୁଣି ସେ ଏବେ ଜବରଦଖଲ ଜମିରେ ନିର୍ମାଣ କାମ ଆରମ୍ଭ କରିଥିଲେ। ଫଳରେ ଗୁରୁବାର ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୭ରେ ସଦର ଥାନା ଗାଗନାପୁରରେ ଏହିପରି ସରକାରୀ ଜମି ଜବରଦଖଲ ଘଟଣାରୁ ଗୋଷ୍ଠୀ ସଂଘର୍ଷ ଘଟି ୨ ଭାଇ ହତ୍ୟାର ଶିକାର ହୋଇଥିଲେ।



ଗ୍ରାମବାସୀ ଉପଜିଲାପାଳଙ୍କୁ ଅଭିଯୋଗ ଜଣାଉଛନ୍ତି ।

# ଟ୍ରାକ୍ଟର ଓଲଟି ଶ୍ରମିକ ମୃତ

**କୋରାପୁଟ,୧୫।୩(ସ୍ୱ.ପ୍ର.)**

କୋରାପୁଟ ଜିଲା କାକିରିଗୁମ୍ମା ଥାନା ଅନ୍ତର୍ଗତ ଦାମନଯୋଡି ରାସ୍ତାର ନରେଗା ଛକରେ ଗୁରୁବାର ସନ୍ଧ୍ୟାରେ ଏକ ଇଟା ବୋଝେଇ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇ ଥିବାବେଳେ ୪ଜଣ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ଲକ୍ଷ୍ମୀପୁର ବ୍ଲକ ଚାରଡା ପଞ୍ଚାୟତ କାପସିପୁଟ ଗ୍ରାମର ନିରଞ୍ଜନ ମୁଦୁଲି (୩୪) । ଆହତମାନଙ୍କ ମଧ୍ୟରେ ୨ଜଣ ଶିଶୁ ଶ୍ରମିକଙ୍କ ସମେତ ଜଣେ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ଆହତ ହୋଇଥିବା ଭଗବାନ ଭୋଇ(୧୨), ଦୁର୍ଯ୍ୟୋଧନ ମୁଦୁଲି(୧୫), ମକର ମୁଦୁଲି(୨୦) ଓ ପଦ୍ମିନୀ ଦାବି(୨୫)ଙ୍କୁ କୋରାପୁଟ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ଏହି ଟ୍ରାକ୍ଟରଟି ନିର୍ମଳ ଖରାଙ୍କର ବୋଲି ଜଣାପଡ଼ିଛି।

# ସର୍ବୋଦୟ ନେତା ଅକ୍ଷୟ ମହାନ୍ତିଙ୍କ ପରଲୋକ

**କୋରାପୁଟ,୧୫।୩(ସ୍ୱ.ପ୍ର.)**

ଓଡ଼ିଶାର ବିଶିଷ୍ଟ ସର୍ବୋଦୟ ନେତା ତଥା କୋରାପୁଟ ସର୍ବୋଦୟ ସମିତି ସମ୍ପାଦକ ଓ ଭୂଦାନ କର୍ମୀ ଅକ୍ଷୟ ମହାନ୍ତିଙ୍କର ଶୁକ୍ରବାର ସକାଳେ ଭୁବନେଶ୍ୱରଠାରେ ପରଲୋକ ଘଟିଛି। ଏ ନେଇ କୋରାପୁଟ ଜିଲାର ସାହିତ୍ୟିକ ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି। ମହାନ୍ତି ନିଜକୁ ଭୂଦାନ ଆନ୍ଦୋଳନରେ ସାମିଲକରି ସାରା ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ପାରିଥିଲେ । ତାଙ୍କ ଉଦ୍ୟମରେ କୋରାପୁଟ ସର୍ବୋଦୟ ସମିତି ପ୍ରତିଷ୍ଠା ହୋଇପାରିଥିଲା। ଏହା ମାଧ୍ୟମରେ ସେ ଆଦିବାସୀ ଜନଜାତିଙ୍କ ବିବିଧ ଉନ୍ନତି କରିବା ସହ ସାହିତ୍ୟ ସଂସ୍କୃତି ସହିତ ସମ୍ପୃକ୍ତ ରହିଥିଲେ । କୋରାପୁଟସ୍ଥିତ ସର୍ବୋଦୟ ସମିତିରେ ଆଦିବାସୀ ବାଳିକାମାନଙ୍କୁ ନେଇ ଏକ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରି ସେମାନଙ୍କୁ ଗାନ୍ଧୀ ଚେତନାରେ ଅନୁପ୍ରାଣିତ କରିଆସୁଥିଲେ। ଜଣେ ସ୍ନେହୀ ଓ ସରଳ ମଣିଷ ଭାବେ ସେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ବିୟୋଗରେ କୋରାପୁଟ ସାହିତ୍ୟ ପରିବାର ଉପଦେଷ୍ଟା ଉମାକାନ୍ତ ଦାସ, ଡ. ଜଗବନ୍ଧୁ ସାମଲ, ନାରାୟଣ ପଣ୍ଡା, ଗଦାଧର ପରିଡା, ସମ୍ପାଦକ ଡ. ପ୍ରୀତିଧାରା ସାମଲ, ସଭାପତି ରବି ଶତପଥି ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ମାଳିମଲୁଆରେ ବାଲ୍ୟ ପାଣିଗ୍ରହଣ ଉତ୍ସବ

**ସେମିଳିଗୁଡ଼ା, ୧୫।୩(ଡି.ଏନ୍.ଏ.)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ରେଙ୍ଗା ପଞ୍ଚାୟତ ମାଳିମଲୁଆ ଗାଁରେ ନାବାଳିକାଙ୍କ ବାଲ୍ୟ ପାଣି ଗ୍ରହଣ ଉତ୍ସବ କରାଯାଇଛି। ଏଥିରେ ୪୦ଜଣ ନାବାଳିକା ଏଥିରେ ସାମିଲ ହୋଇଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ବସବାସ କରୁଥିବା ବନବାସୀ ଗୋଷ୍ଠୀ ଯଥା ମାଳି, କୁମ୍ଭାର, ଧୁଳିଆ, ରଣା ସମ୍ପ୍ରଦାୟ ଲୋକ ଏହାକୁ ପାଳନ କରିଥାନ୍ତି। ଅନ୍ୟ ସମ୍ପ୍ରଦାୟ ଲୋକେ ପୁଅଙ୍କୁ ବ୍ରତ କରୁଥିବା ବେଳେ ଏହି ଉତ୍ସବରେ ବନବାସୀ ଗୋଷ୍ଠୀ ଝିଅମାନଙ୍କୁ ବ୍ରତ କରିଥାନ୍ତି। ୮ବର୍ଷରୁ କମ୍ ବୟସର ଝିଅଙ୍କୁ ଏଥିରେ ସାମିଲ କରାଯାଏ। ଆଜିର ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟର ମାଳି ସମାଜ ବିକାଶ ପରିଷଦ ସଭାପତି ଦାଶରଥୀ ମାଳି, କର୍ମୀ ବି.କାର୍ମିନୀ, ଗୋବର୍ଦ୍ଧନ ହନ୍ତାଳ ଏବଂ କର୍ମୀ ରାଜେନ୍ଦ୍ର ଖରା ଉପସ୍ଥିତ ଥିଲେ।



ବାଲ୍ୟ ପାଣିଗ୍ରହଣ ଉତ୍ସବରେ ଯୋଗ ଦେବାକୁ ଆସିଥିବା ଲୋକମାନେ ।

# ଆର୍ଟ ଅଫ୍ ଲିଭିଂର 'ସୁସ୍ଥ ଗାଁ, ସମୃଦ୍ଧ ଗାଁ' କାର୍ଯ୍ୟକ୍ରମ

**ସୁନାବେଡ଼ା, ୧୫।୩(ଡି.ଏନ୍.ଏ.)–**

କେନ୍ଦ୍ର ସରକାରଙ୍କ କୌଶଳ ଭାରତ ଯୋଜନାରେ କୋଡିଙ୍ଗାରେ ଚାଲିଥିବା ତିନିଦିନିଆ 'ସୁସ୍ଥ ଗାଁ, ସମୃଦ୍ଧ ଗାଁ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଏହି ଶିବିରରେ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଯୋଗ, ପ୍ରାଣାୟମ ଶିକ୍ଷା ଦିଆଯାଇଛି । ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟର ବିକାଶ ହୋଇପାରିବ। ଲୋକ ସୁସ୍ଥ ରହିଲେ ଗାଁର ବିକାଶ ହୋଇପାରିବ ବୋଲି ଶିବିରରେ କୁହାଯାଇଛି । ଆର୍ଟ ଅଫ୍ ଲିଭିଂ ସଂଯୋଜିକା ଡ. ସରସ୍ୱତୀ ରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବର୍ଷା ରାଉତ, ଜ୍ୟୋତି ବାଘ, ସଙ୍ଗୀତା ଦାଶ, ପ୍ରିୟଙ୍କା ପଣ୍ଡା, ମନ୍ଦାକିନୀ ଖେମୁଣ୍ଡୁ, ବେବିନା ଭୋଇ ଓ ଆରତୀ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମାଓବାଦୀ ବ୍ୟାନରରେ ବ୍ୟବସାୟୀଙ୍କୁ ଧମକ




ରାଜପଥ ପାର୍ଶ୍ୱସ୍ଥ ସୂଚନା ଫଳକରେ ଲାଲ ବ୍ୟାନର ଲାଗିଛି ।

**ସେମିଳିଗୁଡ଼ା,୧୫।୩(ସ୍ୱ.ପ୍ର.)**

ସେମିଳିଗୁଡ଼ା ସହରର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗଛରେ ମାଓବାଦୀଙ୍କ ବ୍ୟାନର ଦେଖିବାକୁ ମିଳିଛି। ସହରର ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ୍ୟ ଏଭଳି ବ୍ୟାନର ମରାଯାଇଛି। ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ସଞ୍ଜୟ ଷଡ଼ଙ୍ଗୀ ଓ ତାଙ୍କ ଭାଇ ଦୁର୍ନୀତିରେ ବୁଡ଼ିଥିବା ସେଥିରେ ଉଲ୍ଲେଖ କରାଯାଇଥିବା ବେଳେ ଭୁଲ୍ ଉପାୟରେ ଉପାର୍ଜନ କରିଥିବା ଅର୍ଥ ଗରିବଙ୍କୁ ଫେରାଇବା ପାଇଁ କୁହାଯାଇଛି। ନ ସୁଧୁରିଲେ ପରିଣାମ ଭୟଙ୍କର ହେବ ବୋଲି ବ୍ୟାନରରେ ଚେତାବନୀ ରହିଛି। ଏହି ଦୁଇ ବ୍ୟବସାୟୀ ଭ୍ରାତାଙ୍କୁ ଡାକ ଜରିଆରେ ମଧ୍ୟ ଧମକପୂର୍ଣ୍ଣ ଚିଠି ମିଳିଛି। ଏନେଇ ସଞ୍ଜୟ ଷଡ଼ଙ୍ଗୀ କହିଛନ୍ତି, ବ୍ୟାନରରେ ଆମ ୨ ଭାଇଙ୍କ ବିରୋଧରେ ଲେଖା ଯାଇଥିବା କଥା ସଂପୂର୍ଣ୍ଣ ମିଛ। ଆମେ ଜାଣିବା ପରେ ସ୍ଥାନୀୟ ସେମିଳିଗୁଡ଼ା ଥାନାରେ ଏତଲା ଦେଇଥିଲେ ମଧ୍ୟ କେହି ତାହା ଗ୍ରହଣ କରି ନଥିଲେ। କେହି ମୋତେ ବଦନାମ କରିବା ସହିତ ମିଥ୍ୟା ପ୍ରଚାର କରୁଥିବା ସେ କହିଛନ୍ତି। ଏହାକୁ ନେଇ ସେମିଳିଗୁଡ଼ା ଆଇଆଇସି ସସ୍ମିତ ବେହେରାଙ୍କୁ ପଚାରିବାରେ ସେ କହିଥିଲେ ଆମ ପାଖରେ କେହି ଅଭିଯୋଗ କରିନାହାନ୍ତି। ଅଭିଯୋଗ ଆସିଲେ ତଦନ୍ତ କରିବୁ।

# ପୂର୍ବ ଶତ୍ରୁତାରୁ ଗୋଷ୍ଠୀ କନ୍ଦଳ, ୧୦ରୁ ଉର୍ଦ୍ଧ୍ୱ ଆହତ

**ଖଲ୍ଲିକୋଟ,୧୫।୩(ଡି.ଏନ.ଏ.)–**

ଖଲ୍ଲିକୋଟ ଥାନା ପାନନୂଆଗାଁରେ ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ କନ୍ଦଳରେ ଉଭୟ ପକ୍ଷରୁ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଖଲ୍ଲିକୋଟ ପୋଲିସ ୮ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ପୂର୍ବରୁ ଘଟିଥିବା ଏକ ବିଶୃଙ୍ଖଳାର ସମାଧାନ ପାଇଁ ଗ୍ରାମ କୋଠଘରେ ସଭା ବସିଥିଲା। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ହଠାତ୍ ଗୋଟିଏ ପକ୍ଷ ଆକ୍ରମଣ କରିଥିବା ଏମ. ଚନ୍ଦ୍ରୁ ପାତ୍ର ଥାନାରେ ଏତଲା ଦେଇଛନ୍ତି। ଏହି ଗୋଷ୍ଠୀ ସଂଘର୍ଷରେ ଏମ. ଚନ୍ଦ୍ରୁ ପାତ୍ର, ଏମ. ସନ୍ତୋଷ ପାତ୍ର, ଏମ. ଲଛମନ ପାତ୍ର, ରାଜୁ ପ୍ରଧାନ, ଏ. ସୁବାସ ପାତ୍ର, ଏମ. କୈଳାସ ପାତ୍ର, ଏମ. ରଞ୍ଜିତ ପାତ୍ର, ଏମ. ମହେନ୍ଦ୍ର ପାତ୍ର, କେ. ମୁରଲୀ ପାତ୍ର ପ୍ରମୁଖ ଗୁରୁତର ଆହତ ହୋଇଛନ୍ତି।

# 'ଉପଯୁକ୍ତ ଖାଦ୍ୟ ସହ ଚିନ୍ତାମୁକ୍ତ ରହିଲେ ବୃକ୍‌କ ସୁସ୍ଥ ରହିବ'

**କୋରାପୁଟ,୧୫।୩(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଶୁକ୍ରବାର ବିଶ୍ୱ ବୃକକ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେଡିକାଲ କଲେଜ ଓ ହସ୍‌ପିଟାଲର ଭେଷଜ ମୁଖ୍ୟ ପ୍ରଫେସର ଜୟନ୍ତ କୁମାର ପଣ୍ଡା ଯୋଗଦେଇ ଉପଯୁକ୍ତ ଖାଦ୍ୟପାନ ସହ ବ୍ୟାୟାମ ଓ ଚିନ୍ତାମୁକ୍ତ ଉପରେ ଧ୍ୟାନ ଦେଲେ ବୃକକ ସୁସ୍ଥ ରହିବ ବୋଲି କହିଛନ୍ତି। ବିଶ୍ୱରେ ୮କୋଟି ଓ ଭାରତରେ ୧.୭ କୋଟି ଲୋକ ବୃକକ ରୋଗରେ ପୀଡିତ ଏବଂ ପ୍ରତିବର୍ଷ ଏଥିରେ ୨.୫ଲକ୍ଷ ଲୋକ ପ୍ରାଣ ହରାଇଥାନ୍ତି ବୋଲି ସେ ସୂଚନା ଦେଇଥିଲେ । ଜୀବନ ଶୈଳୀରେ ପରିବର୍ତ୍ତନ ଯୋଗୁଁ ବୃକକ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଉଛି । ଯେଉଁ ଲୋକଙ୍କ ବୃକକ ନଷ୍ଟ ହୋଇଯାଉଛି, ଅର୍ଥାଭାବରୁ ହେଉ କିମ୍ବା ସୁବିଧା ନ ଥିବାରୁ ରୋପଣ କରିବା କଷ୍ଟକର ହେଉଛି। ତେଣୁ ରୋଗୀମାନଙ୍କୁ ଡାଇଲେସିସ କରିବାକୁ ପଡିଥାଏ । କୋରାପୁଟ ମେଡିକାଲରେ ଏହି ଡାଇଲେସିସ ସୁବିଧା ଥିବାବେଳେ ୧୦ଟି ଶଯ୍ୟା ରହିଛି। ଗତ ୬ ମାସ ମଧ୍ୟରେ ୧୦ ହଜାର ରୋଗୀ ହାଇଲେସିସ କରିଥିବା ସେ ପ୍ରକାଶ କରିଥିଲେ । ଏହି ଅବସରରେ ମେଡିକାଲ କଲେଜର ବହୁ ପ୍ରଫେସର ଓ ଡାକ୍ତର ଉପସ୍ଥିତ ଥିଲେ ।



ବିଶ୍ୱ ବୃକ୍‌କ ଦିବସରେ ଏହି ରୋଗ ବିଷୟରେ ସଚେତନ କରାଯାଉଛି ।

# ସେବାଶ୍ରମରେ ଜଳ, ପରିମଳ ସଙ୍କଟ

**କୋରାପୁଟ/ନାରାୟଣପାଟଣା, ୧୫।୩(ସ୍ୱ.ପ୍ର./ଡି.ଏନ.ଏ.)**

କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକର ପାଲାପୁଟ ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟରେ ପାନୀୟଜଳ ସାଙ୍ଗକୁ ପରିମଳ ସଙ୍କଟ ଦେଖାଯାଇଛି। ବର୍ତ୍ତମାନ ବିଦ୍ୟାଳୟର ଶତାଧିକ ଛାତ୍ରୀ ବାହାରକୁ ଶୌଚ ପାଇଁ ଯାଉଛନ୍ତି। ସପ୍ତାହ ହେଲା ବିଦ୍ୟାଳୟରେ ଏପରି ପରିମଳ ସଙ୍କଟ ଦେଖାଦେଇଛି।

ସୂଚନାଯୋଗ୍ୟ ଯେ, ନାରାୟଣାପାଟଣା ବ୍ଲକର ପାଲାପୁଟ ପ୍ରାଥମିକ ସେବାଶ୍ରମରେ ୧୯୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ରହିଛି ମାତ୍ର ୨ଟି ନଳକୂପ। ଏଥିରୁ ଗୋଟିଏ ନଳକୂପରେ ପାଣି ଠିକ୍ ଭାବେ ବାହାରୁ ନାହିଁ। ସେବାଶ୍ରମରେ ପାଣି ଅସୁବିଧା ଯୋଗୁଁ ସେଠାରେ ଥିବା ୪ଟି ପାଇଖାନାରେ ଠିକ୍ ଭାବେ ପାଣି ପକାଯାଉ ନଥିବା ଯୋଗୁଁ ଗତ ସପ୍ତାହ ହେଲା ଏହି ପାଇଖାନା ଟାଙ୍କି ଫୁଲ ହୋଇଯାଇ ପାଣି ରାସ୍ତାରେ ଯାଉଥିବା ଯୋଗୁଁ ସେବାଶ୍ରମରେ ପରିମଳ ସମସ୍ୟା ଗୁରୁତର ହୋଇଛି । ଏହି ସମସ୍ୟା ନେଇ ଶତାଧିକ ଅନ୍ତେବାସୀ ଶୌଚ ଓ ଲୁଗାସଫା ପାଇଁ ବିଦ୍ୟାଳୟ ବାହାରକୁ ଯାଉଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ବିଦ୍ୟାଧର ବାରିକଙ୍କୁ ପଚାରିବାରେ ସେ କହିଥିଲେ, ସେବାଶ୍ରମରେ ପାଣି ସମସ୍ୟା ରହିଥିବା ବେଳେ ପୂର୍ବରୁ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ସେବାଶ୍ରମରେ ଆଉ ଗୋଟିଏ ନଳକୂପ ଖୋଲିବାକୁ କହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହା ଖୋଲାଯାଇ ପାରିନାହିଁ । ବର୍ତ୍ତମାନ ସେବାଶ୍ରମରେ ଥିବା ସମସ୍ତ ୪ଟି ପାଇଖାନା ଟାଙ୍କି ଫୁଲ୍ ହୋଇଯାଇ ଥିବାରୁ ଅନ୍ତେବାସୀ ବାଧହୋଇ ଶୌଚ ପାଇଁ ବାହାରକୁ ଯାଉଥିବା କହିଛନ୍ତି। ଏ ସଂପର୍କରେ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କୁ ପଚାରିବାରେ ସେ କହିଥିଲେ, ସେବାଶ୍ରମରେ ରହିଥିବା ପାନୀୟ ଜଳ ଓ ପାଇଖାନା ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ।



ସେବାଶ୍ରମ ବାହାରକୁ ଶୌଚ ପାଇଁ ଯାଇଥିବା ଅନ୍ତେବାସୀ ।

# DISTRICT OFFICE, KHORDHA

## *SPECIAL LAND ACQUISITION (NH) CELL*

**Land Acquisition Officer (NH) and Competent Authority,**
**Plot No. 318 (Dharakote House), Kharavela Nagar,**
**Unit-III, Bhubaneswar-751001, Phone: 0674-2394492**

**No- 143** **Dt. - 12.03.2019**

## PUBLIC NOTICE

ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୧୬(ପୁରୁଣା ଜାତୀୟ ରାଜପଥ ନଂ ୫)ରଓଡ଼ିଶା ରାଜ୍ୟର ଭଦ୍ରକ ଜିଲ୍ଲା ଅନ୍ତର୍ଗତଭଣ୍ଡାରିପୋଖରୀ ତହସିଲର ବେଣୀପୁର, ଭାଗଡ଼ା, ଭୂତିଆ, ଦକ୍ଷିଣବାଡ଼, ନାରାୟଣପୁର, ପୁରୀପଡ଼ା, ରାମଚନ୍ଦ୍ରପୁର ଓ ଶାସନ ମୌଜାର (ଚଣ୍ଡିଖୋଲ-ଭଦ୍ରକ ସେକ୍ସନ)ର ସଂପ୍ରସାରଣ ଯଥା-୬ ଲେନ୍ / ରକ୍ଷଣାବେକ୍ଷଣ / ପରିଚାଳନା ଇତ୍ୟାଦି ନିମନ୍ତେ (୬୨.୦୦ କି.ମି.ରୁ ୧୩୬.୫୦୦ କି.ମି.) ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ( ୧୯୫୬ର ୪୮ ନଂ ଅଧିନିୟମ)ର ଧାରା ୩ (କ)ର ଉପଧାରା-୧ ଅନୁଯାୟୀ ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା S.O. 1013 (କ) ତା. ୨୨.୦୨.୨୦୧୯ ରିଖରେ ପ୍ରକାଶିତ ବିଜ୍ଞପ୍ତି ରାଜପତ୍ର ସଂଖ୍ୟା ୮୮୨, ତା. ୨୩.୦୨.୨୦୧୯ ରିଖରେ ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍‌ଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ସେ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ **(୦୧) ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ଖୋର୍ଦ୍ଧା, ଭୁବନେଶ୍ୱର କାର୍ଯ୍ୟାଳୟ, ଉପରୋକ୍ତ ଠିକଣାରେ କିମ୍ବା (୦୨) ଭଦ୍ରକ ଜିଲ୍ଲାର ଭଣ୍ଡାରୀପୋଖରୀ ତହସିଲ କାର୍ଯ୍ୟାଳୟ**ରେ ଉପରୋକ୍ତ ଆଇନର ଧାରା-୩ (ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା ୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ପ୍ଲଟ ନଂ ୩୧୮ (ଧରାକୋଟ ହାଉସ୍), ଖାରବେଳ ନଗର, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୧ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

**ସ୍ୱା- ଭୂଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ତଥା**
**କ୍ଷମତାପନ୍ନ ପ୍ରାଧିକାରୀ ଖୋର୍ଦ୍ଧା, ଭୁବନେଶ୍ୱର,**

## MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 22nd February, 2019**

**S.O. 1013 (E).-** In exercise of powers conferred by sub-section (1) of section 3 (A) of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/Six laning etc.,), maintenance, management and operation of N.H-16 (old NH-5) in the stretch of land from Km 62.000 to Km 136.500 (Chandikhole - Bhadrak Section) in the district of BHADRAK in the state of ODISHA, have declared its intention to acquire such land vide their Gazeettee Notification No. S.O. 1013 (E) dt. 22nd February, 2019 published on dt. 23.02.2019 Extraordinary, Part-II.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the **Competent Authority-cum- Land Acquisition Officer (NH), Khordha at Bhubaneswar or Tahasil Office Bhandaripokhari, Dist-Bhadrak** in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority during working hours.

### SCHEDULE

**Brief Description of the land to be acquired with or without structures falling NH16 (Old NH-5) in the stretch of land from Km 62.000 to Km 136.500 (Chandikhole - Bhadrak Section) in the district of BHADRAK in the state of ODISHA.**

State: ODISHA District: BHADRAK

| Sl. No. | Survey/Plot Number | Type of land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **TALUK : BHANDARIPOKHARI** | | | | | |
| **VILLAGE : BENIPUR - 117** | | | | | |
| 1 | 249 | Government | Gramya Jangal | 0.0202000(Hectare) | 0.0202000 |
| 2 | 381 | Government | Gochar | 0.0898000(Hectare) | 0.0898000 |
| 3 | 389 | Government | Gochar | 0.0688000(Hectare) | 0.0688000 |
| **VILLAGE: BHAGADA-72** | | | | | |
| 1 | 800 | Private | Sarad - 2 | 0.1376000(Hectare) | 0.1376000 |
| 2 | 801 | Private | Sarad - 2 | 0.0121000(Hectare) | 0.0121000 |
| **Village:Bhutia-77** | | | | | |
| 1 | 100 | Private | Sarad -2 | 0.1174000(Hectare) | 0.1174000 |
| 2 | 101 | Private | Sarad -2 | 0.0081000(Hectare) | 0.0081000 |
| 3 | 102 | Private | Sarad -2 | 0.0769000(Hectare) | 0.0769000 |
| 4 | 103 | Private | Sarad -2 | 0.0081000(Hectare) | 0.0081000 |
| 5 | 104 | Private | Sarad -2 | 0.0040000(Hectare) | 0.0040000 |
| 6 | 105 | Private | Sarad -2 | 0.0121000(Hectare) | 0.0121000 |
| 7 | 106 | Private | Sarad-2 | 0.0040000(Hectare) | 0.0040000 |
| 8 | 107 | Private | Sarad -2 | 0.0364000(Hectare) | 0.0364000 |
| 9 | 107 /441 | Private | Sarad -2 | 0.0405000(Hectare) | 0.0405000 |
| 10 | 108 | Private | Sarad -2 | 0.0324000(Hectare) | 0.0324000 |
| 11 | 109 | Private | Sarad -2 | 0.0526000(Hectare) | 0.0526000 |
| 12 | 110 | Private | Sarad -2 | 0.0486000(Hectare) | 0.0486000 |
| 13 | 111 | Government | Urnnat Yogana Yogya | 0.0202000(Hectare) | 0.0202000 |
| 14 | 112 | Private | Sarad -2 | 0.0040000(Hectare) | 0.0040000 |
| 15 | 118 | Government | Urnnat Yogana Yogya | 0.1416000(Hectare) | 0.1416000 |
| 16 | 119 | Government | Basti Yogya | 0.1619000(Hectare) | 0.1619000 |
| 17 | 120 | Private | Sarad -2 | 0.0283000(Hectare) | 0.0283000 |
| 18 | 167 | Private | Sarad -1 | 0.0060000(Hectare) | 0.0060000 |
| 19 | 168 | Private | Sarad -1 | 0.0060000(Hectare) | 0.0060000 |
| 20 | 168 /482 | Private | Sarad -1 | 0.0162000(Hectare) | 0.0162000 |
| 21 | 169 | Private | Gharabari | 0.0607000(Hectare) | 0.0607000 |
| 22 | 170 | Private | Sarad -1 | 0.0060000(Hectare) | 0.0060000 |
| 23 | 171 | Private | Sarad -1 | 0.0445000(Hectare) | 0.0445000 |
| 24 | 172 | Private | Sarad -1 | 0.0648000(Hectare) | 0.0648000 |
| 25 | 173 | Private | Sarad -1 | 0.0243000(Hectare) | 0.0243000 |
| 26 | 174 | Private | Sarad -1 | 0.0445000(Hectare) | 0.0445000 |
| 27 | 175 | Private | Sarad -1 | 0.0324000(Hectare) | 0.0324000 |
| 28 | 176 | Private | Sarad -1 | 0.0081000(Hectare) | 0.0081000 |
| 29 | 177 | Government | Basti Yogya | 0.1943000(Hectare) | 0.1943000 |
| 30 | 178 | Private | Sarad -1 | 0.0202000(Hectare) | 0.0202000 |
| 31 | 205 | Private | Sarad -2 | 0.0040000(Hectare) | 0.0040000 |
| 32 | 206 | Private | Sarad -2 | 0.0405000(Hectare) | 0.0405000 |
| 33 | 207 | Private | Sarad -2 | 0.0526000(Hectare) | 0.0526000 |
| 34 | 208 | Private | Gharabari | 0.0648000(Hectare) | 0.0648000 |
| 35 | 208 /440 | Private | Sarad -2 | 0.0243000(Hectare) | 0.0243000 |
| 36 | 209 | Private | Gharabari | 0.0526000(Hectare) | 0.0526000 |
| 37 | 210 | Private | Gharabari | 0.0202000(Hectare) | 0.0202000 |
| 38 | 211 | Private | Sarad -2 | 0.1012000(Hectare) | 0.1012000 |
| 39 | 212 | Private | Gharabari | 0.0526000(Hectare) | 0.0526000 |
| 40 | 213 | Private | Gharabari | 0.0405000(Hectare) | 0.0405000 |
| 41 | 214 | Private | Sarad - 2 | 0.0445000(Hectare) | 0.0445000 |
| 42 | 247 | Private | Sarad -2 | 0.0324000(Hectare) | 0.0324000 |
| 43 | 248 | Private | Sarad -2 | 0.0243000(Hectare) | 0.0243000 |
| 44 | 249 | Private | Sarad -2 | 0.0688000(Hectare) | 0.0688000 |
| 45 | 250 | Private | Sarad -2 | 0.0809000(Hectare) | 0.0809000 |
| 46 | 251 | Private | Gharabari | 0.0405000(Hectare) | 0.0405000 |
| 47 | 252 | Private | Sarad -2 | 0.0445000(Hectare) | 0.0445000 |
| 48 | 253 | Private | Gharabari | 0.0971000(Hectare) | 0.0971000 |
| 49 | 254 | Private | Sarad -2 | 0.0324000(Hectare) | 0.0324000 |
| 50 | 254 /489 | Private | Sarad -2 | 0.0040000(Hectare) | 0.0040000 |
| 51 | 255 | Private | Sarad -1 | 0.1093000(Hectare) | 0.1093000 |
| 52 | 256 | Private | Sarad -2 | 0.1133000(Hectare) | 0.1133000 |
| 53 | 257 | Private | Sarad -2 | 0.0081000(Hectare) | 0.0081000 |
| 54 | 257 /486 | Private | Sarad -2 | 0.0607000(Hectare) | 0.0607000 |
| 55 | 257 /487 | Private | Sarad -2 | 0.0728000(Hectare) | 0.0728000 |
| 56 | 258 | Private | Sarad -2 | 0.0445000(Hectare) | 0.0445000 |
| 57 | 259 | Private | Sarad -2 | 0.0607000(Hectare) | 0.0607000 |
| 58 | 259 /453 | Private | Sarad -2 | 0.0486000(Hectare) | 0.0486000 |
| 59 | 259 /454 | Private | Sarad -2 | 0.0486000(Hectare) | 0.0486000 |
| 60 | 259 /455 | Private | Sarad -2 | 0.0486000(Hectare) | 0.0486000 |
| 61 | 259 /456 | Private | Sarad -2 | 0.0486000(Hectare) | 0.0486000 |
| 62 | 259 /457 | Private | Sarad -2 | 0.0607000(Hectare) | 0.0607000 |
| 63 | 259 /458 | Private | Sarad-2 | 0.0648000(Hectare) | 0.0648000 |
| 64 | 259/452 | Private | Sarad -2 | 0.0486000(Hectare) | 0.0486000 |
| 65 | 260 | Private | Sarad -2 | 0.1052000(Hectare) | 0.1052000 |
| 66 | 261 | Private | Sarad -1 | 0.0202000(Hectare) | 0.0202000 |
| 67 | 308 | Private | Sarad -2 | 0.0121000(Hectare) | 0.0121000 |
| 68 | 70 | Private | Sarad -2 | 0.0283000(Hectare) | 0.0283000 |
| 69 | 85 | Government | Nayanjori | 0.0405000(Hectare) | 0.0405000 |
| 70 | 86 | Private | Sarad -2 | 0.1012000(Hectare) | 0.1012000 |
| 71 | 87 | Private | Sarad -2 | 0.0202000(Hectare) | 0.0202000 |
| 72 | 88 | Private | Sarad -2 | 0.0567000(Hectare) | 0.0567000 |
| 73 | 89 | Private | Sarad -2 | 0.0162000(Hectare) | 0.0162000 |
| 74 | 90 | Private | Sarad -2 | 0.1093000(Hectare) | 0.1093000 |
| 75 | 91 | Private | sarad -2 | 0.0024000(Hectare) | 0.0024000 |
| 76 | 93 | Private | Sarad -2 | 0.0202000(Hectare) | 0.0202000 |
| 77 | 94 | Private | Sarad -2 | 0.2590000(Hectare) | 0.2590000 |
| 78 | 95 | Private | Gharabari | 0.0931000(Hectare) | 0.0931000 |
| 79 | 96 | Private | Sarad -2 | 0.0405000(Hectare) | 0.0405000 |
| 80 | 97 | Private | Sarad -2 | 0.0243000(Hectare) | 0.0243000 |
| 81 | 98 | Private | Sarad -2 | 0.0850000(Hectare) | 0.0850000 |
| 82 | 99 | Private | Sarad -2 | 0.1416000(Hectare) | 0.1416000 |
| **VILLAGE:DAKSHINABAR-42** | | | | | |
| 1 | 1142 | Government | Rasta | 0.0202000(Hectare) | 0.0202000 |
| 2 | 1162 | Government | Nayanjori | 0.0081000(Hectare) | 0.0081000 |

| Sl. No. | Survey/Plot Number | Type of land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| 3 | 1163 | Government | Canal | 0.0081000(Hectare) | 0.0081000 |
| 4 | 1267 | Government | Patit | 0.0028000(Hectare) | 0.0028000 |
| 5 | 1269 | Government | Nayanjori | 0.0081000(Hectare) | 0.0081000 |
| 6 | 1270 | Private | Jalasaya -2 | 0.0101000(Hectare) | 0.0101000 |
| 7 | 1275 | Government | Bandha | 0.0024000(Hectare) | 0.0024000 |
| 8 | 1276 | Government | Canal | 0.0178000(Hectare) | 0.0178000 |
| 9 | 1277 | Government | Bandha | 0.0081000(Hectare) | 0.0081000 |
| 10 | 1282 | Government | Nayanjori | 0.0061000(Hectare) | 0.0061000 |
| 11 | 1283 | Government | Nayanjori | 0.0061000(Hectare) | 0.0061000 |
| 12 | 1284 | Government | Gochar | 0.0113000(Hectare) | 0.0113000 |
| 13 | 1344 | Government | Patit | 0.0020000(Hectare) | 0.0020000 |
| 14 | 1345 | Private | Sarad jal -2 | 0.0121000(Hectare) | 0.0121000 |
| 15 | 1347 | Private | Sarad jal -2 | 0.0040000(Hectare) | 0.0040000 |
| 16 | 1551 | Private | Gharabari | 0.0336000(Hectare) | 0.0336000 |
| 17 | 1553 | Private | Gharabari | 0.0162000(Hectare) | 0.0162000 |
| 18 | 1554 | Private | Sarad jal -1 | 0.0081000(Hectare) | 0.0081000 |
| 19 | 1603 | Government | Nayanjori | 0.0053000(Hectare) | 0.0053000 |
| 20 | 1604 | Government | Canal | 0.0069000(Hectare) | 0.0069000 |
| 21 | 1605 | Government | Bandha | 0.0040000(Hectare) | 0.0040000 |
| 22 | 1607 | Private | Gharabari | 0.0567000(Hectare) | 0.0567000 |
| 23 | 1608 | Private | Gharabari | 0.0130000(Hectare) | 0.0130000 |
| 24 | 1609 | Private | Gharabari | 0.0109000(Hectare) | 0.0109000 |
| 25 | 1610 | Private | Gharabari | 0.0202000(Hectare) | 0.0202000 |
| 26 | 1611 | Private | Gharabari | 0.0445000(Hectare) | 0.0445000 |
| 27 | 1629 | Private | Gharabari | 0.0384000(Hectare) | 0.0384000 |
| 28 | 1630 | Private | Patit | 0.0162000(Hectare) | 0.0162000 |
| 29 | 1631 | Private | Gharabari | 0.0053000(Hectare) | 0.0053000 |
| 30 | 1632 | Private | Gharabari | 0.0130000(Hectare) | 0.0130000 |
| 31 | 1650 | Private | Sarad Jal -2 | 0.0202000(Hectare) | 0.0202000 |
| 32 | 1651 | Private | Sarad jal -2 | 0.0121000(Hectare) | 0.0121000 |
| 33 | 1653 | Private | Sarad -2 | 0.0040000(Hectare) | 0.0040000 |
| 34 | 1654 | Private | Gharabari | 0.0121000(Hectare) | 0.0121000 |
| 35 | 1655 | Private | Sarad jal -2 | 0.0324000(Hectare) | 0.0324000 |
| 36 | 1657 | Private | Gharabari | 0.0243000(Hectare) | 0.0243000 |
| 37 | 1658 | Private | Sarad jal -2 | 0.0040000(Hectare) | 0.0040000 |
| 38 | 1663 | Government | Rasta | 0.0142000(Hectare) | 0.0142000 |
| 39 | 1664 | Government | Nayanjori | 0.0101000(Hectare) | 0.0101000 |
| 40 | 1665 | Private | Gharabari | 0.0121000(Hectare) | 0.0121000 |
| 41 | 1666 | Private | Sarad Jal -2 | 0.0243000(Hectare) | 0.0243000 |
| 42 | 1669 | Private | Sarad jal -2 | 0.0243000(Hectare) | 0.0243000 |
| 43 | 1670 | Private | Gharabari | 0.0081000(Hectare) | 0.0081000 |
| **VILLAGE:NARAYANPUR-76** | | | | | |
| 1 | 518 | Government | Gochar | 0.4128000(Hectare) | 0.4128000 |
| 2 | 556 | Government | Gochar | 0.0202000(Hectare) | 0.0202000 |
| 3 | 557 | Private | Sarad -3 | 0.0223000(Hectare) | 0.0223000 |
| 4 | 565 | Private | Sarad -3 | 0.1862000(Hectare) | 0.1862000 |
| 5 | 566 | Private | Sarad -3 | 0.1012000(Hectare) | 0.1012000 |
| 6 | 569 | Private | Sarad -3 | 0.0465000(Hectare) | 0.0465000 |
| 7 | 573 | Private | Sarad -3 | 0.3966000(Hectare) | 0.3966000 |
| 8 | 574 | Private | Sarad -3 | 0.7527000(Hectare) | 0.7527000 |
| 9 | 575 | Private | Sarad -3 | 0.0202000(Hectare) | 0.0202000 |
| 10 | 576 | Private | Sarad -3 | 0.0243000(Hectare) | 0.0243000 |
| 11 | 577 | Private | Sarad -3 | 0.0081000(Hectare) | 0.0081000 |
| 12 | 578 | Private | Sarad -3 | 0.1052000(Hectare) | 0.1052000 |
| 13 | 579 | Private | Sarad -3 | 0.0405000(Hectare) | 0.0405000 |
| 14 | 580 | Private | Sarad -3 | 0.0890000(Hectare) | 0.0890000 |
| 15 | 581 | Government | Urnnat Yogana Yogya | 0.0081000(Hectare) | 0.0081000 |
| 16 | 582 | Private | Gharabari | 0.0405000(Hectare) | 0.0405000 |
| 17 | 583 | Private | Sarad -3 | 0.0081000(Hectare) | 0.0081000 |
| 18 | 584 | Private | Sarad -3 | 0.3480000(Hectare) | 0.3480000 |
| 19 | 585 | Private | Sarad -3 | 0.1174000(Hectare) | 0.1174000 |
| 20 | 586 | Private | Sarad -3 | 0.0202000(Hectare) | 0.0202000 |
| 21 | 587 | Private | Sarad -3 | 0.1578000(Hectare) | 0.1578000 |
| 22 | 588 | Private | Sarad -3 | 0.1174000(Hectare) | 0.1174000 |
| 23 | 589 | Private | Sarad -3 | 0.0890000(Hectare) | 0.0890000 |
| 24 | 590 | Private | Sarad -3 | 0.3966000(Hectare) | 0.3966000 |
| 25 | 591 | Private | Sarad -3 | 0.0364000(Hectare) | 0.0364000 |
| 26 | 592 | Private | Sarad -3 | 0.0688000(Hectare) | 0.0688000 |
| 27 | 593 | Government | Gochar | 0.0202000(Hectare) | 0.0202000 |
| 28 | 599 | Government | Gramya Jangal | 0.6192000(Hectare) | 0.6192000 |
| 29 | 599 /707 | Government | Gramya Jangal | 0.0648000(Hectare) | 0.0648000 |
| 30 | 600 | Private | Sarad -3 | 0.0243000(Hectare) | 0.0243000 |
| 31 | 601 | Private | Sarad -2 | 0.3521000(Hectare) | 0.3521000 |
| 32 | 602 | Private | Sarad -2 | 0.1012000(Hectare) | 0.1012000 |
| 33 | 603 | Private | Sarad -2 | 0.0445000(Hectare) | 0.0445000 |
| 34 | 604 | Private | Sarad -2 | 0.1781000(Hectare) | 0.1781000 |
| 35 | 623 | Private | Sarad -2 | 0.0324000(Hectare) | 0.0324000 |
| 36 | 624 | Private | Sarad -2 | 0.0101000(Hectare) | 0.0101000 |
| 37 | 625 | Private | Sarad -2 | 0.0040000(Hectare) | 0.0040000 |
| 38 | 626 | Private | Sarad -2 | 0.1032000(Hectare) | 0.1032000 |
| 39 | 627 | Private | Gharabari | 0.0931000(Hectare) | 0.0931000 |
| 40 | 628 | Private | Sarad -2 | 0.0445000(Hectare) | 0.0445000 |
| 41 | 629 | Private | Gharabari | 0.0526000(Hectare) | 0.0526000 |
| 42 | 630 | Private | Sarad -2 | 0.0486000(Hectare) | 0.0486000 |
| 43 | 631 | Private | Sarad -2 | 0.1133000(Hectare) | 0.1133000 |
| 44 | 632 | Government | Gochar | 0.0162000(Hectare) | 0.0162000 |
| 45 | 633 | Private | Sarad -2 | 0.0911000(Hectare) | 0.0911000 |
| 46 | 639 | Government | Gochar | 0.1983000(Hectare) | 0.1983000 |
| **VILLAGE:PURIPADA-74** | | | | | |
| 1 | 368 | Government | Gochar | 0.0971000(Hectare) | 0.0971000 |
| 2 | 403 | Government | Gochar | 0.0121000(Hectare) | 0.0121000 |
| 3 | 404 | Government | Gochar | 0.1093000(Hectare) | 0.1093000 |
| 4 | 90 | Government | Danda (Godanda) | 0.0121000(Hectare) | 0.0121000 |
| 5 | 91 | Government | Rasta (Gramya Rasta) | 0.0065000(Hectare) | 0.0065000 |
| 6 | 92 | Government | Danda (Godanda) | 0.1275000(Hectare) | 0.1275000 |
| **VILLAGE:RAMACHANDRAPUR-78** | | | | | |
| 1 | 449 | Private | Sarad - 3 | 0.0202000(Hectare) | 0.0202000 |
| 2 | 450 | Private | Sarad - 3 | 0.0020000(Hectare) | 0.0020000 |
| 3 | 452 / 500 | Private | Sarad - 1 | 0.0081000(Hectare) | 0.0081000 |
| 4 | 453 | Private | Sarad - 3 | 0.0222000(Hectare) | 0.0222000 |
| 5 | 455 | Private | Sadak | 0.0324000(Hectare) | 0.0324000 |
| 6 | 457 | Private | Sarad - 3 | 0.0243000(Hectare) | 0.0243000 |
| 7 | 458 | Private | Gharabari | 0.0121000(Hectare) | 0.0121000 |
| 8 | 459 | Private | Sarad -3 | 0.0113000(Hectare) | 0.0113000 |
| 9 | 461 | Government | Nayanjori | 0.0068000(Hectare) | 0.0068000 |
| 10 | 462 | Government | Sadak | 0.0040000(Hectare) | 0.0040000 |
| 11 | 463 | Government | Nayanjori | 0.0048000(Hectare) | 0.0048000 |
| 12 | 465 | Government | Basti Yogya | 0.0040000(Hectare) | 0.0040000 |
| 13 | 466 | Private | Sarad - 3 | 0.0243000(Hectare) | 0.0243000 |
| 14 | 467 | Private | Gharabari | 0.0040000(Hectare) | 0.0040000 |
| **VILLAGE: SHASAN-32** | | | | | |
| 1 | 1 | Government | Gochar | 0.3723000(Hectare) | 0.3723000 |
| 2 | 1134 | Private | Sarad Jal -2 | 0.0081000(Hectare) | 0.0081000 |
| 3 | 1135 | Private | Gharabari | 0.0283000(Hectare) | 0.0283000 |
| 4 | 1145 | Private | Gharabari | 0.0142000(Hectare) | 0.0142000 |
| 5 | 1146 | Private | Sarad Jal -1 | 0.0405000(Hectare) | 0.0405000 |
| 6 | 1149 | Private | Sarad Jal -1 | 0.0202000(Hectare) | 0.0202000 |
| 7 | 1150 | Private | Chak | 0.0081000(Hectare) | 0.0081000 |
| 8 | 477 | Government | Gochar | 0.0243000(Hectare) | 0.0243000 |
| 9 | 478 | Government | Gochar | 0.0040000(Hectare) | 0.0040000 |
| 10 | 481 | Government | Gochar | 0.0162000(Hectare) | 0.0162000 |
| 11 | 482 | Private | Debasthali | 0.0040000(Hectare) | 0.0040000 |
| 12 | 495 | Government | Patit | 0.0364000(Hectare) | 0.0364000 |
| 13 | 496 | Private | Chak | 0.0162000(Hectare) | 0.0162000 |
| 14 | 547 /1412 | Private | Gharabari | 0.0121000(Hectare) | 0.0121000 |
| 15 | 549 | Private | Chak | 0.0162000(Hectare) | 0.0162000 |
| 16 | 550 | Private | Sarad jal -2 | 0.0061000(Hectare) | 0.0061000 |
| 17 | 551 | Private | Sarad Jal -2 | 0.0040000(Hectare) | 0.0040000 |
| | | | **Total** | **12.2342** | **12.2342** |

**[F. No NHAI/BOT/11012/58/2005/Pt./LA/NH-16/3A7]**
**RAJESH GUPTA, Dy. Secy**

